# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, March 29/2019 | ★★★★★★

୪୫ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



ବିଜେପି

ମୋଦି ଅଛନ୍ତି ତ
ସବୁ ସମ୍ଭବ



ଯାହାଙ୍କ ହାତରେ ଦେଶର ସୀମା ଓ ଭବିଷ୍ୟତ ସୁରକ୍ଷିତ

ଓଡ଼ିଶାକୁ ମୋଦି ଆସୁଛନ୍ତି

୨୯ ମାର୍ଚ୍ଚ ୨୦୧୯, ସକାଳ ୯.୦୦ ଘଟିକା
ବାଙ୍କବିଜା ପଡ଼ିଆ, ଏକନ୍ଧା, ଜୟପୁର (କୋରାପୁଟ)

- ଦେଶର ସୁରକ୍ଷା ପାଇଁ ସମର୍ପିତ
- ଦୁର୍ନୀତି ବିରୁଦ୍ଧରେ ସଜାଗ ଚୌକିଦାର
- ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ସହ ଫସଲ ସୁରକ୍ଷା ବୀମା
- ୪୦ ଲକ୍ଷ ମା'ଭଉଣୀଙ୍କୁ ମିଳିଲା ଧୂଆଁ ଯନ୍ତ୍ରଣାରୁ ମୁକ୍ତି ଏବଂ ସ୍ୱାଭିମାନ ସହ ରୋଜଗାର
- ଶ୍ରମଜୀବିଙ୍କୁ ମାସିକ ୩୦୦୦ ଟଙ୍କାର ପେନ୍‌ସନ୍
- ସଭିଙ୍କ ପାଇଁ ବ୍ୟାଙ୍କ୍ ଖାତା, ସଭିଙ୍କ ପାଇଁ ସଞ୍ଚୟ
- ଗାଁ ଗାଁ, ଘରେ ଘରେ ହେଲା ବିଜୁଳି ଆଲୁଅ ବ୍ୟବସ୍ଥା
- ସ୍ୱଚ୍ଛତା ଓ ସମ୍ମାନ ପାଇଁ ଘରେ ଘରେ ନିର୍ମାଣ ହେଲା ଶୌଚାଳୟ

ଓଡ଼ିଶାରେ ବାସହୀନଙ୍କ ପାଇଁ ସ୍ଥାୟୀ ପଟ୍ଟା ସହ ପକ୍କା ଘର
ଓ ବେରୋଜଗାରଙ୍କୁ ରୋଜଗାର



ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



ଭୋପାଳସ୍ଥିତ ପିସିସି ମୁଖ୍ୟାଳୟରେ କଂଗ୍ରେସର ଭୋପାଳ ଲୋକ ସଭା ପ୍ରାର୍ଥୀ ଦିଗ୍‌ବିଜୟ ସିଂ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।




ଏଏପିରୁ ନିଲମ୍ବିତ ହୋଇଥିବା ପଞ୍ଜାବର ଫତେଗଡ଼ ସାହିବ୍ ଏମ୍‌ପି ହରିନ୍ଦର ସିଂ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ତାଙ୍କୁ ଦଳୀୟ ସଦସ୍ୟତା ପ୍ରଦାନ କରୁଛନ୍ତି ବରିଷ୍ଠ ନେତା ଅରୁଣ ଜେଟ୍‌ଲୀ।

## ଖବର ସଂକ୍ଷେପରେ

▶ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଏହାକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। କାରଣ ଆନ୍ଧ୍ର ଗୋଇନ୍ଦା ମୁଖ୍ୟ ଏ.ବି. ଭେଙ୍କଟେଶ୍ୱର ରାଓଙ୍କୁ ବଦଳି କରିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ସରକାର ଏହାକୁ ବାତିଲ କରିଦେଇଛନ୍ତି।

▶ ଭାରତରେ ଦାରିଦ୍ର୍ୟର ମୁଖ୍ୟ କାରଣ କଂଗ୍ରେସ। ଏହି ଦଳ ଦେଶର କୌଣସି ଭାଗରେ ଥିଲେ ଦାରିଦ୍ର୍ୟ ହଟିବ ନାହିଁ। ତେଣୁ କଂଗ୍ରେସର ମୂଳୋତ୍ପାଟନ କରିବାକୁ ଉତ୍ତରାଖଣ୍ଡର ରୁଦ୍ରପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ପ୍ରଚାର ଆରମ୍ଭ କରି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

▶ ବାଙ୍ଗାଲୋର ସାଉଥ୍ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ତେଜସ୍ୱୀ ସୂର୍ଯ୍ୟାଙ୍କୁ ନେଇ ବିବାଦ ଉଠିଛି। ତେଜସ୍ୱୀଙ୍କ ବିରୋଧରେ ଜଣେ ମହିଳା ଅସଦାଚରଣ ଅଭିଯୋଗ ଆଣିଥିବା କର୍ନାଟକ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ସମାନ ଅଭିଯୋଗରେ ଗତବର୍ଷ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ଏମ୍.ଜେ. ଆକବର ବିଦା ହେବା ପରେ ତେଜସ୍ୱୀ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି କି ବୋଲି କଂଗ୍ରେସ ଟୁଇଟ୍ କରିଛି।

▶ ଭାଜପାରେ ଯୋଗଦେଇ ଉତ୍ତରପ୍ରଦେଶର ରାମପୁର ଆସନରୁ ପ୍ରାର୍ଥୀ ହୋଇଥିବା ଜୟପ୍ରଦାଙ୍କ ବିରୋଧରେ ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଫିରୋଜ ଖାନ୍ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ତାଙ୍କ ନାଁରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଗୁରୁବାର ନୋଟିସ ପଠାଇଛନ୍ତି।

▶ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରସ୍ତାବିତ ନ୍ୟାୟ ଯୋଜନା ଦେଶରୁ ଦାରିଦ୍ର୍ୟ ଦୂର କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହାକୁ ବିମୁଦ୍ରୀକରଣ କରିଛନ୍ତି ଏହି ଯୋଜନା ତାକୁ ପୁନଃ ମୁଦ୍ରୀକରଣ କରିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏକ ସାକ୍ଷାତ୍‌କାରରେ କହିଛନ୍ତି।

▶ ଟିଆର୍‌ଏସ୍ ଏମ୍‌ପି ଏ.ପି. ଜିତେନ୍ଦ୍ର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ଦଳକୁ ଫେରିଛନ୍ତି। ସେ ୧୯୮୯ରୁ ୨୦୦୬ ଯାଏ ଭାଜପାରେ ଥିଲେ।

▶ ଡିଏମ୍‌କେର ୬୫ ବର୍ଷୀୟ ନେତା ଆର୍. ଚନ୍ଦ୍ରନ୍ ନିକଟରେ ଟ୍ରେନ୍ ଯାତ୍ରା କରୁଥିବାବେଳେ କେତେଜଣ ମହିଳା ଯାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ କୋଏମ୍ବାଟୁରରୁ ଗୁରୁବାର ଗିରଫ କରିଛି।

▶ ନାଗପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କଂଗ୍ରେସ କର୍ମୀମାନେ ତାଙ୍କୁ ସମର୍ଥନ କରୁଥିବା ଦାବି କରିଛନ୍ତି।

▶ ଦଳିତ ନେତା ପ୍ରକାଶ ଆମ୍ବେଡକର ମହାରାଷ୍ଟ୍ରର ଅକୋଲା ଓ ସୋଲାପୁର ଆସନରୁ ନିର୍ବାଚନ ଲଢ଼ିବେ। ଭାଜପା–ଶିବସେନା ମେଣ୍ଟ ସହିତ ତାଙ୍କର ବଞ୍ଚିତ ବହୁଜନ ଅଘାଡ଼ି (ବିଭିଏ)ର ଲଢ଼େଇ ହେବ ବୋଲି ପ୍ରକାଶ କହିଛନ୍ତି।

### ■ କର୍ନାଟକ ମନ୍ତ୍ରୀଙ୍କ ଘରେ ଚଢ଼ାଉ: ମୋଦିଙ୍କ ଉପରେ ବର୍ଷିଲେ କୁମାରସ୍ୱାମୀ

# ପ୍ରତିଶୋଧ ପାଇଁ ଆଇଟି ଅସ୍ତ୍ର

ବେଙ୍ଗାଲୁରୁ, ୨୮।୩

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବୁଧବାର ଯାହା ଆଶଙ୍କା କରିଥିଲେ ୨୪ ଘଣ୍ଟା ନ ପୂରୁଣୁ ତାହା ସତ ହେଲା। ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ରାଜ୍ୟର ଜଣେ ମନ୍ତ୍ରୀଙ୍କ ବାସଭବନରେ ଓ ଅନ୍ୟ ଜଣେ ମନ୍ତ୍ରୀଙ୍କ ସହଯୋଗୀମାନଙ୍କ ଘରେ ଆୟକର (ଆଇଟି) ବିଭାଗ ଚଢ଼ାଉ କରିଛି। କୁମାରସ୍ୱାମୀ ଏହାକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ କାର୍ଯ୍ୟାନୁଷ୍ଠାନ ବୋଲି ଅଭିହିତ କରି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)–କଂଗ୍ରେସ ମେଣ୍ଟର ଅନେକ ନେତା ଓ ମନ୍ତ୍ରୀ କେନ୍ଦ୍ର ବିରୋଧରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସଦ୍ୟ ଘଟଣାକ୍ରମ କର୍ନାଟକ ତଥା ଦେଶର ରାଜନୈତିକ ପାଣିପାଗକୁ ଉଷ୍ମ କରିଛି।

କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଗୁରୁବାର ଭୋର ସମୟରେ ଆୟକର ବିଭାଗ ଅଧିକାରୀ ଏବଂ ସିଆର୍‌ପିଏଫ୍ ଯବାନମାନେ କ୍ଷୁଦ୍ର ଜଳସେଚନ ମନ୍ତ୍ରୀ ସି.ଏସ୍. ପୁଟ୍ଟାରାଜୁ ଓ ତାଙ୍କ ପୁତୁରାଙ୍କ ଘରେ ଚଢ଼ାଉ କରିଥିଲେ। ସେହିପରି ପିଡବ୍ଲ୍ୟୁଡି ମନ୍ତ୍ରୀ ଏଚ୍.ଡି. ରେଭାନ୍ନାଙ୍କ ଘନିଷ୍ଠ ସହଯୋଗୀ ନାରାୟଣ ରେଡ୍ଡୀ, ଅଶ୍ୱତ୍ଥ ଗୌଡ଼ା ଓ ରାୟା ଗୌଡ଼ାଙ୍କ ହାସନସ୍ଥିତ ବାସଭବନ ସମେତ ୧୫ରୁ ୨୦ ସ୍ଥାନରେ ଚଢ଼ାଉ ହୋଇଥିବା କିଛି ସମୟ ପରେ ଖବର ଆସିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ରେଭାନ୍ନାଙ୍କ ପୁଅ ପ୍ରଜ୍ୱଳ ହାସନ ଲୋକ ସଭା ଆସନରୁ ଏଥର ନିର୍ବାଚନ ଲଢୁଛନ୍ତି। ତେଣୁ ଏହା ପଛରେ କେନ୍ଦ୍ରର ପ୍ରତିଶୋଧମୂଳକ ରାଜନୀତି ରହିଥିବା ମେଣ୍ଟ ସରକାରର ମନ୍ତ୍ରୀମାନେ ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଆଇଟି ଚଢ଼ାଉକୁ ନିନ୍ଦା କରି ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଆଇଟି ଚଢ଼ାଉ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରକୃତ ସର୍ଜିକାଲ ଷ୍ଟ୍ରାଇକ୍ ଏବେ ପଦାରେ ପଡ଼ିଛି। କର୍ନାଟକର ଆଇଟି ବିଭାଗ ମୁଖ୍ୟ ବି.ଆର୍. ବାଲାକ୍ରିଷ୍ଣନ୍‌ଙ୍କୁ ଅବସର ପରେ ସାମ୍ବିଧାନିକ ପଦ ଦିଆଯିବ ବୋଲି ଯଚାଯାଇଥିବାରୁ ପ୍ରତିଶୋଧ ନେବା ପାଇଁ ସେ ମୋଦିଙ୍କୁ ସହଯୋଗ କରିଛନ୍ତି। ବାଲାକ୍ରିଷ୍ଣନ୍ ରାଜ୍ୟପାଳ ପଦବୀ ଲୋଭରେ ମୋଦିଙ୍କ ରାଜନୈତିକ ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ସମୟରେ ବିରୋଧୀଙ୍କୁ ହଇରାଣ କରିବା ପାଇଁ ସରକାରୀ କଳ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ। ସେହିପରି ଜେଡିଏସ୍ ନେତା ପୁଟ୍ଟାରାଜୁ କହିଛନ୍ତି, ଆଇଟି ଅଧିକାରୀଙ୍କ ୩ ଟିମ୍ ଏବଂ ସିଆର୍‌ପିଏଫ୍ ଯବାନମାନେ ମାଣ୍ଡ୍ୟାର ଚିନ୍ନାକୁର୍ଲିସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରିଛନ୍ତି। ସେମାନେ ମହୀଶୂରସ୍ଥିତ ତାଙ୍କ ପୁତୁରା ଅଶୋକଙ୍କ ଘରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏଥିରେ ସେ ଭୟଭୀତ ହେବେନାହିଁ। ଏହା ତାଙ୍କର ଆତ୍ମବିଶ୍ୱାସ ବଢ଼ାଇଛି। ଭଜପା ନେତାଙ୍କ ଘରେ କାହିଁକି ଚଢ଼ାଉ କରାଯାଉନାହିଁ ବୋଲି ପୁଟ୍ଟାରାଜୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀ ମାଣ୍ଡ୍ୟା ଲୋକ ସଭା ଆସନରୁ ପ୍ରଥମଥର ପାଇଁ ନିର୍ବାଚନ ଲଢ଼ି ରାଜନୈତିକ କ୍ୟାରିୟର ଆରମ୍ଭ କରୁଛନ୍ତି। ଜେଡିଏସ୍ ତାଙ୍କ ନିର୍ବାଚନ ପରିଚାଳନା ଦାୟିତ୍ୱ ପୁଟ୍ଟାରାଜୁଙ୍କୁ ଦେଇଛି। ଏଥିଲାଗି ଦେବେଗୌଡ଼ାଙ୍କ ଦୁଇନାତିଙ୍କୁ ରାଜନୈତିକ ମଇଦାନରେ ଝଟକା ଦେବା ପାଇଁ ମୋଦି ଆଇଟି ବିଭାଗକୁ ନିର୍ଦ୍ଦେଶ ଦେଇଥିବା ମେଣ୍ଟ ନେତାମାନେ ଅଭିଯୋଗ ଆଣିଛନ୍ତି। ଆୟକର ବିଭାଗର ଏହି ଚଢ଼ାଉ ପ୍ରତିବାଦରେ କୁମାରସ୍ୱାମୀ, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର, କେପିସିସି ସଭାପତି ଦୀନେଶ ଗୁଣ୍ଡୁରାଓ ଓ ମନ୍ତ୍ରୀ ଡି.କେ. ଶିବକୁମାର ବେଙ୍ଗାଲୁରୁର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।



କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆୟକର ଚଢ଼ାଉ ପ୍ରତିବାଦରେ ବିକ୍ଷୋଭ କରୁଛନ୍ତି।

ପ୍ରକାଶ ଯେ, ଜେଡିଏସ୍ ଏବଂ କଂଗ୍ରେସ ନେତାଙ୍କ ଘରେ ଚଢ଼ାଉ ହୋଇପାରେ। ଏଥିଲାଗି ଦେଶର ବିଭିନ୍ନ ସ୍ଥାନରୁ ସିଆର୍‌ପିଏଫ୍ ଯବାନଙ୍କୁ ମଗାଯାଇଛି ବୋଲି ବୁଧବାରୀ କୁମାରସ୍ୱାମୀ ଆଶଙ୍କା ବ୍ୟକ୍ତ କରିଥିଲେ। ଗୋପନୀୟତା ବଜାୟ ରଖିବା ପାଇଁ ରାଜ୍ୟ ପୋଲିସର ସହାୟତା ନିଆଯାଉ ନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ କେନ୍ଦ୍ର ସରକାର ଏବେ ତାଙ୍କୁ ଟାର୍ଗେଟ କରିବାକୁ ଯାଉଛନ୍ତି ବୋଲି ବୁଧବାର କୁମାରସ୍ୱାମୀ କହିଥିଲେ। ରାଜ୍ୟ ଭାଜପା ସଭାପତି ବି.ଏସ୍. ୟେଦୁରପ୍ପାଙ୍କ ଘରେ ପୂର୍ବରୁ ନୋଟ୍ ଗଣିବା ମେଶିନ ମିଳିଥିଲା। ପୁଟ୍ଟାରାଜୁଙ୍କ ଘରୁ ସେଭଳି ମେଶିନ୍ ଜବତ ହୋଇଛି କି? ୟେଦୁରପ୍ପା ବିନା ଟଙ୍କାରେ ନିର୍ବାଚନ ଜିତିପାରିବେ କି ବୋଲି ଗୁରୁବାର ଚଢ଼ାଉ ପରେ କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏହା ରାଜନୈତିକ ପ୍ରତିଶୋଧ ନୁହେଁ, ବରଂ ବିଶ୍ୱସନୀୟ ସୂଚନା ଆଧାରରେ ଚଢ଼ାଉ କରାଯାଇଛି ବୋଲି ବାଲାକ୍ରିଷ୍ଣନ୍ ସ୍ପଷ୍ଟ କରିଛନ୍ତି।



ଜମ୍ମୁ ନିକଟସ୍ଥ ଡୁମି ଗ୍ରାମରେ ଭାଜପାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଜବତ ହେଲାଣି ୬୧୩ କୋଟି

ନୂଆଦିଲ୍ଲୀ, ୨୮।୩

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରାଯାଉଛି। ୨୯ ରାଜ୍ୟ ଓ ୭ କେନ୍ଦ୍ର ଶାସିତ ଅଞ୍ଚଳରୁ ଅଦ୍ୟାବଧି ୬୧୩ କୋଟି ଟଙ୍କା ଜବତ ହୋଇଛି। ସେହିପରି ୧୪୫.୩୮ କୋଟିର ଡ୍ରଗ୍ସ ଓ ୧୭୦ କୋଟି ଟଙ୍କାର ମୂଲ୍ୟବାନ ଧାତୁ ଜବତ ହୋଇଥିବା ନିର୍ବାଚନ କମିଶନଙ୍କ ସିଜର୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

## 'ମୋଦିଙ୍କୁ ହତ୍ୟା ପାଇଁ ଯୋଗାଯୋଗ କର'

ଜୟପୁର, ୨୮।୩(ପି.ଟି.)

### ଫେସ୍‌ବୁକ୍‌ରେ ପୋଷ୍ଟିଂ କରି ଯୁବକ ଗିରଫ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟାକରିବା ପାଇଁ ଫେସ୍‌ବୁକ୍‌ରେ କଣ୍ଟ୍ରାକ୍ଟ ନେବା ଲାଗି ପୋଷ୍ଟିଂ କରିଥିବା ଜଣେ ଯୁବକଙ୍କୁ ଗୁରୁବାର ରାଜସ୍ଥାନ ପୋଲିସ ଗିରଫ କରିଛି। ଅଭିଯୁକ୍ତ ନବୀନ କୁମାର ଯାଦବ ହେଉଛନ୍ତି ହରିୟାଣାର ରେୱାରି ବାସିନ୍ଦା। ସେ ଏବେ ଜୟପୁରର ତ୍ରିବେଣୀ ନଗରରେ ରହୁଛନ୍ତି। ଗତ ୨୬ରେ ନବୀନ ଫେସ୍‌ବୁକ୍‌ରେ ଏକ ପୋଷ୍ଟିଂ କରିଥିଲେ। ଏଥିରେ ସେ ଲେଖିଥିଲେ, ମୋଦିଙ୍କୁ ହତ୍ୟାକରିବା ପାଇଁ ତାଙ୍କ ପାଖରେ ଏକ ଯୋଜନା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯିଏ ଆଗ୍ରହୀ ସେ ତାଙ୍କୁ ଯୋଗାଯୋଗ କରନ୍ତୁ। ଏହି ଆପତ୍ତିଜନକ ପୋଷ୍ଟିଂ ସମ୍ପର୍କରେ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଅଭିଯୋଗ ହୋଇଥିଲା। ସାଇବର ସେଲ୍‌ର ସହାୟତାରେ ଅଭିଯୁକ୍ତ ନବୀନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି।

## ୨୦୨୨ ଉପରେ ନଜର

**ଲକ୍ଷ୍ନୌ, ୨୮।୩**–ଉତ୍ତରପ୍ରଦେଶରେ ୨୦୨୨ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଉପରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନଜର ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଂସଦୀୟ ଆସନ ଅମେଠିରେ ବୁଧବାର ବିଳମ୍ବିତ ରାତିରେ ଦଳୀୟ କର୍ମୀଙ୍କୁ ନିର୍ବାଚନୀ ପ୍ରସ୍ତୁତି ନେଇ ପ୍ରିୟଙ୍କା ପ୍ରଶ୍ନ କରିଥିଲେ। ସେ କହିଥିଲେ, ଏଥର ପାଇଁ ନୁହେଁ, ୨୦୨୨ ପାଇଁ। ଉତ୍ତରରେ କଂଗ୍ରେସ କର୍ମୀମାନେ କହିଥିଲେ, ଚଳିତ ଲୋକ ସଭା ନିର୍ବାଚନରେ ଦଳ ନିଶ୍ଚୟ ଜିତିବ। ସେମାନେ ୨୦୨୨ ପାଇଁ ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି।



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

## ଅର୍ଥନୀତିଜ୍ଞ ଅଟକ ପରେ ମୁକ୍ତ

ରାଞ୍ଚି, ୨୮।୩(ପି.ଟି.)

### ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଝାଡ଼ଖଣ୍ଡରେ ବିନା ଅନୁମତିରେ ସଭା କରୁଥିବା ଅଭିଯୋଗରେ ବିଶିଷ୍ଟ ଅର୍ଥନୀତିଜ୍ଞ ଜିନ୍ ଡ୍ରେଜେଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ିଦେଇଛି। ବେଲ୍‌ଜିୟମ୍‌ରେ ଜନ୍ମିତ ତଥା ବର୍ତ୍ତମାନ ଭାରତୀୟ ନାଗରିକ ଡ୍ରେଜେ ଗରହ୍ୱା ଜିଲ୍ଲା ବିଷନପୁରା ବଜାରରେ ଝାଡ଼ଖଣ୍ଡରେ ଅନାହାର ମୃତ୍ୟୁ ନେଇ ଏକ ସାଧାରଣ ସଭାରେ ଭାଷଣ ଦେଉଥିଲେ। ଏଥିପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆବଶ୍ୟକ ଅନୁମତି ସେ ନେଇ ନ ଥିଲେ। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଜାରି ହୋଇଥିବାରୁ ସେ ଏହାକୁ ଉଲ୍ଲଂଘନ କରିଥିବା ଦର୍ଶାଇ ପୋଲିସ ତାଙ୍କ ସହ ୨ ସହଯୋଗୀଙ୍କୁ ଅଟକ ରଖିଥିଲା। ପରେ ତାଙ୍କୁ ଛାଡ଼ିଦିଆଯାଇଛି। ଡ୍ରେଜେ କହିଛନ୍ତି, ଏହା ଏକ ଶାନ୍ତିପୂର୍ଣ୍ଣ ତଥା ଅଣରାଜନୈତିକ ସଭା ଥିଲା। ଗଣତନ୍ତ୍ର କିପରି ସଙ୍କୁଚିତ ହେବାରେ ଲାଗିଛି ପୋଲିସ କାର୍ଯ୍ୟାନୁଷ୍ଠାନରୁ ତାହା ବୁଝାପଡୁଛି।



ଜିନ୍ ଡ୍ରେଜେ

## ରାହୁଲଙ୍କୁ ଭେଟିଲେ ଶତ୍ରୁଘ୍ନ

ନୂଆଦିଲ୍ଲୀ, ୨୮।୩(ପି.ଟି.)

### ୬ରେ କଂଗ୍ରେସରେ ମିଶିବେ

ବିଦ୍ରୋହୀ ଭାଜପା ଏମ୍‌ପି ଶତ୍ରୁଘ୍ନ ସିହ୍ନା ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ଶତ୍ରୁଘ୍ନ ଏପ୍ରିଲ ୬ରେ ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହେବେ ବୋଲି କଂଗ୍ରେସ ମୁଖପାତ୍ର ଶକ୍ତି ସିଂ ଗୋହିଲ ଟୁଇଟ୍ କରିଛନ୍ତି।

ଶତ୍ରୁଘ୍ନଙ୍କୁ ପାଟନା ସାହିବ ଆସନରୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏହି ଆସନରୁ ଶତ୍ରୁଘ୍ନ ପ୍ରତିନିଧିତ୍ୱ କରୁଥିବାବେଳେ ଭାଜପା ଏଥର ତାଙ୍କୁ ଟିକେଟ ନ ଦେଇ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ପ୍ରକାଶ ଯେ, ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ବିଭିନ୍ନ ଅବସରରେ ଏକଛତ୍ରବାଦୀ ବୋଲି ସମାଲୋଚନା କରିଆସିଛନ୍ତି। ଭାଜପାର ବର୍ଷୀୟାନ ନେତା ଏଲ୍.କେ. ଆଡଭାନୀ ଓ ମୁରଲୀ ମନୋହର ଜୋଷୀଙ୍କୁ ଦଳ ଟିକେଟ ଦେଇ ନ ଥିବାରୁ ଭାଜପାକୁ ସେ ନିନ୍ଦା କରିଛନ୍ତି।



## ୮୩% ଏମ୍‌ପି କୋଟିପତି

ନୂଆଦିଲ୍ଲୀ, ୨୮।୩

### ଏଡିଆର୍ ରିପୋର୍ଟ

■ ୨୦୧୪ର ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୪.୭୨ କୋଟି ଟଙ୍କା
■ ୩୩% ଲୋକ ସଭା ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା
■ ୧୦ ଜଣଙ୍କ ବିରୋଧରେ ରହିଛି ହତ୍ୟା ଅଭିଯୋଗ

ଷୋଡ଼ଶ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ୮୩% ଅର୍ଥାତ୍ ୪୩୦ ଜଣ କୋଟପତି। ସେହିପରି ୩୩% ଏମ୍‌ପିଙ୍କ ଆପରାଧିକ ରେକର୍ଡ ରହିଛି ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ୨୦୧୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଲୋକ ସଭାକୁ ଯାଇଥିବା ୫୪୩ ଏମ୍‌ପିଙ୍କ ମଧ୍ୟରୁ ୫୨୧ ଜଣଙ୍କ ସତ୍ୟପାଠଗୁଡ଼ିକୁ ଏନ୍‌ଜିଓ ଏଡିଆର୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସେଗୁଡ଼ିକୁ ଅନୁଧ୍ୟାନ ପରେ ଜଣାପଡ଼ିଛି ଯେ, ୪୩୦ ଏମ୍‌ପି କୋଟିପତି। ସେମାନଙ୍କ ମଧ୍ୟରୁ ୨୨୭ ଭାଜପାର, ୩୭ କଂଗ୍ରେସର, ୨୯ ଏଆଇଏଡିଏମ୍‌କେ ଏମ୍‌ପି ବୋଲି ଜଣାପଡ଼ିଛି। ସେହିପରି ଏମ୍‌ପିମାନଙ୍କ ହାରାହାରି ସମ୍ପତ୍ତି ୧୪.୭ କୋଟି ଟଙ୍କା। ୩୨ ଏମ୍‌ପି ସେମାନଙ୍କ ସମ୍ପତ୍ତି ୫୦ କୋଟି ଟଙ୍କା ବୋଲି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ୨ ଏମ୍‌ପିଙ୍କ ସମ୍ପତ୍ତି ୫ ଲକ୍ଷ ଟଙ୍କାରୁ କମ୍ ବୋଲି ଜଣାପଡ଼ିଛି। ଅନ୍ୟୂନ ୩୩% ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସତ୍ୟପାଠରେ ସେମାନେ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦୬ ଜଣଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଦଙ୍ଗା, ଅପହରଣ, ମହିଳା ବିରୋଧୀ ହିଂସା ଭଳି ସଙ୍ଗିନ ମାମଲା ରହିଛି। କେବଳ ୧୦ ଜଣଙ୍କ ବିରୋଧରେ ହତ୍ୟା ମାମଲା ରହିଛି। ସେମାନଙ୍କ ମଧ୍ୟରୁ ଭାଜପାର ୪ ଓ କଂଗ୍ରେସ, ଏନ୍‌ସିପି, ଏଲ୍‌ଜେପି, ଆର୍‌ଜେଡି, ସ୍ୱାଭିମାନୀ ପକ୍ଷର ଜଣେ ଲେଖାଏ ଏବଂ ଜଣେ ସ୍ୱାଧୀନ ଏମ୍‌ପି ରହିଛନ୍ତି। ୧୪ ଏମ୍‌ପି ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ବୋଲି ସତ୍ୟପାଠ ଯାଞ୍ଚ ପରେ ଏଡିଆର୍ ପକ୍ଷରୁ କୁହାଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ | Bhubaneswar, Friday, March 29/2019 | ପୃଷ୍ଠା-୧




**ଶିବେନ୍ଦ୍ର ହେବେ ସହକାରୀ କୋଚ୍**
ଭାରତର ପୂର୍ବତନ ସେଣ୍ଟର ଫରୱାର୍ଡ ଶିବେନ୍ଦ୍ର ସିଂ ଜାତୀୟ ପୁରୁଷ ହକି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇବେ।
୧୭

୧୦
**ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ମାଧୁରୀଙ୍କ ଖଣ୍ଡନ**
ଆସନ୍ତା ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଖବରକୁ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଖଣ୍ଡନ କରିଛନ୍ତି।




ମହାନଦୀ ପାଣି ବନ୍ଦ କଲା ଛତିଶଗଡ଼। କେନ୍ଦ୍ରର ବିଜେପି ସରକାର ଏହାକୁ ସମର୍ଥନ କଲା।
ପୋଲାଭରମ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶକୁ ସମର୍ଥନ କଲା।
ଏହା କେନ୍ଦ୍ର ଅବହେଳା ନୁହେଁ ତ ଆଉ କ'ଣ?
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା
ଓଡ଼ିଶାର ହକ୍ ପାଇଁ ଲଢ଼ିବା।

ବିଜୁ ଜନତା ଦଳ


# କଟକରେ ଚାହୁଁନାହାନ୍ତି, ଢେଙ୍କାନାଳରେ ପାଉନାହାନ୍ତି

## ୩ ଏମ୍‌ପି ଆସନକୁ ନେଇ ବିଜେଡିରେ ଦ୍ୱନ୍ଦ୍ୱ



ନିର୍ମଳ ପଣ୍ଡା
କଟକ ଅଫିସ,୨୮।୩

କଟକରେ ବର୍ତ୍ତମାନର ଏମ୍‌ପିଙ୍କୁ ପୁଣି ଟିକେଟ ଦେବାକୁ ବିଜେଡି ଚାହୁଁନାହିଁ। ଅନ୍ୟପକ୍ଷରେ ଢେଙ୍କାନାଳ ଏମ୍‌ପି ଆସନ ପାଇଁ ବିଜେଡି ପ୍ରାର୍ଥୀ ପାଉନାହିଁ। ଏଭଳି ଏକ ଚର୍ଚ୍ଚା ଏବେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ରାଜନୀତି ଖଟିରେ ଜୋର୍ ଧରିଛି। ଏହି ଦୁଇଟି ଲୋକ ସଭା ଆସନରୁ ବିଜେଡିର ଦୁଇ ହେଭିୱେଟ୍ ନେତା ପ୍ରତିନିଧିତ୍ୱ କରି ଆସୁଛନ୍ତି। ଇତିମଧ୍ୟରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ନିର୍ବାଚନୀ ରାଜନୀତିରୁ ଓହରି ଯାଇଥିବା ଘୋଷଣା କରିଛନ୍ତି। ତେଣୁ ଏହି ଆସନ ପାଇଁ ବିଜେଡି ଉପଯୁକ୍ତ ପ୍ରାର୍ଥୀ ଖୋଜୁଛି। ତେବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଆଶାୟୀ ପ୍ରାର୍ଥୀ ଦୌଡ଼ରେ ରହିଥିଲେ ମଧ୍ୟ ଦଳ ତାଙ୍କ ନାମକୁ ଘୋଷଣା ନ କରି ଝୁଲାଇ ରଖିଛି। ହୁଏତ ମହତାବଙ୍କୁ ଷଷ୍ଠଥର ପାଇଁ ପ୍ରାର୍ଥୀ କରିବା ଲାଗି ବିଜେଡି ଚାହୁଁ ନ ଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ମୁଖ୍ୟତଃ ଭାଜପା ପକ୍ଷରୁ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ପରେ ବିଜେଡି ଅଦ୍ୟାବଧି ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱରେ ରହିବା ଏଭଳି ଆଲୋଚନାକୁ ଅଧିକ ଖୋରାକ ଯୋଗାଇଛି। ଅନ୍ୟପକ୍ଷରେ କେନ୍ଦୁଝର ଲୋକ ସଭା ଆସନକୁ ନେଇ ମଧ୍ୟ ବିଜେଡି ସମାନ ସ୍ଥିତିର ସମ୍ମୁଖୀନ ହେଉଛି। ଏଠାରେ କାହାକୁ ଏମ୍‌ପି ଟିକେଟ ଦେଲେ ଦଳର ମର୍ଯ୍ୟାଦା ରକ୍ଷା ହେବ ସେଥିପାଇଁ କସରତ ଚାଲିଛି। ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଗୁରୁବାରଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ହେବାକୁ ଥିବା କଟକ ଲୋକସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଦଳୀୟ ନେତାମାନେ ସିଧାସଳଖ କହିଛନ୍ତି। କିନ୍ତୁ ବିଜେଡିର ବିଳମ୍ବିତ ପ୍ରକ୍ରିୟା ପ୍ରାର୍ଥୀଙ୍କ ଜିତିବା ଆଶାକୁ ମଉଳେଇ ଦେଉଛି। ଭର୍ତ୍ତୃହରି ଏହି ଆସନରୁ ଲଗାତର ୫ଥର ପ୍ରାର୍ଥୀ ହେବା ସହିତ ପ୍ରତ୍ୟେକ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ଜିତି ଆସୁଛନ୍ତି। ସେହିଭଳି ଜଣେ ଦକ୍ଷ ପାର୍ଲାମେଣ୍ଟାରିଆନ ଭାବେ ☞ପୃଷ୍ଠା-୨

## ଆଧାର-ପାନ୍ ସଂଯୋଗ ପାଇଁ ଆଉ ମାତ୍ର ୩ ଦିନ




ନୂଆଦିଲ୍ଲୀ,୨୮-୩

ପାନ୍ କାର୍ଡ ସହ ଆଧାର ସଂଯୋଗ ପାଇଁ ଆଉ ମାତ୍ର ୩ ଦିନ ବାକି ରହିଛି। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପାନ୍ କାର୍ଡଧାରୀ ଏହାକୁ ଆଧାର ସହ ସଂଯୋଗ କରିବାକୁ ସୁଯୋଗ ପାଇବେ। ଆଧାର କାର୍ଡ ସହ ସଂଯୋଗ ହୋଇ ନ ଥିଲେ ଏପ୍ରିଲ ପହିଲାରୁ ପାନ୍ କାର୍ଡ ଅକାମୀ ହୋଇଯିବ। ଏହାର ବୈଧତା ଶେଷ ହୋଇଯିବ। ଏନେଇ ଆୟକର ବିଭାଗ ପକ୍ଷରୁ ପୂର୍ବରୁ ☞ପୃଷ୍ଠା-୨

## ଆଜି ଜୟପୁର ଆସୁଛନ୍ତି ମୋଦି

ଜୟପୁର,୨୮।୩(ଡି.ଏନ୍.ଏ./ନି.ପ୍ର.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କୋରାପୁଟ ଜିଲା ଜୟପୁର ଗସ୍ତରେ ଆସୁଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ସଂସଦୀୟ ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀମାନଙ୍କ ପାଇଁ ସେ ନିର୍ବାଚନୀ ପ୍ରଚାର କରିବା ସହ ରାଜ୍ୟ ପାଇଁ ଭାଜପାର 'ମିଶନ ୧୨୦'ର ଶୁଭାରମ୍ଭ କରିବେ। ଜୟପୁରରୁ ହିଁ ହେବ ପୂର୍ବ ଭାରତରେ ଭାଜପାର ପ୍ରଚାର କାର୍ଯ୍ୟକ୍ରମର ଶୁଭାରମ୍ଭ। ପ୍ରଧାନମନ୍ତ୍ରୀ ମୋଦି ଜଗଦଲପୁରରୁ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୫୦ରେ ଜୟପୁର ପହଞ୍ଚିବା ପରେ ୧୧ଟା ବେଳେ ସଭାକୁ ସମ୍ବୋଧିତ କରିବେ। ୧୧ଟା ୪୫ରେ ସେଠାରୁ ଫେରିବା କାର୍ଯ୍ୟକ୍ରମ ରହିଛି। ଗସ୍ତ ପୂର୍ବରୁ ଗୁରୁବାର ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଜୟ ମହାପାତ୍ର ଜୟପୁରରେ ପହଞ୍ଚି ପ୍ରସ୍ତୁତି ତଦାରଖ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଇ ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜୟପୁର ଗସ୍ତକରି ନିଜ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ରାଜନୈତିକ ଗୁଗ୍‌ଲି

**ଆଜିର ମନ୍ତବ୍ୟ**
ନୂଆ ବ୍ୟବସାୟଗୁଡ଼ିକୁ ନାଲିଫିତାର ପଞ୍ଝାରୁ ମୁକ୍ତ କରିବ କଂଗ୍ରେସ।
– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**
୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ଭାରତ ୩.୩୭ ନିୟୁତ ଟନ୍ ବାସ୍‌ମତି ଚାଉଳ ରପ୍ତାନି କରିଛି। ଏହା ୨୦୧୭-୧୮ର ସମାନ ସମୟରେ ୩.୨୮ ନିୟୁତ ଟନ୍ ଥିଲା।
–ବାଣିଜ୍ୟ ମନ୍ତ୍ରଣାଳୟ

## ରାଜଧାନୀ ଉପକଣ୍ଠରେ ଚାଞ୍ଚଲ୍ୟ
# ସିକ୍ୟୁରିଟି ଗାର୍ଡଙ୍କୁ ଗଳାକାଟି ହତ୍ୟା

ବାଲିଅନ୍ତା,୨୮।୩(ଡି.ଏନ୍.ଏ.)

- ମୃତକଙ୍କ ଶାର୍ଟ ଭିତରୁ ପରିବା କଟା ଛୁରି ଜବତ
- ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ, ବ୍ୟାପକ ଭଙ୍ଗାରୁଜା

**୨ କର୍ମଚାରୀ ଅଟକ**

କମିଶନରେଟ୍ ପୋଲିସ ଅଧୀନ ରାଜଧାନୀ ଉପକଣ୍ଠ ପାହାଳ ନିକଟରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ନିର୍ମମ ହତ୍ୟାକାଣ୍ଡ। ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ମା' ଶାରଳା ମାର୍ବଲ ଓ ଗ୍ରାନାଇଟ୍ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ଗଦାଧର ସ୍ୱାଇଁ(୫୦)ଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଛୁରିରେ ଗଳାକାଟି ହତ୍ୟା କରିଛନ୍ତି। ମୃତକଙ୍କ ଘର କଟକ ସଦର ଥାନା ଅଧୀନ ଶଙ୍ଖତ୍ରାସର ଉଷୁମା ଗ୍ରାମରେ। ଖବର ପାଇ ପାହାଳ ଫାଣ୍ଡି ପୋଲିସ ଗୁରୁବାର ସକାଳ ୮ଟାରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଶୋ'ରୁମ୍ ପଛପଟ ରୋଷେଇ ଘର ଚଟାଣରେ ରକ୍ତ ☞ପୃଷ୍ଠା-୨







NECC
NATIONAL EGG CO-ORDINATION COMMITTEE
28.03.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪


ଛୁଟିରେ Live Discussion ର ମଜା ନେବା ପାଇଁ OS-CIT ପଢ଼ିବୁ

0674-3026700, 6676767
www.okcl.org
ପଢ଼ିବି ମୁଁ OS-CIT, ମଜାରେ କଟିବ ଖରାଛୁଟି !



ICICI Bank Gold Loan

ପାଆନ୍ତୁ ଗୋଲଡ୍ ଲୋନ୍ EMI* ବିନା
ପ୍ରସ୍ତୁତ କରୁଛୁ ICICI Bank ଗୋଲଡ୍ ଲୋନ୍।
ଅବଧି ଶେଷ ହେବା ପରେ ଲୋନ୍ ଏବଂ ସୁଧ ପରିଶୋଧ କରନ୍ତୁ।
କମ୍ ସୁଧ ହାର
ଅଳ୍ପ କେତେ ମିନିଟ୍‌ରେ ଲୋନ୍ ପାଆନ୍ତୁ#
ଗୋଲଡ୍‌ର ସମ୍ପୂର୍ଣ୍ଣ ସୁରକ୍ଷା

84448 84448 ଉପରେ ଏକ ମିସଡ୍ କଲ୍ ଦିଅନ୍ତୁ କିମ୍ବା ଆମ ନିକଟସ୍ଥ ଶାଖାକୁ ଆସନ୍ତୁ।
*ଫେରସ୍ତ କରନ୍ତୁ କେବେବି ଲୋନ୍ ଅବଧି ଭିତରେ କିମ୍ବା ତାହା ଶେଷ ହେବା ପରେ। #ଗୋଲଡ୍‌ର ମୂଲ୍ୟାଙ୍କନ ସମାପ୍ତି ପରେ। ଆଇସିଆଇସିଆଇ ବ୍ୟାଙ୍କର ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।



ବିରୋଧୀ ଦଳଗୁଡିକୁ 'ସରାବ' ସହ ତୁଳନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୂର୍ଯେୱାଲା ଦାବି କରିଛନ୍ତି। ମିରଟଠାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ମୋଦି ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଲୋକ ଦଳ ଏବଂ ବହୁଜନ ସମାଜ ପାର୍ଟି ମେଣ୍ଟକୁ 'ସରାବ' କହିଥିଲେ। ଏହିସବୁ ପାର୍ଟିର ପ୍ରଥମ ଅକ୍ଷରକୁ ମିଶାଇ ସେ 'ସରାବ' ଆଖ୍ୟା ଦେଇଥିଲେ। ଲିକର ବା ମଦର ହିନ୍ଦୀ ଶବ୍ଦ ହେଉଛି ସରାବ। ଏହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି ମୋଦି କହିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



କୁଟୁରି
ପରିବାରବର୍ଗ



ଅନୁପମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## real estate

### SALE

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

Bhubaneswar ଉପକଣ୍ଠ ହଂସପାଳ locality 16,20,000/- ମୂଲ୍ୟରେ ଘରବାରି plot କିଣନ୍ତୁ। 9439487505. D-11839

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

ଭୁବନେଶ୍ୱର ପଟିଆ Bigbazarରୁ 3.5km. ଦୂରତାରେ ବାସୋପଯୋଗୀ plot 1200 sqft.କୁ 4,20,000/- immediate registration/ possession. 9937686826. D-66313

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/-, Satyabhamapur (Rangabazar) 12,50,000/-, Jharapada- 31,00,000/-, Balianta- 9,00,000/-, Pahala- 19,50,000/-. Contact Sujata: 06371082405.** D-66314

Bhubaneswar Patia ଅଞ୍ଚଳରେ litigation free ଘରବାଡ଼ି, boundary, electri ସୁବିଧାଥାଇ plot କିଣି ଘର କରନ୍ତୁ (other site available). 7008524523, 9439489460. D-65400

Bhubaneswar KIIT Jagannath Temple ପାଖରେ ଘରବାରି plot boundary, electricity ସୁବିଧା ଥାଇ sameday registration କରାଯାଉଛି। 9078156134. D-11840

## to-let

Rent for family, 1st floor 2BHK 1500 sqft., 408 Paika Nagar, Delta Colony BBSR. 8249219060, 2560320 Rs.11000 (Negotiable). D-11824

Single room (20'X15') at Jharapada for office/ bachelors. Contact: 9668644665. D-11857

2 BHK flat in Gokul Plaza, Bomikhal, Bhubaneswar available for rental (Office) purpose. Contact: 7749841532. D-59291

Three rooms, dining kitchen, veranda near GGP Colony, Rasulgarh. 8270894870. D-11869

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Now Matrimonial ads. only on Wednesday & Sunday Book 1 Get 1 FREE

Experience full body massage with us by experts. Enquiry. 0674259782 2, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Physiotherapy, full body massage by trained ladies/ gents therapist: 7008773793. D-66418

Ayurvedic full body massage ladies/ gents experts therapist. 8338097451 . D-65867

Sampark ayurvedic massage club fully relaxed by smart lady, home service available. 8280102993. D-65868

## LOST

By virtue of affidavit sworn before Notary, Puri Mangala Charan Sahoo, Biranarasinghpur, Thentapur declare that my original Sale Deed-1624, Khata- 148, Mouza- Biranarasinghpur has been lost. D-64054

ଆମ୍ଭର ମହାନଦୀବିହାର ପ୍ଲଟର ମଧ୍ୟବର୍ତ୍ତିକାଳୀନ ବିକ୍ରୟ ଦଲିଲ ଯାହାକି କଟକ ସହର ବିକାଶ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କଟକ ସବ୍‌ରେଜିଷ୍ଟ୍ରାରଙ୍କ ଡକ୍ୟୁମେଣ୍ଟ ନମ୍ବର ୨୮୧୦/୨୫।୦୮।୧୯୯୫ ସମ୍ପାଦିତ ହୋଇଥିଲା। ଆମ୍ଭେ ୨୫।୦୩।୧୯ରିଖ ମହାନଦୀବିହାର ଠାରୁ ଶିଖରପୁର ଯିବା ବାଟରେ କେଉଁଠାରେ ହଜିଯାଇଛି। ପାଇଥିବା ସହୃଦୟ ବ୍ୟକ୍ତି ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ନୃସିଂହ ଚନ୍ଦ୍ର ଧର, ପି- ଗଜେନ୍ଦ୍ର ଧର, ମହାନଦୀବିହାର, ପୋ- ନୂଆବଜାର, କଟକ। ମୋବାଇଲ: ୯୩୩୮୫୫୨୯୨୦। ଧ-୧୧୮୭୦

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚୈତନ୍ୟ ଚରଣ ସାହୁ**
ଅବସରପ୍ରାପ୍ତ ଶିକ୍ଷକ
ସା: ବ୍ରହ୍ମପୁର (ଜେନାପୁର), ଯାଜପୁର
ଆବିର୍ଭାବ: ୨୦।୦୩।୧୯୫୨
ତିରୋଧାନ: ୧୯।୦୩।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାତୁର ପୁତ୍ର- ତ୍ରିନାଥ ସାହୁ, ପୁତୁରା- ସୁବାସ ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ରବିନାରାୟଣ ସାହୁ ତଥା ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୧୧୮୬୮

## AFFIDAVIT

ମୁଁ ଶ୍ରୀ ଦିଲ୍ଲିପ ରାୟ, ବୟସ- 35, ପିତା- Gopabandhu Ray, ଗ୍ରାମ- କୋଇଲେଖା, ଥାନା- ଧୂଷୁରୀ, ଜିଲ୍ଲା- ଭଦ୍ରକ। ଏତଦ୍ୱାରା ଜଣାଉଅଛି ଯେ ମୋର ପ୍ରକୃତ ନାମ- ଦିଲ୍ଲିପ ରାୟ ଏବଂ Passportରେ ଭୁଲକ୍ରମେ ପ୍ରବୀର କୁମାର ରାୟ ହୋଇଯାଇଅଛି। ଏହାକୁ ସଂଶୋଧନ କରି ମୋର ନାମ ଦିଲ୍ଲିପ ରାୟ ବୋଲି ମୁଁ Notary Public, Bhubaneswarଙ୍କ କୋର୍ଟରେ Dt.- 25.03.2019ରେ ଏକ ଘୋଷଣାପତ୍ର କରିଅଛି। ବର୍ତ୍ତମାନ ମୁଁ ଦିଲ୍ଲିପ ରାୟ ହିସାବରେ ସର୍ବସାଧାରଣରେ ପରିଚିତ ହେବି। ଧ-୧୧୮୬୭

# ଏପ୍ରିଲ ପହିଲାରୁ ଉପକୂଳ ଓଡିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ଆସନ୍ତା ୩୧ ତାରିଖ ଯାଏ ରାଜ୍ୟରେ ପାଗ ଶୁଷ୍କଲା ରହିବା ସହ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ଅସମ୍ଭାଳ ହେବ ତାତି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପାରଦ ୪୦ ଡିଗ୍ରୀ ଉପରକୁ ଚାଲିଯିବା ସମ୍ଭାବନା ରହିଛି। ଏପ୍ରିଲ ପହିଲାରୁ ୪ ତାରିଖ ଯାଏ ଉପକୂଳ ଓଡିଶା ସମେତ କନ୍ଧମାଳ, ରାୟଗଡା, ଗଜପତି, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାର କେତେକ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିହାର, ଛତିଶଗଡ ଏବଂ ଓଡିଶା ଉପରେ ରହିଥିବା ଟ୍ରଫଲାଇନ ଏବଂ ସମୁଦ୍ର ଆଡୁ ପ୍ରବାହିତ ଜଳୀୟ ବାଷ୍ପ ମିଶା ବାୟୁ ପ୍ରବାହ ଯୋଗୁ ଉପକୂଳରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦୁଇଦିନ ପରେ ପୁଣି ୬ ତାରିଖରୁ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ମାଲକାନଗିରିରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୭.୬, ଅନୁଗୋଳ ୩୭.୧, ଝାରସୁଗୁଡା ୩୭.୮, ସମ୍ବଲପୁର ୩୭, ସୁନ୍ଦରଗଡ ୩୭, ହୀରାକୁଦ ୩୭.୩, ଭବାନୀପାଟଣା ୩୭ ଏବଂ ବଲାଙ୍ଗୀରରେ ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ମହାପ୍ରଭୁଙ୍କ ହେଲା ବନକଲାଗି

**ପୁରୀ ଅଫିସ,୨୮।୩:** ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୩୦ରୁ ରାତି ୮ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ଏହାକୁ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ୪୦ରେ ବନକ ଲାଗି ସରିବା ପରେ ଠାକୁରଙ୍କ ମହାସ୍ନାନ କରାଯାଇଥିଲା। ମହାସ୍ନାନ ସରିବା ପରେ ରାତି ୮ଟା ୪୫ରେ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛଡାଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନ ସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଟକରେ ଚାହୁଁନାହାନ୍ତି...

ସେ ସୁନାମ ଅର୍ଜନ କରିଛନ୍ତି। ହେଲେ ଶେଷ ପର୍ଯ୍ୟନ୍ତ ଏହି ଆସନ ଖୋଲି ରହିବା ଯୋଗୁ ବିଜେଡି ନେତାଙ୍କ ପାଖରେ ଭର୍ତ୍ତୃହରିଙ୍କ ବିଶ୍ୱସନୀୟତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଭର୍ତ୍ତୃହରିଙ୍କ ମତାମତ ପାଇଁ ଧରିତ୍ରୀ ପକ୍ଷରୁ ଉଦ୍ୟମ ହୋଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତାଙ୍କର ଜଣେ ରାଜନୈତିକ ସହଯୋଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, କ'ଣ ପାଇଁ ଦଳ କଟକ ଆସନକୁ ଖୋଲାଇ ରଖିଛି ଏହାର ଯଥାଯଥ ଉତ୍ତର କେବଳ ନବୀନ ପଟ୍ଟନାୟକ ହିଁ ଦେଇପାରିବେ। ଭର୍ତ୍ତୃହରିଙ୍କ ନାମ ଘୋଷଣା ନ ହେବା ଦ୍ୱାରା ଏକ ଖରାପ ବାର୍ତ୍ତା ବାହାରକୁ ଯାଉଛି କି ପ୍ରଶ୍ନରେ ସେ କହିଥିଲେ, ଯାହା ବାର୍ତ୍ତା ଯିବା କଥା ତାହା ଚାଲିଗଲାଣି। ତେବେ ମହତାବଙ୍କ ବଦଳରେ ବିଜେଡି ଏଠି କାହାକୁ ପ୍ରାର୍ଥୀ କରୁଛି ତାହା ଜାଣିବାକୁ ଆମ ପାଖରେ କୌଣସି ବାଟ ନ ଥିବା ସହଯୋଗୀ ଜଣକ କହିଥିଲେ।

ସୂଚନାଥାଉ କି, ରାଜ୍ୟର ମୋଟ ୨୧ଟି ଲୋକ ସଭା ଆସନ ମଧ୍ୟରୁ ବିଜେଡି ୨ଟି ପର୍ଯ୍ୟାୟରେ ୧୮ଟି ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ମାର୍ଚ୍ଚ ୧୮ରେ ୯ ଜଣ ଓ ମାର୍ଚ୍ଚ ୨୭ରେ ଆଉ ୯ଜଣ ଏମ୍‌ପି ପ୍ରାର୍ଥୀଙ୍କ ନାମକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ୧୮ ଆସନ ମଧ୍ୟରୁ ମାତ୍ର ୩ ଜଣ ପୁରୁଣା ଏମ୍‌ପି ପୁନର୍ବାର ପ୍ରାର୍ଥିତ୍ୱ ଲାଭ କରିଥିଲେ। ସେମାନେ ହେଲେ ପୁରୀରୁ ପିନାକୀ ମିଶ୍ର, ବାଲେଶ୍ୱରରୁ ରବୀନ୍ଦ୍ର ଜେନା ଏବଂ ବଲାଙ୍ଗୀରରୁ କଳିକେଶ ନାରାୟଣ ସିଂଦେଓ। ବାକି ୧୫ ଆସନରେ ଦଳ ନୂଆ ମୁହଁ ଦେଇଛି। ଅନ୍ୟପକ୍ଷରେ ୧୪୭ଟି ବିଧାନସଭା ଆସନ ମଧ୍ୟରୁ ୪୬ ଆସନରେ ମଧ୍ୟ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ବିଗତ ନିର୍ବାଚନଗୁଡ଼ିକରେ ବିଜେଡି ଯେଭଳି ଭାବେ ନିର୍ବାଚନ ପରିଚାଳନା କରୁଥିଲା ସେଭଳି ପାରଦର୍ଶିତା ୨୦୧୯ରେ ଦେଖିବାକୁ ମିଳୁ ନ ଥିବା ରାଜନୈତିକ ସମୀକ୍ଷକମାନେ ମତଦେଉଛନ୍ତି। ଯାହା ଉଭୟ ନେତା ଏବଂ କର୍ମୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି କରିଛି। ବିଶେଷକରି ରାଜ୍ୟରେ ଭାଜପା ଏବେ ବିଜେଡିକୁ କଡ଼ା ଚ୍ୟାଲେଞ୍ଜ ଦେବା ଭଳି ସ୍ଥିତିରେ ପହଞ୍ଚିଥିବା ବେଳେ ବିଜେଡିରେ ପ୍ରାର୍ଥୀ ଚୟନ ଅଡୁଆ ନ ତୁଟିବା ୧୯୯୫ ବିଜୁ ପଟ୍ଟନାୟକଙ୍କ ଅମଳରେ ଉପୁଜିଥିବା ସ୍ଥିତିକୁ ଦୋହରାଇବ ବୋଲି ମଧ୍ୟ ଆଲୋଚନା ହେଉଛି। ସବୁଠୁ ହାସ୍ୟାସ୍ପଦ ପରିସ୍ଥିତି ହେଉଛି ଯେ, ଦୀର୍ଘଦିନ ଧରି ଦଳ ପକ୍ଷରୁ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ନେତା ଓ ନିର୍ବାଚନମଣ୍ଡଳୀଗୁଡ଼ିକର ସର୍ଭେ କରାଯାଇଥିଲା। ଏହା ସତ୍ତ୍ୱେ ବିଜେଡିର ଅପ୍ରସ୍ତୁତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଆଜି ଜୟପୁର...

ଦଳର ପ୍ରତିଶ୍ରୁତି ଓ ଇସ୍ତାହାର ସ୍ଥାନୀୟ ଜନସାଧାରଣଙ୍କ ପାଖରେ ରଖିସାରିଛନ୍ତି। ଏବେ ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଅବିଭକ୍ତ କୋରାପୁଟର ଭୋଟରଙ୍କୁ କେଉଁ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି ଓ ସେଠାରେ କି ପ୍ରକାର ପ୍ରସଙ୍ଗ ଉପସ୍ଥାପନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିବ।

ଏହି ଗସ୍ତ ପାଇଁ ଗୁରୁବାର ଜୟପୁର ସହର ଓ ବାଙ୍କବିଜ ପଡିଆ ସଭାସ୍ଥଳ କେନ୍ଦ୍ରୀୟ ଓ ରାଜ୍ୟ ସୁରକ୍ଷାବଳ ଛାଉଣିରେ ପରିଣତ ହୋଇଛି। କେନ୍ଦ୍ରୀୟ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି), ବିଏସ୍‌ଏଫ୍, ସିଆରପିଏଫ୍, କୋବ୍ରା ବାହିନୀ ସମେତ ରାଜ୍ୟ ପୋଲିସର ଏସ୍‌ଓଜି, ଓଡିଏଫ୍ ଏବଂ ଜିଲା ପୋଲିସର ପ୍ରାୟ ୧୨୦୦ ଜଣ ସଶସ୍ତ୍ର ଯବାନ ସଭାସ୍ଥଳ ଓ ଜୟପୁର ସହରରେ ମୁତୟନ ହୋଇଛନ୍ତି। ଏସ୍‌ପିଜିର ଜଣେ ଆଇଜି, ଏସ୍‌ପି, ଏଏସ୍‌ପିଙ୍କ ସମେତ ଦକ୍ଷିଣ ପଶ୍ଚିମାଞ୍ଚଳର ଡିଆଇଜି ହିମାଂଶୁ ଲାଲ, କୋରାପୁଟ ଏସ୍‌ପି କନୱର ବିଶାଲ ସିଂ, ନବରଙ୍ଗପୁର ଏସ୍‌ପି ନିତିନ କୁଶଲକର ଡୁଗୁଡ, ନୂଆପଡ଼ା ଏସ୍‌ପି ପରମାର ସୁମିତ ପୁରୁଷୋତ୍ତମ ଦାଶ, ରାୟଗଡ଼ା ଏସ୍‌ପି ଶ୍ରବଣ ବିବେକ ଏମ୍. ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ୬ଜଣ ଅତିରିକ୍ତ ଏସ୍‌ପି, ୧୨ଜଣ ଡିଏସ୍‌ପି ମଧ୍ୟ ନିୟୋଜିତ ରହିଛନ୍ତି। ସେହିପରି ଦିଲ୍ଲୀରୁ ବୋମା ଓ ବୁଲେଟ୍ ନିରୋଧୀ ୪ଟି କାର୍ ବ୍ୟବସ୍ଥା କରାଯାଇଥିବା ବେଳେ ରାଜ୍ୟ ଗୋଇନ୍ଦା ବିଭାଗର ୨୦୦ ଜଣ ଅଧିକାରୀ ଓ କର୍ମଚାରୀ ସାଧା ପୋଷାକରେ ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ନିୟୋଜିତ ହୋଇଥିବା ଜଣାପଡ଼ିଛି। ସଭାସ୍ଥଳ ନିକଟରେ ଜରୁରିକାଳୀନ ଭାବେ ୩ଟି ହେଲିପ୍ୟାଡ କରାଯାଇଛି।

### ଆଧାର-ପାନ ସଂଯୋଗ...

ସତର୍କ କରାଯାଇଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ଆୟକର ବିଭାଗ ପୂର୍ବରୁ ପାନ-ଆଧାର ସଂଯୋଗ ଲାଗି ୨୦୧୮ ଜୁନ ୩୦ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଥିଲେ  ଯାହାକୁ ପରେ ଚଳିତ ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ପାନ୍ କାର୍ଡ ଅଚଳ ହୋଇଗଲେ ଆୟକରଦାତା ଆଉ ବର୍ତ୍ତମାନର ପାନ କାର୍ଡ ଜରିଆରେ ଆୟକର ରିଟର୍ନ ଦାଖଲ କରିପାରିବେ ନାହିଁ ବୋଲି ଫାଇନାନ୍ସିଆଲ ଏକ୍ସପର୍ଟ ରାଜେଶ କୁମାର ଝା ପ୍ରକାଶ କରିଛନ୍ତି। ଆୟକର ଆଇନ ୧୯୬୧ର ଧାରା ୧୩୯ଏଏ ଅନୁଯାୟୀ ଆଧାର ସହ ପାନ ସଂଯୋଗ ହୋଇ ନ ଥିଲେ ଟିକସଦାତାଙ୍କ ନିକଟରେ ଥିବା ପାନ ବୈଧ ନୁହେଁ ବୋଲି ଆୟକର ବିଭାଗ ମନେ କରିବ।

### ସିକ୍ୟୁରିଟି ଗାର୍ଡଙ୍କୁ ଗଳାକାଟି...

ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଗଦାଧରଙ୍କ ମୃତଦେହକୁ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପଞ୍ଚନାମା ସମୟରେ ପୋଲିସ ମୃତକଙ୍କ ଶାର୍ଟ ଭିତରୁ ହତ୍ୟାରେ ବ୍ୟବହୃତ ଏକ ପରିବା କଟା ଛୁରି ଓ ରୋଷେଇ ଘର ଆଜ୍‌ବେଷ୍ଟସ୍ ରଡ୍‌ରେ ଓହଳିଥିବା ଏକ ଗାମୁଛାକୁ ଜବତ କରିଛି। ଏଥିସହ ଶୋ'ରୁମ୍‌ର ୨ କର୍ମଚାରୀଙ୍କୁ ପୋଲିସ ଅଟକ ରଖିଛି। ଅନ୍ୟପକ୍ଷରେ ଏହି ଘଟଣା ପ୍ରଚାରିତ ହେବା ପରେ ମୃତକଙ୍କ ଗାଁରୁ ଶତାଧିକ ଲୋକ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ଲୋକେ ଜାତୀୟ ରାଜପଥ ଦୀର୍ଘସମୟ ଧରି ଅବରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୁ ହଟାଇଥିଲା। ହେଲେ ଉତ୍ତ୍ୟକ୍ତ ଲୋକେ ପରେ ଶୋ'ରୁମ୍ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ସେଠାରେ ଥିବା ଏକ କାର୍ କାଚକୁ ମଧ୍ୟ ଭାଙ୍ଗିଦେଇଥିଲେ। ପରେ ବରିଷ୍ଠ ପୋଲିସ ଅଧିକାରୀ ଏକ ପ୍ଲାଟୁନ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ମିଳିଥିବା ସୂଚନାନୁଯାୟୀ, ଗଦାଧର ଗତ ୩ବର୍ଷ ହେବ ମା' ଶାରଳା ମାର୍ବଲ ଓ ଗ୍ରାନାଇଟ୍ ଶୋ'ରୁମ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରିଆସୁଥିଲେ। ବୁଧବାର ସନ୍ଧ୍ୟା ୬ଟାରେ ଆସି ଡ୍ୟୁଟି କରିଥିଲେ। ସବୁଦିନ ପରି ଶୋ'ରୁମ୍ ପରିସରରେ ସେ ଚେୟାର ପକାଇ ବସିଥିଲେ। ରାତି ୯ଟାରେ ଶୋ'ରୁମ୍ ବନ୍ଦ ହେବା ପରେ ଗଦାଧର ଘରୁ ଆଣିଥିବା ଖାଦ୍ୟ ଖାଇଥିବା ଜଣେ କର୍ମଚାରୀ କହିଛନ୍ତି। ଶୋ'ରୁମ୍‌କୁ ଲାଗି କର୍ମଚାରୀଙ୍କ ରହିବା ପାଇଁ ଦୁଇଟି ରୁମ୍ ରହିଥିବା ବେଳେ ଗୋଟିଏ ରୋଷେଇ ଘର ରହିଛି। ବୁଧବାର ସେହି ଦୁଇଟି ରୁମ୍‌ରେ ଅନ୍ୟ ୨ କର୍ମଚାରୀ ରହିଥିଲେ। ତେବେ ଗଦାଧରଙ୍କ ମୃତଦେହ ରୋଷେଇ ଘରୁ ମିଳିବା ଘଟଣାକୁ ରହସ୍ୟାବୃତ କରିଦେଇଛି। ସେ ସବୁଦିନ ପିଇବା ପାଣି ଆଣିବା ପାଇଁ ରୋଷେଇ ଘରକୁ ଯାଇଥାଆନ୍ତି ବୋଲି ୨ କର୍ମଚାରୀ ପୋଲିସ ଆଗରେ କହିଛନ୍ତି। ମୃତ ଗଦାଧରଙ୍କ ପୁଅ ପ୍ରଦୀପ କୁମାର ସ୍ୱାଇଁ କହିଛନ୍ତି, ତାଙ୍କ ବାପାଙ୍କ ସହ କାହାର ଶତ୍ରୁତା ନ ଥିଲା। ସେ ଜଣେ ନିରୀହ ଓ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପ୍ରଦୀପଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଅନ୍ତା ଥାନାରେ ଦଫା ୩୦୨ ଅନୁଯାୟୀ ନଂ. ୮୨/୧୯ରେ ମାମଲା ରୁଜୁ ହୋଇଛି। ଖବର ପାଇ ଘଟଣାସ୍ଥଳକୁ ଆସିଥିବା ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଖବରଦାତାମାନଙ୍କୁ କହିଥିଲେ, ପାରିପାର୍ଶ୍ୱିକ ଅବସ୍ଥା ଯାହା ଥିଲା, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ମୃତ୍ୟୁର ପ୍ରକୃତ କାରଣ କ'ଣ, ତାହାର ତଦନ୍ତ ହେବ। ଅଟକ ୨ କର୍ମଚାରୀଙ୍କ ସହ ଶୋ'ରୁମ୍ ମାଲିକଙ୍କୁ ପଚରାଉଚରା କରାଯିବ ବୋଲି ଡିସିପି କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମଙ୍ଗଳଙ୍କ ଗୁରୁଦୃଷ୍ଟିରୁ ଉଦ୍ୟମ ଅବ୍ୟାହତ ରଖିଲେ ସଫଳତା ପାଇବେ। କଡ଼ା କଥା କହିଲେ ସମ୍ପର୍କ ବଦଳିଯିବା ସହ ଶତ୍ରୁତା ଅବଶ୍ୟମ୍ଭାବୀ। ସମସ୍ୟାଗୁଡିକ ଆପଣଙ୍କୁ ଅନେକ ଆଶା ଓ ଆଶଙ୍କା ମଧ୍ୟରେ ବ୍ୟସ୍ତତା ସୃଷ୍ଟି କରାଇବେ। ପାରସ୍ପରିକ ଆଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

**ବୃଷ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ମନମୁଖି ଶାସନ ଓ ସ୍ୱାଧୀନ ମତବ୍ୟକ୍ତ ଘରୋଇ କଳହକୁ ଜନ୍ମ ଦେଇପାରେ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ସାହିତ୍ୟ କ୍ଷେତ୍ର ପୂର୍ବପରି ଚାଲୁ ରହିବ। ସାଙ୍ଗସାଥୀ କିମ୍ବା ବନ୍ଧୁବାନ୍ଧବ ହୁଅନ୍ତୁ, ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ ଦେଖା ମିଳିବ ନାହିଁ।

**ମିଥୁନ** ରାହୁଙ୍କ ରାଶ୍ୟାବସ୍ଥାନ କୌଶଳରେ କାର୍ଯ୍ୟହାସଲ ପାଇଁ ଅନୁପ୍ରେରିତ କରିବ। ପରିବାରରେ ଭୁଲ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଟଙ୍କା ପଇସା ସମ୍ପର୍କିତ ଝମେଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ପାପଗ୍ରହ ଶନି ଓ କେତୁ ଯୁକ୍ତ କାରଣରୁ ଆପଣଙ୍କ ଦୋଷଦର୍ଶିତା ପ୍ରତ୍ୟେକ ଅନର୍ଥର କାରଣ ହୋଇପାରେ। ଧନାଧିପ ରବିଙ୍କ ସୁପ୍ରଭାବରେ ବନ୍ଧୁମାନଙ୍କ ନିକଟରୁ ଅର୍ଥ ପାଇବେ ସତ କିନ୍ତୁ ଏଥିପାଇଁ ବିତର୍କର ସାମନା କରିବାକୁ ପଡିପାରେ। ପ୍ରଶାସନିକ କ୍ଷେତ୍ରରେ, ସଭାସମିତିରେ ଠିକ୍ ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱରେ ପଡିବେ।

**ସିଂହ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ରବିଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡବଡ ସୃଷ୍ଟି ହୋଇପାରେ। ଶନିକ୍ଷେତ୍ରସ୍ଥ ବୁଧ ଓ ଶୁକ୍ରଙ୍କ ସମ୍ବନ୍ଧରୁ ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଖର୍ଚ୍ଚପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିନ ପାରେ।

**କନ୍ୟା** ଶନି ଦୃଷ୍ଟ ବୁଧ ହେତୁ ଆଜି ଆପଣଙ୍କ ଚେଷ୍ଟା ନିଷ୍ଫଳ ନ ହେଲେ ମଧ୍ୟ ସୁବିଧାରେ ହେବା କଷ୍ଟକର ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତି କରିବା ଭଲ ହେବ। ଋଣ ସୂତ୍ରରେ ଆଜିହିଁ ଅର୍ଥଲାଭ କରିବେ। ମାତ୍ର ଏହା ସଙ୍ଗକୁ ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟର ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢିପାରେ।

**ତୁଳା** ଆପଣଙ୍କ ଆଶା ବାସ୍ତବତାରେ ପରିଣତ ହେବା ସହ ଯାହା ପାଇବା କଥା ତାହା ନିଶ୍ଚିତ ପାଇବେ। ଶନି ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ସମସ୍ୟା ଓ ବିଳମ୍ବତା ସୃଷ୍ଟି କରିବ। ପାପଗ୍ରହ ଦୃଷ୍ଟ ତୃତୀୟଭାବ ହେତୁ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି।

**ବିଛା** କୌଣସି ଅସୁବିଧା ନ ଥିଲେ ମଧ୍ୟ ଚନ୍ଦ୍ରଙ୍କ କଳୁଷତା ହେତୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ବାଧା ସୃଷ୍ଟି ହେବ। ବିନା କାରଣରେ ଝଗଡା ସାଙ୍ଗକୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ  ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା, କ୍ରୀଡା,ସାମ୍ବାଦିକତା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପାପଗ୍ରହ ରାଶିରେ ରହିଥିବାରୁ କୌଣସି କାମକୁ ଖୋଲା ମନରେ ଗ୍ରହଣ କରିପାରିବେ ନାହିଁ। ଆକସ୍ମିକ ବିବାଦ କାରଣରୁ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ମୁଖଭାବରେ ଶୁକ୍ର ଆପଣଙ୍କ କଥାରେ ଲାଳିତ୍ୟ ଫୁଟାଉଥିଲେ ମଧ୍ୟ ଅନ୍ତର୍ନିହିତ ମନୋବ୍ୟଥାରେ ଦୁଶ୍ଚିନ୍ତାଗ୍ରସ୍ତ ରହିବେ। କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା କାର୍ଯ୍ୟସିଦ୍ଧି ପାଇଁ ମନୋବଳ ସୃଷ୍ଟି କରିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ। ବିଳାସବ୍ୟସନ, ଆନୁଷ୍ଠାନିକ କାମ,ଯାନାବାହନାଦି ଲାଭ ଯୋଗ ମଧ୍ୟ ରହିଛି।

**ମୀନ** ରବିଙ୍କ ଯୋଗୁ ଆପଣଙ୍କ ପ୍ରତିଷ୍ଠା ଓ ଲୋକ ସମ୍ପର୍କକୁ ନିଜ ଲୋକମାନେ ଭଲ ଦୃଷ୍ଟିରେ ଦେଖି ନ ପାରନ୍ତି। ବାରମ୍ବାର ଚେଷ୍ଟା କରି ଆସୁଥିବା କାମଗୁଡିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ  ହେବ। ବନ୍ଧୁଙ୍କ ସହ  ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ଆଜି ଚୈତ୍ର କୃଷ୍ଣ ନବମୀ ଶୁକ୍ରବାର, ମାର୍ଚ୍ଚ ୨୯ ତାରିଖ, ଶ୍ରୀମାଙ୍କ ପ୍ରଥମ ପଣ୍ଡିଚେରୀ ଆଗମନ ଦିବସ,ରାଶି ନକ୍ଷତ୍ର-ଦିବା ଘ୧।୨୦ମି. ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ସିଂହ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, (ଆଜି ବୃହସ୍ପତି ମୂଳା ନକ୍ଷତ୍ର ଧନୁ ରାଶିକୁ ଗମନ କରିବେ। ମେଷ, ସିଂହ,ବିଛା ଓ କୁମ୍ଭ ରାଶି ପାଇଁ ଅତି ଶୁଭଫଳ ପ୍ରଦାନ କରିବେ। କିନ୍ତୁ ମିଥୁନ ରାଶିପାଇଁ ମଧ୍ୟମ ଫଳ, କର୍କଟ, ତୁଳା, ମକର, ମୀନ ସକାଶେ ସମଫଳ, ମାତ୍ର ବୃଷ, କନ୍ୟା, ଧନୁ ରାଶି ପାଇଁ ଗୋଚରରେ ଓ ଚନ୍ଦ୍ର ଅଶୁଭ ହେତୁ ଅଶୁଭଫଳ ପ୍ରଦାନ କରିବେ) ଦିବା ଘ୭।୧୫ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତବେଳା।




## ସଂକ୍ଷେପରେ

### ବିଜେଡି ସାଧାରଣ ସମ୍ପାଦକ ହେଲେ ସୁବାସ ଚୌହାନ

କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ସହପର୍ଯ୍ୟବେକ୍ଷକ ନିଯୁକ୍ତ



ଭୁବନେଶ୍ୱର,୨୮।୩(ବ୍ୟୁରୋ): ବିଜେଡିରେ ଯୋଗଦେବାର ଗୋଟିଏ ଦିନ ପରେ ସୁବାସ ଚୌହାନଙ୍କୁ ଦଳୀୟ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁବାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ କରାଯିବା ସହ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ଜିଲାର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ନିଷ୍ପତ୍ତିକୁ ଗୁରୁବାର ଅନୁମୋଦନ କରିଛନ୍ତି। ସୁବାସ ୨୦୧୪ରେ ବରଗଡ଼ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହେବା ସହ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତାଙ୍କୁ ଭାଜପା ଚଳିତଥର ପ୍ରାର୍ଥୀ ନ କରି ସୁରେଶ ପୂଜାରୀଙ୍କୁ ବରଗଡ଼ରେ ପ୍ରାର୍ଥୀ କରିଛି। ଦଳର ଏହି ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ସୁବାସ ଭାଜପା ଛାଡ଼ିଥିଲେ। ଦଳ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିବା ସହ ବୁଧବାର ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ତାଙ୍କୁ ଉପଯୁକ୍ତ ପଦପଦବୀ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମିଶ୍ରଣ ପର୍ବ ପରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍) ସଦସ୍ୟ ଥିବା ସୁବାସ ଜଣେ ଉତ୍ତମ ସଙ୍ଗଠକ। ତେଣୁ ନିର୍ବାଚନ ସମୟରେ ତାଙ୍କ ସାଙ୍ଗଠନିକ ଦକ୍ଷତା ବିଜେଡିକୁ ସହାୟକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ରଞ୍ଜୀବ ଏଆଇସିସି ମୁଖପାତ୍ର



ଭୁବନେଶ୍ୱର,୨୮।୩(ବ୍ୟୁରୋ): ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କୁ ଏଆଇସିସି ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ ପରେ ଏ ସମ୍ପର୍କିତ ଏକ ବିଜ୍ଞପ୍ତି ଦଳ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି। ରଞ୍ଜୀବ ପୂର୍ବରୁ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୯୯୬ ଏବଂ ୧୯୯୮ରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ୨୦୧୪ରୁ ରାଜ୍ୟ ସଭା ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୦ ଏପ୍ରିଲରେ ସମାପ୍ତ ହେବାକୁ ଯାଉଛି।

### ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ

### ୭ ଲକ୍ଷ ୧୧ ହଜାର ପୋଷ୍ଟର, ହୋର୍ଡିଂ ହଟାଇଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୨୮।୩(ବ୍ୟୁରୋ): ରାଜ୍ୟରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେବେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ପାଇଁ ଖୋଲାଖୋଲି ଆଚରଣ ବିଧି ଉଲ୍ଲଂଘନ କରିବାକୁ ପଛାଉନାହାନ୍ତି। ଏବେ ସୁଦ୍ଧା ସର୍ବସାଧାରଣ ସ୍ଥାନରେ ଲାଗିଥିବା ୭ ଲକ୍ଷ ୧୧ ହଜାର ୭୩୮ ହୋର୍ଡିଂ ଏବଂ ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ବେଆଇନ ଭାବେ ଲାଗିଥିବା ୭୦ ହଜାର ୩୯୩ ହୋର୍ଡିଂ, ପୋଷ୍ଟର ଆଦିକୁ ମଧ୍ୟ ବାହାର କରି ଦିଆଯାଇଛି।




# ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ବିଜ୍ଞପ୍ତି ଜାରି

- ଏପ୍ରିଲ ୪ ନାମାଙ୍କନ ପତ୍ର ଦାଖଲ ଶେଷ
- ୨୩ରେ ଭୋଟ୍

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ୪୨ଟି ବିଧାନସଭା ଓ ୬ଟି ଲୋକ ସଭା ଆସନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଗୁରୁବାର ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୪ ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ୫ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ସେହିଦିନ ଅପରାହ୍ଣରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଏପ୍ରିଲ ୨୩ରେ ସମ୍ବଲପୁର(ସାଧାରଣ) ଲୋକ ସଭା ଅଧୀନରେ ଥିବା ସମ୍ବଲପୁର, କୁଚିଣ୍ଡା, ଆଠମଲ୍ଲିକ, ରେଙ୍ଗାଲି, ରେଢ଼ାଖୋଲ, ଦେବଗଡ଼ ଏବଂ ଛେଣ୍ଡିପଦା ବିଧାନସଭା, କେନ୍ଦୁଝର(ଏସ୍‌ଟି) ଲୋକ ସଭା ଅଧୀନରେ ଥିବା ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ ଏବଂ କରଞ୍ଜିଆ ବିଧାନସଭା, ଢେଙ୍କାନାଳ(ସାଧାରଣ) ଲୋକ ସଭା ଅଧୀନରେ ଥିବା ପରଜଙ୍ଗ, ଢେଙ୍କାନାଳ, ପାଲଲହଡ଼ା, ହିନ୍ଦୋଳ, କାମାକ୍ଷାନଗର, ତାଳଚେର ଏବଂ ଅନୁଗୋଳ ବିଧାନସଭା, କଟକ(ସାଧାରଣ) ଲୋକ ସଭା ଅଧୀନରେ ଥିବା କଟକ-ଚୌଦ୍ୱାର, କଟକ-ବାରବାଟୀ, କଟକ ସଦର, ବାଙ୍କୀ, ଆଠଗଡ଼, ବଡ଼ମ୍ବା ଏବଂ ଖଣ୍ଡପଡ଼ା ବିଧାନସଭା, ପୁରୀ (ସାଧାରଣ) ଲୋକ ସଭା ଅଧୀନରେ ଥିବା ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ପୁରୀ, ଚିଲିକା, ରଣପୁର ଏବଂ ନୟାଗଡ଼, ବିଧାନସଭା ଏବଂ ଭୁବନେଶ୍ୱର(ସାଧାରଣ) ଲୋକ ସଭା ଅଧୀନରେ ଥିବା ବେଗୁନିଆ, ଖୋର୍ଦ୍ଧା, ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟମ, ଭୁବନେଶ୍ୱର ଉତ୍ତର, ଜୟଦେବ ଏବଂ ଜଟଣୀ ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ଦିବସରେ ଲୋକ ସଭା ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ବେଳେ ଆଠମଲ୍ଲିକ, ପିପିଲି ଏବଂ ଭୁବନେଶ୍ୱର(ଉତ୍ତର) ବିଧାନସଭା ପାଇଁ ଜଣେ ଲେଖାଏ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ପୁରୁଣା କଥା ଭୁଲି ଭାଜପାକୁ ଫେରିଲେ ବିଜୟ

ଭୁବନେଶ୍ୱର,୨୮।୩ (ବ୍ୟୁରୋ)



ଭାଜପା ନେତୃବୃନ୍ଦଙ୍କ ସହ ବିଜୟ ମହାପାତ୍ର।

ପୁରୁଣା କଥାକୁ ଭୁଲି ନୂଆ ଅଭିଯାନ ଆରମ୍ଭ କରିବେ ବୋଲି କହି ବରିଷ୍ଠ ନେତା ବିଜୟ ମହାପାତ୍ର ଗୁରୁବାର ଭାଜପାକୁ ଫେରିଛନ୍ତି। ଗତ ନଭେମ୍ବର ୩୦ରେ ସେ ଦଳରୁ ଇସ୍ତଫା ଦେବା ସହ ଭାଜପାର ମନ୍ଦିର ବଡ, ମୁଖଶାଳା ଛୋଟ ବୋଲି କହି ଅଭିଯୋଗ ଆଣିଥିଲେ। ଏହା ବ୍ୟତୀତ ଦଳର କେନ୍ଦ୍ରୀୟ ନେତାମାନଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ମଧ୍ୟ ଉଠାଇଥିଲେ। ଇସ୍ତଫା ଦେବା ପରଠାରୁ ସେ ତାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବେ ବୋଲି କହି କିଛି ସ୍ପଷ୍ଟ କରୁ ନ ଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ବିଜୟ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ମଧ୍ୟ ଲାଗି ରହିଥିଲା। କିନ୍ତୁ ଶେଷରେ ବିଜୟଙ୍କୁ ନେଇ ଲାଗି ରହିଥିବା ସବୁ ଚର୍ଚ୍ଚାର ଅନ୍ତ ଘଟିଛି। ତାଙ୍କୁ ମନାଇବାରେ ଭାଜପା ନେତୃବୃନ୍ଦ ସଫଳ ହୋଇଛନ୍ତି। ପୂର୍ବରୁ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ବିଜୟଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ସେହିଦିନ ହିଁ ସେମାନଙ୍କ ଭିତରେ ସବୁକିଛି ସ୍ଥିର ହୋଇଯାଇଥିଲା। ଗୁରୁବାର ଭାଜପାର ନିର୍ବାଚନୀ ପୋଷ୍ଟର ଏବଂ ଗୀତ ଉନ୍ମୋଚନ ହେବା ପୂର୍ବରୁ ବୈଜୟନ୍ତ ଏବଂ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜୟଙ୍କୁ ମନାଇ ସାଙ୍ଗରେ ନେଇଥିଲେ। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟଙ୍କୁ ସାମିଲ କରି ସବୁ ସମସ୍ୟାର ଅନ୍ତ ଘଟାଇଛନ୍ତି। ମାତ୍ର ଏତେସବୁ ପରେ ବିଜୟଙ୍କ ସହ ଭାଜପାରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ଦିଲୀପ ରାୟଙ୍କ ଭାଜପା ଫେରିବା ନେଇ କିଛି ଜଣାପଡି ନାହିଁ। କିଛିଦିନ ତଳେ ଅରୁଣ ସିଂ ଓଡିଶା ଗସ୍ତରେ ଆସି ଦିଲୀପ ଓ ବିଜୟଙ୍କ କଥାରେ ଉତ୍ତର ଦେଇ କହିଥିଲେ, ଆମକୁ କେହି ଛାଡିକି ଯାଇନାହାନ୍ତି। ଆଗକୁ ବହୁ ଭଲ ଖବର ଆସିବ। ସେବେଠାରୁ ହିଁ ଦୁଇ ନେତାଙ୍କ ଘର ବାହୁଡା ନେଇ ସାମାନ୍ୟ ସୂଚନା ମିଳିଥିଲା।

ଏହି ଅବସରରେ ବିଜୟ କହିଛନ୍ତି, ଦଳର ବହୁ ବରିଷ୍ଠ କେନ୍ଦ୍ରୀୟ ନେତା ମୋ ସହ ଆଲୋଚନା କରିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ଟେଲିଫୋନ୍ କରି କଥା ହୋଇଛନ୍ତି। ଯେହେତୁ ନିର୍ବାଚନ ପାଖେଇ ଆସିଲାଣି ଓଡିଶାରେ ଏକ ପରିବର୍ତ୍ତନ ଆଣିବା ପାଇଁ ଆମେ ଏକାଠି ହୋଇ ନୂଆ ଅଭିଯାନ ଆରମ୍ଭ କରିବୁ। ନିର୍ବାଚନ କେଉଁଠାରୁ ଲଢିବି ସେକଥା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଅରୁଣ ସିଂ କହିଛନ୍ତି, ଦଳର ବରିଷ୍ଠ ନେତା ବିଜୟ ମହାପାତ୍ର ବର୍ତ୍ତମାନଠାରୁ ଆମ ସହ ଦଳୀୟ କାର୍ଯ୍ୟାଳୟ ଯାଉଛନ୍ତି। କେନ୍ଦ୍ରୀୟ ନେତାଙ୍କ ସହ ତାଙ୍କର ସବୁ ପ୍ରକାର ଆଲୋଚନା ହୋଇଛି। ଆମ ସମସ୍ତଙ୍କର ଲକ୍ଷ୍ୟ କେନ୍ଦ୍ରରେ ପୁଣି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ସେଥିଲାଗି ଆମେ ସବୁ ମିଳିତ ଭାବେ କାର୍ଯ୍ୟ କରିବୁ। କେନ୍ଦ୍ରାପଡାରେ ଦଳ ବହୁତ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ବୈଜୟନ୍ତ ପଣ୍ଡା କହିଛନ୍ତି ଯେ, ବିଜୟ ବାବୁ ଦଳର ଜଣେ ବରିଷ୍ଠ ନେତା। ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ କରିବାକୁ ପ୍ରଚାର କରିବେ। ଓଡିଶାରେ ଯେଉଁ ପରିବର୍ତ୍ତନର ନାରା ଆରମ୍ଭ ହୋଇଛି ତାହାକୁ ସଫଳ କରିବୁ। ଆମେ ସବୁ ମିଶିକି କାମ ଆରମ୍ଭ କରିବୁ। ସେ କେଉଁଠାରୁ ନିର୍ବାଚନ ଲଢିବେ ସେ କଥା କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବ। ତାଙ୍କର ଯେଉଁ ଅସୁବିଧା ଥିଲା ସେ ନେଇ ପୂରା ଆଲୋଚନା ହୋଇଛି, ଆମ ଅନୁରୋଧ ରକ୍ଷା କରି ସେ ଫେରିଛନ୍ତି। ସେ ଯେଉଁ ଇସ୍ତଫା ଦେଇଥିଲେ ତାହା ଗ୍ରହଣ କରାଯାଇ ନ ଥିଲା। ଦଳ ଛାଡିଥିବା ସବୁ ବରିଷ୍ଠ ନେତାଙ୍କ ସହ ଆମେ ଆଲୋଚନା କରୁଛୁ ବୋଲି ବୈଜୟନ୍ତ କହିଛନ୍ତି।

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

# ବିନା ଅନୁମତିରେ ବୁଲୁଛି କାଳିଆ ପ୍ରଚାର ଗାଡ଼ି

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହିତ ବିଜୁ ଜନତା ଦଳର ଭିତିରି ସମ୍ପର୍କ ରହିଛି। ନିର୍ବାଚନର ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ମଧ୍ୟ ପୁରୀରେ ବିନା ଅନୁମତିରେ ବେଆଇନ ଭାବେ କାଳିଆ ପ୍ରଚାର ଗାଡ଼ି ବୁଲୁଛି ବୋଲି ଭାଜପା ଅଭିଯୋଗ କରିଛି। ସେହିପରି କାଠଯୋଡ଼ି ପୋଲ ପାଖରେ ୧୦୦ ଫୁଟର ହୋର୍ଡିଂ ଲାଗିଛି। ବାରମ୍ବାର ଅଭିଯୋଗ ପରେ ବି ନିର୍ବାଚନ ଅଧିକାରୀ ଶାସକ ବିଜେଡି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କାଳିଆ ଯୋଜନା ପ୍ରଚାର ଗାଡି ଏବଂ ଶାସକ ବିଜେଡି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଏଥିସହ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାବି କରିଛି । କାଳିଆ ଯୋଜନାର ବଡ଼ ବଡ଼ ହୋର୍ଡିଂ ଲଗାଯାଇଛି । କାଠଯୋଡି ପୋଲ ନିକଟରେ ମଧ୍ୟ ୧୦୦ ଫୁଟର କାଳିଆ ହୋର୍ଡିଂ ଲାଗିଛି । ପୁରୀରେ କାଳିଆ ଭ୍ୟାନ୍ (ନଂ.ଏଚ୍‌ଆର ୬୭ ସି – ୪୨୭୧) ବୁଲୁଛି । ଉକ୍ତ ଗାଡିକୁ ତୁରନ୍ତ ଜବତ କରିବା ସହ ବିନା ଅନୁମତିରେ ଏଭଳି ଗାଡି ବୁଲି ଶାସକ ବିଜେଡିର ପ୍ରଚାର କରୁଥିବାରୁ ତୁରନ୍ତ ଏହା ଉପରେ କଟକଣା ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଓ ଜୀବନ ସାହୁ, ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଆଇନଜୀବୀ ରବିଶଙ୍କର ପଟ୍ଟନାୟକ ଓ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

### ■ ସମ୍ବଲପୁରରେ ଡିଜିପିଙ୍କ ନିର୍ବାଚନୀ ସମୀକ୍ଷା

# ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ଅଧିକ ଫୋର୍ସ ମୁତୟନ ହେବ

ସମ୍ବଲପୁର,୨୮।୩(ବ୍ୟୁରୋ)



ସମ୍ବଲପୁରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା।

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ପୋଲିସ ଡିଆଇଜିଙ୍କ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସ ଓ ସିଆରପିଏଫ୍ ଅଧିକାରୀମାନେ ସାମିଲ ହୋଇଥିଲେ। ଅବାଧ, ମୁକ୍ତ ତଥା ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଡିଜିପି ଶର୍ମା ଗୁରୁତ୍ୱାରୋପ କରିଥିଲେ। ନିଶାଦ୍ରବ୍ୟ, ବନ୍ଧୁକ ଓ ଟଙ୍କା କାରବାର ଉପରେ କଡ଼ା ନଜର ରଖାଯାଇଛି। ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀର ଜିଲାରେ କେତୋଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ସେହି ମତଦାନ କେନ୍ଦ୍ରଗୁଡ଼ିକରେ ଅଧିକ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ନିର୍ବାଚନ ପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ପ୍ରତ୍ୟେକ ବୁଥ୍‌ରେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଆବଶ୍ୟକ ପଡ଼ିଲେ ଅତିରିକ୍ତ ଫୋର୍ସ ମଧ୍ୟ ନିୟୋଜିତ ହେବେ। ସିଆର୍‌ପିଏଫ୍, ଆଇଆର୍‌ବିକୁ ମଧ୍ୟ ନିର୍ବାଚନରେ ନିୟୋଜନ କରାଯିବ। ଉତ୍ତରାଞ୍ଚଳ ପୋଲିସ ରେଞ୍ଜ୍ ଅଧୀନ ୫ ଜିଲାରେ ୨ ପର୍ଯ୍ୟାୟରେ ମତଦାନ ହେଉଛି। ଏଥିରେ ୧୮ ବିଧାନସଭା କ୍ଷେତ୍ର ରହିଛି। ଜିଲା ୱାରି ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଡିଜିପି ଶର୍ମା କହିଥିଲେ।

ବୈଠକରେ ଏସ୍‌ଡିଜି ସୁନୀଲ କୁମାର ରାୟ, ଏଡିଜି ଆର୍.ପି. କୋଚେ, ଏଡିଜି ସଞ୍ଜୀବ ପଣ୍ଡା, ଏଡିଜି ଘନଶ୍ୟାମ ଉପାଧ୍ୟାୟ, ଏସ୍‌ଆଇ/ଜିଡି ଆର୍ ଶିଆଲ, ସିଆର୍‌ପିଏଫ୍ ଆଇଜି ଭିଠୁଲ କୁମାର, ସିଆର୍‌ପିଏଫ୍ ଅଧିକାରୀ ମୌଳି ମୋହନ କୁମାର, ଉପେନ୍ଦ୍ର ପ୍ରଧାନ, ଡି.ପି. ମହାନ୍ତି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରାଙ୍କ ସମେତ ୫ ଜିଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ । ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର । ପ୍ରକୃତିକୁ ମଧ୍ୟ ବାଧ କର– ସେ ଯେପରି ତୁମର ଅନ୍ତର୍ଯାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ । –ଶ୍ରୀଅରବିନ୍ଦ



# ରାଜନୈତିକ ଗୁଗ୍‌ଲି

ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବା ବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମତାକୁ ଆସିଲେ ୫୦ ନିୟୁତ ଗରିବ ପରିବାରକୁ ମାସିକ ୬ ହଜାର ଟଙ୍କା ଲେଖାଏ ଦେବାକୁ ଘୋଷଣା କରି ଏକ ରାଜନୈତିକ ଗୁଗ୍‌ଲି ମାରିଛନ୍ତି । ଆଜିଯାଏ ଭାରତରେ ରାଜନୈତିକ ଦଳଗୁଡ଼ିକ ଯେତେସବୁ ବଡ଼ ବଡ଼ ଘୋଷଣା କରିଛନ୍ତି, ଏହା ସେ ସବୁକୁ ବଳିଗଲା । ଉକ୍ତ ପ୍ରସ୍ତାବିତ ନ୍ୟୂନତମ ଆୟ ଯୋଜନା (ଏନ୍‌ୱାଇଏୱାଇ)ର ଲକ୍ଷ୍ୟ ହେଉଛି ଦେଶର ଦରିଦ୍ର ପରିବାରଗୁଡ଼ିକ ମଧ୍ୟରୁ ୨୦ ପ୍ରତିଶତ ଦରିଦ୍ରତମ ପରିବାରକୁ ବାର୍ଷିକ ୭୨,୦୦୦ ଟଙ୍କା ଲେଖାଏ ଦିଆଯିବ । ଏହା ଏକ ଜନାକର୍ଷଣକାରୀ ଯୋଜନା ଏବଂ ଯଦି ରାହୁଲ ଜିତନ୍ତି ଓ ଏ ଯୋଜନା କାର୍ଯ୍ୟକାରୀ କରନ୍ତି ତେବେ ବାର୍ଷିକ ଏ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ଯେତିକି ଖର୍ଚ୍ଚ ହେଉଛି ତା'ର ପ୍ରାୟ ଛଅଗୁଣ । ପୁଣି ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଏହି ଘୋଷଣା ଏକ ମୋଡ଼ ପରିବର୍ତ୍ତନକାରୀ ବିନ୍ଦୁରେ ପରିଣତ ହେବାକୁ ଯାଉଛି । ଅନ୍ୟ ରାଜନୈତିକ ଦଳ ବିଶେଷତଃ ଭାରତୀୟ ଜନତା ପାର୍ଟି କଂଗ୍ରେସର ଏହି ଘୋଷଣାକୁ ପ୍ରତିହତ କରିବା ପାଇଁ ତୁରନ୍ତ ଏକ ଅନୁରୂପ ବା ବଡ଼ ଯୋଜନା ଘୋଷଣା କରିପାରେ । ଆଶା କରାଯାଉଥିଲା ବୁଧବାର ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଯେଉଁ ଉଦ୍‌ବୋଧନ ଦେବାର ଥିଲା, ସେଥିରେ ସେ ଏହିପରି କିଛି ବା ତା'ଠାରୁ ବଡ଼ କିଛି ଘୋଷଣା କରିବେ । ମାତ୍ର ସେ ତାହା କରିନାହାନ୍ତି । ଯେଉଁ ରାଜନୈତିକ ଦଳ ନିର୍ବାଚନରେ ଜିତିବା ନେଇ ସନ୍ଦିହାନ ଅଛନ୍ତି ବା ଜିତିବାର ଆଶା ହରାଇ ସାରିଛନ୍ତି ସେମାନେ ହିଁ କେବଳ ଏପରି ପପୁଲିଷ୍ଟ (ଜନାକର୍ଷକ) ଘୋଷଣା କରିପାରନ୍ତି ।

ପିଏମ୍‌–କିଷାନ ଯୋଜନାରେ ଏନ୍‌ଡିଏ ସରକାର ପ୍ରତି ହିତାଧିକାରୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ଦେବା ଆରମ୍ଭ କରିସାରିଛନ୍ତି । କିନ୍ତୁ ଏ ଯୋଜନା ପ୍ରତି ଦେଶରେ ବିଶେଷତଃ ଓଡ଼ିଶା ଓ ତେଲେଙ୍ଗାନା ପରି ରାଜ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିନାହିଁ କାରଣ ଉକ୍ତ ରାଜ୍ୟଗୁଡ଼ିକରେ ରାଜ୍ୟ ସରକାର ଏହାଠାରୁ ଭଲ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କୃଷିଋଣ ଛାଡ଼ ଘୋଷଣା କରି କଂଗ୍ରେସ ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିପାରିଛି । ସାରା ଦେଶରେ ନିର୍ବାଚନ ଜିତିବା ପାଇଁ ଦଳ ଏବେ ଏହାକୁ ଆୟୁଧ କରିବାକୁ ଆରମ୍ଭ କରିଛି । ଦଳ ଏ ପର୍ଯ୍ୟନ୍ତ ଏ ଯୋଜନା ବାବଦରେ ସବିଶେଷ ଘୋଷଣା କରିନାହିଁ । ଦେଶର ଦରିଦ୍ରତମ ପରିବାରଗୁଡ଼ିକୁ ବାର୍ଷିକ ଯେଉଁ ୩.୬ ଲକ୍ଷ କୋଟି ଟଙ୍କା ଦେବାକୁ ଘୋଷଣା କରିଛି ତାହା ୨୦୧୯–୨୦ କେନ୍ଦ୍ର ବଜେଟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଆକଳିତ ଖର୍ଚ୍ଚର ପ୍ରାୟ ଦୁଇଗୁଣ ଏବଂ ସାର ସବ୍‌ସିଡିର ପ୍ରାୟ ୫ ଗୁଣ ହେବ । କଂଗ୍ରେସ ଏତେ ଟଙ୍କା କେଉଁଠୁ ଆଣି ଗରିବ ଲୋକଙ୍କୁ ବାଣ୍ଟିବ, ସେ ବାବଦରେ କିଛି କହିନାହିଁ । ଏହା କ'ଣ ପ୍ରଚଳିତ କିଛି ଯୋଜନାକୁ ବନ୍ଦ କରି ସେ ବାବଦ ଅର୍ଥକୁ ଏନ୍‌ୱାଇଏୱାଇରେ ଖର୍ଚ୍ଚ କରିବ ? ଆଉ ଏକ ସମସ୍ୟା ହେଉଛି ଏହା କିପରି ହିତାଧିକାରୀ ଚୟନ କରିବ । ଦାନରାଶିର ପରିମାଣ ଅତି ବିଶାଳ ହୋଇଥିବାରୁ ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଘଟିଲେ ତାହା ଏକ ବିରାଟ ସାମାଜିକ ଓ ରାଜନୈତିକ ପ୍ରତିକ୍ରିୟା ସୃଷ୍ଟିର କାରଣ ହେବ ।

## ଆଜିର ଅର୍ଥନୀତି

କୁହାଯାଉଛି ଯେ ଏ ଏନ୍‌ୱାଇଏୱାଇ ପଛରେ ଥିବା ଚିନ୍ତାଧାରାର ନିଶ୍ଚୟ କିଛି ମେରିଟ୍‌ ରହିଛି । ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ୍‌ ଏ ଯୋଜନାକୁ ସମର୍ଥନ କରିଛନ୍ତି । ତେଲେଙ୍ଗାନା ଓ ଓଡ଼ିଶା ପରି ରାଜ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ଯେଉଁ ଅର୍ଥରାଶି ଦିଆଯାଉଛି ତାହା ସେମାନଙ୍କ ଦୁଃଖ ଦୂର କରିବାରେ ଅନେକାଂଶରେ ସାହାଯ୍ୟ କରିଛି । ସୁତରାଂ ଯଦି ଏନ୍‌ୱାଇଏୱାଇ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଏ, ତା'ହେଲେ ଗ୍ରାମୀଣ ଅଞ୍ଚଳରେ କିଣାବିକା ବୃଦ୍ଧିପାଇବ । ଗରିବ ପରିବାରଟିଏ ଯଦି ୭୨,୦୦୦ ଟଙ୍କା ପାଏ, ତେବେ ତାଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ଋଣ ପରି କେତେକ ମୌଳିକ ସମସ୍ୟାର ସମାଧାନ ହୋଇପାରିବ । ଗ୍ରାମୀଣ ଅଞ୍ଚଳରେ ଲୋକଙ୍କ ପାଖରେ ଅଧିକ ଟଙ୍କା ରହିବାରୁ ଚାହିଦା ବୃଦ୍ଧିପାଇବ, ଯାହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ଘଟିବ । ଅନ୍ୟପକ୍ଷରେ ଶ୍ରମ ବଜାର ସଙ୍କୁଚିତ ହୋଇଯିବ । ଟଙ୍କିକିଆ ଚାଉଳ ଯୋଜନା ଆରମ୍ଭ ହେବା ପରେ ଯେମିତି କୃଷିକ୍ଷେତ୍ରରେ କାମକରିବା ପାଇଁ ଶ୍ରମିକଙ୍କ ଅଭାବ ଦେଖାଦେଲା, ଠିକ୍‌ ସେମିତି ମାଗଣାରେ ଏପରି ବିପୁଳ ଅର୍ଥ ପାଇବା ପରେ ଆହୁରି ଅନେକ ଶ୍ରମିକ ଆଉ ବିଲରେ ବା ଅନ୍ୟ ଶ୍ରମମୂଳକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଅନିଚ୍ଛା ପ୍ରକାଶ କରିବେ । ଶ୍ରମିକ ନ ମିଳିଲେ ଗ୍ରାମାଞ୍ଚଳରେ ମଜୁରି ବୃଦ୍ଧି ପାଇବ, ଯାହା ଦେଶର କୃଷକମାନଙ୍କ ପାଇଁ ଏକ ଦୁଇଧାର ବିଶିଷ୍ଟ ଖଣ୍ଡା ପରି ହେବ । ଏ ଯୋଜନା ହୁଏତ ଏବେ କଳ୍ପନା ସ୍ତରରେ ରହିଛି, ମାତ୍ର ରାହୁଲ ଗାନ୍ଧୀଙ୍କର ଏ ରାଜନୈତିକ ଗୁଗ୍‌ଲି ଏବେ ବାଲାକୋଟ ଘଟଣା ପରେ ବାହାବା ନେଇ ଜାତୀୟ ମନସ୍ତତ୍ତ୍ୱକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରୁଥିବା ଏନ୍‌ଡିଏ ମେଣ୍ଟକୁ ଅଡୁଆରେ ପକାଇଦେଇଛି । ଯାହା କୁହାଯାଉ ବା କରାଯାଉ ନା କାହିଁକି ସରକାରୀ ସହାୟତା କେବଳ ସହାୟତା ମାତ୍ର । ଦେଶର ଦାରିଦ୍ର୍ୟ ସହ ଲଢ଼ିବା ପାଇଁ ତାହାକୁ କେବେହେଲେ ରଜତ ଗୁଳି ଭାବେ ବ୍ୟବହାର କରାଯାଇପାରିବ ନାହିଁ ।



# ଜନସଂଖ୍ୟା ତତ୍ତ୍ୱ ଓ ପୂର୍ବ ଭାରତ

ଶରତ ଚନ୍ଦ୍ର ମିଶ୍ର

ସ୍ୱାଧୀନତା ପରଠାରୁ ଓ ବିଶେଷତଃ ବାଂଲାଦେଶ ସୃଷ୍ଟି ହେବା (୧୯୭୧) ପରଠାରୁ ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ଆନୁପାତିକ ଭାବେ ମୁସଲମାନଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି । ଏହି ଧାରା ଅପରିବର୍ତ୍ତିତ ରହିଲେ, ଆଗାମୀ କେତେବର୍ଷରେ ଏହି ଦୁଇ ରାଜ୍ୟରେ ମୁସଲମାନମାନେ ସଂଖ୍ୟାଧିକ ହୋଇଯିବାର ଆଶଙ୍କା ଅଛି ଓ ସେପରି ଏକ ସ୍ଥିତିରେ ସଂଖ୍ୟାଧିକ ମୁସଲମାନ ରାଜ୍ୟଗୁଡ଼ିକ ପଡ଼ୋଶୀ ମୁସଲମାନ ସଂଖ୍ୟାଧିକ ଦେଶ ବାଂଲାଦେଶ ସହିତ ମିଶି ଏକ ବୃହତ୍ତର ମୁସଲିମ୍‌ ବଙ୍ଗ ଦେଶ ନିମନ୍ତେ ଆନ୍ଦୋଳନ କରିବା ସମ୍ଭବପର ।

ସ୍ୱାଧୀନତା ପୂର୍ବରୁ ବଙ୍ଗପ୍ରଦେଶ ଅବିଭକ୍ତ ଭାରତର ସବୁଠାରୁ ଜନବହୁଳ ପ୍ରଦେଶ ଥିଲା ଓ ସେ ପ୍ରଦେଶରେ ୧୯୦୧ ଜନଗଣନା ସମୟରୁ ମୁସଲମାନମାନେ ସଂଖ୍ୟାଧିକ ଥିଲେ । ବିଶେଷତଃ ପୂର୍ବବଙ୍ଗ ଅଞ୍ଚଳରେ ଊନବିଂଶ ଶତାବ୍ଦୀରେ ନମଃଶୂଦ୍ର ଓ ବୌଦ୍ଧ ଧର୍ମାବଲମ୍ବୀଙ୍କର ଇସଲାମକୁ ବ୍ୟାପକ ଧର୍ମାନ୍ତରୀକରଣ ହେତୁ ଏ ପରିବର୍ତ୍ତନ ଘଟିଲା । ଦେଶ ବିଭାଜନ ସମୟରେ ତତ୍କାଳୀନ ବଙ୍ଗ ପ୍ରଦେଶର ପ୍ରଧାନମନ୍ତ୍ରୀ ସୁରାୱାର୍ଦ୍ଦି ଓ କଂଗ୍ରେସ ନେତା ଶରତ ଚନ୍ଦ୍ର ବୋଷ (ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବଡ଼ଭାଇ) ବଙ୍ଗପ୍ରଦେଶର ବିଭାଜନ ନ କରି ଏହାକୁ ଏକ ସ୍ୱତନ୍ତ୍ର ଦେଶ କରିବା ନିମନ୍ତେ ତତ୍କାଳୀନ ବଡ଼ଲାଟ ମାଉଣ୍ଟ ବେଟେନଙ୍କ ପାଖରେ ଦାବି କରିଥିଲେ । ଏ ଦାବି କଂଗ୍ରେସ ନେତା ଓ ମୁସଲିମ ନେତା ଜିନ୍ନାଙ୍କ ପାଖରେ ଗ୍ରହଣୀୟ ନ ହେବାରୁ ବଙ୍ଗପ୍ରଦେଶର ବିଭାଜନ ହେଲା । ବିଭାଜନ ସମୟରୁ ଆଜି ପର୍ଯ୍ୟନ୍ତ ରାଜନୈତିକ ଓ ସାମାଜିକ ଚାପ ସହ୍ୟ କରି ନ ପାରି ହିନ୍ଦୁମାନେ ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ) ଛାଡି ଭାରତ ଚାଲି ଆସୁଛନ୍ତି ଓ ସ୍ୱାଧୀନତା ସମୟରେ ପୂର୍ବବଙ୍ଗ ଅଞ୍ଚଳରେ ହିନ୍ଦୁମାନେ ପ୍ରାୟ ୩୦% ଥିଲାବେଳେ, ବର୍ତ୍ତମାନ ବାଂଲାଦେଶରେ ଏହା ୮.୫%କୁ ଖସିଆସିଲାଣି । ଏହି ଦେଶତ୍ୟାଗୀ ହିନ୍ଦୁମାନଙ୍କୁ ୧୯୭୧ ପର୍ଯ୍ୟନ୍ତ ଶରଣାର୍ଥୀ ଭାବେ ଭାରତ ଗ୍ରହଣ କରୁଥିଲା । ବାଂଲାଦେଶ ସୃଷ୍ଟି ହେଲା ପରେ ଆଉ ସେମାନଙ୍କୁ ଶରଣାର୍ଥୀର ମାନ୍ୟତା ପ୍ରଦାନ କରାଯାଉନାହିଁ ।

ଏ ଦେଶତ୍ୟାଗର ଧାରା ୧୯୭୧ ପରେ ବଦଳିଯାଇଛି । ହିନ୍ଦୁମାନେ ବାଂଲାଦେଶ ତ୍ୟାଗ କରିବାର ଧାରା ଅବ୍ୟାହତ ରହିବା ସହିତ ବାଂଲାଦେଶୀ ମୁସଲମାନମାନେ ମଧ୍ୟ ବାଂଲାଦେଶ ଛାଡି ଆସି ପଶ୍ଚିମବଙ୍ଗ ଓ ଆସାମରେ ବସବାସ କରୁଛନ୍ତି । ବାଂଲାଦେଶ ପୃଥିବୀର ସବୁଠାରୁ ଜନାକୀର୍ଣ୍ଣ ଦେଶ ଓ ଦେଶର ଜନସଂଖ୍ୟା ବୃଦ୍ଧି ଅନୁପାତ ମଧ୍ୟ ଅଧିକ । ତେଣୁ ରାଜନୈତିକ ଦଳମାନେ ଓ ସରକାର, ମୁସଲମାନ ନାଗରିକମାନଙ୍କୁ ପଡ଼ୋଶୀ ଭାରତ ଓ ବିଦେଶକୁ ଗମନ କରିବା ନିମନ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉତ୍ସାହିତ କରନ୍ତି । ବାଂଲାଦେଶୀ ମୁସଲମାନମାନେ ବର୍ତ୍ତମାନ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଆସାମର ନିଜ ଧର୍ମାବଲମ୍ବୀଙ୍କଠାରୁ ଚୋରାରେ ଭାରତ ଆସି ବସବାସ କରିବାକୁ ସାହାଯ୍ୟପ୍ରାପ୍ତ ହେଉଛନ୍ତି । ଭୋଟ ଆଶାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କୁ ନାଗରିକତ୍ୱ, ଭୋଟର ପରିଚୟପତ୍ର, ରାଶନ କାର୍ଡ ଆଦି ପାଇବାରେ ସାହାଯ୍ୟ କରୁଛନ୍ତି । ପଶ୍ଚିମବଙ୍ଗରେ ଉଭୟ ସିପିଏମ୍‌ ଓ ତୃଣମୂଳ କଂଗ୍ରେସ ସଂଖ୍ୟାଲଘୁ ଭୋଟ ପ୍ରାପ୍ତି ଆଶାରେ ଏଇ ବେଆଇନ ପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତି । କଂଗ୍ରେସ ବହୁକାଳ (୧୯୭୭) ପଶ୍ଚିମବଙ୍ଗରେ କ୍ଷମତାରେ ନ ଥିବାରୁ ଏଇ ବେଆଇନ ପ୍ରବେଶକାରୀମାନେ କଂଗ୍ରେସ ସହିତ ସମ୍ପର୍କ ସ୍ଥାପନରେ ଆଗ୍ରହୀ ନୁହନ୍ତି । ସରକାରୀ ଗଣନା ଅନୁଯାୟୀ, ପ୍ରାୟ ୬୭୪ଜଣ ବାଂଲାଦେଶୀ ପ୍ରତିଦିନ ଭାରତରେ ଅନୁପ୍ରବେଶ କରୁଛନ୍ତି । ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଇସଲାମ ଧର୍ମାବଲମ୍ବୀ ।

ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କ ହେତୁ ଏହା ବର୍ତ୍ତମାନ ଭାରତର ସବୁଠାରୁ ଜନାକୀର୍ଣ୍ଣ ରାଜ୍ୟ । ପ୍ରତି ବର୍ଗ କିଲୋମିଟରରେ ୧୦୨୯ ଜଣ ଲୋକ ବାସ କରୁଛନ୍ତି । ପଶ୍ଚିମବଙ୍ଗ ଦେଶର ଭୂଭାଗର ମାତ୍ର ୨.୨୭ ଭାଗ ଅଧିକାର କରୁଥିବା ସ୍ଥଳେ, ଦେଶର ଶତକଡା ୮ ଭାଗ ଲୋକ ଏଠାରେ ବାସକରୁଛନ୍ତି । ବିଗତ ଷାଠିଏ ବର୍ଷରେ (୧୯୫୧–୨୦୧୧) ପଶ୍ଚିମବଙ୍ଗରେ ହିନ୍ଦୁ ଜନସଂଖ୍ୟା ୨.୩ ଗୁଣ ବୃଦ୍ଧି ପାଇଛି । ପକ୍ଷାନ୍ତରେ ମୁସଲମାନ ସଂଖ୍ୟା ୪ ଗୁଣ ବୃଦ୍ଧି ପାଇଛି । ଫଳତଃ ପଶ୍ଚିମବଙ୍ଗରେ ୧୯୫୧ରେ ହିନ୍ଦୁମାନଙ୍କ ସଂଖ୍ୟା ୭୮.୪୫% ଥିଲାବେଳେ ୨୦୧୧ରେ ଏହା ୭୦.୫୪%କୁ ହ୍ରାସ ପାଇଛି । ଅନ୍ୟପକ୍ଷରେ ମୁସଲମାନ ସଂଖ୍ୟା ୧୯୫୧ରେ ୧୯.୮୫%ରୁ ୨୦୧୧ରେ ୨୭.୦୧%କୁ ବୃଦ୍ଧିପାଇଛି । ମୁସଲମାନମାନେ ଜନ୍ମ ନିୟନ୍ତ୍ରଣ ପାଳନ ନ କରିବା ଅନ୍ୟ ଏକ କାରଣ । ବହୁସଂଖ୍ୟାରେ ହିନ୍ଦୁ, ପୂର୍ବବଙ୍ଗ ଛାଡି ପଶ୍ଚିମବଙ୍ଗକୁ ଆସିବା ସତ୍ତ୍ୱେ ହିନ୍ଦୁ ଜନସଂଖ୍ୟା ପ୍ରାୟ ଶତକଡା ୭ ଭାଗ ହ୍ରାସ ପାଇବା ଉଦ୍‌ବେଗଜନକ ।

ଆସାମରେ ମୁସଲମାନମାନଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି । ବାଂଲାଦେଶ ସୃଷ୍ଟି (୧୯୭୧) ହେଲା ପରେ, ଏ ଧାରା ଅତିମାତ୍ରାରେ ବୃଦ୍ଧିପ୍ରାପ୍ତ ହୋଇଛି । ଆସାମରେ ୧୯୭୧ ରେ ହିନ୍ଦୁଙ୍କ ସଂଖ୍ୟା ୭୨.୮୩% ଥିଲାବେଳେ, ୨୦୧୧ରେ ଏହା ୬୧.୪୭% କୁ ହ୍ରାସ ପାଇଛି । ପକ୍ଷାନ୍ତରେ ମୁସଲମାନଙ୍କ ସଂଖ୍ୟା ୧୯୭୧ ମସିହାରେ ୨୪.୫୬% ଥିଲା ବେଳେ ୨୦୧୧ରେ ଏହା ୩୪.୨୨%କୁ ବୃଦ୍ଧି ପାଇଛି । ବର୍ତ୍ତମାନ ଇସଲାମଧର୍ମୀମାନେ ଆସାମ ଜନସଂଖ୍ୟାର ଏକ ତୃତୀୟାଂଶରୁ ଅଧିକ । ବିଗତ ୪୦ ବର୍ଷ (୧୯୭୧–୨୦୧୧) ମଧ୍ୟରେ ୯ଟି ଜିଲାରେ ମୁସଲମାନମାନେ ସଂଖ୍ୟାଧିକ, ଯଦିଓ ୧୯୭୧ରେ କୌଣସି ଜିଲାରେ ସେମାନେ ସଂଖ୍ୟାଧିକ ନ ଥିଲେ । ସେଇ ଜିଲାଗୁଡିକ ହେଲା ଧୁବ୍ରୀ (୮୦%), ଗୋଆଲପଡ଼ା (୫୮%), ବାର୍‌ପେଟା (୭୧%), ମୋରିଗାଓଁ (୫୩%), ନୂଆଗାଓଁ (୫୫%), କରିମଗଞ୍ଜ (୫୬%), ହାଇଲାକାଣ୍ଡି (୬୧%), ଦରାଙ୍ଗ (୬୪%) ଓ ବଙ୍ଗାଇଗାଓଁ (୫୧%) । ଏଇ ମୁସଲମାନ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସମସ୍ୟା ଉଦ୍‌ବେଗଜନକ ବୋଲି ଆସାମର ତତ୍କାଳୀନ ରାଜ୍ୟପାଳ ଜେନେରାଲ ଏସ୍‌.କେ. ସିହ୍ନା କେନ୍ଦ୍ର ସରକାରଙ୍କର ଦୃଷ୍ଟିଆକର୍ଷଣ କରି ପ୍ରତିକାର କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ । ଆସାମର ଭୂମିଧାରୀମାନେ ଗରିବ ମୁସଲମାନମାନଙ୍କୁ କୃଷିଶ୍ରମିକ ଭାବେ ନିଯୁକ୍ତି ପ୍ରଦାନ କରନ୍ତି । ଏଇ ଶ୍ରମିକମାନଙ୍କୁ ଆସାମରେ ମଇମନସିଂଘା ବୋଲି କୁହାଯାଏ । ଏମାନେ କିଛିକାଳ ମଧ୍ୟରେ ଆସାମରେ ସ୍ଥାୟୀ ବାସିନ୍ଦା ହୋଇଯାଆନ୍ତି ।

ଆସାମରେ ବହିରାଗତଙ୍କ ବିରୋଧରେ ଗଣଆନ୍ଦୋଳନ ଓ ବ୍ୟାପକ ହିଂସାକାଣ୍ଡ କିଛିବର୍ଷ ତଳେ ହୋଇଥିଲା । ଟ୍ରିବ୍ୟୁନାଲ ଗଠନ କରି, ବେଆଇନ ବହିରାଗତମାନଙ୍କୁ ଚିହ୍ନଟ କରି, ତାଙ୍କ ଦେଶକୁ ଫେରାଇଦେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହା କିନ୍ତୁ ଫଳପ୍ରଦ ହେଲାନାହିଁ । ବାଂଲାଦେଶରୁ ବେଆଇନ ଭାବେ ଲୋକ ଭାରତରେ ପ୍ରବେଶ କରୁଛନ୍ତି ବୋଲି ବାଂଲାଦେଶ ସରକାର ସ୍ୱୀକାର କରେନାହିଁ ଓ ଆଇନଗତ ଭାବେ ବେଆଇନ ପ୍ରବେଶକାରୀ ବୋଲି ଘୋଷିତ ହେଲେ ମଧ୍ୟ ସେମାନଙ୍କୁ ଫେରାଇ ନେବା ନିମନ୍ତେ ରାଜି ହୁଏନାହିଁ ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କର ନୂତନ ନାଗରିକ ଆଇନ(୨୦୧୬)କୁଆସାମରେବିରୋଧକରାଯାଉଛି । ଆସାମବାସୀଙ୍କର ଆଶଙ୍କା ଯେ, ଏତଦ୍ୱାରା ଅଧିକ ବଙ୍ଗାଳୀ ହିନ୍ଦୁ ଆସାମରେ ନାଗରିକତ୍ୱ ପ୍ରାପ୍ତ ହେବେ । ବଙ୍ଗାଳୀ ହିନ୍ଦୁମାନେ ଆସାମରେ ଅଲୋଡ଼ା ।

ବର୍ତ୍ତମାନର ପଶ୍ଚିମବଙ୍ଗ ସରକାର ମୁସଲମାନ ସଂଖ୍ୟା ବୃଦ୍ଧି, ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରତି ବିଶେଷ ସଚେତନ ନୁହନ୍ତି । ବର୍ତ୍ତମାନର ସରକାରୀ ଦଳ ମୁସଲମାନମାନଙ୍କୁ ଭୋଟ ବ୍ୟାଙ୍କ କରିବାରେ ଅଧିକ ପ୍ରୟାସୀ । ଆସାମରେ ମୁସଲମାନ ଅପେକ୍ଷା ବଙ୍ଗାଳୀ ବିରୋଧୀ ମନୋଭାବ ଅଧିକ । ଦୁଇ ରାଜ୍ୟ ସରକାର ଅଦୂରଦର୍ଶୀ ଦୃଷ୍ଟିକୋଣ ପରିହାର କରି ଭବିଷ୍ୟତ ନିମନ୍ତେ ସଜାଗ ରହିବା ଆବଶ୍ୟକ ।

ମୋ–୯୯୩୭୪୨୨୫୨୧



# କୁହୁ କୁହୁ କୋଇଲି

ସଂଗ୍ରାମ କେଶରୀ ପୃଷ୍ଟି

କୁହୁ କୁହୁ– ଯାହାର ଏ ମଧୁର କୂଜନ ପ୍ରତିଟି ପ୍ରାଣକୁ କରେ ଉଲ୍ଲସିତ, ହୃଦୟରେ ଭରିଦିଏ ସ୍ପନ୍ଦନ, ଦେହରେ ଭରିଦିଏ ରୋମାଞ୍ଚ– ସେ ଏ ସଂସାରର ମଧୁରକଣ୍ଠୀ କୋଇଲି ଛଡ଼ା ଆଉ କିଏ ହୋଇପାରେ । କଳାରୂପର ଆବରଣ ତଳେ ତା'ର ଏ ଅସାମାନ୍ୟ ଅଦୃଶ୍ୟ ସୌନ୍ଦର୍ଯ୍ୟ ହିଁ ତା ବୈଚିତ୍ର୍ୟ । ସେଥିପାଇଁ ତ ପକ୍ଷୀ ଜଗତରେ ତା' ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ପିକ, କୋକିଳ, କଳକଣ୍ଠ ଆଦି ନାମରେ ପରିଚିତ କୋଇଲିର ଭିନ୍ନ ଏକ ବିଶେଷତା ହେଲା, ସେ କେବଳ ଋତୁରାଜ ବସନ୍ତରେ ହିଁ କୁହୁତାନ କରିଥାଏ । ବସନ୍ତ ଓ ମଳୟ ସହିତ ତା'ର ଏକ ଆତ୍ମୀୟତା ଓ ନିବିଡ଼ତା ସମସ୍ତଙ୍କୁ କରିଥାଏ ମନ୍ତ୍ରମୁଗ୍ଧ । ତମାମ ବର୍ଷ ନୀରବିଯାଇଥିବା ତା' ସ୍ୱର କେବଳ ବସନ୍ତରେ ଝଂକୃତ ହେବା ବିଚିତ୍ର ନୁହେଁ ତ ଆଉ କ'ଣ । କୋଇଲିର ରାବ ମଣିଷ ପାଇଁ ସଙ୍ଗୀତଟିଏ । କୁହୁ କୁହୁ ହେଉଛି ତା' ସଙ୍ଗୀତର ଧୂନ୍‌ । ସେଥିପାଇଁ ତ କୁହାଯାଏ– କଳା କୋଇଲିର ଗୀତ ମିଠା ।

ବସନ୍ତ ସହିତ କୋଇଲିର କାହିଁକି ଏ ଆତ୍ମୀୟତା ! କାହିଁକି ମଳୟ ଛୁଆଁରେ ସେ ହୋଇଯାଏ ଆନମନା । କେଉଁ ଭରସାରେ ତା' ପାଖରେ ବଖାଣିବସେ ନିଜ ମନକଥା । କାହା ପାଇଁ ତା'ର ଏ ମଧୁର ମୂର୍ଚ୍ଛନା । ସମ୍ଭବତଃ ବନ୍ଧୁପଣିଆ ପାଇଁ ସିନା । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ:

''ବନ୍ଧୁ ନିକଟରେ ମନ କଥା ପରା କହିବାକୁ ଲାଗେ ସୁଖ,
ତହିଁ ପାଇଁ ସିନା ବସନ୍ତ ନିକଟେ ପିକ ହୁଏ ବାବଦୂକ ।''

ପକ୍ଷୀ ଜଗତର ଅନନ୍ୟ ଶିଳ୍ପୀଟିଏ, ମଧୁମୟ ଛନ୍ଦଟିଏ– କୋଇଲି । ତା'ର ଅନନ୍ୟ ଆକର୍ଷଣ କାରଣରୁ ସାହିତ୍ୟ, ସଙ୍ଗୀତ ଓ ସଂସ୍କୃତି ଆଦିରେ ତାକୁ ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସୁନ୍ଦର କଣ୍ଠଥିବା ନାରୀଙ୍କୁ କୋକିଳକଣ୍ଠୀ ଓ ପୁରୁଷଙ୍କୁ କୋକିଳକଣ୍ଠର ଆଖ୍ୟା ଦିଆଯାଏ । ଏ ପ୍ରସଙ୍ଗରେ ମନକୁ ଆସେ ସରୋଜିନୀ ନାଇଡୁଙ୍କ କଥା । ମଧୁର ସ୍ୱର ବିଶିଷ୍ଟ ନାରୀ 'କୋକିଳଭାଷିଣୀ' ଭାବରେ ପରିଚିତ ହୋଇଥାନ୍ତି । ସେହିପରି ସାହିତ୍ୟରେ ଯଶୋଦାଙ୍କ ମନର ବ୍ୟଥାକୁ କୋଇଲି ଆଗରେ ପ୍ରକାଶ କରିବାକୁ ଯାଇ କବି ମାର୍କଣ୍ଡ ଦାସ ଲେଖିଛନ୍ତି:

''କୋଇଲି ଲୋ କେଶବ ଯେ ମଥୁରାକୁ ଗଲା,
କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା ଲୋ କୋଇଲି... ।''

ନିଜମନରବ୍ୟଥା, ବେଦନା, ଆବେଗ, ଅନୁରାଗ ପ୍ରକାଶ କରିବାର ମାଧ୍ୟମ ଭାବରେ କୋଇଲିକୁ ଗ୍ରହଣ କରିବା ହିଁ ତାକୁ କରିଛି ଗୌରବାନ୍ୱିତ ।

ବହୁଚର୍ଚ୍ଚିତ କୋଇଲିକୁ ପ୍ରାଣୀ ବିଜ୍ଞାନରେ ୟୁଡିନାମିସ ସ୍କୋଲୋପ୍ସାମିଆ ବୋଲି କୁହାଯାଏ । ୩୯ରୁ ୪୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ଛୋଟ ପକ୍ଷୀଟିର ଲାଞ୍ଜ ଲମ୍ବା ହୋଇଥିବା ବେଳେ ପରରେ ସାମାନ୍ୟ ଚିହ୍ନ ଦେଖିବାକୁ ମିଳିଥାଏ । ତା' ଛୋଟ ଓ ମୁନିଆ ଥଣ୍ଟ ବେଶ୍‌ ଆକର୍ଷଣୀୟ । ଅଣ୍ଡିରା କୋଇଲି ଗାଢ଼ କଳା ହୋଇଥିବା ବେଳେ ମାଈ କୋଇଲି ଗାଢ଼ ଧୂସର ରଙ୍ଗବିଶିଷ୍ଟ ହୋଇଥାଏ ।

ମାଈ କୋଇଲିର ଥଣ୍ଟ ସବୁଜ ଓ ଆଖି ଲାଲ । ଭାରତ, ଏସିଆ ଓ କେତେକ ୟୁରୋପୀୟ ଦେଶରେ ପ୍ରାୟ ୫୩ ପ୍ରଜାତିର କୋଇଲି କୁକୁଲିନେ ଭାବେ ପରିଚିତ । ମୁଖ୍ୟତଃ କଳା କୋଇଲି, ଭାରତୀୟ କୋଇଲି, ଆଫ୍ରିକୀୟ ଏବଂ ହିମାଳୟ କୋଇଲି, ପ୍ରାଚ୍ୟ କୋଇଲି, ସୁଦାନ ଓ ମାଡାଗାସ୍କାର କୋଇଲି ଏହି ଜାତିର ଅନ୍ତର୍ଭୁକ୍ତ ।

ମାତା ଯଶୋଦା, କୌଶଲ୍ୟା ଓ ସୀତା ଅନୁଭବୀ କୋଇଲି ପାଖରେ ନିଜର ଦୁଃଖ ବ୍ୟକ୍ତ କରିଛନ୍ତି, ଯାହା ଓଡ଼ିଆ ସାହିତ୍ୟକୁ କରିଛି ଋଦ୍ଧିମନ୍ତ । କବି ଶଙ୍କର ଦାସ କୌଶଲ୍ୟାଙ୍କ ପୁତ୍ରବିଚ୍ଛେଦ ଶୋକ ବ୍ୟକ୍ତ କରିବାକୁ ଯାଇ 'ବାରମାସୀ କୋଇଲି' ପୁସ୍ତକରେ ବର୍ଣ୍ଣନା କରିଛନ୍ତି:

''କୋଇଲି ଶୁଣ ଲୋ ! ବଇଶାଖୀ ଖରା ଚାହିଁ
ବାହାରକୁ ଯାଏ ନୋହି ।
କେଉଁ ବୃକ୍ଷ ମୂଳେ ଜୀବନ ବିକଳେ ଥିବ ମୋର
ପୁତ୍ର ରହି ଲୋ... ।''

କୋଇଲିର ସ୍ୱଭାବ ଓ ଆକର୍ଷଣୀୟ ତାନ କାରଣରୁ ସାହିତ୍ୟରେ କୋଇଲି, ଜଗନ୍ନାଥ ସଂସ୍କୃତିରେ କୋଇଲି ବୈକୁଣ୍ଠ, ଆମ୍ବ ଭିତରର ଧଳା କୋଇଲି ମଧ୍ୟ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଛି । ଧଳା କୋଇଲି ସହ ଜନ୍ମଜନ୍ମାନ୍ତରର ସମ୍ପର୍କ କାରଣରୁ ସମ୍ଭବତଃ କୋଇଲି ଆମ୍ରବୃକ୍ଷର ମାୟା ଛାଡ଼ି ନ ପାରି ସେଠି ବସି କୂଜନ କରୁଛି । ଏ ଆତ୍ମୀୟତା କାରଣରୁ ଆମ୍ବଗଛର ଅନ୍ୟନାମ ହେଉଛି–କୋକିଳାବାସ । ସେହିପରି କୋଇଲିବାଇ ଏକ ଜାତୀୟ ଧାନର ନାମ । ବିବାହ ଦିବସର ପ୍ରତ୍ୟୁଷରେ କନ୍ୟାର ସ୍ନାନକୁ କୋଇଲି ବୁଡ଼ କୁହାଯାଏ ।

ଏସବୁ ସଫଳତା ସତ୍ତ୍ୱେ କୋଇଲିକୁ ସହିବାକୁ ପଡ଼େ ଅପନିନ୍ଦା । କାହିଁକିନା ସେ କାଉବସାରେ ଅଣ୍ଡା ଦିଏ । ସେଇଠି ହିଁ ଅଣ୍ଡାରୁ ଛୁଆ ଫୁଟେ । କାଉ ଏହା ଜାଣି ନ ପାରି କୋଇଲି ଶାବକକୁ ଲାଳନ ପାଳନ କରେ । ହେଲେ ଛୁଆ ବଡ଼ ହେଲେ ଫୁରର୍‌ କିନା ଉଡ଼ି ଚାଲିଯାଏ । ଏ ବୈଚିତ୍ର୍ୟ କ୍ରମରେ କାଉ ପ୍ରତି କୋଇଲିର ବିଶ୍ୱସନୀୟତା, ସମର୍ପଣ ଭାବ ଓ ସାହସିକତାକୁ କିଏ ଭଲା ଅସ୍ୱୀକାର କରିପାରିବ ! ସବୁଠୁ ବିସ୍ମୟକର ପ୍ରସଙ୍ଗ ହେଲା ମାଈ କୋଇଲିର ଏ କାର୍ଯ୍ୟ ପରିପ୍ରେକ୍ଷୀରେ ପୁରୁଷ କୋଇଲି ବିଅଙ୍କ ଥାଏ ।

ନିନ୍ଦା, ଅପବାଦ, ପ୍ରଶଂସା ସବୁକୁ ପଛରେ ପକାଇ ଚିରାଚରିତ ଢଙ୍ଗରେ କୋଇଲି ରାବେ । ଆଉ ଏହାର ଆକର୍ଷଣରେ ହିଁ ବସନ୍ତ ଆସେ । ବିଳାପର ଦୂତ ହେଉ ଅବା ପୂଜାର୍ଚ୍ଚନାର ମାଧ୍ୟମଟିଏ, ଭାବପ୍ରବଣତାର ସ୍ପନ୍ଦନ ହେଉ ବା ହୃଦୟର ମୂର୍ଚ୍ଛନା ଅଥବା ହେଉ ବିଶ୍ୱାସର ସେତୁଟିଏ–ସବୁରି ମନକୁ ଆବୋରି ବସିଥିବା ମଧୁମୟ ଚରିତ୍ରଟିଏ କୋଇଲି । ତା' କୁହୁ କୁହୁ ତାନ ହିଁ ତା' ପାଇଁ ପାଲଟିଯାଇଛି ଶ୍ରେଷ୍ଠ ପରିଚୟ । ପକ୍ଷୀରାଣୀର ସ୍ୱନ କାନରେ ବାଜିଲାକ୍ଷଣି ମୁହଁରୁ ସ୍ୱତଃପ୍ରବୃତ୍ତ ଭାବରେ ଝରିପଡ଼େ– ମାହେନ୍ଦ୍ରବେଳା ଆସିଗଲା । ସମ୍ପ୍ରତି ଦ୍ରୁତ ଜଙ୍ଗଲ ନଷ୍ଟ, ଗାଁଆମ୍ବତୋଟାର ବିନାଶ କାରଣରୁ ବାସ ହରାଇବାକୁ ବସିଛି ଏହି ନିରୀହ ପକ୍ଷୀଟି । ଯଦି ଏ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରା ନ ଯାଏ, ତା' ହେଲେ କୋକିଳର କୂଜନ ଆମ ପାଇଁ ସ୍ୱପ୍ନ ପାଲଟିଯିବ ।

ରାଜକିଶୋର ନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ଗୁଜରାଟର ଆନନ୍ଦ ଜିଲାର ସୋଜିତ୍ରା ତହସିଲ୍‌ର ମାଲାତାଜ୍‌ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା । ବାବୁଭାଇ ପର୍ମାର ନାମକ ଜଣେ ଚାଷୀଙ୍କ ଘରକୁ ରାତିରେ ଏକ ୮ ଫୁଟ ଲମ୍ବର କୁମ୍ଭୀର ପଶିଆସି ଖଟ ତଳେ ରହିଯାଇଥିଲା । ଗୁହାଳେ ଗାଈଙ୍କ ହମ୍ବାରଡ଼ିରେ ବାବୁଭାଇଙ୍କ ନିଦ ଭାଙ୍ଗି ଯାଇଥିଲା । ସେ ମଶାରି ଉଠାଇ ଖଟ ତଳେ ବିରାଟକାୟ କୁମ୍ଭୀର ଦେଖି ଭୟଭୀତ ହୋଇ ଗାଁ ଲୋକଙ୍କୁ ଡାକିଥିଲେ । ଏହାପରେ ବନ ବିଭାଗକୁ ଖବର ଦିଆଯାଇଥିଲା । ବନ ବିଭାଗ ପକ୍ଷରୁ କୁମ୍ଭୀର ଉଦ୍ଧାରକାରୀ ସଦସ୍ୟ ନୀତେଶ ଚୌହାନ ଗର୍ଭବତୀ କୁମ୍ଭୀରକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡ଼ିଥିଲେ । ବର୍ତ୍ତମାନ କୁମ୍ଭୀରଙ୍କ ଅଣ୍ଡା ଦେବା ସମୟ ଥିବାରୁ କୁମ୍ଭୀରଟି ସ୍ଥାନୀୟ ମାଲାତାଜ୍‌ ହ୍ରଦରୁ ବାହାରି ଉକ୍ତ ବ୍ୟକ୍ତିଙ୍କ ଘରେ ପଶିଯାଇଥିବା ଅନୁମାନ କରାଯାଉଛି । ତେବେ ତାଙ୍କ ଶୋଇବା ଘରକୁ କୁମ୍ଭୀର ପଶିଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରିଛି । ଆଉ କେତେବେଳେ କାହା ଘର ପାଖକୁ କୁମ୍ଭୀର ଚାଲିଆସିବ ସେଥିପାଇଁ ସମସ୍ତେ ଭୟଭୀତ ଅଛନ୍ତି । ଏଥିପାଇଁ ବନବିଭାଗ ସଜାଗ ରହିଥିବା ସୂଚନା ମିଳିଛି । ମାଲାତାଜ୍‌ ହ୍ରଦ ନିକଟରେ ମାଲାତାଜ୍‌, ଦେୱା ଏବଂ ପେଟିଲି ଆଦି ଗାଁ ରହିଛି । ତେଣୁ ଲୋକଙ୍କୁ ଖୁବ୍‌ ସତର୍କ ହୋଇ ଚଳିବାକୁ ପଡୁଛି ।

## ଚିରନ୍ତନୀ

ଆଶ୍ରୟହୀନ ସୀମାହୀନ ମହାମରୁ
ମଧ୍ୟେ କେବଳ ଉଭା ଏକ ବଟ ତରୁ
ଏକାକୀ ପଥିକ ବିଶ୍ରାମ ନେବା ଆଶେ
ବହୁ ଦୂର ପଥୁଁ ଆସିଲି ତାହାରି ପାଶେ ।
ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା ।
ପାଶେ ଆସି ତା'ର ପୁଛିଲଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ–
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ !

(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 8 | | | 7 | | | | | B | A | | | |
| | | | 3 | 1 | | | | | 7 | 0 | | 8 | | |
| | | | | D | | | 4 | 3 | | 5 | 6 | | | |
| | | | | | | E | 8 | | 4 | | | 9 | | 2 |
| | 7 | | E | | 6 | 1 | | 2 | | | | 5 | | |
| | 5 | 4 | C | | | 7 | B | | | 2 | 1 | | | |
| | | | | | | | | | | C | 8 | | | 3 |
| 6 | | | | B | | | 0 | 1 | | 7 | | | | |
| | D | B | | | 1 | C | | 9 | 0 | | | | | 4 |
| 1 | | | | | 0 | 4 | A | 6 | | | 9 | D | | |
| | | | A | 7 | | | | 4 | | 6 | E | | 0 | 8 |
| 2 | 4 | D | | 8 | | | | B | | 3 | | 6 | | |
| | | | | | | | | 0 | | | | | C | |
| | C | 1 | | 5 | 4 | 3 | | D | | | | | | |
| 9 | A | 6 | | 3 | | | | | | | 0 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | 5 | 0 | 8 | C | E | B | 4 | 2 | D | 9 | 6 | A | 3 |
| B | D | A | 6 | 2 | 3 | 5 | C | 7 | 8 | 0 | E | 9 | 1 | 4 |
| 4 | 9 | C | 1 | A | E | 3 | 0 | 8 | B | 6 | 7 | 2 | 5 | D |
| 8 | 6 | 2 | B | 7 | 5 | D | 9 | A | 4 | 3 | 1 | 0 | E | C |
| 3 | E | 0 | 4 | D | 9 | 2 | 1 | 6 | C | A | 5 | 7 | B | 8 |
| C | 0 | 9 | D | 3 | 8 | B | 4 | 1 | E | 2 | 6 | 5 | 7 | A |
| 6 | A | 4 | E | C | B | 8 | 2 | 5 | 9 | 7 | 0 | D | 3 | 1 |
| 5 | 3 | 1 | 2 | 0 | 4 | 7 | A | 9 | D | B | C | 8 | 6 | E |
| D | 2 | 7 | 9 | 5 | 1 | 6 | E | 3 | A | 4 | 8 | B | C | 0 |
| E | 8 | B | 7 | 6 | A | 0 | D | C | 5 | 1 | 3 | 4 | 9 | 2 |
| A | 5 | 6 | 8 | 4 | 0 | C | 7 | D | 1 | E | B | 3 | 2 | 9 |
| 1 | 4 | D | C | E | 7 | 9 | 5 | B | 3 | 8 | 2 | A | 0 | 6 |
| 0 | 7 | 8 | 5 | 1 | 2 | 4 | 3 | E | 6 | 9 | A | C | D | B |
| 9 | C | 3 | A | B | 6 | 1 | 8 | 2 | 0 | 5 | D | E | 4 | 7 |
| 2 | B | E | 3 | 9 | D | A | 6 | 0 | 7 | C | 4 | 1 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡରୁ ଝିଅଙ୍କ ନାମ ବାଦ୍‌

ମହାଶୟ,

ପୁରୀ ଜିଲା ସଦର ବ୍ଲକର ଭାଇଲିପୁର ଗ୍ରାମପଞ୍ଚାୟତର ସମସ୍ତ ପରିବାରର ରାଶନ କାର୍ଡରୁ ନାବାଳିକା ଏବଂ ସାବାଳିକା ସମସ୍ତ ଝିଅଙ୍କ ନାମକୁ ପଞ୍ଚାୟତର ସରପଞ୍ଚ ଏବଂ ପୁରୀ ସଦର ବ୍ଲକ କର୍ମଚାରୀ ଓ ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀମାନେ କାଟିଦେଇଛନ୍ତି । ଫଳରେ ପଞ୍ଚାୟତର କୌଣସି ଝିଅ ରାଶନ କାର୍ଡରେ ଆସୁଥିବା ଚାଉଳ, ଗହମ, କିରୋସିନ ପାଇପାରୁ ନାହାନ୍ତି । ଏହା ୨୦୧୬ ମସିହାରୁ କାଟି ଦିଆଯାଇଛି । ପଞ୍ଚାୟତର ସରପଞ୍ଚଙ୍କ ସହ କୁଜି ନେତାମାନେ କୁହନ୍ତି ଯେ, ଝିଅମାନେ ତ ବାହା ହୋଇଯିବେ, ସେମାନଙ୍କର ରାଶନ କାର୍ଡରେ ନାମ ରହିବା ଆବଶ୍ୟକ ନାହିଁ । ସବୁ ଝିଅଙ୍କ ନାମ କାଟି ଭାଇଲିପୁର ପଞ୍ଚାୟତରେ ୪ ଚକିଆ ଯାନ, ବହୁ ସମ୍ପତ୍ତିର ମାଲିକ ଥିବା ଏପିଏଲ ବର୍ଗଙ୍କୁ ନୂଆ ରାଶନ କାର୍ଡ ଯୋଗାଇ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ବେଟି ପଢାଓ ବେଟି ବଚାଓ ଏଠି କ୍ଷୁଣ୍ଣ । ବେଟିମାନେ ତ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ, ପଢିବେ କିପରି ? ରାଜ୍ୟର ମହିଳା କମିଶନ ତଥା ସରକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

ସଂଗ୍ରାମ ସେନାପତି, ଆରିହଁ, କଣାସ, ପୁରୀ

### ସୌଭାଗ୍ୟ ବନାମ ଦୁର୍ଭାଗ୍ୟ

ମନୁଷ୍ୟ ଜନ୍ମ ପାଇବା ଏକ ସୌଭାଗ୍ୟ । ଏହା ଉତ୍ତମ କର୍ମର ଫଳ । ଈଶ୍ୱର ଦେଉଥିବା ସୁଯୋଗର ସଦୁପଯୋଗରେ ହିଁ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ । ଈଶ୍ୱରପ୍ରଦତ୍ତ ସୁଯୋଗର ଦୁରୁପଯୋଗରେ ଦୁର୍ଭାଗ୍ୟ ପ୍ରାପ୍ତି ହୁଏ । ସତ୍‌କର୍ମ କରି ଯେଉଁ ସଫଳତା, ସୁଖ ଓ ଶାନ୍ତି ମିଳେ ତାହା ସୌଭାଗ୍ୟ । ଖରାପ କର୍ମ କରି ଯେଉଁ ଦୁଃଖ ମିଳେ ତାହା ଦୁର୍ଭାଗ୍ୟ । ମନୁଷ୍ୟ ପରମାତ୍ମାଙ୍କ ସହ ସମ୍ପର୍କ ରଖି ଯେଉଁ କର୍ମ କରେ ସେଥିରୁ ଆପେ ଆପେ ସୌଭାଗ୍ୟ ମିଳିଥାଏ । ଉଭୟ ସୌଭାଗ୍ୟ ଓ ଦୁର୍ଭାଗ୍ୟ ଚିରସ୍ଥାୟୀ ନୁହେଁ । ଆଜିର ସୌଭାଗ୍ୟ କାଲି ଦୁର୍ଭାଗ୍ୟରେ ପରିଣତ ହୋଇପାରେ । ସେହିପରି ଆଜିର ଦୁର୍ଭାଗ୍ୟ କାଲି ସୌଭାଗ୍ୟରେ ପରିଣତ ହୋଇପାରେ । ବୁଦ୍ଧିମାନ ଓ ଉଦାର ଲୋକ କର୍ମର ଉପାସନା କଲାବେଳେ କାପୁରୁଷମାନେ ଭାଗ୍ୟ ଉପରେ ନିର୍ଭର କରନ୍ତି । ପ୍ରକୃତରେ ଆମର କର୍ମ ଆମ ଭବିଷ୍ୟତ ଓ ଭାଗ୍ୟକୁ ନିୟନ୍ତ୍ରଣ କରେ ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍‌କୁ ପ୍ରଚାରଧର୍ମୀ କହି କଂଗ୍ରେସ ସମାଲୋଚନା କରିବା ସହ ନିର୍ବାଚନ ବେଳେ ଏହା ଆଚରଣବିଧି ଉଲ୍ଲଂଘନ ବୋଲି ଅଭିଯୋଗ କରିଛି। ଅପରପକ୍ଷରେ ଫିଲ୍ମ ପଛରେ କୌଣସି ରାଜନୈତିକ ପ୍ରଚାର ନାହିଁ ବୋଲି ପ୍ରଯୋଜକ ସନ୍ଦୀପ୍ ସିଂ ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନ୍ ଫିଲ୍ମର ପ୍ରଯୋଜକଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ଦୃଷ୍ଟିରୁ ପ୍ରଯୋଜକ, ମୋଦିଙ୍କ ଭୂମିକାରେ ଅଭିନୟ କରିଥିବା ବିବେକ ଓବେରୟ ଏବଂ ଓକିଲ ହିତେଶ ଜୈନ ଗୁରୁବାର ନିର୍ବାଚନ କମିଶନ୍‌ଙ୍କ ନିକଟରେ ହାଜର ହୋଇଥିଲେ।




## ବିଧାୟକ ପଦବୀରୁ ଇସ୍ତଫା ଦେଲେ ଜାକବ ପ୍ରଧାନ

**ବୌଦ୍ଧ,୨୮।୩(ସ୍ୱ.ପ୍ର):** କନ୍ଧମାଳ ଜିଲା ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ଜାକବ ପ୍ରଧାନ ଗୁରୁବାର ବିଧାୟକ ପଦବୀରୁ ଇସ୍ତଫା ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଶ୍ୟାମଘନ ପ୍ରଧାନଙ୍କୁ ଟିକେଟ ପ୍ରଦାନ କରାଯାଇଥିବାରୁ ବିଧାୟକ ପ୍ରଧାନ ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯେଉଁମାନେ କଂଗ୍ରେସ ଦଳର ହୋଇଥିବେ ଓ ଦଳୀୟ ନିଷ୍ପତ୍ତି ବିରୋଧରେ ନାମାଙ୍କନ ଦାଖଲ କରିଥିବେ ସେମାନଙ୍କ ପ୍ରତି ଦଳ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଘୋଷଣା କରାଯିବା ପରେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟରୁ ସେ ଇସ୍ତଫା ଦେଇଥିଲେ। ନିର୍ବାଚନ ପାଇଁ ବାଚସ୍ପତି ପ୍ରଦୀପ କୁମାର ଅମାତ ବୌଦ୍ଧରେ ଥିବାରୁ ପ୍ରଧାନ ଗୁରୁବାର ବୌଦ୍ଧ ଆସି ଅମାତଙ୍କୁ ତାଙ୍କ ବାସଭବନରେ ଇସ୍ତଫାପତ୍ର ପ୍ରଦାନ କରିଥିଲେ।

## ଭାଜପା ନେତାଙ୍କ ଘର ଉଡ଼ାଇଦେଲେ ମାଓବାଦୀ



**ଗୟା,୨୮।୩:** ବିହାରର ଗୟାସ୍ଥିତ ବୋଧିବିଘାରେ ମାଓବାଦୀମାନେ ଭାଜପା ନେତା ଅନୁଜ କୁମାର ସିଂଙ୍କ ଘରକୁ ବିସ୍ଫୋରଣରେ ଉଡ଼ାଇଦେଇଛନ୍ତି। ପ୍ରାୟ ୩୦ ସଶସ୍ତ୍ର ସିପିଆଇ ମାଓବାଦୀ ବୁଧବାର ଡିନାମାଇଟ୍ ବିସ୍ଫୋରଣ କରି ଏହି କାଣ୍ଡ ଭିଆଇଛନ୍ତି। ବିସ୍ଫୋରଣ ପୂର୍ବରୁ ଘର ଖାଲି କରିବାକୁ ମାଓବାଦୀମାନେ ନିର୍ଦ୍ଦେଶ ଦେଇଥିଲେ। ବିସ୍ଫୋରଣରେ କେହି ମୃତାହତ ହୋଇ ନଥିବାବେଳେ ଘର ସମ୍ପୂର୍ଣ୍ଣରୂପେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ମାଓବାଦୀମାନେ ସ୍ଥାନ ଛାଡ଼ି ଚାଲିଯିବା ପୂର୍ବରୁ ସେଠାରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ବର୍ଜନ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି।

# ଜଟଣୀ ବିଜେଡି କର୍ମୀ ମୁହାଁମୁହିଁ



ନବୀନ ନିବାସ ସମ୍ମୁଖରେ ଗୁରୁବାର ଜଟଣୀ ବିଜେଡି କର୍ମୀଙ୍କ ନାରାବାଜି।

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ଜଟଣୀ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିତ୍ୱ ନେଇ ବିବାଦ ଦେଖାଦେଇଛି। ନିର୍ବାଚନମଣ୍ଡଳୀର ଦୁଇଟି ଗୋଷ୍ଠୀ ନବୀନ ନିବାସ ସମ୍ମୁଖରେ ମୁହାଁମୁହିଁ ହୋଇଛନ୍ତି। ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କ ସମର୍ଥକମାନେ ତାଙ୍କ ପ୍ରାର୍ଥିତ୍ୱ ନେଇ ନାରାବାଜି ଦେଇଥିଲେ। ଅନୁରୂପ ଭାବେ ଅନ୍ୟ ଏକ ଗୋଷ୍ଠୀ ବିଭୂତିଙ୍କ ବିରୋଧରେ ସ୍ଲୋଗାନ ଦେଇଥିବାର ଦେଖା ଯାଇଥିଲା। ପରିସ୍ଥିତି ସାମାନ୍ୟ ଅସମ୍ଭାଳ ହେବାରୁ ସେଠାରେ ଉଭୟ ପକ୍ଷ କର୍ମୀଙ୍କୁ ପୋଲିସ ପକ୍ଷରୁ ବୁଝାଶୁଝା କରିଥିଲା। ଜଟଣୀ ବିଧାୟକ ଭାଗୀରଥି ବଡଜେନା ସ୍ୱାସ୍ଥ୍ୟଗତ କାରଣରୁ ପ୍ରାର୍ଥୀ ନ ହୋଇପାରନ୍ତି। ତେଣୁ ୨୦୦୯ରେ ବିଧାୟକ ହୋଇଥିବା ବିଭୂତିଙ୍କୁ ଟିକେଟ୍ ମିଳିବ ବୋଲି ଚର୍ଚ୍ଚା ଜୋର ଧରିଛି। ହେଲେ ଜଟଣୀର କେତେଜଣ ବିଜେଡି ସଙ୍ଗଠକ ନିଜ ନିଜ ସପକ୍ଷରେ ଲବି ଆରମ୍ଭ କରିଛନ୍ତି। ତେଣୁ ବିଜେଡି ପ୍ରାର୍ଥୀ ତାଲିକାରେ ବିଭୂତିଙ୍କ ନାଁ ରହୁଛି ନା ନାହିଁ,ତାହା ଉପରେ ସମସ୍ତଙ୍କ ନଜର ରହିବ।

### ନୟାଗଡ଼ରୁ ଅରୁଣ ଓ ରଣପୁରରୁ ସତ୍ୟନାରାୟଣଙ୍କୁ ମିଳିଲା ବିଜେଡି ଟିକେଟ

# ଝୁଲି ରହିଲା ଖଣ୍ଡପଡ଼ା ଆସନ

**ନୟାଗଡ଼ ଅଫିସ,୨୮।୩**

- ଅନୁଭବ, ସୌମ୍ୟରଞ୍ଜନ ନା ନୂଆମୁହଁ
- ପ୍ରଚାର ମଇଦାନରେ ପଛରେ ପଡ଼ିଛି କଂଗ୍ରେସ

ନୟାଗଡ଼ ଜିଲା ଅନ୍ତର୍ଗତ ୪ଟି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରଥମ ପର୍ଯ୍ୟାୟରେ କେବଳ ଦଶପଲ୍ଲା ପାଇଁ ରମେଶ ଚନ୍ଦ୍ର ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ବୁଧବାର ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଦଳ ଚତୁର୍ଥଥର ପାଇଁ ଡ. ଅରୁଣ କୁମାର ସାହୁଙ୍କୁ ନୟାଗଡ଼ରେ ପ୍ରାର୍ଥୀ କରିଥିବା ବେଳେ ଦ୍ୱିତୀୟଥର ସତ୍ୟନାରାୟଣ ପ୍ରଧାନଙ୍କୁ ରଣପୁର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ କରିଛି। ହେଲେ କଟକ ଲୋକ ସଭା ଆସନ ଅନ୍ତର୍ଗତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଏହି ନିର୍ବାଚନମଣ୍ଡଳୀକୁ ଝୁଲାଇ ରଖାଯାଇଛି, ଯାହାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ବର୍ତ୍ତମାନର ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ପାଇବେ ନା ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ନା ଆଉ କେହି ନୂଆମୁହଁଙ୍କୁ ଦିଆଯିବ, ସେନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଜିଲାରେ ବିଜେଡି ୩ ନିର୍ବାଚନମଣ୍ଡଳୀ ପାଇଁ ପୁରୁଷ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଜଣେ ବି ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇନାହିଁ। ଶୁଣିବାକୁ ମିଳୁଛି ସୌମ୍ୟରଞ୍ଜନଙ୍କ ଝିଅଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରାଯାଇପାରେ। ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ଗୁରୁବାର ନାମାଙ୍କନ ପତ୍ର ଦାଖଲ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏପ୍ରିଲ୍ ୪ ଶେଷ ତାରିଖ ରହିଛି। ଏହା ଭିତରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିପାରନ୍ତି।

ପ୍ରକାଶ ଯେ, ୨୦୦୯ ନିର୍ବାଚନରେ ରଣପୁର ନିର୍ବାଚନମଣ୍ଡଳୀର ସତ୍ୟନାରାୟଣ ପ୍ରଧାନ ୫୪,୬୪୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁରମା ପାଢ଼ୀ ୩୩,୦୪୨ ଭୋଟ ପାଇ ପରାଜିତ ହୋଇଥିଲେ। ୨୦୧୪ରେ ବିଜେଡି ସତ୍ୟନାରାୟଣଙ୍କ ବଦଳରେ ରାଜ୍ୟ ସଭା ସଦସ୍ୟ ରବିନାରାୟଣ ମହାପାତ୍ରଙ୍କୁ ଦଳୀୟ ଟିକେଟ ଦେଇଥିଲା। ସେ ମଧ୍ୟ ବିଜୟୀ ହୋଇଥିଲେ। ସେହିପରି ୨୦୦୪ ମସିହାରୁ ନୟାଗଡ଼ ନିର୍ବାଚନମଣ୍ଡଳୀରୁ ଲଗାତର ବିଧାୟକ ହୋଇଆସୁଛନ୍ତି ଡ. ଅରୁଣ କୁମାର ସାହୁ। ଇତିମଧ୍ୟରେ ଭାଜପା ଉକ୍ତ ୪ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ନୟାଗଡ଼ରୁ ଇରାନୀ ରାୟ, ଖଣ୍ଡପଡ଼ାରୁ ସିଦ୍ଧାର୍ଥ ଶେଖର ସିଂ, ରଣପୁରରୁ ସୁରମା ପାଢ଼ୀ ଓ ଦଶପଲ୍ଲାରୁ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ କରିଛି। ବିଜେଡି ୩ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ମାତ୍ର ୨ଟି ପାଇଁ ପ୍ରାର୍ଥୀ ଘୋଷଣା କରିଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ଶୁଭଶ୍ରୀ ଓରଫ ମିଲି ପଣ୍ଡାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଦଶପଲ୍ଲା ଲାଗି ପ୍ରଶାନ୍ତ କୁମାର ନାୟକଙ୍କୁ ପ୍ରାର୍ଥୀ କରିଛି। ଖଣ୍ଡପଡ଼ା ଏବଂ ନୟାଗଡ଼ ଆସନ ପାଇଁ ଏ ପର୍ଯ୍ୟନ୍ତ କଂଗ୍ରେସ କାହାକୁ ପ୍ରାର୍ଥୀ କରିନାହିଁ। ଜିଲାରେ ବିଜେଡି ଓ ଭାଜପା ପ୍ରଚାର ଆରମ୍ଭ କରିସାରିଥିବା ବେଳେ କଂଗ୍ରେସ କିନ୍ତୁ ଏ ଦିଗରେ ପଛୁଆ ପଡ଼ିଯାଇଛି। ଅବଶିଷ୍ଟ ୨ ଆସନ ଲାଗି ପ୍ରାର୍ଥୀ ଚୟନ ହେଲାପରେ କଂଗ୍ରେସ ତା'ର ପ୍ରଚାର ଆରମ୍ଭ କରିବ ବୋଲି ଜଣାପଡ଼ିଛି।





“ଗାଜାରେ ସାମରିକ ଅଭିଯାନ ପାଇଁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ।
- ବେନ୍‌ୟାମିନ୍ ନେତାନ୍ୟାହୁ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ୨ ଏନ୍‌କାଉଣ୍ଟର: ୪ ଆତଙ୍କବାଦୀ ନିହତ



**ଶ୍ରୀନଗର,୨୮।୩(ପି.ଟି.)-** ଜମ୍ମୁ-କଶ୍ମୀରର ଶୋପିଆନ୍ ଓ କୁପୱାଡ଼ା ଜିଲାରେ ଗୁରୁବାର ୨ଟି ଏନ୍‌କାଉଣ୍ଟର ହୋଇଛି। ଏଥିରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୋପିଆନ୍‌ର ୟଥ୍ୱରନ ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ ସେଠାରେ ତଲାସି ଚଳାଇଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ହିଜ୍‌ବୁଲ ମୁଜାହିଦ୍ଦିନ ଓ ଲଶ୍କର-ଇ-ତୋଇବାର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ପୁଲଓ୍ୱାମାର ସଜାଦ୍ ଖାଣ୍ଡେ, ଆକିବ୍ ଅହମ୍ମଦ ଦର ଓ ବଶାରତ୍ ଅହମ୍ମଦ ମୀର ବୋଲି ଜଣାପଡ଼ିଛି। ସେହିପରି କୁପୱାଡ଼ା ଜିଲାର ହଣ୍ଡୱାଡ଼ାରେ ଆଉ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଉଭୟ ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ଅଜଗାଓଁକର ଗୋଆ ଉପମୁଖ୍ୟମନ୍ତ୍ରୀ

**ପଣଜୀ,୨୮।୩(ପି.ଟି.)-**ଗୋଆର ପର୍ଯ୍ୟଟନ ମନ୍ତ୍ରୀ ମନୋହର ଅଜଗାଓଁକର ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି (ଏମ୍‌ଜିପି) ଛାଡ଼ି ଭାଜପାରେ ଯୋଗଦେବାର ଦିନକ ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ନେତା ତଥା ବିଜୟ ସରଦେଶାଇଙ୍କ ପରେ ଅଜଗାଓଁକର ହେଉଛନ୍ତି ରାଜ୍ୟର ଦ୍ୱିତୀୟ ଉପମୁଖ୍ୟମନ୍ତ୍ରୀ।



ଉତ୍ତରପ୍ରଦେଶର ମିରଟରେ ଆଲ୍ଲାହାବାଦ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ୍ ପ୍ରତିଷ୍ଠା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଆଇନଜୀବୀ।



ମୋଜାମ୍ବିକ୍‌ରେ ଘୂର୍ଣ୍ଣିଝଡ଼ ଯୋଗୁ ୪୬୮ ଜଣ ପ୍ରାଣ ହରାଇବା ପରେ କଲେରା ବ୍ୟାପିଛି। ବେଇରାର ଡୋଣ୍ଡୋସ୍ଥିତ ଏକ ଶିବିରରେ ଆଶ୍ରୟ ନେଇଥିବା ପିଲାମାନେ ଖାଦ୍ୟ ବଣ୍ଟନକୁ ଅପେକ୍ଷା କରିଛନ୍ତି।

## ■ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ଉଦ୍ୟମ

# ଜାତିସଂଘରେ ଆମେରିକାର ଚିଠା ପ୍ରସ୍ତାବ

**ଜାତିସଂଘ,୨୮।୩(ପି.ଟି.)**

ଜୈଶ-ଇ-ମହମ୍ମଦ୍ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପାଇଁ ଆମେରିକା ସମେତ ଫ୍ରାନ୍ସ ଓ ବ୍ରିଟେନ୍ ଜାତିସଂଘ ନିରାପତ୍ତା ପରିଷଦରେ ଏକ ଚିଠାପ୍ରସ୍ତାବ (ଡ୍ରାଫ୍ଟ ରିଜୋଲ୍ୟୁଶନ୍) ବୁଲାଇଛନ୍ତି। ପରିଷଦର ୧୨୬୭ ଅଲ୍ କାଏଦା ସାଙ୍କ୍‌ସନ୍ କମିଟି ଅଧୀନରେ ଆଝାରଙ୍କୁ କଳା ତାଲିକାଭୁକ୍ତ କରିବାର ପ୍ରସ୍ତାବକୁ ଚାଇନା ସ୍ଥଗିତ ରଖିବାର ଦୁଇ ସପ୍ତାହ ପରେ ଆମେରିକା ବୁଧବାର ଏ ସଂକ୍ରାନ୍ତୀୟ ଚିଠା ପ୍ରସ୍ତାବ ୧୫ ସଦସ୍ୟ ରାଷ୍ଟ୍ରଙ୍କ ଅବଗତି ନିମନ୍ତେ କାଉନସିଲ୍‌ରେ ପ୍ରସାର କରିଥିଲା। ଜେଇଏମ୍ ଆତଙ୍କବାଦୀ ଗୋଷ୍ଠୀର ନେତା ଆଝାରଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ତାଙ୍କର ଚଳାଚଳକୁ ନିଷିଦ୍ଧ କରିବା, ସମ୍ପତ୍ତି ଜବତ ଏବଂ ମାରଣାସ୍ତ୍ର ଚାଲାଣରେ କଟକଣା ବିଷୟ ଉକ୍ତ ଚିଠାପ୍ରସ୍ତାବରେ ଉଲ୍ଲେଖ ରହିଛି।



ଜାତିସଂଘ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପାଇଁ ପ୍ରଥମ ଥର ଲାଗି ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସ ଉକ୍ତ ଚିଠାପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ରାଷ୍ଟ୍ରଗୁଡିକ ପୂର୍ବରୁ ମଧ ଜେଇଏମ୍ ମୁଖ୍ୟଙ୍କ ବିରୋଧରେ କଟକଣା ଜାରି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଆସୁଛନ୍ତି। ଏଥିପାଇଁ କୌଣସି ରାଷ୍ଟ୍ର ଆପତ୍ତି ଉଠାଇବା ସକାଶେ ୧୦ଦିନ ଧାର୍ଯ୍ୟ କରାଯାଇଛି।

ୱାଶିଂଟନ୍‌ର ଉଦ୍ୟମରେ ପ୍ରତିକ୍ରିୟା ପ୍ରକାଶ କରି ଚାଇନାର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ବେଜିଂଠାରେ କହିଛନ୍ତି, ଜାତିସଂଘ ନିରାପତ୍ତା ପରିଷଦର ଆତଙ୍କବାଦ ନିରୋଧୀ ସଂସ୍ଥାର କ୍ଷମତାକୁ ସଂକୁଚିତ କରାଯାଇଛି। ଏହା ବିଶ୍ୱ ସଂହତି ପାଇଁ ଅନୁକୂଳ ନୁହେଁ ଏବଂ ଏହା କେବଳ ପ୍ରସଙ୍ଗକୁ ଜଟିଳ କରିବ। ଏଥିପାଇଁ ଆମେରିକା ସାବଧାନତାର ସହ କାର୍ଯ୍ୟ କରୁ ଏବଂ ଏହି ଚିଠା ପ୍ରସ୍ତାବକୁ ବଳପୂର୍ବକ ଆଗକୁ ନ ବଢ଼ାଉ ବୋଲି ଗେଙ୍ଗ୍ ଦାବି କରିଛନ୍ତି।

ନ୍ୟୁୟର୍କରେ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଚିଠା ପ୍ରସ୍ତାବ ଉପରେ ଅନୌପଚାରିକ ଭାବେ ଆଲୋଚନା ହେବ ଏବଂ ଏହା କାଉନସିଲକୁ ଯିବ। ତେବେ ଏହା ଉପରେ କେବେ ଭୋଟ୍ ହେବ ତାହା ନିର୍ଦ୍ଧାରିତ ହୋଇନାହିଁ। ଭୋଟ ନେବା ସମୟରେ ଚାଇନା ପୂର୍ବପରି ଏହା ବିରୋଧରେ ଭେଟୋ ପ୍ରୟୋଗ କରିବା ସମ୍ଭାବନା ଅଛି। ଅତୀତରେ ଚାଇନା ମଧ ଆଝାରଙ୍କୁ କଳା ତାଲିକାଭୁକ୍ତ କରିବା ପ୍ରସ୍ତାବରେ ପ୍ରତିବନ୍ଧକ ସାଜି ଆସିଛି।



ବାଂଲାଦେଶ ରାଜଧାନୀ ଢାକାର ବନାନୀ କମର୍ସିଆଲ ଡିଷ୍ଟ୍ରିକ୍ଟର ଏଫ୍‌ଆର୍ ଟାୱାରରେ ଗୁରୁବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ୧୯ ଜୀବନ୍ତ ଦଗ୍ଧ। ଫସିରହିଥିବା ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଉଛି।

## ‘ରାମ୍ କୀ ଜନ୍ମଭୂମି’ ରିଲିଜ ଅଯୋଧ୍ୟା ବିବାଦ ମଧ୍ୟସ୍ଥତାକୁ ପ୍ରଭାବିତ କରିବ ନାହିଁ

**ନୂଆଦିଲ୍ଲୀ,୨୮।୩:** ‘ରାମ କୀ ଜନ୍ମଭୂମି’ ରିଲିଜ ହେବାଦ୍ୱାରା ଅଯୋଧ୍ୟା ବିବାଦର ସମାଧାନ ପାଇଁ ବର୍ତ୍ତମାନର ମଧ୍ୟସ୍ଥତା ପଦ୍ଧତିକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ସ୍ପଷ୍ଟ କରିଛନ୍ତି।

ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ବିଚାରପତି ଏସ୍. ଅବ୍‌ଦୁଲ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ କୁହାଯାଇଛି, ଉକ୍ତ ଫିଲ୍ମର ରିଲିଜ ଉପରେ ସ୍ଥଗିତାଦେଶ ପାଇଁ କରାଯାଇଥିବା ଆବେଦନର ଜରୁରୀ ଶୁଣାଣିକୁ ଅଗ୍ରାହ୍ୟ କରିଦିଆଯାଇଛି। ଏହା ରିଲିଜ ହେଲେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିହେବା ସହିତ ବର୍ତ୍ତମାନ ଅଯୋଧ୍ୟା ବିବାଦର ମଧ୍ୟସ୍ଥତା ପ୍ରଭାବିତ ହୋଇପାରେ ବୋଲି ଆବେଦନକାରୀ ଅନୁଭବ କରିଥିଲେ। ତେବେ ଏହି ବିବାଦ ସହ ଜଡ଼ିତ ଗୋଷ୍ଠୀ ସମସ୍ୟା ସମାଧାନ ପାଇଁ ଇଚ୍ଛାକଲେ ଫିଲ୍ମ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଫିଲ୍ମ ରିଲିଜ ବନ୍ଦ କରିବା ନିମନ୍ତେ ପ୍ରିନ୍ସ ୟାକୁବ୍ ହବିବୁଦ୍ଦିନ୍ ତୁସି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କ ଆବେଦନ ଗ୍ରହଣ କରିବାକୁ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁସିଙ୍କ ପକ୍ଷରୁ ତାଙ୍କ ଓକିଲ ଲିଲି ଥୋମାସ୍‌ଙ୍କ ଦ୍ୱାରା କରାଯାଇଥିବା ଏ ସମ୍ପର୍କିତ ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ଏହି ମତ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ନେତୃତ୍ୱରେ ଏକ ପ୍ୟାନେଲ ଗଠନ କରାଯାଇଛି। ଏଥିରେ ସଦସ୍ୟ ଅଛନ୍ତି ଆର୍ଟ ଅଫ୍ ଲିଭିଙ୍ଗ୍ ପ୍ରଣେତା ରବିଶଙ୍କର ଏବଂ ବରିଷ୍ଠ ଆଡ୍‌ଭୋକେଟ୍ ଶ୍ରୀରାମ ପଞ୍ଚୁ। ଉକ୍ତ ପ୍ୟାନେଲ୍ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଅଯୋଧ୍ୟା ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଇଳ ନାଇବ ଢେବା ଗେବା**
**ଭାତ ଖାଇବ ଆଗା ।**
**ଚିତ୍ ହୋଇ ଶୋଇ ପଡ଼ିଥିବ**
**ମାଡ଼ି ବସିଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଥାନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତେଲ ହଳଦୀ ସରିବ ନାହିଁ**
**ପୁଅକୁ ନୁଖୁରା ରଖିବ ନାହିଁ।**

ଉଭୟଙ୍କ ପ୍ରତି ଲୋଭ। ଘଡ଼ାରୁ ତେଲ ହଳଦୀ ସରିବନି ଏଣେ ପୁଅ ମୁଣ୍ଡ ବି ନୁଖୁରା ହେବନି। କିଛି ଖର୍ଚ୍ଚ ହେବନି, କିନ୍ତୁ ଈପ୍‌ସିତ କାର୍ଯ୍ୟ ଆରାମରେ ବା ସୁରୁଖୁରୁରେ ହୋଇଯିବ। ଏପରି ଭାବନା କେବଳ କୃପଣ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳିଥାଏ। କାରଣ ଧନ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥାଏ। ଦୁଇପଟକୁ ଅନେଇ କାହାକୁ ସାହାଯ୍ୟ କରି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## କ୍ରିକେଟ ବ୍ୟାଟ୍‌ରେ ପିଟି ଛାତ୍ରଙ୍କୁ ହତ୍ୟା

**ଡେରାଡୁନ୍,୨୮।୩(ପି.ଟି.)**

**କ୍ୟାମ୍ପସରେ ମୃତଦେହ ପୋତିଦେଲେ ସ୍କୁଲ କର୍ତ୍ତୃପକ୍ଷ**

ଉତ୍ତରାଖଣ୍ଡର ଋଷିକେଶରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ତାଙ୍କ ସିନିୟରମାନେ ହତ୍ୟା କରିଛନ୍ତି। ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ହତ୍ୟାକାଣ୍ଡକୁ ଚପାଇଦେବା ପାଇଁ ତାଙ୍କ ମୃତଦେହକୁ କ୍ୟାମ୍ପସରେ ପୋତି ଦେଇଥିଲେ। ଶିଶୁ ଅଧିକାର ସୁରକ୍ଷା ଉତ୍ତରାଖଣ୍ଡ କମିଶନଙ୍କ ହସ୍ତକ୍ଷେପ ପରେ ଗତ ୧୦ ତାରିଖରେ ଘଟିଥିବା ଏହି ଘଟଣା ଏବେ ଲୋକଲୋଚନକୁ ଆସିଛି ବୋଲି ଡେରାଡୁନ୍ ଏସ୍‌ଏସ୍‌ପି ନିବେଦିତା କୁକ୍ରେତି ସୂଚନା ଦେଇଛନ୍ତି।

୧୨ ବର୍ଷୀୟ ମୃତକ ଛାତ୍ରଙ୍କ ମା’ବାପା ହାପୁରରେ ରହନ୍ତି। ଛାତ୍ର ଜଣକ ସ୍କୁଲ ବାହାରକୁ ଯାଇଥିବାବେଳେ କିଛି ବିସ୍କୁଟ ଚୋରି କରିଥିଲେ। ଏହାର ଦଣ୍ଡସ୍ୱରୂପ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଛାଡ଼ିଯିବାକୁ ମନାକରାଯାଇଥିଲା। ତାଙ୍କ ଉପର ଶ୍ରେଣୀରେ ପଢୁଥିବା ଛାତ୍ରମାନେ ଏଥିରେ ଉତ୍ତ୍ୟକ୍ତ ହୋଇ କ୍ରିକେଟ ବ୍ୟାଟ୍‌ରେ ତାଙ୍କୁ ପିଟି ପିଟି ଲହୁଲୁହାଣ କରିଥିଲେ। ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସ୍କୁଲ କର୍ତ୍ତୃପକ୍ଷ ଏନେଇ ପୋଲିସକୁ ଜଣାଇବା ପରିବର୍ତ୍ତେ ତାଙ୍କ ମୃତଦେହକୁ କ୍ୟାମ୍ପସରେ ପୋତିଦେଇଥିଲେ। ଏପରି କି ସେମାନେ ଛାତ୍ରଙ୍କ ମା’ବାପାଙ୍କୁ ମଧ ଘଟଣା ସମ୍ପର୍କରେ ଅବଗତ କରାଇ ନ ଥିଲେ। ପରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୋର୍ଡିଂ ସ୍କୁଲର ପରିଚାଳକ, ୱାର୍ଡେନ, ପିଇଟି ଓ ଦୁଇଜଣ ଛାତ୍ରଙ୍କୁ ପୋଲିସ ଗିରଫ କରିଛି।

## ସ୍ତ୍ରୀ, ଦୁଇ ପିଲାଙ୍କୁ ହତ୍ୟାକରି ଆତ୍ମହତ୍ୟା

**ଚଣ୍ଡିଗଡ଼,୨୮।୩(ପି.ଟି.)-**ହରିୟାଣାର ରୋହତକ୍ ଜିଲାର ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ନିଜ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ସୁନ୍ଦନା ନିବାସୀ ୪୨ ବର୍ଷୀୟ ବିଜେନ୍ଦର ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ପରେ ଝିଅ ଓ ପୁଅଙ୍କୁ ମାରି ସେ ଜୀବନ ହାରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

## [ଇତିହାସର ଆଇନାରେ]

### ମାର୍ଚ୍ଚ ୨୯ରେ ପ୍ରମୁଖ ଘଟଣା

### ୭ ରାଷ୍ଟ୍ର ‘ନାଟୋ’ରେ ସାମିଲ

୨୦୦୪ ମାର୍ଚ୍ଚ ୨୯ରେ ବୁଲଗେରିଆ, ଏଷ୍ଟୋନିଆ, ଲାଟଭିଆ, ଲିଥୁଆନିଆ, ରୋମାନିଆ, ସ୍ଲୋଭାକିଆ ଏବଂ ସ୍ଲୋଭେନିଆ ‘ନାଟୋ’ରେ ଯୋଗ ଦେଇଥିଲେ। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍(ନାଟୋ) ହେଉଛି ଏକ ଆନ୍ତଃସରକାରୀ ସାମରିକ ମେଣ୍ଟ। ଏଥିରେ ୨୯ ଉତ୍ତର ଆମେରିକୀୟ ଏବଂ ୟୁରୋପୀୟ ଦେଶ ସାମିଲ ଅଛନ୍ତି। ୧୯୪୯ ଏପ୍ରିଲ ୪ରେ ନାଟୋ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

### ସମଲିଙ୍ଗୀ ବିବାହ

୨୦୧୪ ମାର୍ଚ୍ଚ ୨୯ରେ ଇଂଲଣ୍ଡ ଓ ୱେଲ୍‌ସରେ ପ୍ରଥମକରି ସମଲିଙ୍ଗୀ ବିବାହ ଅନୁଷ୍ଠିତ ହୋଇଥିଲା। ବ୍ରିଟେନର ବିଭିନ୍ନ ଭାଗରେ ସମଲିଙ୍ଗୀ ବିବାହର ମାନ୍ୟତା ଭିନ୍ନ ଭିନ୍ନ। ଇଂଲଣ୍ଡ, ସ୍କଟ୍‌ଲାଣ୍ଡ ଏବଂ ୱେଲ୍‌ସରେ ସମଲିଙ୍ଗୀ ବିବାହ କରାଯାଉଥିବା ବେଳେ ନର୍ଦ୍ଦର୍ନ ଆୟର୍ଲାଣ୍ଡରେ ଏହା କରାଯାଏ ନାହିଁ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସତ୍ୟପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
Mob.: 8676907143, 9348274623

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫0 ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

## ସଂକ୍ଷେପରେ

### ଆଜି ଆସୁଛନ୍ତି ଉମା ଭାରତୀ



ଭୁବନେଶ୍ୱର,୨୮।୩ (ବ୍ୟୁରୋ): କେନ୍ଦ୍ରମନ୍ତ୍ରୀ ସୁଶ୍ରୀ ଉମା ଭାରତୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସୁଶ୍ରୀ ଭାରତୀ ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ସିଧାସଳଖ ପୁରୀ ଗସ୍ତ କରିବେ। ପୁରୀଠାରେ ୧୦ଟା ୩୦ରେ ପହଞ୍ଚି ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ପ୍ରଚାର ଗାଡ଼ି, ନିର୍ବାଚନୀ ଗୀତର ଶୁଭାରମ୍ଭ କଲା ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ): ୨୦୧୯ ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ନିର୍ବାଚନୀ ସଙ୍ଗୀତର ଅଡିଓ ଏବଂ ଭିଡିଓ ସିଡୀ, ପୋଷ୍ଟର ରିଲିଜ ସହ ପ୍ରଚାର ଗାଡିର ଶୁଭାରମ୍ଭ କରାଯାଇଛି। ଫିର ଏକ ବାର ମୋଦି ସରକାର ଏବଂ ରାଜ୍ୟରେ ସରକାର ବଦଳିବା ଦରକାର ନାରାରେ ମ୍ୟୁଜିକ ଭିଡିଓ ରିଲିଜ ହୋଇଛି। 'ମୋଦି ରଙ୍ଗ ଲାଗିଲା ବିକାଶର ରଙ୍ଗ ଲାଗିଲା', 'ନୂଆ ଆଶା ପୂରା ଭରସା ମୋଦିଙ୍କ ସାଥେ ନୂଆ ଓଡିଶା', 'ଭୋଟ ଦେମା ଆମେ ପଦମ ଫୁଲେ' ଆଦି ଏକାଧିକ ନିର୍ବାଚନ ସଙ୍ଗୀତ ଭିଡିଓକୁ ଉନ୍ମୋଚନ କରାଯାଇ ପ୍ରଦର୍ଶିତ କରାଯାଇଥିଲା। ନିର୍ବାଚନୀ ଡିଜିଟାଲ ପ୍ରଚାର ଗାଡିର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ଅରୁଣ ସିଂ, ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ପ୍ରଚାର ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

### ଭାଜପାରେ ଯୋଗଦେଲେ ବିଦ୍ୟୁସ୍ମିତା

ଭୁବନେଶ୍ୱର,୨୮।୩ (ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ସରକାରୀ କର୍ମଚାରୀ, ସିନେ ତାରକା ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ମହାକାଳପଡାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପଦ୍ମନାଭ ଚୌଧୁରୀ, ସିନେ ଅଭିନେତା ଅଖିଳ ପଟ୍ଟନାୟକ ଏବଂ ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

■ ପ୍ରାର୍ଥୀ ଘୋଷଣାରେ ଭାଜପା, ବିଜେଡି ଆଗରେ, ପଛରେ କଂଗ୍ରେସ

# ଅସନ୍ତୁଷ୍ଟଙ୍କୁ ମନାଇବାକୁ ଉଦ୍ୟମ

ବାଲେଶ୍ୱର ଅଫିସ, ୨୮।୩

ବାଲେଶ୍ୱର ଜିଲା ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ଓ ବିଜେଡି ନିଜର ଦଳୀୟ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ ପଛରେ ପଡିଛି। ଉଭୟ ଭାଜପା ଏବଂ ବିଜେଡିରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ସ୍ଥାନୀୟ ନେତାମାନେ ବିକ୍ଷୋଭ ଆରମ୍ଭ କରିଛନ୍ତି। କେଉଁଠି ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରହିଥିବା ବେଳେ ଆଉ କେଉଁଠି ସେମାନଙ୍କ ଉପରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଙ୍କକଷା ଆରମ୍ଭ ହୋଇଛି।

ରେମୁଣା ବିଧାନସଭା ଆସନ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ମୋଟ୍ ଭୋଟର ସଂଖ୍ୟା ୨ଲକ୍ଷ ୨୧ହଜାର ୭୧୩। ସେଥିମଧ୍ୟରୁ ମହିଳା ଭୋଟର ୧ଲକ୍ଷ ୭ହଜାର ୫୮୫ ଏବଂ ପୁରୁଷ ଭୋଟର ୧ଲକ୍ଷ ୧୪ହଜାର ୧୦୧ ଏବଂ ଅନ୍ୟାନ୍ୟ ୨୭ଜଣ ଅଛନ୍ତି। ରେମୁଣା ବ୍ଲକର ୩୬ ଏବଂ ସଦର ବ୍ଲକର ୧୧ ମୋଟ୍ ୪୭ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ବହୁ ପୂର୍ବରୁ ଭାଜପା ପ୍ରାର୍ଥୀ ଭାବେ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନାମ ଘୋଷଣା ହୋଇଥିବା ବେଳେ ଗୁରୁବାର ଅପରାହ୍ନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ଭାବେ ସୁଧାଂଶୁ ଶେଖର ପରିଡ଼ାଙ୍କ ନାମରେ ମୋହର ଲଗାଇଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ନାମ ଏବେ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

ଭାଜପାରେ ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ବିଧାୟକ ପ୍ରାର୍ଥୀ ଦାସ ଉଦ୍ୟମ ଜାରି ରଖିଥିବା ବେଳେ ବିରୋଧୀ ମଧ୍ୟ ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଜେଡିରେ ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଏମାନଙ୍କୁ ମଧ୍ୟ ବିରୋଧୀ ଟାର୍ଗେଟ୍ କରିଛନ୍ତି। ଅଞ୍ଚଳର ସାମୂହିକ ବିକାଶ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ଶୀତଳଭଣ୍ଡାର ପ୍ରତିଷ୍ଠା, ମଦମୁକ୍ତ ଅଞ୍ଚଳ ଗଠନ, ଚାଷୀଙ୍କୁ ଉଚିତ ସମ୍ମାନ ଏବଂ କ୍ଷୀରଚୋରା ଗୋପୀନାଥ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆଦି ପ୍ରସଙ୍ଗ କରି ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ବୋଲି କହିଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର କହିଛନ୍ତି ଯେ, ଓଡ଼ିଶାର ସବୁ ନିର୍ବାଚନମଣ୍ଡଳୀଠାରୁ ରେମୁଣା ନିର୍ବାଚନମଣ୍ଡଳୀ ପଛରେ ରହିଛି। ଉକ୍ତ ଅଞ୍ଚଳରେ ଲୋକଙ୍କ ସମସ୍ୟାକୁ ପ୍ରାଥମିକ ସ୍ତରରେ ଗୁରୁତ୍ୱ ଦେବା ସହ ଗମନାଗମନ, ନିଯୁକ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦି ମୁଖ୍ୟ ପ୍ରସଙ୍ଗ ନେଇ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷରେ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି କହିଛନ୍ତି ଯେ, ଦିନେ ଦୁଇଦିନ ଭିତରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

**ରେମୁଣା ନିର୍ବାଚନମଣ୍ଡଳୀ**







ଗୁରୁବାର ନିର୍ବାଚନୀ ପ୍ରଚାର ସଙ୍ଗୀତ ସିଡୀକୁ ଭାଜପା ନେତୃବୃନ୍ଦ ଉନ୍ମୋଚନ କରୁଛନ୍ତି।

## ଦଳ ବଦଳ କରିପାରନ୍ତି ଅର୍ଜୁନ

ଭଦ୍ରକ ଅଫିସ, ୨୮।୩

ଭଦ୍ରକ ଜିଲାର ଟାଣୁଆ ନେତା ଏମ୍‌ପି ଅର୍ଜୁନ ଚରଣ ସେଠୀ। ୨ଥର ବିଧାୟକ ଏବଂ ୮ ଥର ଏମ୍‌ପି ହୋଇଥିବା ଏହି ପୁରୁଖା ନେତାଙ୍କୁ କିନ୍ତୁ ଏଥର ଭରସା କରିପାରିନି ତାଙ୍କ ଦଳ ବିଜେଡି। ତାଙ୍କ ସ୍ଥାନରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ମଞ୍ଜୁଲତା ମଣ୍ଡଳଙ୍କୁ ଲୋକ ସଭା ଆସନ ପ୍ରାର୍ଥୀ ଭାବେ ବିଜେଡି ଚୟନ କରିଛି। ବାର୍ଦ୍ଧକ୍ୟ କାରଣରୁ ଅର୍ଜୁନ ନିଜେ ରାଜନୀତିରୁ ସନ୍ୟାସ ନେବେ ବୋଲି ଘୋଷଣା କରି ତାଙ୍କ ପୁଅଙ୍କୁ ରାଜନୀତିରେ ଥଇଥାନ କରିବା ପାଇଁ କୁଆଡେ ଉଦ୍ୟମ ଚଳାଇଥିଲେ। ମାତ୍ର ଏହି ଉଦ୍ୟମକୁ ବିଜେଡି ସଭାପତି ଗ୍ରୀନ ସିଗ୍‌ନାଲ ନ ଦେବା କାରଣରୁ ତାଙ୍କ ଆଶାରେ ପାଣିପଡିଯାଇଛି। ଏହାକୁ ନେଇ ଅର୍ଜୁନ ଏବେ ଦଳ ମୁଖିଆଙ୍କ ପ୍ରତି ଅଭିମାନ କରିଥିବା କଥା ଚର୍ଚ୍ଚା ହେଉଛି।

ଗୁରୁବାର ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରମୁଖ କର୍ମୀଙ୍କୁ ନେଇ ଏମ୍‌ପି ନିଜ ବାସଭବନରେ ଏକ ବୈଠକ ଆୟୋଜନ କରିଥିଲେ। ଉକ୍ତ ବୈଠକରେ ସେ ଦଳ ଓ ମୁଖିଆଙ୍କ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ତାଙ୍କ ପୁଅ ଅଭିମନ୍ୟୁଙ୍କୁ ଦଳ ଥଇଥାନ ନ କଲେ ଆଗାମୀ ଦିନରେ ସେ ଓ ତାଙ୍କର ହଜାର ହଜାର ସମର୍ଥକ ଦଳ ତ୍ୟାଗ କରିବେ ବୋଲି ମଧ୍ୟ ଶୁଣିବାକୁ ମିଳିଛି। ଏହାକୁ ନେଇ ଏମ୍‌ପି ସେଠୀ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସ ଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଯଦିଓ ଏହାକୁ ନେଇ ଏମ୍‌ପି ସେଠୀ ସ୍ପଷ୍ଟ କରିନାହାନ୍ତି କିନ୍ତୁ ଖୁବ୍‌ଶୀଘ୍ର ସେ ଦଳ ତ୍ୟାଗ କରିପାରନ୍ତି ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏପରିକି ସୋସିଆଲ ମିଡିଆରେ ସେ ଦଳ ଛାଡୁଥିବା ନେଇ ଭାଇରାଲ ମଧ୍ୟ ହେଲାଣି। ଉଲ୍ଲେଖନୀୟ ଯେ, ଏମ୍‌ପି ସେଠୀ ହେଉଛନ୍ତି ଭଦ୍ରକ ରାଜନୀତିରେ ଏକ ମାଇଲଖୁଣ୍ଟ। ସେ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ କଂଗ୍ରେସ ପକ୍ଷରୁ ୧୯୭୧ ଓ ୧୯୮୦ରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଜନତା ଦଳରେ ଯୋଗଦେଇ ୧୯୯୧ ସାଧାରଣ ନିର୍ବାଚନରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ଗଠନ ପରେ ଦଳ ପକ୍ଷରୁ ସେ ଏମ୍‌ପି ଭାବେ ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ ପର୍ଯ୍ୟନ୍ତ ଲଗାତାର ବିଜୟୀ ହୋଇ ଆସିଛନ୍ତି। ଏପରିକି କେନ୍ଦ୍ରମନ୍ତ୍ରୀ ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇଛନ୍ତି। ଏବେ ବିଜେଡି ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ଅର୍ଜୁନଙ୍କ ଆଗାମୀ କାର୍ଯପନ୍ଥା ଉପରେ ସମସ୍ତଙ୍କ ନଜର ରହିଛି।

**ସୋସିଆଲ ମିଡିଆରେ ଚର୍ଚ୍ଚା**



ଅର୍ଜୁନ ଚରଣ ସେଠୀ

## ତାଲିକା ଦେଇ ନ ପାରିବାରୁ କାଳିଆ ଅର୍ଥ ବନ୍ଦ: ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

କାଳିଆ ଯୋଜନାରେ ରାଜ୍ୟ ସରକାର ହିତାଧିକାରୀଙ୍କ ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଇପାରିଲେ ନାହିଁ। ଯାହା ନିୟମ ଅନୁସାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେବା କଥା। ୩୬ଲକ୍ଷ ଚାଷୀ ହିତାଧିକାରୀଙ୍କ ତାଲିକା ଦେବାରେ ରାଜ୍ୟ ସରକାର ବିଫଳ ହେବା କାରଣରୁ କାଳିଆ ଯୋଜନାରେ ଅର୍ଥ ବାଣ୍ଟିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ବନ୍ଦ କରିଛନ୍ତି। ରାଜ୍ୟ ସରକାର ହିତାଧିକାରୀଙ୍କ ତାଲିକା ନ ଦେବାରୁ ଏବେ ଚାଷୀମାନେ କାଳିଆ ଯୋଜନାରେ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ ବିଜେଡିର ଅଭିଯୋଗ ଥିଲା ପିଏମ୍ କିଷାନ ଯୋଜନାରେ ଅର୍ଥ ବଣ୍ଟାଯାଉ ଥିବାବେଳେ କାଳିଆ ଯୋଜନାରେ କାହିଁକି ଅର୍ଥ ଦେବା ବନ୍ଦ ହୋଇଛି। ପିଏମ୍ କିଷାନ ଯୋଜନାରେ ହିତାଧିକାରୀ ତାଲିକା କେନ୍ଦ୍ର ସରକାର ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ପାଖରେ ଦେଇଛନ୍ତି। ହେଲେ ରାଜ୍ୟ କାଳିଆ ଯୋଜନାର ହିତାଧିକାରୀ ତାଲିକା ଦେଉନାହାନ୍ତି। ତାଲିକା ଦେଉ ନ ଥିବାରୁ କାଳିଆ ଯୋଜନାକୁ ନିର୍ବାଚନ ଅଧିକାରୀ ବନ୍ଦ କରିଛନ୍ତି। ରାଜ୍ୟ ସରକାରଙ୍କ ଭୁଲ ପାଇଁ ଚାଷୀ ହଇରାଣ ହେଉଥିଲା ବେଳେ ବିଜେଡି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି। ଚାଷୀଙ୍କୁ ମୋବାଇଲରେ ମେସେଜ ଆସୁଛି କାଳିଆ ଅର୍ଥ ତୁମକୁ ମିଳିଗଲା ବୋଲି, ହେଲେ ବାସ୍ତବରେ ବ୍ୟାଙ୍କ ଖାତାକୁ ପଇସା ଆସୁନି। ମେସେଜ ଆସିବାର ୫୦ଦିନରୁ ଅଧିକ ଦିନ ଗଲା ପରେ ମଧ୍ୟ ଏବେ ପର୍ଯ୍ୟନ୍ତ ଚାଷୀଙ୍କୁ ଟଙ୍କା ମିଳିନାହିଁ ବୋଲି ସମୀର ଅଭିଯୋଗ କରିଛନ୍ତି।

## ସରକାର ଗଠନରେ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି ନେବେ ପ୍ରମୁଖ ଭୂମିକା

ଭୁବନେଶ୍ୱର,୨୮।୩(ବ୍ୟୁରୋ)

କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବ ନାହିଁ। ବିରୋଧୀ ଉପା ମଧ୍ୟ ସରକାର ଗଠନ ଭଳି ସଂଖ୍ୟା ହାତେଇ ପାରିବ ନାହିଁ। ଏଭଳି ପରିସ୍ଥିତିରେ କେତେକ ଶକ୍ତିଶାଳୀ ଆଞ୍ଚଳିକ ରାଜନୈତିକ ସାମ୍ମୁଖ୍ୟ ହିଁ କେନ୍ଦ୍ରରେ ସରକାର ଗଠନରେ ମୁଖ୍ୟ ଭୂମିକା ନେବେ। ତେଣୁ ରାଜ୍ୟରେ ବିଜେଡି-ଭାଜପା-କଂଗ୍ରେସ ମଧ୍ୟରେ ଲୋକ ସଭା ଲଢ଼େଇର କୌଣସି ଆଧାର ନାହିଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ସେ ଏ କଥାକୁ ଚମତ୍କାର ଢଙ୍ଗରେ ଏକ କାର୍ଟୁନ ମାଧ୍ୟମରେ ପ୍ରକାଶ କରିଛନ୍ତି, ଯାହାକୁ ସେ ସାମାଜିକ ନ୍ୟାୟ ସଙ୍ଗଠନ ଫେସ୍‌ବୁକ୍ ପୃଷ୍ଠାରେ ପୋଷ୍ଟ କରିଛନ୍ତି। ତାଙ୍କର ଏହି କାର୍ଟୁନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

ଶ୍ରୀକାନ୍ତଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା କାର୍ଟୁନରେ ୪ଟି ଟ୍ରେନ୍ ରହିଛି। ଗୋଟିଏ ଟ୍ରେନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅନ୍ୟ ଏକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ତୃତୀୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଚତୁର୍ଥରେ ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ-ଅଖିଳେଶ ଯାଦବ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫଟୋ ରହିଛି। ନବୀନ ଥିବା ଟ୍ରେନ୍‌ଟି ଓଡ଼ିଶା-ବଙ୍ଗ ସୀମାନ୍ତ ଦାନ୍ତୁନରେ ଅଟକି ଯାଉଥିବା ଏଥିରେ ଦର୍ଶାଯାଇଛି। ସେହିପରି ରାହୁଲଙ୍କ ଟ୍ରେନ୍‌ଟି ଦିଲ୍ଲୀରେ ପହଞ୍ଚିବାକୁ ଅସମର୍ଥ ହେଉଥିବା କାର୍ଟୁନରେ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟ୍ରେନ୍ ୟୁପି ରାଜଧାନୀ ଲକ୍ଷ୍ମୌ ଷ୍ଟେଶନରେ ଅଟକି ଯାଇଛି। ଟ୍ରେନ୍ ଲାଇନ ଉପରେ ଏକାଧିକ ହାତୀ ବିଚରଣ କରୁଥିବା ଦର୍ଶାଯାଇଛି। ଭାଜପା ବିଜୟ ରଥକୁ ୟୁପିରେ ବିଏସ୍‌ପି ରୋକିବା ସମ୍ଭାବନାକୁ ଏଥିରେ ଦର୍ଶାଯାଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ସେହିଭଳି ମାୟାବତୀ-ଅଖିଳେଶ-ମମତା ନେତୃତ୍ୱ ନେଉଥିବା ଟ୍ରେନ୍‌ଟି ଦିଲ୍ଲୀରେ ପହଞ୍ଚୁଥିବା କାର୍ଟୁନ ଦ୍ୱାରା ପ୍ରଦର୍ଶିତ କରାଯାଇଛି। ତେଣୁ ଏସ୍‌ପି-ବିଏସ୍‌ପି-ଟିଏମ୍‌ସି ସମର୍ଥନ ହିଁ କେନ୍ଦ୍ରରେ ସରକାର ଗଢିବ ବୋଲି ଶ୍ରୀକାନ୍ତ ପରୋକ୍ଷରେ ସୂଚନା ଦେଉଥିବା କୁହାଯାଉଛି। ତେଣୁ ଶ୍ରୀକାନ୍ତଙ୍କ ଏପରି ଆକଳନ କେତେମାତ୍ରାରେ ବାସ୍ତବତାରେ ପ୍ରତିଫଳିତ ହେଉଛି, ତାହା ନିର୍ବାଚନ ଫଳାଫଳ ପରେ ଜଣାପଡିବ। ପ୍ରକାଶ ଯେ, ଚଳିତ ନିର୍ବାଚନରେ ଶ୍ରୀକାନ୍ତ ନିର୍ବାଚନ ଲଢୁନାହାନ୍ତି। ହେଲେ ରାଜ୍ୟରେ ଆମ୍ ଆଦ୍‌ମୀ ପାର୍ଟି ବା ଏଏପି-ଏସ୍‌ପି-ବିଏସ୍‌ପି ଦ୍ୱାରା ହୋଇଥିବା କ୍ଷୁଦ୍ର ରାଜନୈତିକ ମେଣ୍ଟର ସଂଯୋଜକ ଭାବେ ସେ କାର୍ଯ୍ୟ କରୁଛନ୍ତି।

**କାର୍ଟୁନ ମାଧ୍ୟମରେ ଶ୍ରୀକାନ୍ତଙ୍କ ସଙ୍କେତ**



■ ନିରଞ୍ଜନଙ୍କୁ ବଦ୍ରିଙ୍କ ଚ୍ୟାଲେଞ୍ଜ

## ଦମ୍ ଅଛି ତ ଲଢ଼

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ବିଜେଡି ନେତା ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପର୍କ କାହାକୁ ଅଛପା ନାହିଁ। ନିର୍ବାଚନ ଆସିଲେ ଉଭୟଙ୍କ ବାକ୍‌ଯୁଦ୍ଧ ବୃଦ୍ଧି ପାଇଥାଏ। ଚଳିତଥର ମଧ୍ୟ ଏହା ଦେଖାଦେଇଛି। ମନ୍ତ୍ରୀ ପାତ୍ର ପିସିସି ସଭାପତି ନିରଞ୍ଜନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଯଦି ନିରଞ୍ଜନଙ୍କ ଦମ୍ ଅଛି, ତେବେ ତାଙ୍କ ସହ ଲଢ଼ନ୍ତୁ ବୋଲି ବଦ୍ରି ଗୁରୁବାର ଗଣମାଧ୍ୟମରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବଦ୍ରିଙ୍କ ଏପରି ବୟାନ ପରେ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି।

ଘସିପୁରା ବିଧାନସଭା ପାଇଁ ବିଜେଡି ପକ୍ଷରୁ ବଦ୍ରି ନାରାୟଣ ପାତ୍ରଙ୍କ ନାଁ ଘୋଷଣା କରାଯାଇଛି। ବଦ୍ରି ଯଦି ପ୍ରାର୍ଥୀ ହୁଅନ୍ତି ତେବେ ତାଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବେ ବୋଲି ନିରଞ୍ଜନ କିଛିଦିନ ତଳେ ମତ ରଖିଥିଲେ। ତେଣୁ ସେହି କଥା ମନେ ପକାଇ ବଦ୍ରି ନିରଞ୍ଜନଙ୍କୁ ଆହ୍ୱାନ ଦେଇଛନ୍ତି। ବଦ୍ରି କହିଛନ୍ତି ଯେ, ନିରଞ୍ଜନ ବାବୁଙ୍କର ଖଣି ଖାଦାନ, ଟିଭି, ଖବରକାଗଜ ଏବଂ ଅର୍ଥବଳ ଇତ୍ୟାଦି ରହିଛି। ତଥାପି ସେ ତାଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ଯଦି ଦମ୍ ଅଛି, ତାଙ୍କ ବିରୋଧରେ ଚଳିତ ନିର୍ବାଚନରେ ଘସିପୁରାରେ ପ୍ରାର୍ଥୀ ହୋଇ ଲଢ଼ନ୍ତୁ ବୋଲି ପାତ୍ର କହିଛନ୍ତି। ବଦ୍ରିଙ୍କ ଏପରି ଦୃଢ଼ୋକ୍ତିର ଜବାବ ରଖିଛନ୍ତି ନିରଞ୍ଜନ। ସେ କହିଛନ୍ତି ଯେ, ବଦ୍ରିବାବୁ ବରିଷ୍ଠ ମନ୍ତ୍ରୀ, ସରକାରରେ ଅଛନ୍ତି। ତେଣୁ ସେ ଯାହା ଚାହିଁବେ କହିପାରିବେ। ଦଳ ଯଦି ନିଷ୍ପତ୍ତି ନେବ, ତେବେ ସେ ନିଶ୍ଚୟ ଲଢ଼ିବେ ବୋଲି ନିରଞ୍ଜନ କହିଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନିରଞ୍ଜନ ଘସିପୁରାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ଲଢ଼ିବା ପାଇଁ ଯୋଜନା କରୁଛନ୍ତି। ତେଣୁ କଂଗ୍ରେସର ଶେଷ ପର୍ଯ୍ୟାୟ ତାଲିକା ଆସିବା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

■ ବିଜେଡିକୁ କଂଗ୍ରେସର ସମାଲୋଚନା

## ନଳିନୀଙ୍କୁ ଟିକେଟ ମିଳିବା ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ କାର୍ଯ୍ୟକାଳ ସମୟରେ ନାନା ଦୁର୍ନୀତି ଓ ଲାଞ୍ଚ କାରବାରର ହୋଇଥିବା ବହୁ ଅଭିଯୋଗ ହୋଇଥିଲା। ମାତ୍ର ତାଙ୍କୁ ବିଜେଡି ପକ୍ଷରୁ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଭାବେ ଟିକେଟ୍ ଦିଆଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛତାକୁ ପ୍ରମାଣିତ କରୁଛି ବୋଲି କଟାକ୍ଷ କରିଛି କଂଗ୍ରେସ।

ଗୁରୁବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ କାର୍ଯ୍ୟକାଳ ଅବଧି ଭିତରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ପିସି କାରବାରର ଅଭିଯୋଗ ଥିଲା ସେହି ବ୍ୟକ୍ତିଙ୍କୁ ସମ୍ବଲପୁର ଲୋକ ସଭା ପାଇଁ ଟିକେଟ ଦେଇ ବିଜେଡି ପୁରସ୍କୃତ କରିବା ଦୁର୍ଭାଗ୍ୟଜନକ। ଚାକିରିରେ ଥିବାବେଳେ ସରକାରଙ୍କୁ ଅନୁଗୃହୀତ କରିବା ଭଳି ନିଷ୍ପତ୍ତି ନେଉଥିବା ଏହି ତୋଷାମଦକାରୀଙ୍କ ଅସଲ ମୁଖା ଏବେ ଲୋକଙ୍କ ସାମ୍ନାକୁ ଆସିଛି। ଏହି ବ୍ୟକ୍ତିଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଢ ହଜାର କୋଟି ଟଙ୍କାର ଇ-ଟେଣ୍ଡର କରାଗଲା ନାହିଁ। ଯାହା ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଇବା ସହିତ ଏକ ବଡ ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅନେକ ପ୍ରୋଜେକ୍ଟର ମୂଲ୍ୟ ବୃଦ୍ଧି କରିବାରେ ମଧ୍ୟ ଏହି ବ୍ୟକ୍ତିଙ୍କ ହାତ ଥିବା ଅଭିଯୋଗ ଅଛି। ଯାହା ପ୍ରକାରାନ୍ତରେ ବିଜେଡିକୁ ନିର୍ବାଚନୀ ପାଣ୍ଠି ଯୋଗାଇବାରେ ମାଧ୍ୟମ ସାଜିଛି। ଏହାର ଏକ ଜ୍ୱଳନ୍ତ ନମୁନା ହେଉଛି ଗୁରୁପ୍ରିୟା ସେତୁ, ଯାହାର ଅତିରିକ୍ତ ବ୍ୟୟ ୩୪କୋଟି ବୃଦ୍ଧି କରାଯାଇଥିଲା। ଖୋଦ୍ ଏ.ଜି. ତାଙ୍କ ରିପୋର୍ଟରେ ଏହା ଦର୍ଶାଇବା ସହିତ ଏନେଇ ପ୍ରଶ୍ନ ଉଠାଇଥିଲେ। ଦୁର୍ନୀତିଗ୍ରସ୍ତଙ୍କୁ ଟିକେଟ୍ ଦେଇଥିବା ମୁଖ୍ୟମନ୍ତ୍ରୀ କେତେ ସ୍ୱଚ୍ଛ ଏବଂ ନିର୍ମଳ ଏଥିରୁ ବୁଝାପଡୁଛି ବୋଲି ସତ୍ୟ କହିଛନ୍ତି।

# କଂଗ୍ରେସ ପ୍ରାର୍ଥୀ ଘୋଷଣା ଉପରେ ନଜର

କାମାକ୍ଷାନଗର,୨୮।୩ (ଡି.ଏନ୍.ଏ.)

- ୪ର୍ଥ ଇଂନିସ ପାଇଁ ପ୍ରଫୁଲ୍ଲଙ୍କ ପ୍ରସ୍ତୁତି
- ଶତ୍ରୁଘ୍ନଙ୍କୁ କଣ୍ଟା ଦଳୀୟ ବିଦ୍ରୋହୀ
- ଟିକେଟ ଆଶାରେ ଭବାନୀଶଙ୍କର

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଏବଂ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ବାତାବରଣରେ ଉଷ୍ମତା ପରିଲକ୍ଷିତ ହୋଇଛି। କ୍ରମାଗତ ୩ ଥର ବିଜୟୀ ହୋଇ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକଟ କରିଛି ଶାସକ ଦଳ। ସେହିପରି ରାଜନୀତିରେ ପୁରୁଣା ମୁହଁ କୁହାଯାଉଥିବା ଶତ୍ରୁଘ୍ନ ଜେନାଙ୍କୁ ପ୍ରାର୍ଥୀ କରି ଗୋଟିଚାଳନା ଆରମ୍ଭ କରିଛି ଭାଜପା। ଅନ୍ୟପଟେ ଏହି ଆସନରେ କଂଗ୍ରେସର ଚିତ୍ର ଏ ଯାଏ ଅସ୍ପଷ୍ଟ ରହିଛି। ବିଜେଡି, ଭାଜପା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ସାରିଥିବାବେଳେ ଏବେ ସମସ୍ତଙ୍କ ନଜର ଅଟକିଛି କଂଗ୍ରେସ ପ୍ରାର୍ଥୀ ଘୋଷଣା ଉପରେ।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀଭାବେ ପ୍ରଫୁଲ୍ଲଙ୍କ ନାମ ଘୋଷଣା କରିବା ପରେ କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି। ତେବେ ଟିକେଟକୁ ଅପେକ୍ଷା ନ କରି ପୂର୍ବରୁ ପ୍ରଫୁଲ୍ଲ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ସେ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି। ଏଥିସହ କର୍ମୀଙ୍କୁ ସଙ୍ଗଠିତ କରି ନିର୍ବାଚନ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ସବୁଥର ଭଳି ଚତୁର୍ଥ ଥର ମଧ୍ୟ ସେ ବିରୋଧୀଙ୍କୁ ବହୁ ପଛରେ ଛାଡ଼ିଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ନେଇ ପ୍ରଫୁଲ୍ଲ କୁହନ୍ତି, ୨୦୧୪ ନିର୍ବାଚନରେ ବିଜୟୀ ହେବା ପରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ରାଜ୍ୟରେ ନବୀନ ସରକାରଙ୍କ ଲୋକପ୍ରିୟତା ବଢ଼ିଛି। ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ଯୋଗୁ ସେ ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ତେଣୁ ତାଙ୍କୁ ଜିତିବାରେ କୌଣସି ଅସୁବିଧା ହେବନାହିଁ।

ସେହିପରି ଭୁବନ ବ୍ଲକର ୩ଥର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିବା ଶତ୍ରୁଘ୍ନ ଜେନାଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଥିପୂର୍ବରୁ ଶତ୍ରୁଘ୍ନ ଥରେ ସ୍ୱାଧୀନ ଏବଂ ଥରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଭୋଟରଙ୍କ ପାଖକୁ ଯାଇଛନ୍ତି। ତେବେ ଶତ୍ରୁଘ୍ନଙ୍କ ଟିକେଟକୁ ନେଇ ଦଳର ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ଅଛନ୍ତି। ଖୋଲାଖୋଲି ନ ହେଲେ ମଧ୍ୟ ପରୋକ୍ଷରେ ତାଙ୍କୁ ବିରୋଧ କରୁଛନ୍ତି, ଯାହା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ ସେ କୁହନ୍ତି, କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ଦେଶକୁ ବିକାଶ ପଥରେ ଆଗେଇ ନେଉଛି। ଏହା ସମସ୍ତେ ହୃଦ୍‌ବୋଧ କଲେଣି। ଓଡ଼ିଶାରେ ୧୯ବର୍ଷ ଧରି ଶାସନ କରୁଥିବା ଦଳ ଦୁର୍ନୀତିରେ ବୁଡ଼ିରହିଛି। ଶାସକ ଦଳର ଗୁଣ୍ଡାଗର୍ଦ୍ଦି ଚରମସୀମାରେ ପହଞ୍ଚିଲାଣି। ଲୋକେ ଅତିଷ୍ଠ ହୋଇ ଭାଜପାକୁ ବିକଳ୍ପ ଭାବେ ବାଛିଛନ୍ତି। ଏଥର ସେ ନିଶ୍ଚିତ ବିଜୟୀ ହେବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ନାମାଙ୍କନ ପୂର୍ବରୁ ସମସ୍ତ କର୍ମୀଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଦୂର କରି ନିର୍ବାଚନ ବୈତରଣୀ ପାର ହେବେ ବୋଲି ଶତ୍ରୁଘ୍ନ ଆଶା ବାନ୍ଧିଛନ୍ତି।

ଅପରପକ୍ଷେ କଂଗ୍ରେସ ଅଦ୍ୟାବଧି କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଲାଗି ପ୍ରାର୍ଥୀ ଘୋଷଣା କରିନାହିଁ। ୨୦୧୪ରେ ପରାଜିତ ହୋଇଥିବା ପ୍ରାର୍ଥୀ ଭବାନୀଶଙ୍କର ମହାପାତ୍ର, ଶିକ୍ଷକ ନେତା ବିପ୍ରବର ସାହୁ, ପ୍ରଭୁଦତ୍ତ ଭଞ୍ଜ କଂଗ୍ରେସ ଆଶାୟୀ ଦୌଡ଼ରେ ଅଛନ୍ତି। ତେବେ ଭବାନୀଙ୍କ ଉପରେ ପୁଣିଥରେ କଂଗ୍ରେସ ଆସ୍ଥା ପ୍ରକଟ କରିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ୪୭ ହଜାର ଭୋଟ ପାଇ ଭବାନୀଶଙ୍କର ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ବାପା କୈଳାସ ଚନ୍ଦ୍ର ମହାପାତ୍ର ଏବଂ ମା' ପ୍ରେମଲତା ମହାପାତ୍ର ଉଭୟେ ବିଧାୟକ ଥିଲେ। ନିର୍ବାଚନମଣ୍ଡଳୀରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ସମଗ୍ର ନିର୍ବାଚନମଣ୍ଡଳୀରେ ଲାଗିରହିଥିବା ସମସ୍ୟା ଜନଅସନ୍ତୋଷର କାରଣ ହୋଇଛି। ଟିକେଟ ମିଳିଲେ ନିଶ୍ଚିତ ସଫଳ ହେବେ ବୋଲି ସେ କହିଛନ୍ତି।

ପ୍ରଥମଦିନରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ୩ ପ୍ରମୁଖ ଦଳ ସଭାସମିତିରେ ପ୍ରଚାରକୁ ସୀମିତ ରଖିଛନ୍ତି। ଦିନେ ଦୁଇଦିନ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରାଯିବା ସମ୍ଭାବନା ରହିଛି। ଏହାପରେ ସବୁ ଦଳ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି।

**କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ**



ପ୍ରଫୁଲ୍ଲ ମଲ୍ଲିକ।



ଭବାନୀ ଶଙ୍କର ମହାପାତ୍ର।



ଶତ୍ରୁଘ୍ନ ଜେନା।

# ବିଜେଡିରୁ ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ଇସ୍ତଫା

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ପୂର୍ବତନ ଏମ୍‌ପି ତଥା ବରିଷ୍ଠ ନେତା ମୋହନ ଜେନା ଗୁରୁବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ମୋହନ ୨୦୦୪, ୨୦୦୯ରେ ବିଜେଡି ପ୍ରାର୍ଥୀ ଭାବେ ଯାଜପୁର ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୨୦୧୪ରେ ତାଙ୍କ ଟିକେଟ କଟାଯାଇ ରୀତା ତରାଇଙ୍କୁ ଦିଆଯାଇଥିଲା। ଚଳିତଥର ମୋହନ ନିଜ ପ୍ରାର୍ଥିତ୍ୱକୁ ନେଇ ଆଶାବାଦୀ ଥିଲେ, ମାତ୍ର ଦଳ ପକ୍ଷରୁ ପୂର୍ବତନ ପ୍ରଶାସିକା ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ବିଜେଡିରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଇସ୍ତଫାପତ୍ରରେ ମୋହନ ଦଳୀୟ କାର୍ଯ୍ୟଶୈଳୀକୁ ନେଇ ଅଙ୍ଗୁଳି ଉଠାଇଛନ୍ତି। ଚିଠି ମାଧ୍ୟମରେ ସେ କହିଛନ୍ତି ଯେ, ବିଜୁ ଜନତା ଦଳର ସମ୍ବିଧାନ ଏକ ଗୋପନୀୟ ଦଲିଲ ହୋଇଛି। ରାଜନୈତିକ ଦଳର ମୌଳିକ ଚରିତ୍ର ହରାଇ ବିଜେଡି ଏକ ପ୍ରାଇଭେଟ ଲିଃ କମ୍ପାନୀରେ ପରିଣତ ହୋଇଛି। ଜନୈକ ଆଇଏଏସ୍ ଅଧିକାରୀ ଏବଂ କିଛି ବୋଲକରା ଅଧିକାରୀ ଦଳକୁ ମେରୀ ରାୟ ନୀତିରେ ପରିଚାଳନା କରୁଛନ୍ତି। ଦଳରେ ସର୍ବନିମ୍ନ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ବହୁ ବରିଷ୍ଠ ନେତା ଦଳ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କ ନିକଟରେ ଭିକ୍ଷାପ୍ରାର୍ଥୀ ହୋଇ ଛିଡ଼ା ହେଉଥିବା ମୋହନ କହିଛନ୍ତି। ସେହିପରି ରାଜ୍ୟର ପ୍ରାୟ ୪୦ ପ୍ରତିଶତ ଭୋଟର ହେଉଛନ୍ତି ଏସ୍‌ସି/ଏସ୍‌ଟି। ସେମାନଙ୍କ ଭୋଟରେ ବିଜେଡି ଶାସନ କରୁଛି, ହେଲେ ତାଙ୍କ ଉନ୍ନତି ବିରୋଧୀ କାର୍ଯ୍ୟ କରୁଛି। ବାବା ସାହେବ ଆମ୍ବେଡ୍‌କରଙ୍କୁ ଶ୍ରଦ୍ଧା କରୁଥିବା ବ୍ୟକ୍ତିମାନଙ୍କୁ ବିଜେଡିରେ ଘୃଣା କରାଯାଏ। ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଏ ନାହିଁ। ବିଜେଡି ନେତୃତ୍ୱ ସାମାଜିକ ନ୍ୟାୟ ବିରୋଧୀ ବୋଲି ମୋହନ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ମୋହନଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ସେନେଇ କୌଣସି ସୂଚନା ମିଳିପାରିନାହିଁ।

# ବିଜେଡି ଛାଡ଼ିଲେ ଜୟନ୍ତ

ପୁରୀ ଅଫିସ,୨୮।୩



■ମହେଶ୍ୱରଙ୍କ କାର୍ଯ୍ୟଶୈଳୀ ଅସହ୍ୟ ହେଲା

■ଭାଜପାରେ ମିଶିବା ଚର୍ଚ୍ଚା

ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜେଡି ଛାଡ଼ିଛନ୍ତି। ଗୁରୁବାର ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ସେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ ଜୟନ୍ତ। କିନ୍ତୁ ଏଠାରୁ ଉମାକାନ୍ତ ସାମନ୍ତରାୟଙ୍କୁ ପ୍ରାର୍ଥୀ ଘୋଷଣା କରିଛି ଦଳ। ତେଣୁ ତାଙ୍କୁ ଦଳ ଗୁରୁତ୍ୱ ଦେଉ ନ ଥିବା ହୃଦ୍‌ବୋଧ ହେବାରୁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ତେବେ ଜୟନ୍ତ ଭାଜପାରେ ମିଶି ପୁରୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇସ୍ତଫା ସମ୍ପର୍କରେ ସୂଚନା ଦେଇ ଜୟନ୍ତ କହିଛନ୍ତି, ବିଜେଡି ପ୍ରତିଷ୍ଠା ହେବା ପରଠାରୁ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସୁଥିଲି। ଗତ ୫ ବର୍ଷ ପୁରୀ ନଗରପାଳ ଦାୟିତ୍ୱରେ ରହିଥିଲି। ପ୍ରାୟ ୩୦ ବର୍ଷ ଜନତା ଦଳ ଏବଂ ବିଜେଡିରେ ରହିବା ପରେ ଆଜି ଦଳ ଛାଡିବାକୁ ଏକପ୍ରକାର ବାଧ୍ୟ ହୋଇଛି। ସତ୍ୟବାଦୀରେ ବିଜେଡି ଭୁଶୁଡ଼ି ପଡିଥିବାବେଳେ ମୋତେ ଦାୟିତ୍ୱ ଦିଆଯାଇଥିଲା। ମୁଁ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିଥିଲି। ହେଲେ ଏଥର ନିର୍ବାଚନ ପାଇଁ ମୋ କଥା ବିଚାରକୁ ନିଆଗଲା ନାହିଁ। ପୁରୀରେ ନିଜକୁ ଅସୁରକ୍ଷିତ ମନେ କଲି। ମୋ ପ୍ରତି ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ରାଜନୈତିକ କାର୍ଯ୍ୟଶୈଳୀ ବହୁତ ଅସହ୍ୟ ହୋଇପଡିଲା। ବିରୋଧୀ କଂଗ୍ରେସ କିମ୍ବା ଭାଜପା କେବେ ବି ମୋତେ ଭୁଲ୍ ବୁଝିନାହାନ୍ତି। କିନ୍ତୁ ନିଜ ଦଳୀୟ ଲୋକେ ମୋତେ ବହୁତ କଷ୍ଟ ଦେଇଛନ୍ତି ଏବଂ ବିକାଶରେ ବାଧା ଉପୁଜାଇଛନ୍ତି। ଏମିତି ବି ଯେତେବେଳେ ବିଧାୟକଙ୍କ ଉପରେ ଆକ୍ରମଣ ହୋଇଛି ସେଥିରେ ମୋ ନାଁ ଯୋଡ଼ାଯାଇଛି। ମଝିରେ ଥରେ ମୋତେ ମାରିବାକୁ ଚକ୍ରାନ୍ତ ବି ହୋଇଥିଲା। ଏହା ମୋତେ ବହୁତ ବାଧିଥିଲା, ଯେଉଁଥି ପାଇଁ ଏଭଳି ଏକ କଠୋର ନିଷ୍ପତ୍ତି ନେବାକୁ ପଡ଼ିଲା। ଲୋକମାନଙ୍କ ପାଇଁ କାମ କରିବାକୁ ହେଲେ ଏକ ରାଜନୈତିକ ଦଳରେ ରହିବା ଦରକାର। କିନ୍ତୁ ଏବେ ସୁଦ୍ଧା କେଉଁ ଦଳକୁ ଯିବି ତାହା ଭାବିନାହିଁ। ମୋର ସମର୍ଥକ, ଶୁଭେଚ୍ଛୁଙ୍କ ମତାମତ ନେଇ ପରବର୍ତ୍ତୀ ନିଷ୍ପତ୍ତି ନେବି। ଭାଜପାରେ ମିଶିବା ନେଇ ହେଉଥିବା ଚର୍ଚ୍ଚାକୁ ସେ ଏଡାଇ ଯାଇ ଖୁବ୍‌ଶୀଘ୍ର ଚିତ୍ର ସ୍ପଷ୍ଟ ହେବ ବୋଲି ଜୟନ୍ତ କହିଛନ୍ତି। ଏ ସଂକ୍ରାନ୍ତରେ ମନ୍ତ୍ରୀ ମହେଶ୍ୱର କହିଛନ୍ତି, ଜୟନ୍ତ କଥାରୁ ତାଙ୍କର ଭାଜପା ଏବଂ କଂଗ୍ରେସ ସହିତ କେତେ ନିବିଡ଼ତା ତାହା ସ୍ପଷ୍ଟ ବୁଝାପଡୁଛି। ତେଣୁ ଗୋଟିଏ ଦଳରେ ରହି ଅନ୍ୟ ଦଳ ପ୍ରତି ଆନୁଗତ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଅଭିଯୋଗ କରନ୍ତି ତାହାର ସତ୍ୟତା କେତେ ତାହା ପୁରୀବାସୀ ହିଁ ନିଷ୍ପତ୍ତି ନେବେ। ତାଙ୍କ ଅଭିଯୋଗ ଉପରେ ମୋର ଅଧିକ କିଛି କହିବାର ନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ପୁଣି ୩ ପ୍ରଶ୍ନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

କୋଲ୍ ବ୍ଲକ ଆବଣ୍ଟନ ମାମଲାରେ ନାଗପୁରର ଜି.ଡି. ଡାଗା କିଏ। ୨୦୧୭ ନଭେମ୍ବର ୨୫ରେ ସିବିଆଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜେରା କରିଥିଲା କି ନାହିଁ। ନବୀନବାବୁ ଏ କଥା ଜାଣି ମଧ୍ୟ କାହିଁକି ସତ୍ୟପାଠରେ ଉଲ୍ଲେଖ କରି ନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ୩ଟି ପ୍ରଶ୍ନର ଉତ୍ତର ସାଢେ ୪କୋଟି ଓଡ଼ିଆ ଜାଣିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି। ଭାଜପା ପକ୍ଷରୁ ବିଭିନ୍ନ ଜାଗାରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ତିନୋଟି ପ୍ରଶ୍ନ ପଚରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, କେନ୍ଦ୍ରରେ କୋଇଲା ବିଭାଗରେ କିଛି ଦିନ ପାଇଁ ନବୀନ ବାବୁ ମନ୍ତ୍ରୀ ଥିଲେ। ମନ୍ତ୍ରୀ ଥିବା ସମୟରେ ୧୯୯୮ ଏପ୍ରିଲ ୩ରେ ନବୀନ ବାବୁ ନାଗପୁରର ଜି.ଡି. ଡାଗାଙ୍କ ଗୋଟିଏ ଭୂତ କମ୍ପାନୀକୁ କୋଇଲା ଖଣି ଆବଣ୍ଟନ କଲେ। ସରକାରୀ ନିୟମ ମୁତାବକ ଗୋଟିଏ କମ୍ପାନୀକୁ ପ୍ରଥମେ ପଞ୍ଜୀକରଣ କରିବାକୁ ପଡିବ। ମାତ୍ର ମୁଖ୍ୟମନ୍ତ୍ରୀ କୋଇଲା ଖଣି ଦେଇଥିବା କମ୍ପାନୀଟି ୧୯୯୯ ଜାନୁୟାରୀରେ ପଞ୍ଜୀକରଣ ହୋଇଛି। ପରବର୍ତ୍ତୀ ଅବସ୍ଥାରେ ୨୦୧୪ ମାର୍ଚ୍ଚ ମାସରେ ଏହି କେସ ଦାଏର ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଛି। ଭାଜପା ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଥିଲେ ହେଁ ନିର୍ବାଚନ ଅଧିକାରୀ ଏହାର ଅସ୍ପଷ୍ଟ ଉତ୍ତର ଦେଇଛନ୍ତି। ସେହିପରି ବିଜେଡି ମଧ୍ୟ ଏହି ମାମଲାରେ ମୂଳ ପ୍ରସଙ୍ଗରୁ ମୁହଁ ଲୁଚାଉଛି। ବିଜେଡି ଏମ୍‌ପି ପିନାକୀ ମିଶ୍ର ଏହି ମାମଲା ୨୧ ବର୍ଷ ତଳର କଥା ବୋଲି କହୁଛନ୍ତି। ବହୁତ ବର୍ଷ ତଳର ଦୁର୍ନୀତି ହୋଇଥିଲେ ମଧ୍ୟ ଏହା କ'ଣ ଅପରାଧ ନୁହେଁ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। କେଉଁ ସ୍ୱାର୍ଥରେ ନବୀନ ବାବୁ ଭୂତ କମ୍ପାନୀକୁ ୧୯୯୮ରେ ବିନା ପଞ୍ଜୀକରଣରେ କୋଲ୍ ବ୍ଲକ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସତ କହିଲେ ମୁଖ୍ୟମନ୍ତ୍ରୀଙ୍କୁ କଷ୍ଟ ହେଉଛି। ଓଡିଶା ଡିଜି ଆଇନଶୃଙ୍ଖଳା ରକ୍ଷା କରିବା ପରିବର୍ତ୍ତେ ବିଜେଡି ସଭାପତିଙ୍କ ପାଖରେ ନିଷ୍ଠା ଦେଖାଉଛନ୍ତି। ଓଡିଶାର ଡିଜି ଓ ପୋଲିସ କମିଶନର ସର୍ବଭାରତୀୟ ସେବାର ଅଧିକାରୀ, ରାଜନୈତିକ ଦଳର କର୍ମକର୍ତ୍ତା ନୁହନ୍ତି। ରାଜ୍ୟରେ ରାଜନୈତିକ ହିଂସା ବଢିବାରେ ଲାଗିଛି। କିନ୍ତୁ ପୋଲିସ ରାଜନୈତିକ କାମରେ ଲାଗିଥିବାରୁ ଶାସକ ଦଳର ଅପରାଧୀମାନେ ରକ୍ତମୁଖା ହୋଇ ପ୍ରତିପକ୍ଷକୁ ହତ୍ୟା କରିବାକୁ ପଛାଉନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ସଇତାନର ବେଦପାଠ: ବିଜେଡି

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୋଇଲା ଦୁର୍ନୀତିରେ ଛନ୍ଦୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଜବାବ ଦେଇଛି ବିଜେଡି। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ସଇତାନର ବେଦପାଠ ବୋଲି ଗୁରୁବାର ଦଳ ପକ୍ଷରୁ କୁହାଯାଇଛି। ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଯାଇ ୩ ବିଜେଡି ମୁଖପାତ୍ର ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉପରେ ବର୍ଷିଛନ୍ତି।

ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି ଯେ, ବ୍ୟାପମ୍ ଦୁର୍ନୀତି ସହ ଧର୍ମେନ୍ଦ୍ର ବାବୁଙ୍କର କି ସମ୍ପର୍କ ଟିକେ ଜଣାଇବେ କି। ଏହି ଦୁର୍ନୀତିର ଖଳନାୟକ ସୁଧୀର ଶର୍ମାଙ୍କ ପାଖରୁ ଜବତ ହୋଇଥିବା ଦସ୍ତାବିଜ୍‌ରେ ସେ ଧର୍ମେନ୍ଦ୍ର ବାବୁଙ୍କୁ ବିମାନ ଟିକେଟ ଦେଇଥିବା ଧରାପଡ଼ିଥିଲା। ଏ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠିଲା, ଧର୍ମେନ୍ଦ୍ର ବାବୁଙ୍କ ଇସ୍ତଫା ଦାବି ହେଲା। ୫ ବର୍ଷ ବିତିଗଲା ପଛେ ତାଙ୍କ ପାଟିରୁ ପଦେ କଥା ବାହାରିଲାନି କାହିଁକି। ୨୦୧୪ରେ ତତ୍କାଳୀନ କୋଇଲା ସଚିବ ପି.ସି. ପାରେଖ ତାଙ୍କ ଆତ୍ମଜୀବନୀ ପୁସ୍ତକ 'କ୍ରୁସେଡର ଅର କନ୍‌ସ୍ପିରେଟର'ରେ ଧର୍ମେନ୍ଦ୍ର ବାବୁଙ୍କ ପାପ ଚେହେରା ଖୋଲିଛନ୍ତି। ୨୦୦୫ରେ ମହାନଦୀ କୋଲ୍‌ଡ ଫିଲ୍ଡର ଏକ ଇ-ଅକ୍ସନ ବିଜ୍ଞପ୍ତି ବାହାରିବା ପରେ କିଛି ଘରୋଇ ସଂସ୍ଥାକୁ ସରକାରୀ ମୂଲ୍ୟରେ କୋଇଲା ଦେବାକୁ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ଏହା ସମ୍ଭବ ନୁହେଁ ବୋଲି ପାରେଖ ଦର୍ଶାଇବାରୁ ଧର୍ମେନ୍ଦ୍ର ରାଗିଯାଇଥିଲେ। କନ୍‌ସଲଟେଟିଭ୍ କମିଟିର ସଦସ୍ୟ ଥିବା ଧର୍ମେନ୍ଦ୍ର କମିଟି ବୈଠକରେ ପାରେଖଙ୍କୁ ଅତି ନିମ୍ନସ୍ତରର ମନ୍ତବ୍ୟ ଦେଇଥିଲେ। ଧର୍ମେନ୍ଦ୍ର ବାବୁ କେଉଁ ଘରୋଇ ସଂସ୍ଥା ପ୍ରୀତିରେ ଏଭଳି କାର୍ଯ୍ୟ କରିଥିଲେ ବୋଲି ସସ୍ମିତ୍ ପ୍ରଶ୍ନ କରିଛନ୍ତି। ସେହିପରି ଗ୍ୟାଙ୍ଗଷ୍ଟର ଟିଟୋ ସହ ସମ୍ପର୍କ ନେଇ ଧର୍ମେନ୍ଦ୍ରଙ୍କୁ ବିଜେଡି ସମାଲୋଚନା କରିଛି। ଅନ୍ୟପକ୍ଷରେ ବିଜେଡିର ଆଉ ଜଣେ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ଡି ବ୍ରଦର୍ସଙ୍କୁ କାହିଁକି ମୁଣ୍ଡରେ ବସାଇଥିଲେ ଧର୍ମେନ୍ଦ୍ର। ଛତ୍ରପୁର ଲକ୍ଷ୍ମୀଦତ୍ତ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଉତ୍ତରାଖଣ୍ଡ ଗେଷ୍ଟ ହାଉସ୍‌ରେ କେନ୍ଦ୍ରମନ୍ତ୍ରୀ ଆଶ୍ରୟ ଦେଇଥିବା କଥା ମିଛ କି ବୋଲି ଲେନିନ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ନେତ୍ରୀ ସୁଲୋଚନା ଦାସ କହିଛନ୍ତି ଯେ, ଶାଳୀନତାର କଥା କହୁଥିବା କେନ୍ଦ୍ରମନ୍ତ୍ରୀ ନିଜର ଶାଳୀନତା ସମ୍ପର୍କରେ ଲୋକଙ୍କୁ ଜଣାଇବା ଦରକାର। ସେ କେତେ ଶାଳୀନ ଓଡ଼ିଶାବାସୀ ଜାଣନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ଓ ଚପଲ ମାଡ଼ କରିଥିବା ବ୍ୟକ୍ତିଙ୍କୁ ଧର୍ମେନ୍ଦ୍ର ନିଜ ସଭାମଞ୍ଚରେ ବସାଇ ସୁରକ୍ଷା ଦେଇ ନ ଥିଲେ କି? ତାଙ୍କ ଭାଇ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡରର କଳାବେପାର କରି ଥାନାରେ କେସ୍ ଖାଇଥିଲେ। ସେହି ମାମଲାର ତଦନ୍ତ ଗଲା କୁଆଡ଼େ। ବିଜେପୁର ଉପନିର୍ବାଚନ ବେଳେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇଙ୍କୁ ଆକ୍ରମଣ ମାମଲାରେ ଧର୍ମେନ୍ଦ୍ରଙ୍କର ସଂପୃକ୍ତି ଥିଲା ନା ନାହିଁ, ତାହା ସ୍ପଷ୍ଟ କରିବେ କି? ବିଜେପୁର ଉପନିର୍ବାଚନ ବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପେଟ୍ରୋଲ ପମ୍ପ ମାଲିକଙ୍କୁ ଧମକେଇ ଚାନ୍ଦା ଆଦାୟ କରିବା ଏବଂ ଭାଜପା ସପକ୍ଷ ପ୍ରଚାରରେ ନିୟୋଜିତ କରିବା କଥା କ'ଣ ମିଛ କି। ଜନୈକ ପେଟ୍ରୋଲ ପମ୍ପ ମାଲିକ ଗତିକୃଷ୍ଣ ମିଶ୍ର ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ତା' ପରଦିନ ତାଙ୍କ ପେଟ୍ରୋଲ ପମ୍ପ ସିଲ୍ ହୋଇଯାଇ ନ ଥିଲା କି ବୋଲି ସୁଲୋଚନା ପ୍ରଶ୍ନ କରିଥିଲେ।

# ନବୀନ ନିବାସରେ ଭିଡ଼



ନବୀନ ନିବାସରେ ଗୁରୁବାର ଟିକେଟ୍ ପାଇଥିବା ଓ ଦଳୀୟ ନେତାଙ୍କ ଭିଡ଼।

## ୨ଜଣଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ଭାଜପା ଗୁରୁବାର ୨ଜଣଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛି। ସେମାନେ ହେଲେ ରାୟଗଡା ଜିଲା ଗୁଣପୁରର ତ୍ରିନାଥ ପଣ୍ଡା ଏବଂ ବଲାଙ୍ଗିର ଜିଲାର ରାକେଶ କୁମାର ମିଶ୍ର। ସେମାନେ ନିଜ ଭୁଲର ପରିତାପ କରିବା ସହ ଦଳରେ ଶୃଙ୍ଖଳିତଭାବେ କାର୍ଯ୍ୟ କରୁଥିବାରୁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏନେଇ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ବିଜେଡିର ଏକାଧିକ ପ୍ରାର୍ଥୀ ଭୁଲ୍ ତଥ୍ୟ ଦେଇଛନ୍ତି: ଭାଜପା

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ବିଜେଡି କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ୨ଟି ଭିନ୍ନ ଭିନ୍ନ ଭୋଟର ପରିଚୟପତ୍ର ଅଛି। ଗୋଟେ କଟକ ସଦର ନିର୍ବାଚନମଣ୍ଡଳୀରେ ଥିବାବେଳେ ଅନ୍ୟଟି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଅଛି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମାଙ୍କନ ପତ୍ରରେ ମଧ୍ୟ ୨ଟି ତ୍ରୁଟି ରହିଛି। ପ୍ରଥମଟି ହେଉଛି ମୁଖ୍ୟମନ୍ତ୍ରୀ ସତ୍ୟପାଠରେ ଯେଉଁ ସ୍ଥାନରେ ଦସ୍ତଖତ କରିବା କଥା କରିନାହାନ୍ତି। ଅନ୍ୟପଟେ କୋଇଲା ଦୁର୍ନୀତିରେ ସିବିଆଇ ମୁଖ୍ୟମନ୍ତ୍ରୀଙ୍କୁ ୨୫ ନଭେମ୍ବର ୨୦୧୭ରେ ଜେରା କରିବା କଥା ସେ ପ୍ରାର୍ଥିପତ୍ରରେ ଦର୍ଶାଇ ନାହାନ୍ତି। ରାଉରକେଲାରେ ବିଜେଡିର ବିଧାୟକ ପ୍ରାର୍ଥୀ ସାରଦା ନାୟକ ନିଜ ନାମାଙ୍କନରେ ୨୦୧୮-୧୯ର ଯେଉଁ ଆୟକର ତଥ୍ୟ ଦେଇଛନ୍ତି ତାହା ଭୁଲ ଅଛି। ସେହିପରି ବିଜେଡି ଆସ୍କା ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଶୋଇଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଦେଇଥିବା ତଥ୍ୟ ଭୁଲ ଥିବା ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ବିଜେଡି ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ସିଂଦେଓଙ୍କ ମଧ୍ୟ ଦୁଇଟି ଭୋଟର ପରିଚୟ ପତ୍ର ଅଛି। ଦଶପଲ୍ଲାର ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଅନୁସୂଚିତ ଜାତି ବର୍ଗର ନୁହନ୍ତି। ହେଲେ ସେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ନିର୍ବାଚନ ଲଢୁଛନ୍ତି। ଏ ସମସ୍ତ ପ୍ରାର୍ଥୀ ବିଜେଡିର ହୋଇଥିବାରୁ ସମ୍ପୃକ୍ତ ନିର୍ବାଚନ ରିଟର୍ଣ୍ଣିଂ ଅଫିସରମାନେ ସେମାନଙ୍କ ପାର୍ଥିପତ୍ର ନାକଚ କରିନାହାନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କଲା ପରେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ଝିଅପୁଅଙ୍କ ଗଳା କାଟି ମା'ର ଆତ୍ମହତ୍ୟା ଉଦ୍ୟମ

**ମାଲକାନଗିରି/କାଲିମେଲା, ୨୮।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ସିନ୍ଧିଗୁଡ଼ା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜ ଝିଅପୁଅଙ୍କ ଗଳାକାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପରେ ସେ ନିଜେ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସିନ୍ଧିଗୁଡ଼ା ଗ୍ରାମର ଦେବା କବାସୀ, ସ୍ତ୍ରୀ ଦାର୍ଙ୍ଗି ଓ ଝିଅପୁଅଙ୍କୁ ନେଇ ତାଙ୍କର ଛୋଟ ପରିବାର। ହେଲେ ଏହି ପରିବାର ଭିତରେ ଅନ୍ୟ ଜଣେ ମହିଳା ପ୍ରବେଶ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ସଂପୃକ୍ତ ମହିଳାଙ୍କୁ ଦେବା ଦ୍ୱିତୀୟ ବିବାହ କରିବାକୁ କହିବାରୁ ଦାର୍ଙ୍ଗି ଏଥିରେ ଭାଙ୍ଗି ପଡିଥିଲେ। ଏହି ଘଟଣାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଦାର୍ଙ୍ଗି ମାନସିକ ଭାରସାମ୍ୟ ହରାଇ ଝିଅ ପୂଜା ଓ ପୁଅ ବିକାଶଙ୍କ ଗଳାକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା ଉଦ୍ୟମ କରିଥିଲେ। ପରେ ସେ ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ଦେବା ଓ ଗ୍ରାମବାସୀ ତୁରନ୍ତ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୂଜା ଓ ଦାର୍ଙ୍ଗିଙ୍କ ଅବସ୍ଥା ସ୍ଥିର ଥିବା ବେଳେ ପୁଅ ବିକାଶ ଗୁରୁତର ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କେହି କାଲିମେଲା ଥାନାରେ ଅଭିଯୋଗ କରି ନ ଥିବା ଭାରପ୍ରାପ୍ତ ନିରୀକ୍ଷକ ଚନ୍ଦ୍ର ଶେଖର ଶବର କହିଛନ୍ତି। ଶୁକ୍ରବାର ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ହନୁମନ୍ତପାଳରେ ମରଣାନ୍ତକ ଆକ୍ରମଣ ଘଟଣା

## ୭ ଜଣଙ୍କୁ ୧୦ବର୍ଷ ଜେଲ

**କେନ୍ଦ୍ରାପଡା ଅଫିସ, ୨୮।୩:** ନିକିରାଇ ଥାନା ଇନ୍ଦୁପୁର ନିକଟ ହନୁମନ୍ତପାଳରେ ୨୦୦୬ରେ ଘଟିଥିବା ଏକ ମିଳିତ ମରଣାନ୍ତକ ଆକ୍ରମଣ ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଏଡିଜେ ପ୍ରଜ୍ଞା ପାଣିଗ୍ରାହୀ ମାମଲାର ଶୁଣାଣି କରି ଏହି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହିତ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଶୁଣାଇଛନ୍ତି। ରାୟ ପ୍ରକାଶ ପରେ ଅଭିଯୁକ୍ତ ହନୁମନ୍ତପାଳର ତୁଷାରକାନ୍ତ ରାଉତ ଓରଫ ଗିଲା, ଅକ୍ଷୟ କୁମାର ରାଉତ, ମାନସ କୁମାର ରାଉତ, କବୀନ୍ଦ୍ର ସ୍ୱାଇଁ, ଭୀମସେନ ରାଉତ, ଆଶିଷ ସାମଲ ଓ ଜୟନ୍ତ ରାଉତ ଓରଫ ବେଙ୍ଗଙ୍କୁ କେନ୍ଦ୍ରାପଡା ଉପକାରାଗାରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ହନୁମନ୍ତପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୦୬ ସେପ୍ଟେମ୍ବର ୧୧ ତାରିଖରେ ଗ୍ରାମ୍ୟ ଶିକ୍ଷା କମିଟି ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହେଉଥିଲା। ସମ୍ପୃକ୍ତ ଗ୍ରାମର ଅନାଦି ଚରଣ ରାଉତ ଏଥିରେ ଯୋଗ ଦେଇଥିଲେ। ଅନାଦିଙ୍କ ଏକ ପ୍ରଶ୍ନରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ତାଙ୍କୁ ଫାର୍ସା, ଭୁଜାଲି, ଲୁହାରଡ଼ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅନାଦିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ କେନ୍ଦ୍ରାପଡ଼ା ଥାନାରେ ୨୮୨/୨୦୦୬ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପରିଚାଳନା କରୁଥିଲେ।

## କୁଖ୍ୟାତ ଅପରାଧୀ ଗିରଫ: ବନ୍ଧୁକ, ଖଣ୍ଡା ଜବତ

**ତିହିଡ଼ି, ୨୮।୩ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡି ଥାନା ଅଧୀନ ବିଲଣା ପଞ୍ଚାୟତ ନୂଆପାଟଣା ଗ୍ରାମର ପ୍ରଶାନ୍ତ ପରିଡ଼ା ଓରଫ ବାବୁ ନାମକ ଜଣେ କୁଖ୍ୟାତ ଅପରାଧୀଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ ପ୍ରଶାନ୍ତଠାରୁ ବନ୍ଧୁକ, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହିତ ବିପୁଳ ପରିମାଣର ଚୋରାମଦ ଜବତ କରିଛି। ଏନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୪୦/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରଶାନ୍ତ ପୂର୍ବରୁ ଏକ ହତ୍ୟା ଘଟଣାରେ ଗିରଫ ହୋଇ ଜାମିନରେ ଆସିଥିଲେ। ପରେ ସେ ବିଲଣା ନୂଆପାଟଣା ଛକରେ ଏକ କ୍ୟାବିନରେ ବନ୍ଧୁକ ଓ ଖଣ୍ଡା ସମେତ ବିଭିନ୍ନ ମାରଣାସ୍ତ୍ର ରଖି ଲୋକଙ୍କୁ ଭୟଭୀତ କରାଉଥିଲେ। ଏଥିସହିତ ସେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ରହୁଥିବା ସହ ଚୋରାମଦ କାରବାର କରୁଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଉକ୍ତ କ୍ୟାବିନ ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

# ରୟତଙ୍କ ଜମିରେ ଚାଲିଛି ରେଳଲାଇନ କାର୍ଯ୍ୟ

## ■ କୋର୍ଟ କଚେରି ଦ୍ୱାରସ୍ଥ ହୋଇ ନିରାଶ

**ଯାଜପୁର ଅଫିସ,୨୮।୩**

ନୀତିନିୟମ ଉଲ୍ଲଂଘନ ସତ୍ତ୍ୱେ ଶିଳ୍ପ କଳ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତି ସରକାର ଯେ, ସହାନୁଭୂତିଶୀଳ ଏକଥା ଟାଟା ଷ୍ଟିଲ କମ୍ପାନୀର କାର୍ଯ୍ୟଧାରାରୁ ପ୍ରମାଣିତ ହୋଇଯାଉଛି। କମ୍ପାନୀ ଇଙ୍ଗିତରେ ଠିକାସଂସ୍ଥା, ପ୍ରଶାସନ ଓ ପୋଲିସ ବଳପ୍ରୟୋଗ କରି ୩ଜଣ ପ୍ରଜାଙ୍କ ରୟତ ଜମିରେ ଟାଟା ଷ୍ଟିଲର ଦକ୍ଷିଣ ପାର୍ଶ୍ୱ ରେଳଲାଇନ କାର୍ଯ୍ୟ ଜୋର ଜବରଦସ୍ତ ଆରମ୍ଭ କରିଛି। ଏଠାରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷ ରୟତି ଜମି ଉପରେ ସେମାନଙ୍କ ଦାଉ ସାଧି ଜମିର ହିଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସାଧାରଣ ରୟତ ଏହାର ବିରୋଧ କଲେ ସୁଦ୍ଧା ତାଙ୍କ କଥା କେହି ଶୁଣୁନାହାନ୍ତି। ଏହିକ୍ରମରେ ଯାଜପୁର ଜିଲା ଦାନଗଦୀ ତହସିଲ ମାନତିରା ମୌଜାର ରୟତ ସଂଯୁକ୍ତା ପରିଡା ତହସିଲଦାରଙ୍କ ଦ୍ୱାରସ୍ଥ ହେବା ସହିତ ଯଖପୁରା ଥାନାରେ ଏକ ମାମଲା ଦାୟର କରିଛନ୍ତି। କେବଳ ସଂଯୁକ୍ତା ନୁହନ୍ତି କେନ୍ଦୁଡିପି ଗ୍ରାମର ମଦନ ବାରିକ, ମାନତିରା ଗ୍ରାମର ଶିବସ୍ୱ ସାମଲ ପ୍ରମୁଖଙ୍କ ଜମିର ଉପଯୁକ୍ତ ମୂଲ୍ୟ ନ ଦେଇ ଟାଟା କମ୍ପାନୀ ଦଖଲ କରିବାକୁ ଉଦ୍ୟମ କରୁଥିବା ସୂଚନା ମିଳିଛି।

କଳିଙ୍ଗନଗର ଟାଟା ଷ୍ଟିଲ



ପ୍ରକାଶ ଯେ, ଟାଟା ଷ୍ଟିଲ କାରଖାନାର ସ୍ୱତନ୍ତ୍ର ରେଳଲାଇନ ରାବଣା ଓ ମାନତିରା ଗ୍ରାମଦେଇ ଯାଜପୁର-କେନ୍ଦୁଝରରୋଡ-କଟକ ମୁଖ୍ୟ ରେଳାଇନରେ ଦାମୋଦରପୁର ଗ୍ରାମ ନିକଟରେ ମିଶୁଛି। ଏଥିପାଇଁ କିଛି ରୟତଙ୍କ ଜମି ସହିତ ଗ୍ରାମର ସର୍ବସାଧାରଣଙ୍କ ବ୍ୟବହୃତ ରାସ୍ତା ମଧ ଦଖଲ କରାଯାଇଛି। ଦାମୋଦରପୁର ଗ୍ରାମର ବିଧବା ଅସହାୟ ମହିଳା ସଂଯୁକ୍ତା ତାଙ୍କ ସ୍ୱାମୀ ସହଦେବ ପରିଡା ଅନ୍ୟ ଅଂଶୀଦାରଙ୍କ ସହ ୧୯୮୦ ମସିହାରେ ମାନତିରା ମୌଜାର ୯୨ ଖାତା ନମ୍ବର, ୧୫୩୯ ପ୍ଲଟ ନମ୍ବରରେ ୧୦.୩୦ ଡିସିମିଲ ଜମି କ୍ରୟ କରିଥିଲେ। ଏବେ ସଂଯୁକ୍ତା ଓ ଅନ୍ୟମାନେ ଉକ୍ତ ଜମି ଦଖଲଦାର ଅଛନ୍ତି। ଏହି ଜମିର ଖଜଣା ପାଉତି ସେ ନିୟମିତ ଭାବେ ଦେଇ ଆସୁଛନ୍ତି। ମାତ୍ର ଦଲିଲରେ ଭୂଲକ୍ରମେ ପ୍ଲଟ ନମ୍ବର ୧୫୬ ହୋଇଥିବାବେଳେ ଚଉଭେଦି ଠିକ୍ ରହିଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ସଂପୃକ୍ତ ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରିଥିଲେ। କିନ୍ତୁ ତଦନ୍ତରେ ପ୍ରଜାଙ୍କୁ କୌଣସି ନ୍ୟାୟ ନ ଦେଇ କମ୍ପାନୀବାଲାଙ୍କ ସପକ୍ଷରେ ରିପୋର୍ଟ ଦେଇଥିଲେ। ଏହାର ସଂଶୋଧନ କରିବାକୁ ଦୀର୍ଘବର୍ଷ ଧରି ସଂଯୁକ୍ତା ନିବେଦନ କରି ଆସୁଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଶେଷରେ ଯାଜପୁରରୋଡ ସିଭିଲ ଜଜ୍‌ଙ୍କ ଅଦାଲତରେ ୨୯୨/୨୦୧୫ରେ ଏକ ମାମଲା ରୁଜୁ କରାଯାଇଛି, ଯାହାକି ଏବେ ବିଚରାଧୀନ ରହିଛି। ତେବେ ଗତ ୨୩।୧।୨୦୧୯ ତାରିଖରେ କିଛି ଗୁଣ୍ଡାଶ୍ରେଣୀର ଲୋକ ଜୋର ଜବରଦସ୍ତ ସଂଯୁକ୍ତାଙ୍କ ଜମିର ହିଡ଼ ଭାଙ୍ଗି ଦେଇଥିଲେ। ଏହାକୁ ସେ ବିରୋଧ କରିବାରୁ ତାଙ୍କୁ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଯଖପୁରା ଥାନାରେ ଅଭିଯୋଗ ହୋଇଛି। ଏନେଇ ଯଖପୁରା ଥାନାରେ ଆଇପିସି ଦଫା ୪୪୭/୨୯୪/୫୦୬/୩୪ ରେ ୪ଜଣଙ୍କ ନାମରେ ଏକ ମାମଲା(ନମ୍ବର-୬/୨୦୧୯) ରୁଜୁ ହୋଇଛି । ହେଲେ ସଂପୃକ୍ତ ଅଭିଯୁକ୍ତମାନେ ରାଜନୈତିକ ଛତ୍ରଛାୟା ତଳେ ରହିଥିବାରୁ ଥାନା କର୍ତ୍ତୃପକ୍ଷ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଟାଟା କମ୍ପାନୀ ପ୍ରୋତ୍ସାହନରେ ଏପରି କରାଯାଉଥିବା ସଂଯୁକ୍ତା ଓ ତାଙ୍କ ପରିବାରବର୍ଗ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ତୁରନ୍ତ ନ୍ୟାୟ ନ ମିଳିଲେ ପ୍ରଶାସନ ନିକଟରେ ଆତ୍ମାହୁତି ଦେବେ। ଅପରପକ୍ଷରେ ଶ୍ରୀବସ୍ତ ଓ ମଦନଙ୍କ ଜମିର ଉଭୟ ପାର୍ଶ୍ୱରେ ଟାଟା କମ୍ପାନୀର ରେଳଲାଇନ ବିଛା ଯାଉଥିବାରୁ ସେମାନେ ଚାଷ କାର୍ଯ୍ୟ କରିପାରୁ ନାହାନ୍ତି ବୋଲି କହିଛନ୍ତି। ଶାଗମାଛ ଦରରେ କ୍ଷତିପୂରଣ ଦେଇ ସେହି ଜମିକୁ ହଡ଼ପ କରିବାକୁ କମ୍ପାନୀ ମସୁଧା କରୁଥିବା ସେମାନେ ସୂଚନା ଦେଇଛନ୍ତି। ଟାଟା କମ୍ପାନୀ ବାର୍ଷିକ ୩ ରୁ ୮ ନିୟୁତ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିଛି। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ଦେବାକୁ କୌଣସି ଆଗ୍ରହ ପ୍ରକାଶ କରୁନାହିଁ। ବିସ୍ଥାପନ ପ୍ରକ୍ରିୟା ଓ ବିସ୍ଥାପିତଙ୍କୁ ଶିଳ୍ପାୟନ ଦ୍ୱାରା ଲାଭାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ଥଇଥାନ ନୀତି ଓ ପାରିପାର୍ଶ୍ୱିକ ଉନ୍ନୟନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଅସହାୟ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରିବା ଶିଳ୍ପାୟନ ପ୍ରତି ପ୍ରତିକୂଳ ମତର ମୁଖ୍ୟ କାରଣ ହୋଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଜମି ମାଲିକାନାକୁ ନେଇ ବିବାଦ ଥିବାରୁ କମ୍ପାନୀ କାହାଠାରୁ ଜମି କିଣିବ ସେନେଇ ନିଷ୍ପତ୍ତି ନିଆଯାଇ ପାରି ନାହିଁ। ଏପରିକି ଉକ୍ତ ଜମି ବିବାଦକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କାମକୁ ବନ୍ଦ କରାଯାଇଛି। ଅପରପକ୍ଷରେ ମଦନ ବାରିକ ଓ ଶ୍ରୀବସ୍ତ ସାମଲଙ୍କ ଠାରୁ କମ୍ପାନୀ ଜମି କିଣିବାକୁ ଚାହୁଁଥିଲେ ସୁଦ୍ଧା ସେମାନେ ସହଯୋଗ କରୁ ନ ଥିବା ମଲ୍ଲିକ କହିଛନ୍ତି।

## ■ ଆନନ୍ଦପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ହତ୍ୟା ମାମଲା

# ଡିଜିପିଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକଲା ଭାଜପା

**ଭୁବନେଶ୍ୱର,୨୮।୩ (ବ୍ୟୁରୋ)**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଧକୋଠାରେ ସୋମବାର ଆନନ୍ଦପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ ବିଧାନସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପଛରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପରିବାରର ସଂପୃକ୍ତି ଥିବା ଅଭିଯୋଗ ଆଣିଛି ଭାଜପା। ପୋଲିସ ଠିକ୍ ଭାବେ ତଦନ୍ତ ନ କରି କେତେଜଣ ଅନାମଧେୟ ଗୁଣ୍ଡାଙ୍କୁ ଗିରଫ କରି ମାଷ୍ଟରମାଇଣ୍ଡଙ୍କୁ ଭିତିରି ସୁରକ୍ଷା ଯୋଗାଉଛି। ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଏହି ଅଭିଯୋଗ ଆଣିଛି। ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଭାଜପା ଦାବି କରିଛି।

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ଘଟଣାରେ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଓ ବିଜେଡି କର୍ମୀଙ୍କ ସମ୍ପୃକ୍ତି ରହିଛି। ଏପରି କି ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ସହ ମନ୍ତ୍ରୀ ଓ ତାଙ୍କ ପୁଅଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଏ ସଂକ୍ରାନ୍ତ ଏକ ଫଟୋକୁ ଭାଜପା ପ୍ରତିନିଧି ଦଳ ଡିଜିପିଙ୍କୁ ଦେଇଛି। ଏଥିସହ କେନ୍ଦୁଝର ପୋଲିସ ଶାସକ ଦଳକୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛି। ଫଳରେ ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ଖୁଲମ୍‌ଖୁଲା ବୁଲି ଧମକ ଦେଉଛନ୍ତି। ଆଗକୁ ନିର୍ବାଚନ ଥିବାରୁ ଅନେକ ସ୍ଥାନରେ ଏମାନେ ଗୁଣ୍ଡାରାଜ କରିବେ। ତେଣୁ ପୋଲିସକୁ ସଜାଗ ରଖିବା ସହ ସମ୍ବେଦନଶୀଳ ବୁଥଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ପାଇଁ ପାଇଁ ଭାଜପା ପ୍ରତିନିଧି ଦଳ ଡିଜିପିଙ୍କୁ ନିବେଦନ କରାଯାଇଛି। ଏନେଇ ଡିଜିପି ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳରେ ଥିବା ଭାଜପା ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଯୁବମୋର୍ଚ୍ଚାର ରାଷ୍ଟ୍ରୀର ଉପସଭାପତି ଠାକୁର ରଞ୍ଜିତ ଦାସ, ଆଇନଜୀବୀ ଜୟନ୍ତ ଲେଙ୍କା, ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରମୁଖ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ଏହି ଅଭିଯୋଗ ସଂକ୍ରାନ୍ତରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ହତ୍ୟାକାଣ୍ଡକୁ ନେଇ ବିରୋଧୀ ତୁଚ୍ଛା ରାଜନୀତି କରୁଛନ୍ତି। ଏଭଳି ଅଭିଯୋଗ କେବଳ ରାଜନୈତିକ ମାଇଲେଜ୍ ନେବା ପାଇଁ ବୋଲି ସେ କହିଛନ୍ତି।

**ଜୀବନରକ୍ଷା ପାଇ ଲଢ଼େଇ**

# ଦନ୍ତା ମୁହଁରୁ ବର୍ତ୍ତିଗଲେ

**ପରଜଙ୍ଗ, ୨୮।୩(ଡି.ଏନ୍.ଏ.)**

ଆଗରେ ମଣିଷ, ପଛରେ ହିଂସ୍ର ନରହନ୍ତା ଦନ୍ତା। ଉଭୟଙ୍କ ମଧ୍ୟରେ ବ୍ୟବଧାନ ଫୁଟେ କି ଦି ଫୁଟ। ତେବେ ସୌଭାଗ୍ୟବଶତଃ ହାତୀମୁହଁରୁ ବର୍ତ୍ତିଯାଇଛି ଜୀବନ। ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଡମୋଳ ଗ୍ରାମରେ ହାତୀ-ମଣିଷ ସଂଘର୍ଷର ଏଭଳି ଲୋମଟାଙ୍କୁରା ଦୃଶ୍ୟ କଏଦ ହୋଇଛି କ୍ୟାମେରାରେ। ୨୭ ସେକେଣ୍ଡର ଉକ୍ତ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଅଞ୍ଚଳରେ ହାତୀ ଆତଙ୍କର ବାସ୍ତବ ଚିତ୍ର ପଦାକୁ ଆସିଛି।

ହାତୀ ମୁହଁରୁ ବର୍ତ୍ତିଯାଇଥିବା ବ୍ୟକ୍ତି ହେଲେ ସଉରିଆ ସାମଲ। ତେବେ ଜୀବନ ବଞ୍ଚାଇବାକୁ ଦୌଡୁଥିବାବେଳେ ସେ ଏକ ସିମେଣ୍ଟ ଖୁଣ୍ଟରେ ପିଟି ହୋଇଯାଇଥିଲା। ତାଙ୍କ ଛାତିରେ ଶକ୍ତ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ତାଳଚେର ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଛି।



ଦନ୍ତାମୁହଁରୁ ଜୀବନ ବଞ୍ଚାଇବାକୁ ସଉରିଆ ଦୌଡ଼ି ଆସୁଛନ୍ତି।

ସୂଚନାଯୋଗ୍ୟ, ଜଟିଆ ଗ୍ରାମ ନିକଟରେ ପ୍ରେମାନନ୍ଦ ମହାନ୍ତିଙ୍କ ଫାର୍ମ ହାଉସ ରହିଛି। ସେଠାରେ ସଉରିଆ କାମ କରନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଡମୋଳ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତା ଫାର୍ମ ହାଉସ୍‌କୁ ପଶି ଆସିବା ସହ ସଉରିଆଙ୍କୁ ମାରିବାକୁ ଗୋଡ଼ାଇଥିଲା। ପ୍ରାଣ ବିକଳରେ ସେ ଦୌଡ଼ି ପଳାଇ ଆସି ଘର ବାରଣ୍ଡାରେ ଚଢ଼ିଯାଇଥିଲେ। ଅଣ ଓସାରିଆ ରାସ୍ତାରେ ହାତୀ ଆଉ ଆଗକୁ ନ ଆସି ପାରି ଫେରିଯାଇଥିଲା। ସମସ୍ତ ଘଟଣାବଳୀକୁ ଫାର୍ମ ହାଉସ୍ ମାଲିକ ଝରକା ପଟେ ମୋବାଇଲ୍‌ରେ ରେକର୍ଡିଂ କରିଦେଇଥିଲେ। ଚିକିତ୍ସାଧୀନ ସଉରିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଚିକିତ୍ସା ପରେ ବିଲ୍ ପୈଠ କଲେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି।

ମହାବିରୋଡ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ୪୧ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ବ୍ୟାପକ ଉପଦ୍ରବ ସୃଷ୍ଟି କରିଚାଲିଛନ୍ତି। ତନ୍ମଧ୍ୟରୁ ବାରବାଙ୍କ ଜଙ୍ଗଲରେ ୧୫, ଡମୋଳ ଅଞ୍ଚଳରେ ୧, ଖାଲପାଳ ଜଙ୍ଗଲରେ ୬, ବ୍ରାହ୍ମଣୀ ନଦୀ ଅବବାହିକାରେ ୧୯ ହାତୀ ଦଳବଦ୍ଧ ଭାବେ ବିଚରଣ କରୁଛନ୍ତି। ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ସେମାନଙ୍କ ଉପରେ ନଜର ରଖିବା ବନ କର୍ମଚାରୀଙ୍କ ଲାଗି କାଠିକର ପାଠ ହେଲାଣି। ଜନବସତିରେ ହିଂସ୍ର ଦନ୍ତାର ଉପସ୍ଥିତି ଡମୋଳ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ କ୍ରିଷ୍ଣାପ୍ରିୟା ସାହୁ ହାତୀ ସ୍କ୍ୱାଡ୍ ସହ ହାତୀ ଉପରେ ନଜର ରଖିଥିବା ରେଞ୍ଜର ସୂଚନା ଦେଇଛନ୍ତି।

## ଏକକାଳୀନ ୯ ନର୍ସ ଗର୍ଭବତୀ



**ପୋର୍ଟଲାଣ୍ଡ(କଲମ୍ବିଆ):** ପୋର୍ଟଲାଣ୍ଡର ମେନ୍ ମେଡିକାଲ୍ ସେଣ୍ଟରରେ ଏକକାଳୀନ ୯ଜଣ ନର୍ସ ଗର୍ଭବତୀ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହି ନର୍ସମାନେ ଏପ୍ରିଲରୁ ଜୁଲାଇ ମଧ୍ୟରେ ପ୍ରସବ କରିବେ। ଗର୍ଭବତୀ ନର୍ସଙ୍କ ମଧ୍ୟରୁ ଜଣେ ଯମଜ ସନ୍ତାନ ଜନ୍ମଦେବା ସମ୍ଭାବନା ଅଛି। ଏମାନେ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଥିବାରୁ ବେଶ୍ ଉତ୍ସାହିତ ଅଛନ୍ତି ଏବଂ କାର୍ଯ୍ୟରେ ପରସ୍ପରକୁ ସହଯୋଗ କରୁଛନ୍ତି। ଏମାନେ ଜଣେ ପରେ ଜଣେ ପ୍ରସବ କରିବା ଜାଣି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବେ ବୋଲି ମାନସିକ ଭାବେ ପ୍ରସ୍ତୁତ ହୋଇଛନ୍ତି।

ମେନ୍ ମେଡିକାଲ ସେଣ୍ଟର ପକ୍ଷରୁ ନର୍ସମାନଙ୍କୁ ଅଭିନନ୍ଦନ ଜଣାଇ ୯ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୮ଜଣ ଧାଡିରେ ଛିଡା ହୋଇଥିବାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର ହୋଇଛି। ସେମାନେ ଡେଲିଭରି ଡେଟ୍‌ର ଗୋଟିଏ ଗୋଟିଏ ନୋଟ୍ ଧରି ହସ୍ପିଟାଲ୍ ସମ୍ମୁଖରେ ଛିଡା ହୋଇଛନ୍ତି। ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ବିଭିନ୍ନ ଆଡୁ ଅଭିନନ୍ଦନର ସୁଅ ଛୁଟୁଛି। ବିଗତ ବର୍ଷ ମେସାସ୍ଥିତ ଆରିଜୋନାର ବ୍ୟାନର ଡେଜର୍ଟ ମେଡିକାଲ ସେଣ୍ଟର୍‌ର ୧୬ ନର୍ସ ଏକକାଳୀନ ଗର୍ଭବତୀ ହେବା ଘଟଣା ଚର୍ଚ୍ଚାରେ ଥିଲା।

### ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

## ଆଉ ୨ ଅଭିଯୁକ୍ତ ଗିରଫ

**ଆନନ୍ଦପୁର, ୨୮।୩(ସ୍ୱ.ପ୍ର.)**

**୪ ମୋବାଇଲ, ୩ ଭୁଜାଲି ସହ ଖଣ୍ଡା ଜବତ**

ଘସିପୁରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କ ହତ୍ୟା ଘଟଣାରେ ପୋଲିସ ଗୁରୁବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ବଡ ଏକତାଳୀ ଗ୍ରାମର ପ୍ରମୋଦ ଦାସ ଏବଂ ଅରୁଣ ପୃଷ୍ଟି। ଘସିପୁରା ଥାନା ଅଧିକାରୀ ବିରଞ୍ଚି ବାଗ ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତ। ପୋଲିସ ୪ ମୋବାଇଲ୍ ଓ ୩ ଭୁଜାଲି ଓ ଖଣ୍ଡା ଜବତ କରିଛି। ପୂର୍ବରୁ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବଡ ଏକତାଳୀ ଗ୍ରାମର ଅଜିତ୍ ପୃଷ୍ଟି, ସଞ୍ଜୀବ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ବୋଇତେଇ। ଏହି ହତ୍ୟା ଘଟଣାରେ ମୋଟ ୫ ଜଣ ଗିରଫ ହୋଇଛନ୍ତି। ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀଙ୍କ ଅଭିଯୋଗ କ୍ରମେ ଘଟଣାରେ ୧୧ ଜଣ ସମ୍ପୃକ୍ତ ଥିବା ଜଣାପଡିଛି।

# ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ଲୁଟ୍

**ପଟ୍ଟାମୁଣ୍ଡାଇ, ୨୮।୩ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଗଡା ରାସ୍ତା ପାଖ ଏକ ଔଷଧ ଦୋକାନ ସାମ୍ନାରୁ ଗୁରୁବାର ମଧ୍ୟାହ୍ନରେ ବାଇକ ଡିକି ଭାଙ୍ଗି ୨ ଜଣ ଦୁର୍ବୃତ୍ତ ଦେଢ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ କଇଁକୁଳା ପାଣି ପଞ୍ଚାୟତ ସମ୍ପାଦକ ପ୍ରହ୍ଲାଦ ପାତ୍ର ଓ ସଭାପତି ପ୍ରକାଶ ଦାସ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ପ୍ରକାଶ ଯେ, କଇଁକୁଳା ପାଣି ପଞ୍ଚାୟତର ସମ୍ପାଦକ ପାତ୍ର ଓ ସଭାପତି ଦାସ ପାଣି ପଞ୍ଚାୟତରେ କାମ କରିଥିବା ବାବଦରେ ବିଲ୍ ନେବା ପାଇଁ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାରୁ ମଧ୍ୟାହ୍ନରେ ଦେଢ ଲକ୍ଷ ଟଙ୍କା ଉଠାଇଥିଲେ । ଏହି ଟଙ୍କାକୁ ବାଇକ୍ ଡିକିରେ ରଖି ଉଭୟ ବଜାର ଭିତରକୁ ଆସୁଥିଲେ। ସେମାନେ ବ୍ଲକ ଗଡା ରାସ୍ତା ନିକଟ ଏକ ଔଷଧ ଦୋକାନରୁ ଔଷଧ କିଣିବା ବେଳେ ବ୍ୟାଙ୍କ ନିକଟରୁ ବାଇକ୍‌ରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ଜଣେ ଦୁର୍ବୃତ୍ତ ଆସିଥିବା ବାଇକ୍‌ରୁ ଓହ୍ଲାଇ ଡିକି ଭାଙ୍ଗି ଟଙ୍କା ଲୁଟି ନେବା ପରେ ଗାଡି ଷ୍ଟାର୍ଟ କରି ଅପେକ୍ଷା କରିଥିବା ଅନ୍ୟ ଜଣଙ୍କ ସହ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାକୁ ଯାଇ କେତେ ଟଙ୍କା ଉଠାଣ ହୋଇଛି ତାର ହିସାବ ସଂଗ୍ରହ କରିଛି । ଷ୍ଟେଟ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଉଥିବା ଲୋକଙ୍କୁ ପିଛା କରି ଲୁଟେରାମାନେ ବାରମ୍ବାର ଟଙ୍କା ଲୁଟ କରୁଥିବା ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ପର୍ଯ୍ୟନ୍ତ କୌଣସି ଜଣେ ହେଲେ ଲୁଟେରାକୁ ପୋଲିସ ଧରିବାକୁ ସକ୍ଷମ ହୋଇନାହିଁ। ଏଭଳି ଘଟଣାକୁ ରୋକିବା ପାଇଁ ବଜାରର ବିଭିନ୍ନ ଛକ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି ହୋଇଛି।

# ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ମାଧୁରୀଙ୍କ ଖଣ୍ଡନ



**ମୁମ୍ବାଇ:** ଆସନ୍ତା ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଖବରକୁ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଖଣ୍ଡନ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପ୍ରାର୍ଥୀ ହୋଇ ପୁନେ ଲୋକ ସଭା ଆସନରୁ ମାଧୁରୀ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ପ୍ରଚାର ହେଉଥିଲା। କିନ୍ତୁ କୌଣସି ଦଳରେ ସମ୍ପୃକ୍ତ ନ ଥିବା ମାଧୁରୀ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ଏହା ଏକ ଗୁଜବ ମାତ୍ର। ମୁଁ କୌଣସି ରାଜନୈତିକ ଦଳରୁ ପ୍ରାର୍ଥୀ ହେଉନାହିଁ। ମାଧୁରୀ ୧୯୮୪ରେ 'ଅବୋଧ'ରେ ଅଭିନୟ କରି ବଲିଉଡରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ତେବେ ସେ ଭାରତୀୟ ସିନେମା ଶିଳ୍ପରେ ଖୁବ୍ ଆକର୍ଷଣୀୟ କଳାକାର ଭାବେ ବେଶ୍ ଭଲ ଭାବରେ ପରିଚିତ। 'ତେଜାବ', 'ରାମ ଲଖନ୍', 'ଦିଲ୍', 'ବେଟା', 'ହମ୍ ଆପ୍‌କେ ହେଁ କୌନ୍', 'ଅଞ୍ଜାମ୍', 'ମୃତ୍ୟୁଦଣ୍ଡ', 'ପୁକାର', 'ଦିଲ ତୋ ପାଗଲ ହୈ' ଏବଂ 'ଦେବଦାସ' ଭଳି ଫିଲ୍ମରେ ଅଭିନୟ କରି ମାଧୁରୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସେ 'ଗୁଲାବି ଗ୍ୟାଙ୍ଗ'ରେ ମଧ ନିଜ କଳାନୈପୁଣ୍ୟର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି। ବର୍ତ୍ତମାନ ମାଧୁରୀଙ୍କ ମରାଠୀ ଫିଲ୍ମ '୧୫ ଅଗଷ୍ଟ' ମାର୍ଚ୍ଚ ୨୯ରେ ରିଲିଜ୍ ହେବାକୁ ଯାଉଛି। ତାଙ୍କୁ ମଧ 'କଲଙ୍କ'ରେ ଦେଖିବାକୁ ମିଳିବ।

## ହାତୀ ଶାବକର ମୃତଦେହ ଠାବ

**ଯୋଡ଼ା/ଚମ୍ପୁଆ/ଝୁମ୍ପୁରା, ୨୮।୩(ଡି.ଏନ୍.ଏ.)**

ଚମ୍ପୁଆ ରେଞ୍ଜ ବାମେବାରୀ ବନାଞ୍ଚଳ ଅନ୍ତର୍ଗତ ହାତୀମରା ଛକ ନିକଟ ମହାପର୍ବତ ପାଦଦେଶରେ ଥିବା ଜଙ୍ଗଲରେ ଗୁରୁବାର ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ହାତୀମରା ଛକ ପାର୍ଶ୍ୱ ଗ୍ରାମବାସୀ ଏ ନେଇ ବାମେବାରୀ ଫରେଷ୍ଟ କାର୍ଯ୍ୟାଳୟକୁ ସୂଚନା ଦେବା ପରେ ଏହି ଘଟଣା ପଦାକୁ ଆସିଥିଲା। ବୁଧବାର ରାତି ପ୍ରାୟ ୯ଟା ସମୟରେ ଉକ୍ତ ଜଙ୍ଗଲରେ ହାତୀ ପ୍ରସବ କରିବା ପରେ ହିଁ ଶାବକର ମୃତ୍ୟୁ ଘଟିଥିଲା। ମା' ହାତୀ ମୃତ ଶାବକ ଚାରି ପାଖରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ। ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ଓ ଚାରି ଜଣ ଫରେଷ୍ଟଗାର୍ଡ ପହଞ୍ଚି ମୃତ ହାତୀ ଶାବକର ବ୍ୟବଚ୍ଛେଦ କରାଇ ପୋତି ଦେଇଛନ୍ତି।



ଯିଏ ମତେ ସର୍ବଦା ଚାହାନ୍ତି ଓ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି। -ଶ୍ରୀକୃଷ୍ଣ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଚାର୍ଯ୍ୟ ବିହାରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ ଦକ୍ଷତାମୂଳକ ତାଲିମ ଶିବିର, କ୍ୟାମ୍ପସ୍ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦।
- ମିଥ୍ୟା ମକଦ୍ଦମା ଓ ରାଷ୍ଟ୍ର ହିଂସା ବିରୋଧୀ ସମ୍ମିଳନୀ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍, ଅପରାହ୍ନ ୪ଟା।
- ଶହୀଦନଗର ସାଂସ୍କୃତିକ ସମିତି ପକ୍ଷରୁ ଦ୍ୱାଦଶତମ ଦଶଦୋଳ ମେଳଣ, ବିଷ୍ଣୁମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।
- ସେଲ୍‌ଟର ଫାଉଣ୍ଡେଶନ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳନ ଓ ଆଚାର୍ଯ୍ୟ ବିହାର ମହୋତ୍ସବ-୨୦୧୯, ଆଚାର୍ଯ୍ୟ ବିହାର, ସନ୍ଧ୍ୟା ୬ଟା ୩୦।
- ଚେନ୍ନାଇନ୍ ଏଫ୍‌ସି ବନାମ ମୁମ୍ବାଇ ସିଟି ସୁପର କପ୍ ଫୁଟବଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ୍, ରାତି ୮ଟା ୩୦।

**କଟକ**

- ଦିବାକର ମେମୋରିଆଲ ଅଷ୍ଟମ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ, ନରଣପୁର ଖେଳପଡ଼ିଆ, ନରାଜ, ଅପରାହ୍ନ ୪ଟା।

**ପୁରୀ**

- ଶ୍ରୀବିହାରରେ ଆଲୋଚନାଚକ୍ର, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା, ହଲିଡେ ରିସର୍ଟ, ଅପରାହ୍ନ ୧ଟା।
- ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୪ଟା।
- ଭଗବତୀ ବିଦ୍ୟା ନିକେତନ ବାର୍ଷିକ ଉତ୍ସବ, ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣ, ଏନ୍.କେ. ରୋଡ୍, ଅପରାହ୍ନ ୪ଟା।
- ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ସତ୍ୟନାରାୟଣ ସମିତି ପକ୍ଷରୁ 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀବଜାର, ରାତି ୭ଟା।

## ଚନ୍ଦନ, ଜୟାଙ୍କୁ କେନ୍ଦ୍ର ଲଳିତକଳା ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୨୮।୩(ବ୍ୟୁରୋ): ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟାପକ ଚନ୍ଦନ କୁମାର ସାମଲ ଓ ଚିତ୍ରଶିଳ୍ପୀ ଜୟା ଜେନାଙ୍କୁ 'ଦି କନ୍‌ଷ୍ଟ୍ରକ୍ସନ' ଶୀର୍ଷକ ଚିତ୍ର ପାଇଁ ଚଳିତବର୍ଷ କେନ୍ଦ୍ର ଲଳିତକଳା ଏକାଡ଼େମୀ ପୁରସ୍କାର ମିଳିଛି। ସାମଲଙ୍କ ଦ୍ୱାରା ନିର୍ମିତ ମୁଗୁନି ପଥର 'ହ୍ୟୁମେନ୍ ଥିଙ୍କିଙ୍ଗ୍' ଶୀର୍ଷକ ସୃଜନଶୀଳ ଭାସ୍କର୍ଯ୍ୟ ପାଇଁ ଏହି ପୁରସ୍କାର ମିଳିଛି। ପୂର୍ବରୁ ଜେନା ରାଜ୍ୟ ତଥା ଜାତୀୟସ୍ତରରେ ଓ ସାମଲ ୨୦୦୭ରେ 'ପ୍ରକୃତି' ଶୀର୍ଷକ ଭାସ୍କର୍ଯ୍ୟରେ ଓଡ଼ିଶା ଲଳିତକଳା ଏକାଡ଼େମୀର ରାଜ୍ୟ ପୁରସ୍କାର, ଏଆଇଏଫ୍‌ଏସିଏସ୍ ନୂଆଦିଲ୍ଲୀର ଉଭୟ ରାଜ୍ୟ ଓ ଜାତୀୟ ପୁରସ୍କାର ପାଇଛନ୍ତି। ଗତ ୨୫ ତାରିଖରେ ବମ୍ବେର ସାର୍ ଜେ.ଜେ. ସ୍କୁଲ୍ ଅଫ୍ ଆର୍ଟ ପରିସରରେ ଏକ ଭବ୍ୟ ସମାରୋହରେ ଓଡ଼ିଶାରୁ ଉଭୟ ଶିଳ୍ପୀଙ୍କୁ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନା ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଉତ୍ସବରେ ଦିଲ୍ଲୀ ମଡର୍ନ ଆର୍ଟ ଗ୍ୟାଲେରି ନିର୍ଦ୍ଦେଶକ ଅଦ୍ୱୈତ ପ୍ରସାଦ ଗଡ଼ନାୟକ, ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଭୂଷଣ ରାମଭାନ୍‌ଜୀ ସୂତାର, ଲଳିତକଳା ଏକାଡ଼େମୀର ସଭାପତି ଡ. ଉତ୍ତମ ପାଚାର୍ଣ୍ଣେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷଷ୍ଠଦଶତମ ଜାତୀୟ କଳା ପ୍ରଦର୍ଶନୀ ଓ କଳାମେଳା ଉଦ୍‌ଘାଟିତ ହୋଇଥିଲା, ଯାହା ଆସନ୍ତା ଏପ୍ରିଲ୍ ୮ ପର୍ଯ୍ୟନ୍ତ ଚାଲିବ। ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ସାମଲଙ୍କ ସହ ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶିଳ୍ପୀଙ୍କୁ ସ୍ୱାଗତ ଜଣାଇଛନ୍ତି।

## ଶିକ୍ଷାବିତ୍ ନବକିଶୋର ପୃଷ୍ଟିଙ୍କ ପରଲୋକ

କଟକ ଅଫିସ,୨୮।୩: ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ନବକିଶୋର ପୃଷ୍ଟି(୮୩)ଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ପରଲୋକ ଘଟିବା ପରେ ମରଶରୀରକୁ ତାଙ୍କ କଟକ ମହାନଦୀ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କାର୍ଯ୍ୟନିର୍ବାହୀ ସମିତି ସଭ୍ୟା ଡ. ବୀଣାପାଣି ସିଂହ, ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଉପସଭାପତି ଆଦିତ୍ୟ ପ୍ରତାପ ଧଳ, ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ, ବୀରକିଶୋର ସୁବୁଦ୍ଧି, ପ୍ରଶାନ୍ତ ବିଶ୍ୱାଳ, ମୈତ୍ରୀଭୂଷଣ ଖୁଣ୍ଟିଆ, ପ୍ରତିମା ଶତପଥୀ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ।

■ ଉଦାହରଣ ସୃଷ୍ଟି କଲା ବଡ଼ମୂଳ

# ଗ୍ରାମବାସୀ ଏବେ ସଂରକ୍ଷକ

■ ୧ କୋଟି ଟପିଲା ସାତକୋଶିଆ ଇକୋ-ଟୁରିଜମ୍ ପ୍ରକଳ୍ପ ଆୟ

■ ୨୦୧୮-୧୯ରେ ୩ ହଜାର ପର୍ଯ୍ୟଟକଙ୍କ ଆଗମନ

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ସାତକୋଶିଆ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ମହିଳା ଓ ଯୁବକ ।

ଦିନ ଥିଲା କେବଳ ମନ୍ଦିର ଏବଂ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ପାଇଁ ଜଣାଶୁଣା ଥିଲା ନୟାଗଡ଼ ଜିଲା। ଜିଲାର ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏକ ଛୋଟ ଆଭ୍ୟନ୍ତରୀଣ ଗ୍ରାମ ବଡ଼ମୂଳ ସମ୍ପର୍କରେ ପର୍ଯ୍ୟଟକ ଶୁଣି ନ ଥିଲେ କି ଜାଣି ନ ଥିଲେ। ହେଲେ ଏବେ ଏହି ଗ୍ରାମ ପାଲଟିଛି ନୟାଗଡ଼ ଜିଲାର ଏକ ପ୍ରମୁଖ ପରିବେଶ ପର୍ଯ୍ୟଟନସ୍ଥଳୀ। କେବଳ ନୟାଗଡ଼ କି ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଏହା ସଫଳ ହୋଇଛି। ସେହିପରି ପରିବେଶ ପର୍ଯ୍ୟଟନ ସହ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଏହା ଏକ ମଡେଲ ଗ୍ରାମରେ ପରିଣତ ହୋଇଛି। ପର୍ଯ୍ୟଟନ ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଏଠାରେ ପ୍ରତିଷ୍ଠା ହୋଇଥିବା 'ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ ଆଣ୍ଡ ନେଚର କ୍ୟାମ୍ପ' ପରିବେଶ ପର୍ଯ୍ୟଟନସ୍ଥଳୀ ଚଳିତ ଆର୍ଥିକ ବର୍ଷରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରି ରେକର୍ଡ ସୃଷ୍ଟି କରିଛି। ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଏକ ଗ୍ରାମ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଏତେ ଅଧିକ ଅଙ୍କର ଲାଭାଂଶ ଅର୍ଜନ କରିବାରେ ସଫଳ ହୋଇଛି।

ମହାନଦୀ କୂଳରେ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ଠିକ୍ ମଧ୍ୟଭାଗରେ ରହିଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ ବଡ଼ମୂଳ ଗ୍ରାମରେ ଜଙ୍ଗଲ ବିଭାଗ ୨୦୧୬ରେ ଏକ ଇକୋ-ଟୁରିଜମ୍ ପ୍ରକଳ୍ପ ଆରମ୍ଭ କରିଥିଲା। ରାଜ୍ୟରେ ପରିବେଶ ପର୍ଯ୍ୟଟନର ବିକାଶ, ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଏବଂ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିଭଳି ବନ୍ୟଜନ୍ତୁ ଶିକାର କରି ଚଳୁଥିବା ଲୋକଙ୍କୁ ବନ୍ୟଜନ୍ତୁ ସଂରକ୍ଷକରେ ପରିଣତ କରିବା ଏହାର ଆଉ ଏକ ଲକ୍ଷ୍ୟ ଥିଲା, ଯାହାକି ଏବେ ସଫଳ ହୋଇଛି। ବଡ଼ମୂଳର ୨୮ଜଣ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ ହେଉଥିବା ଏହି ନେଚର କ୍ୟାମ୍ପ ଦେଶୀ, ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ମହାନଦୀ କୂଳ ବାଲି ଉପରେ ୯ଟି ଟେଣ୍ଟ୍ ହାଉସ୍ ଏବଂ ସାତକୋଶିଆ ଗଣ୍ଡର ଦୁଇପାଖ ପାହାଡ଼ ଉପରେ ୭ଟି କଟେଜ୍ ୨୦୧୮-୧୯ ବର୍ଷରେ ୩ ହଜାରରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି, ଯେଉଁମାନଙ୍କ ମଧ୍ୟରେ ଜର୍ମାନ, ଫ୍ରାନ୍ସ ଏବଂ ବ୍ରିଟେନ୍ ଭଳି ରାଷ୍ଟ୍ରରୁ ୨୦ ପ୍ରତିଶତରୁ ଅଧିକ ବିଦେଶୀ ପର୍ଯ୍ୟଟକ ରହିଛନ୍ତି। ପ୍ରାକୃତିକ ପରିବେଶର ଶୋଭା ସାଙ୍ଗକୁ ବାର୍ଡିଂ, ବୋଟିଂ, ସାଇକ୍ଲିଂ, ଟ୍ରେକିଂ, ସ୍ପୋର୍ଟସ୍, ଫାର୍ମ ଭିଜିଟ୍, ଭିଲେଜ୍ ଟୁର୍, କ୍ୟାନପି ୱାକ୍ ଭଳି ବିଭିନ୍ନ ପ୍ରକାର ଆକ୍ଟିଭିଟି ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ୨୦୧୬-୧୭ରେ ଏହି ନେଚର କ୍ୟାମ୍ପ ୨୭ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିଥିବା ବେଳେ ୨୦୧୭-୧୮ରେ ୬୦ଲକ୍ଷ ଏବଂ ୨୦୧୮-୧୯ରେ ୧କୋଟି ୩୦ ହଜାର ଟଙ୍କାର ରାଜସ୍ୱ ଆଦାୟ କରିଛି। ସବୁଠାରୁ ବଡ଼କଥା ହେଲା, ଗତ ୩ବର୍ଷ ହେବ ସାତକୋଶିଆ ଜଙ୍ଗଲ ଏବେ ଶିକାର ଏବଂ ନିଆଁ ଲାଗିବାରୁ ଆଶିଂକ ଭାବେ ମୁକ୍ତ ହୋଇଛି। ବଡ଼ମୂଳ ସହ ଏହାର ଆଖପାଖ ପ୍ରାୟ ୬ଟି ଗ୍ରାମର ଗ୍ରାମବାସୀଙ୍କ ଆର୍ଥିକାବସ୍ଥା ଉନ୍ନତିରେ ସହାୟକ ହୋଇଛି। ପ୍ରକଳ୍ପ ସହ ଜଡ଼ିତ ପରିବାର ପୂର୍ବରୁ ୨୦ ହଜାର ଟଙ୍କାର ବାର୍ଷିକ ଆୟ କରୁଥିବା ବେଳେ ଏବେ ତାହା ଦେଢ଼ ଲକ୍ଷରୁ ୨ଲକ୍ଷ ହୋଇଛି। ସେହିଭଳି ବିଭାଗ ଦ୍ୱାରା ଆୟୋଜିତ ହେଉଥିବା 'ପୋଚର୍ସ ଟର୍ନଡ୍ ପ୍ରୋଟେକ୍ଟର୍ସ ଅଫ୍ ସାତକୋଶିଆ' କାର୍ଯ୍ୟକ୍ରମ ଏଠାକାର ଶିକାରୀମାନଙ୍କୁ ବୋଟ୍‌ମ୍ୟାନ୍, ଇକୋ ଗାଇଡ୍, ଆକାଉଣ୍ଟାଣ୍ଟ, ରୋଷେୟା, ସର୍ଭିସ୍ ପର୍ସନ୍, ମ୍ୟାନେଜର ଆଦିରେ ପରିଣତ କରିଛି। ପୂର୍ବରୁ ଏହି ସ୍ଥାନରେ ବେଆଇନ ଭାବେ ବାଲିଚାଲାଣ ହେଉଥିବା ବେଳେ ଏବେ ସେଠାରେ ଆକର୍ଷଣୀୟ ଟେଣ୍ଟ୍ ହାଉସ୍‌ମାନ ଛିଡ଼ାହୋଇଛି।

### ପରିବେଶ ପର୍ଯ୍ୟଟନରୁ ୫.୬ କୋଟିର ଆୟ

୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶା ଇକୋ-ଟୁରିଜମ୍ ପ୍ରକଳ୍ପ ଦ୍ୱାରା ୫କୋଟି ୬୦ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ସେହିଭଳି ୧ ହଜାରରୁ ଅଧିକ ଗ୍ରାମବାସୀଙ୍କୁ ଏହା ସିଧାସଳଖ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି। ଶିମିଳିପାଳ, ସାତକୋଶିଆ, ଭିତରକନିକା, ଚିଲିକା, ଫୁଲବାଣୀ, କୋରାପୁଟ ଭଳି ସ୍ଥାନରେ ପରିବେଶ ପର୍ଯ୍ୟଟନର ବିକାଶ ହୋଇପାରିଛି। ସମଗ୍ର ରାଜ୍ୟରେ ଏବେ ୪୦ଟି ଇକୋ-ଟୁରିଜମ୍ ପ୍ରକଳ୍ପ ତଥା ନେଚର୍ କ୍ୟାମ୍ପ ରହିଥିବା ବେଳେ ଆଗାମୀ ଦିନରେ ଆହୁରି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଲୁହର ରଙ୍ଗ' ର ଏକ ଦୃଶ୍ୟ।

## ପ୍ରେମ, ବିରହର କାହାଣୀକୁ ନେଇ 'ଲୁହର ରଙ୍ଗ'

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ନାଟ୍ୟଧାରା'ର ମାସିକ ନାଟକ ପରିକ୍ରମାରେ ନାଟକ 'ଲୁହର ରଙ୍ଗ' ମଞ୍ଚସ୍ଥ ହୋଇଯାଇଛି। ଦେବଗଡ଼ର ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଏହି ନାଟକ ପରିବେଷିତ ହୋଇଥିଲା। ପ୍ରେମ, ବିରହର କାହାଣୀ ଉପରେ ଆଧାରିତ ଏହି ନାଟକରେ ଜଣେ ବିଧବା ଓ ଜଣେ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ନିଆରା ପ୍ରେମ କାହାଣୀ ଦେଖିବାକୁ ମିଳିଥିଲା। ନାଟକର ରଚନା ଅଶୋକ ବହିଦାର କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଥିଲେ ସୁଜିତ କୁମାର ପାତ୍ର। ବିଭିନ୍ନ ଭୂମିକାରେ ରାକେଶ ଶତପଥୀ, ଅମ୍ଳାଂଶୁ ପୂଜାରୀ, ଶୁଭମ୍ ମହାଙ୍କୁର, ପ୍ରୀତମ ବେହେରା, ନିଲେଶ ଜେନା, ନିରୁପମା ବେହେରା, ଅଞ୍ଜନା ବେହେରା ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଅଭିନ୍ନ ରାଉତରାୟ, ଅଶୋକ କର, ସୁଜିତ ପାତ୍ର, ପ୍ରକାଶ ଦେବତା, ପ୍ରକାଶ ମହାରଣା, ହରେନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଅପରାହ୍ନ ୪ଟାରେ ହେବ ରୁକୁଣା ରଥଟଣା

ପୁରୁଣା ଭୁବନେଶ୍ୱର, ୨୮।୩(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଏପ୍ରିଲ୍ ୧୩ରେ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଚାଲିଥିବାବେଳେ ରଥଟଣା ପାଇଁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଭୋର ୫ଟାରୁ ସାଢେ ୫ ମଙ୍ଗଳଆଳତୀ ଓ ଅବକାଶ, ଭୋର ସାଢେ ୫ରୁ ସାଢେ ୬ ସାହାଣମେଲା ଦର୍ଶନ, ସାଢେ ୫ରୁ ରୋଷହୋମ ଓ ପାକ କାର୍ଯ୍ୟ, ସାଢେ ୬ରୁ ୭ଟା ଛାମୁ ପରିଷ୍କାର, ୭ଟାରୁ ୮ଟା ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ହେବ। ଏହାପରେ ପୂର୍ବାହ୍ନ ୮ଟାରୁ ୮ଟା୨୦ମିନିଟ୍ ଶ୍ରୀଜୀଉଙ୍କ ବଲ୍ଲଭ, ୮ଟା୨୦ମି.ରୁ ସାଢେ ୮ଟା ଶ୍ରୀଭୁବନେଶ୍ୱରୀଙ୍କ ବଲ୍ଲଭ, ସାଢେ ୮ଟାରୁ ୯ଟା୧୫ ମି. ଶ୍ରୀଜୀଉଙ୍କ ସକାଳ ଧୂପ, ୯ଟା୧୫ମି.ରୁ ୯ଟା୪୫ ମି. ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ, ୯ଟା୪୫ମି.ରୁ ୧୦.୪୫ ମି. ଭୋଗ ମଣ୍ଡପ ଅନୁଷ୍ଠିତ ହେବ। ପରେ ୧୦ଟା୪୫ମି.ରୁ ୧୧ଟା ସୂର୍ଯ୍ୟପୂଜା,୧୧ଟାରୁ ୧୧ଟା୧୫ ମି. ଦ୍ୱାରପାଳ ପୂଜା, ୧୧ଟା୧୫ମି.ରୁ ସାଢେ ୧୧ଟାରେ ମହାସ୍ନାନ, ସାଢେ ୧୧ଟାରୁ ୧୨ଟା ବେଶ, ମଧ୍ୟାହ୍ନ ୧୨ଟାରୁ ସାଢେ ୧୨ଟା ଯାତ୍ରାପୂଜା, ଅପରାହ୍ନ ସାଢେ ୧୨ଟାରୁ ଅପରାହ୍ନ ୧ଟା୪୫ମି. ଶ୍ରୀଜୀଉଙ୍କ ପହଣ୍ଡି ଓ ରଥାରୂଢ଼, ୧ଟା୪୫ ମି.ରୁ ୪ ଟା ରଥରେ ପୂଜା, ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢେ ୭ଟାରେ ରାମେଶ୍ୱର ମନ୍ଦିରକୁ ଶ୍ରୀଜୀଉମାନେ ବିଜେ କରିବେ। ପରେ ସନ୍ଧ୍ୟା ସାଢେ ୭ଟାରୁ ଶ୍ରୀଜୀଉଙ୍କ ଅନ୍ୟାନ୍ୟ ନୀତି ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କରାଯାଇଥିବା ନିର୍ଘଣ୍ଟରୁ ଜଣାପଡିଛି।

## ଆସିଲା ରଥ ଦଉଡ଼ି

ପୁରୁଣା ଭୁବନେଶ୍ୱର, ୨୮।୩(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ପାଇଁ ରଥରେ ବ୍ୟବହୃତ ହେବାକୁ ଥିବା ଦୌଡ଼ି ସାକ୍ଷୀଗୋପାଳରୁ ଆସି ପହଞ୍ଚିଛି। ପ୍ରତ୍ୟେକ ବର୍ଷ ଦୁଇଟି ଦୌଡ଼ି ଆସୁଥିବାବେଳେ ଚଳିତବର୍ଷ ୩ଟି ଦୌଡ଼ି ଆସିଛି। ଏହି ଦୌଡ଼ିଗୁଡ଼ିକ ସ୍ୱତନ୍ତ୍ର ଅନୁରୋଧକ୍ରମେ ତିଆରି ହୋଇଥିବା ଜଣାପଡିଛି। ପ୍ରାୟ ୧ ଲକ୍ଷ ଟଙ୍କାରେ ଏହି ଦୌଡ଼ିଗୁଡିକ କ୍ରୟ କରାଯାଇଛି। ସୂଚନାଥାଉ କି ଗତବର୍ଷ ରଥଟଣା ବେଳେ ରଥ ଦୌଡି ଛିଣ୍ଡି ଯାଇଥିବା ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଦୌଡି ଟାଣୁଥିବା ସେବାୟତ, ନେତା, ମନ୍ତ୍ରୀ, ଆହାତ ହୋଇଥିଲେ। ତେଣୁ ଚଳିତବର୍ଷ ଏଥିରେ ସୁଧାର ଆଣିବାକୁ ଦୁଇଟି ଜାଗାରେ ୩ଟି ଭଲ ଦୌଡି ଅଣାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

## ଆଜି ରିଲିଜ୍ ହେବ 'ବିଜୁବାବୁ', 'ଦି ଲିଷ୍ଟ ଅଫ୍ ଦିଜ୍'

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ଫିଲ୍ମ ଫ୍ରାଇଡେ




ଫିଲ୍ମ ଫ୍ରାଇଡେ'ରେ ଏଥର ବହୁ ପ୍ରତୀକ୍ଷିତ ଓଡ଼ିଆ ଫିଲ୍ମ 'ବିଜୁ ବାବୁ' ସହ ଗ୍ରାହମ୍ ଷ୍ଟେନ୍ସଙ୍କ କାହାଣୀ ଉପରେ ନିର୍ମିତ ଫିଲ୍ମ 'ଦି ଲିଷ୍ଟ ଅଫ୍ ଦିଜ୍' ମୁକ୍ତିଲାଭ କରିବ। ଏହାସହ ହିନ୍ଦୀ ଫିଲ୍ମ 'ଜଙ୍ଗ୍‌ଲି', 'ନୋଟ୍‌ବୁକ୍', 'ଗନ୍ କେଶ୍' ଏବଂ ଇଂଲିଶ ଫିଲ୍ମ 'ଡମ୍ବୋ', 'ହାଓ ଟୁ ଟ୍ରେନ୍ ୟୋର୍ ଡ୍ରାଗନ୍: ଦି ହିଡେନ୍ ୱାର୍ଲଡ' ମଧ୍ୟ ପରଦାକୁ ଆସିବ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ନିର୍ମିତ ଓଡ଼ିଆ ଫିଚର୍ ଫିଲ୍ମ 'ବିଜୁ ବାବୁ'ରେ ବିଜୁବାବୁଙ୍କ ଭୂମିକାରେ ଅନୁଭବ ମହାନ୍ତି ଅଭିନୟ କରିଥିବା ବେଳେ ନାୟିକା ଭାବେ ସୁପ୍ରିୟା ନାୟକ ଅଭିନୟ କରିଛନ୍ତି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ପ୍ରଥମ ଓଡ଼ିଆ ଫିଚର ଫିଲ୍ମ। ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ ଆନନ୍ଦ ଦେଇଥିବା ବେଳେ ଏଥିରେ ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଦୀପ୍ତିରେଖାଙ୍କ ଭଳି କଣ୍ଠଶିଳ୍ପୀମାନେ କଣ୍ଠଦାନ କରିଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମରେ ୪ଟି ଗୀତ ସହ ଅନେକ ଡ୍ରାମା, ଆକ୍ସନ, ରୋମାନ୍ସ ଏବଂ କମେଡି ରହିଛି। ତେବେ ଏହା ବିଜୁ ପଟ୍ଟନାୟକଙ୍କ ଆତ୍ମକାହାଣୀ ନୁହେଁ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଥିବା ବେଳେ ଏଥିରେ ଏହି ମହାନ୍ ନେତାଙ୍କର ବିଚାରଧାରା ଏବଂ ବ୍ୟକ୍ତିତ୍ୱର ପ୍ରତିଫଳନ ଉପରେ ଗୁରୁତ୍ୱ ଦିଆଯାଇଛି। ରେକର୍ଡ ସଂଖ୍ୟକ ୧୦୦ରୁ ଊର୍ଦ୍ଧ୍ୱ ସିନେମା ହଲ୍‌ରେ ଏହା ରିଲିଜ ହେଉଛି। ଅନ୍ୟପକ୍ଷରେ ଅନୀଶ ଡାନିଏଲ୍‌ଙ୍କ ନିର୍ଦ୍ଦେଶିତ 'ଦି ଲିଷ୍ଟ ଅଫ୍ ଦିଜ୍: ଦି ଗ୍ରାହମ୍ ଷ୍ଟେନ୍ସ ଷ୍ଟୋରି' ଅଷ୍ଟ୍ରେଲିଆର ଖ୍ରୀଷ୍ଟିଆନ୍ ମିଶିଓନାରୀ ଗ୍ରାହମ୍ ଷ୍ଟେନ୍ସଙ୍କ କାହାଣୀ ଉପରେ ଆଧାରିତ। ଓଡ଼ିଶାର ମୟୂରଭଞ୍ଜ ଜିଲାରେ ଗ୍ରାହମ୍ ଷ୍ଟେନ୍ସଓ ତାଙ୍କ ଦୁଇପୁଅଙ୍କୁ ଜୀବନ୍ତ ଦଗ୍ଧ କରାଯିବାର ପ୍ରାୟ ୨୦ବର୍ଷ ପରେ ଏହାର କାହାଣୀକୁ ପରଦାରେ ଦେଖିବେ ଦର୍ଶକ। ଫିଲ୍ମର ମୁଖ୍ୟ ଭୂମିକାରେ ସରମନ ଯୋଶୀ, ଷ୍ଟିଫେନ୍ ବାଲ୍ଡୱିନ୍, ମନୋଜ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ସରମନ ଯୋଶୀ ଏଥିରେ ଜଣେ ଖବରଦାତା ଭୂମିକାରେ ନଜରକୁ ଆସିବେ। ଓଡ଼ିଶାର କାହାଣୀ ଉପରେ ପ୍ରସ୍ତୁତ ଉଭୟ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ବିଶେଷ ଉତ୍ସାହ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ତପନ ପରିଡ଼ା



ପପୁନା



ତପନ



ଦେବାଶିଷ



ପ୍ରଶାନ୍ତ



ସମୀର



ଚିନ୍ମୟ



ସୌମ୍ୟରଞ୍ଜନ



ଜିନୁ

## ସଂକ୍ଷେପରେ

### ରେଲୱେ ପକ୍ଷରୁ ପୁରସ୍କୃତ ହେବେ ଜିଆରପି, ଆରପିଏଫ କର୍ମଚାରୀ

ଭୁବନେଶ୍ୱର,୨୮-୩: ପୁରୀ ରେଳ ଷ୍ଟେଶନଠାରେ ଗତ ଶୁକ୍ରବାର ଦିନ ତପସ୍ୱିନୀ ଏକ୍ସପ୍ରେସର ସଫାଇ ସମୟରେ ଟ୍ରେନର ତିନିଟି କୋଚରେ ଲାଗିଥିବା ନିଆଁକୁ ପୁରୀ ଅଗ୍ନିଶମ ବିଭାଗ ତ୍ୱରିତ ଭିତ୍ତିରେ ଲିଭାଇବାକୁ ସକ୍ଷମ ହୋଇଥିଲା। ଏଥିପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପକ୍ଷରୁ ପୁରୀଠାରେ କାର୍ଯ୍ୟରତ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ରେଲୱେ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟରେ ସହାୟତା କରିଥିବା ପୁରୀ ସରକାରୀ ରେଲବାଇ ପୁଲିସ (ଜିଆର୍‌ପି) ଓ ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ୍) କର୍ମଚାରୀଙ୍କ କାର୍ଯ୍ୟକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପ୍ରଶଂସା କରିଛନ୍ତି। ପୁଲିସ କର୍ମଚାରୀମାନଙ୍କ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ପ୍ରଶଂସାଯୋଗ୍ୟ। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏହି କର୍ମଚାରୀଙ୍କୁ ମଧ ପୁରସ୍କୃତ କରିବେ ବୋଲି ଜଣା ପଡିଛି।

### ଲାଞ୍ଚ ମାମଲା: ସମବାୟ ସମିତି ସଭାପତି ଦଣ୍ଡିତ

କଟକ ଅଫିସ, ୨୮।୩:ବୌଦ୍ଧ ଜିଲା ସାଙ୍କୁଲୋଇ ସମବାୟ ସମିତିର ସଭାପତି ଅନ୍ତର୍ଯ୍ୟାମୀ ଚାଉଳିଆ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଚାଉଳିଆଙ୍କୁ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦଣ୍ଡିତ କରାଯାଇଛି। ତଦନୁଯାୟୀ ତାଙ୍କୁ ୨ ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟେ ତାଙ୍କୁ ୧ ବର୍ଷ ଅଧିକ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଧାରାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଆଉ ୧ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଚାଉଳିଆଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୨୯/୨୦୧୬) ରୁଜୁ ହୋଇଥିଲା। ସମବାୟ ସମିତିର ସମ୍ପାଦକ ସଞ୍ଜୟ କୁମାର ଗାଈଗଉରିଆଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ସଭାପତି ଚାଉଳିଆ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। କାରଣ ସମ୍ପାଦକ ସଞ୍ଜୟ ଚାକିରିରୁ ନିଲମ୍ବିତ ହୋଇଥିଲେ। ଚାକିରିରେ ପୁନଃ ଥଇଥାନ ପାଇଁ ସଭାପତି ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ପି.ପି. ସୁରେଶ କୁମାର ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

### ବାର୍ ଆସୋସିଏଶନ୍ ନିର୍ବାଚନ: ଜମିଲାଣି ପ୍ରାର୍ଥୀଙ୍କ ପ୍ରଚାର

ଖୋର୍ଦ୍ଧା ଅଫିସ,୨୮।୩: ଖୋର୍ଦ୍ଧା ବାର୍ ଆସୋସିଏଶନ୍‌ର ନିର୍ବାଚନ ଆସନ୍ତା ୩୦ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀ ଏବେଠାରୁ ପ୍ରଚାରରେ ଲାଗି ପଡିଛନ୍ତି। ସଭାପତି ଆସନ ପାଇଁ ମହମ୍ମଦ ଜରିଫ, ଅଜିତ୍ କୁମାର ପଟ୍ଟନାୟକ ଓ ପ୍ରାଣକୃଷ୍ଣ ଦଳବେହେରାଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଉପସଭାପତି ପଦବୀ ପାଇଁ ପ୍ରଫୁଲ୍ଲ କୁମାର ଦାସ ଓ କେଦାରନାଥ ସାମନ୍ତରାୟ, ସମ୍ପାଦକ ଲାଗି ପ୍ରଦୀପ ଦାସ, ରାଧାକାନ୍ତ ରାୟସାମନ୍ତ, ନାସିର ଖାଁ ଓ ପ୍ରଦୀପ କୁମାର ଦଳେଇଙ୍କ ମଧ୍ୟରେ ଲଢ଼େଇ ହେବ। ଯୁଗ୍ମ ସମ୍ପାଦକ ପଦବୀ ପାଇଁ ବଳରାମ ସାହୁ ଓ ବିକ୍ରମ କେଶରୀ ଛୁଆଲସିଂହ, କୋଷାଧ୍ୟକ୍ଷ ପଦବୀରେ ପ୍ରଦୀପ୍ତ ରାମ ଓ ମୁନିରା ବେଗମ ପ୍ରାର୍ଥୀ ଅଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦକୁ ୧୧ଜଣ ସଦସ୍ୟ ନିର୍ବାଚିତ ହେବେ। ଏଥିରୁ ବରିଷ୍ଠ ସଦସ୍ୟ ଭାବେ ସେକ୍ ଜୁଲ୍ ଫିକର ଅଲ୍ଲୀ, ଅଜିତ୍ କୁମାର ମିଶ୍ର, ମାନସ କୁମାର ପାଟଶାଣୀ, ଶରତ ଚନ୍ଦ୍ର ମହାପାତ୍ର ଓ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ୫ଜଣ ନିର୍ବାଚିତ ହୋଇ ସାରିଛନ୍ତି। କନିଷ୍ଠ ବିଭାଗରେ ୫ ପଦବୀରୁ କେବଳ ବିମଳ କିଶୋର ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୪ଟି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇନାହିଁ। କାର୍ଯ୍ୟନିର୍ବାହୀ ପରିଷଦର ମହିଳା ସଦସ୍ୟା ଭାବେ ଗଜଲକ୍ଷ୍ମୀ ଷଡଙ୍ଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ପୋଖରୀରେ ବୁଡ଼ି ୩ ଜଣଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୮।୩

ବାଣପୁର ଥାନା ଭେଟେଶ୍ୱର ଗ୍ରାମରେ ବୁଧବାର ପୋଖରୀରେ ବୁଡି ଦୁଇ ନାବାଳିକା ଭଉଣୀ ଓ ଜଣେ ମହିଳା ପ୍ରାଣ ହରାଇଛନ୍ତି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା ପେଣ୍ଡୁରୁଡି ଥାନା ମ୍ୟାପଖୁଣ୍ଟା ଗ୍ରାମର ମହନ ନାଗେଶ୍ୱରଙ୍କ ଦୁଇଝିଅ ସତ୍ୟା କବିତା (୧୨) ଓ ହାରିଣୀ (୮)। ସେହିପରି ଭେଟେଶ୍ୱର ଗାଁର ଉମାକାନ୍ତ ସାହୁଙ୍କ ପତ୍ନୀ ହରଷ (୩୪)ଙ୍କ ଅନୁରୂପ ଭାବେ ମୃତ୍ୟୁ ଘଟିଛି। ବାଣପୁରର ପଞ୍ଚୁଦୋଳ ଯାତ୍ରା ଦେଖିବାକୁ ମ୍ୟାପଖୁଣ୍ଟା ଗ୍ରାମର ସତ୍ୟାକବିତା ଓ ହାରିଣୀ ପିତା ମହନ ନାଗେଶ୍ୱରଙ୍କ ସହ ଭେଟେଶ୍ୱର ଗ୍ରାମର ଖଲିଆ ସାସମଲଙ୍କ ଘରକୁ ଆସିଥିଲେ। ବୁଧବାର ପଞ୍ଚୁଦୋଳ ଯାତ୍ରା ଦେଖି ଘରକୁ ଫେରିଥିଲେ। ପରେ ସତ୍ୟା ଓ ହାରିଣୀ ଅନ୍ୟ ଜଣେ ବାଳିକାଙ୍କ ସହ ଖଲିଆଙ୍କ ଘର ନିକଟରେ ଥିବା ଏକ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଦୁଇଭଉଣୀ ପାଣିରେ ବୁଡି ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସତ୍ୟା ଓ ହାରିଣୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇଭଉଣୀଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ମହନଙ୍କ ପରିବାର ଲୋକେ ଏମ୍‌କେସିଜିରୁ ଦୁଇଭଉଣୀଙ୍କ ମୃତଦେହ ନେଇ ଗାଁକୁ ଫେରି ଯାଇଛନ୍ତି। ସେହିଭଳି ଭେଟେଶ୍ୱର ଗାଁର ହରଷ ବୁଧବାର ସନ୍ଧ୍ୟାରେ ଉକ୍ତ ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ଯାଇ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ନଂ. ୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଦେଶୀ ବନ୍ଧୁକ, ଗୁଳି ଜବତ: ୩ ଗିରଫ

ଖୋର୍ଦ୍ଧା ଅଫିସ,୨୮।୩

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ଛକର ଏକ ପରିତ୍ୟକ୍ତ ଗୃହରୁ ବୁଧବାର ରାତିରେ ସହର ପରିସରରୁ ଡକାୟତି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ପୋଲିସ ଚଢାଉ କରି ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଟାଙ୍ଗୀ ଥାନା ସୋରଣ ତଳସାହିର ସୁରିଆ ଦାଶ(୪୫), ବାଣପୁର ଥାନା ହଳନ୍ଦା ଗାଁର ଗୁରୁବାରୀ ନାୟକ(୨୦), ବାଲେଶ୍ୱର ଜିଲା ଜଳେଶ୍ୱରର ରାକେଶ ମାଦଳିଆ(୩୦)ପ୍ରମୁଖ ଡକାୟତଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ୨ ଚାପଡ ଜବତ ହୋଇଛି। ଥାନାରେ ଏସ୍‌ପି ଅମୂଲ୍ୟ କୁମାର ଦାସ ଓ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ସମୟରେ ଆଇଆଇସି ବିକ୍ରମ ଜେନା ଉପସ୍ଥିତ ଥିଲେ।

# ଏସ୍‌ପ୍ଲାନେଡ୍ ମଲ୍‌ରେ ମେଗା ମକ୍‌ଡ୍ରିଲ





ଏସ୍‌ପ୍ଲାନେଡ୍ ମଲରେ ମକ୍‌ଡ୍ରିଲ ବେଳେ ଚାଲିଥିବା ଉଦ୍ଧାର କାର୍ଯ୍ୟ ।

■ କେମିକାଲ,ବାୟୋକେମିକାଲ ବିକିରଣ ପ୍ରତିରୋଧ ପାଇଁ ପ୍ରସ୍ତୁତି

■ ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ, ପୋଲିସ ସାମିଲ

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିକୁ ରୋକିବା ଲାଗି ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ହଠାତ୍ କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଲେ କିପରି ତହାର ମୁକାବିଲା କରାଯାଇପାରିବ ସେ ନେଇ ଗୁରୁବାର ରାଜଧାନୀର ସର୍ବବୃହତ୍ ମଲ୍ କୁହାଯାଉଥିବା ଏସ୍‌ପ୍ଲାନେଡ୍‌ରେ ଦୀର୍ଘ ୩ଘଣ୍ଟା ଧରି ଏକ ମେଗା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏହି ମକ୍‌ଡ୍ରିଲ୍‌ରେ ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ, ସିଭିଲ୍‌ଡିଫେନ୍ସ, ପୋଲିସ ବିଭାଗ ଏବଂ ମଲ୍‌ର କର୍ମଚାରୀମାନେ ସାମିଲ ହୋଇଥିଲେ।

ରାଜଧାନୀରେ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକଙ୍କ ଚାହିଦାକୁ ନଜରରେ ରଖି ବଡବଡ ମଲ୍ କରାଯାଉଛି। ଏହି ମଲ୍‌ଗୁଡିକର ସାଜସଜ୍ଜା ପାଇଁ କେମିକାଲ, ବାୟୋକେମିକାଲ, ରେଡିଓଲୋଜିର ବ୍ୟବହାର କରାଯାଉଛି। ମାତ୍ର ଏହି ସବୁ ପଦାର୍ଥରୁ ଯେଉଁ ବିକିରଣ ସୃଷ୍ଟି ହୁଏ ଏହା ମାନବ ସମାଜପାଇଁ କ୍ଷତିକାରକ ହୋଇଥାଏ। ମଲ୍ ଭିତରେ ଯଦି କୌଣଦି ଅଘଟଣ ଘଟେ ତେବେ ସେଥିରୁ ନିର୍ଗତ ରେଡିଏଶନ୍ ଦ୍ୱାରା ପ୍ରଦୂଷଣ ବଢ଼ିଥାଏ। ଅଘଟଣ ସମୟରେ ଏହି ରେଡିଏଶନ୍‌କୁ କିଭଳି ପ୍ରତିହତ କରାଯାଇ ପାରିବ ସେଥିପାଇଁ ଏହି ମକ୍ ଡ୍ରିଲ୍‌ରେ ଅଭ୍ୟାସ କରାଯାଇଥିଲା। ଏନ୍‌ଡିଆରଏଫ୍ କିଭଳି ମଲ୍‌ର ତୃତୀୟ ମହଲାରେ ଲୋକଙ୍କୁ ବିନା ଲିଫ୍ଟରେ ତଳକୁ ଆଣିପାରିବେ ତାହାର ଅଭ୍ୟାସ ହୋଇଥିଲା। ଏନ୍‌ଡିଆରଏଫ୍ କର୍ମଚାରୀମାନେ ରଶି ସାହାଯ୍ୟରେ ତୃତୀୟ ମହଲାରୁ ଲୋକଙ୍କୁ ଉଦ୍ଧାର କରି ତଳକୁ ଓହ୍ଲାଇଥିଲେ। ଯେଉଁ ସ୍ଥାନରୁ ବିକିରଣ ହେଉଛି ସେହି ସ୍ଥାନକୁ ଚିହ୍ନଟ କରିବା ସହ ଏନ୍‌ଡିଆରଏଫ୍ କର୍ମଚାରୀମାନେ ସ୍ୱତନ୍ତ୍ର ମେଶିନ୍ ସାହାଯ୍ୟରେ କିଭଳି ରେଡିଏଶନ୍‌କୁ ଯାଞ୍ଚ କରି ଏହାକୁ ନିୟନ୍ତ୍ରଣ କରାଯାଇପାରିବ ତାହା ମଧ ଅଭ୍ୟାସ କରିଥିଲେ। ଉଦ୍ଧାର ହୋଇଥିବା ଲୋକଙ୍କୁ କିଭଳି ମେଡିକାଲକୁ ପଠାଯିବ ତାହା ମଧ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଅଘଟଣ ଘଟିଲେ ଲୋକମାନେ ଚିତ୍କାର କରି ଏଣେ ତେଣେ ଦୌଡିବାକୁ ଲାଗିଥାନ୍ତି। ତେଣୁ ଏଭଳି ସ୍ଥିତିରେ ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କର୍ମଚାରୀମାନେ ଭୟଭୀତ ନ ହୋଇ କିଭଳି ଲୋକମାନଙ୍କୁ ନିୟନ୍ତ୍ରଣ କରିବେ ସେ ସମ୍ପର୍କରେ ବୁଝାଯାଇଥିଲା। ବିଶେଷ କରି ଅଘଟଣରେ ଆହତ ହୋଇଥିବା ଲୋକଙ୍କୁ କିପରି ପ୍ରାଥମିକ ଚିକିତ୍ସା କରିବେ ସେ ନେଇ କର୍ମଚାରୀଙ୍କୁ କୁହାଯାଇଥିଲା। ଏହି ପ୍ରଶିକ୍ଷଣ ଦ୍ୱାରା ବହୁତ କିଛି ଶିକ୍ଷାଲାଭ କରିଥିବା ମଲ୍‌ର କର୍ମଚାରୀମାନେ କହିଛନ୍ତି। ଏଥିରେ ଏନ୍‌ଡିଆରଏଫ୍, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ମକ୍‌ଡ୍ରିଲର ଭିଡିଓ ରେକର୍ଡିଂ କରାଯାଇଥିଲା। ଏହି ଭିଡିଓକୁ ଅଧିକାରୀମାନେ ତନଖିବେ ଏବଂ ସେଥିରେ ଯଦି କିଛି ତ୍ରୁଟି ରହିଯାଇଥାଏ ତେବେ ପୁଣି ଏହି ମକ୍‌ଡ୍ରିଲ୍ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ମକ୍‌ଡ୍ରିଲ୍ ଦେଖିବା ପାଇଁ ରାସ୍ତାରେ ଯାଉଥିବା ଲୋକମାନେ ଅଟକୁଥିଲେ। ଫଳରେ ମଲ୍ ସମ୍ମୁଖରେ ଗାଡିମୋଟର ଭିଡ଼ ହୋଇଯାଇଥିଲା। ଭିଡ଼ ହଟାଇବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।



# ସଚେତନତା ବାର୍ତ୍ତା ନେଇ ପୁରୀରେ ତ୍ରିଲୋଚନ

ପୁରୀ ଅଫିସ,୨୮।୩

ଯକ୍ଷ୍ମା ନିରାକରଣ ଲାଗି ସଚେତନତା ସୃଷ୍ଟି ନିମନ୍ତେ ସାଇକେଲ ଯୋଗେ ଭାରତ ଭ୍ରମଣରେ ଅଛନ୍ତି ଭଦ୍ରକ ଜିଲା ତିହିଡି ବ୍ଲକ କାଳିମେଘା ଗ୍ରାମର ଯୁବ ସାମାଜିକ କର୍ମୀ ତ୍ରିଲୋଚନ ମହାଳିକ। ଯକ୍ଷ୍ମାମୁକ୍ତ ବାର୍ତ୍ତା ନେଇ ଗତ ମାର୍ଚ୍ଚ ୨୪ତାରିଖ ଯକ୍ଷ୍ମା ଦିବସରେ ଭଦ୍ରକରୁ ବାହାରିଥିବା ତ୍ରିଲୋଚନ ଗୁରୁବାର ପୁରୀରେ ପହଞ୍ଚିଥିଲେ। ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ପୂର୍ବାହ୍ନରେ ବିଭିନ୍ନ ସ୍କୁଲ ଓ କଲେଜକୁ ଯାଇ ଯକ୍ଷ୍ମା ସଂକ୍ରାନ୍ତରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସେହିପରି ପଥପ୍ରାନ୍ତ ସଭା ମାଧମରେ ଯକ୍ଷ୍ମାମୁକ୍ତ ସମାଜର ବାର୍ତ୍ତା ଦେଇଥିଲେ। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଡିଏମ୍‌ଓ ରାମଚନ୍ଦ୍ର ରାଉତ, ଜିଲା ଯକ୍ଷ୍ମାଧିକାରୀ ଡା. ଲଲାଟେନ୍ଦୁ ମିଶ୍ର, ଏନ୍‌ଏଚ୍‌ଏମ୍ ପ୍ରୋଗ୍ରାମ ମ୍ୟାନେଜର ଟି.ନାରାୟଣ ରାଓ ଏବଂ ଯକ୍ଷ୍ମା ବିଭାଗର ସୁଦର୍ଶନ ଜେନା, ଦୈତାରି ପଟ୍ଟନାୟକ, ସସ୍ମିତା ମହାରଣା, ପ୍ରତାପ କେଶରୀ ରଥ, କେଦାରନାଥ ମହାପାତ୍ର ପ୍ରମୁଖ ତ୍ରିଲୋଚନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଯକ୍ଷ୍ମା ସଚେତନତା ଲାଗି ସେ ଦେଶର ୨୦ଟି ରାଜ୍ୟ ବୁଲିବା ଯୋଜନା ରଖିଛନ୍ତି। ୨୫୦ ଦିନରେ ୧୦ହଜାର କିମି ରାସ୍ତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଥିବା ତ୍ରିଲୋଚନ ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଥର ରକ୍ତଦାନ କରିଛନ୍ତି। ବିପଦ ସମୟରେ ଲୋକଙ୍କୁ ସହାୟତାର ହାତ ବଢାଇ ଆସୁଛନ୍ତି।




ତ୍ରିଲୋଚନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ସେଲ୍‌ଟର ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ୧୧ଶ ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ପୂର୍ବତନ କର୍ପୋରେଟର ନବକିଶୋର ବେହେରା ଓ ନିରଞ୍ଜନ ମିଶ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ନର୍ସରୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୫୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। 'ଜଳର ସୁରକ୍ଷା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ପ୍ରଦର୍ଶନୀର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ବଛାଯିବା ସହ ଆସନ୍ତା ଜୁନ୍ ୨୩ରେ ଅନୁଷ୍ଠାନର ୧୧ଶ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜୟ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆସନ୍ତା ୩୧ ତାରିଖରେ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଆଧୁନିକ ନୃତ୍ୟକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୂଚନା ଭବନଠାରେ ଅନୁଷ୍ଠିତ ହେବ।



ଚିତ୍ରକଳା ପ୍ରଦର୍ଶନକୁ ଅତିଥି ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।




■ ଗୋପ ଅଞ୍ଚଳରେ ପାନୀୟ ଜଳ ସମସ୍ୟା

# ବ୍ଲକ ଆଗରେ ହାଣ୍ଡି, ବାଲ୍‌ଟି ଧରି ଧାରଣା

ଗୋପ, ୨୮।୩(ଡି.ଏନ୍.ଏ.)

ଗୋପ ବ୍ଲକ ସମ୍ମୁଖରେ ଗୁରୁବାର ମଧ୍ୟାହ୍ନରେ ଗୋପ ଗ୍ରାମ ପଞ୍ଚାୟତ ଅଧୀନ ୪ ନଂ ଓ ୫ ନଂ ୱାର୍ଡର ଶତାଧିକ ମହିଳା ହାଣ୍ଡି ଓ ବାଲ୍‌ଟି ଧରି ଧାରଣା ଦେଇଥିଲେ। ୪ ନଂ ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟା ଉଜରତୁନ୍ ବିବିଙ୍କ ନେତୃତ୍ୱରେ ମହିଳାମାନେ ଏକଘଣ୍ଟା ଧରି ଧାରଣାରେ ବସିଥିଲେ। ଖବର ପାଇ ବିଡିଓ ଦୀପ୍ତିରାଣୀ ଦାସ ୮ଦିନ ମଧ୍ୟରେ ପିଇବା ପାଣି ଯୋଗାଇ ଦେବା ଏବଂ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଖରାଦିନ ଆରମ୍ଭରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ କେତେକ ପଞ୍ଚାୟତରେ ଏହି ସମସ୍ୟା ଗୁରୁତର ହୋଇପଡ଼ିଛି। ଗୋପ ବ୍ଲକ ଅଧୀନ ତରକୋର, ବେଦପୁର, ନାଗପୁର, ଏରବଙ୍ଗ, ବଉଲାଙ୍ଗ, ବଡ଼ତରା, ଅଣ୍ଟରା ଇଚ୍ଛାପୁର, ଗଣେଶ୍ୱରପୁର ଆଦି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାବେଳେ ଗୋପ ଗ୍ରାମପଞ୍ଚାୟତ ୪ ଓ ୫ ନଂ ୱାର୍ଡର ତକିଆ ମହଲା ଓ ମୌଲାନା ମହଲାରେ କୌଣସି ନଳକୂପରୁ ପାଣି ବାହାରୁ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଏହା ସହିତ ପାଇପ୍ ଲାଇନ୍‌ରୁ ଜଳ ଯୋଗାଇ ଦେବା ଲାଗି ଦୀର୍ଘ ୩ ବର୍ଷ ଧରି ଦାବି ହେଉଥିଲେ ମଧ ବ୍ଲକ ଜଳ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲା। ଏ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବାରୁ ଗୁରୁବାର ଅଜିଜ୍ ଉଲ୍ଲା ସାହା, ସକି ବିବି, ସୋଲମା ବିବିଙ୍କ ସମେତ ଶତାଧିକ ମହିଳା ଗୋପ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହାଣ୍ଡି ଓ ବାଲ୍‌ଟି ଧରି ପହଞ୍ଚି ପ୍ରତିବାଦ କରିବା ସହ ଜଳଯୋଗାଣ ଦାବିରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଗୋପ ବିଡିଓ ଦାସ କୁହନ୍ତି, ଜଳ ସମସ୍ୟା ସମ୍ପର୍କିତ ଅଭିଯୋଗ ପାଇବା ମାତ୍ରେ ତତ୍କାଳ ନଳକୂପଗୁଡ଼ିକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



■ ବେଗୁନିଆ ବ୍ଲକ : ଅଂଶୁଘାତ ମୁକାବିଲା ଲାଗି ବସିଲାନି ବୈଠକ

# ପାଣି ପାଇଁ ଲୋକେ ଓହଳ ବିକଳ

ବେଗୁନିଆ,୨୮।୩(ଡି.ଏନ.ଏ.)

ରାଜ୍ୟରେ ଏବେ ଗ୍ରୀଷ୍ମ ଅନୁଭୂତ ହେଉଥିବାବେଳେ ତାତି ଅସହ୍ୟ ହେଲାଣି। ବିଭାଗୀୟ ରିପୋର୍ଟ ଅନୁସାରେ, ବହୁ ସ୍ଥାନରେ ଗୁରୁବାର ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିଛି। ବେଗୁନିଆ ବ୍ଲକରେ ତାତି ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାରେ ଲାଗିଲାଣି। ପୂର୍ବାହ୍ନ ୧୦ଟାରୁ ମଧ ବଜାର ଓ ରାସ୍ତା ଘାଟ ଖାଁ ଖାଁ ଲାଗୁଛି। ହେଲେ ଅଂଶୁଘାତ ମୁକାବିଲା ପାଇଁ ଏଯାଏ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ଛକ ଜାଗାରେ ପଞ୍ଚାୟତ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ନିୟମ ରହିଛି। ଏଥିସହ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମଗୁଡିକରେ ଥିବା ଅଚଳ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପକୁ ମରାମତି କରାଯିବା କଥା। ମାତ୍ର ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକ ଏଯାଏ ବସି ପାରିଲାନାହିଁ। ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ଆଗକୁ ଅଛି ବୋଲି ଆଳ ଦେଖାଇ ଜଳଛତ୍ର ଖୋଲାଯାଇ ପାରିନି ବୋଲି ପ୍ରଶାସନିକ ଅଧିକାରୀଙ୍କଠାରୁ ଉତ୍ତର ମିଳୁଛି। ପ୍ରତିବର୍ଷ କେତେକ ସ୍ଥାନରେ ଖୋଲାଯାଉଥିବା ଜଳଛତ୍ରର ମାଠିଆ, ଗ୍ଲାସକୁ କେତେଜଣ ଲୋକ ଅପବ୍ୟବହାର କରୁଛନ୍ତି। ଜଳଛତ୍ର ପାଇଁ ଖୋଲା ଯାଇଥିବା ଟାଙ୍କି ଓ ବଡ ମାଟି ପାତ୍ର ପରିସରରେ ଅସାମାଜିକ ବ୍ୟକ୍ତି ଅଳିଆ ଆବର୍ଜନା ସହ ମାଦକ ଦ୍ରବ୍ୟର ବୋତଲ ମଧ ପକାଇ ଦେଉଛନ୍ତି। ଫଳରେ ଖୋଲାଯାଉଥିବା ଜଳଛତ୍ର ସ୍ଥାନରେ ବାଟୋଇମାନେ ପାନୀୟ ଜଳକୁ ବ୍ୟବହାର କରିବାକୁ ଇଚ୍ଛା କରୁନାହାନ୍ତି। ଏହି ଆଳ ଦେଖାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳଛତ୍ର ଖୋଲିବାରେ ବିଳମ୍ବ କରାଯାଉଛି ବୋଲି ବିଭାଗର ଜନୈକ ଅଧିକାରୀ କହିଛନ୍ତି।

ପ୍ରତିବର୍ଷ ମାର୍ଚ୍ଚ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତି କରିଥାଏ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗାଁ କଲ୍ୟାଣ ସମିତି ଓ ବ୍ଲକ ପକ୍ଷରୁ ୱାର୍ଡ ସଭ୍ୟଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଗ୍ରାମରେ ନିଯୁକ୍ତି ପାଇଥିବା ଆଶା କର୍ମୀମାନେ ଜଳଛତ୍ର ଖୋଲିବା ଦାୟିତ୍ୱରେ ରହିଥାନ୍ତି। ଏ ନେଇ ଗାଁ କଲ୍ୟାଣ ସମିତି ପାଣ୍ଠିରୁ ଅର୍ଥ ବ୍ୟୟ କରାଯିବା କଥା। ମାତ୍ର ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ୧୬୦ଟି ରାଜସ୍ୱ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲାଯାଇନାହିଁ। ସେହିପରି ଯୋଜନା ଅର୍ଥ କମିଶନ ପାଣ୍ଠିରୁ ବ୍ଲକ ପକ୍ଷରୁ ପଞ୍ଚାୟତ ମାଧମରେ ବିଭିନ୍ନ ଛକ ସ୍ଥାନ, ବଜାର ଅଞ୍ଚଳ ଓ ଜଳ ସଙ୍କଟ ଦେଖାଦେଇଥିବା ଜାଗାରେ ଜଳଛତ୍ର ଖୋଲାଯିବା କଥା। ଏ ନେଇ ୨୧ ପଞ୍ଚାୟତର ସରପଞ୍ଚ ତତ୍ପର ନ ଥିବା ମଧ ଜଣାପଡିଛି। ସେହିପରି ବ୍ଲକ ଅନ୍ତର୍ଗତ ବୋଡଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୧୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର ୱାର୍ଡ ଏଯାଏ ଖୋଲାଯାଇନାହିଁ। କେବଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଚିଠି ହୋଇଥିଲେ ହେଁ କାର୍ଯ୍ୟକାରୀ କରାଯାଇନାହିଁ। ଏ ସମ୍ପର୍କରେ ବିଡିଓ ରବିନାରାୟଣ ମାଝିଙ୍କୁ ପଚାରିବାରେ ଏବେ ଖରାର ପ୍ରକୋପ ଦେଖାଦେଲାଣି। ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ଅଂଶୁଘାତ ମୁକାବିଲା ବୈଠକ କରାଯାଇ ସମସ୍ତ ବିଭାଗକୁ ଆଲର୍ଟ କରାଯିବ ବୋଲି ସେ କହିଛନ୍ତି।



ଯେଉଁ ଲୋକମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।
- କନ୍‌ଫୁସିଅସ୍



## ସଂକ୍ଷେପରେ

### କାର୍ ପୋଡ଼ିଦେଲେ ଦୁର୍ବୃତ୍ତ



ପିପିଲି, ୨୮।୩(ଡି.ଏନ୍.ଏ.): ପିପିଲି ବାଇପାସ୍ ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍‌କୁ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି। ପିପିଲି ପୋଲିସ ଏ ନେଇ କାହାକୁ ଗିରିଫ କରି ନ ଥିବାବେଳେ ତଦନ୍ତ ଆରମ୍ଭ କରିଛି। ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନର କେତେଜଣ ଲୋକ ବିଜ୍ଞାପନ ସମ୍ପର୍କିତ ପୋଷ୍ଟର ଲଗାଉଥିବାବେଳେ କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ପରେ ଯୁବକମାନେ କାର୍‌ରେ ନିଆଁ ଲଗାଇ ଫେରାର୍ ହୋଇଯାଇଥିଲେ। କାର୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ପିପିଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପିପିଲି ପୋଲିସ କାରଟିକୁ ଜବତ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପିପିଲି ଆଇଆଇସି ଶରତ କୁମାର ସାହୁଙ୍କୁ ପଚାରିବାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ନେଇ କେହି ଅଭିଯୋଗ କରିନାହାନ୍ତି। ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ବୋଲି କହିଥିଲେ।

### ଘରେ ପଶି ଆକ୍ରମଣ, ଜଣେ ଆହତ

ଭୁବନେଶ୍ୱର,୨୮।୩(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୩ ଯୁବକ ଜଣେ ବ୍ୟକ୍ତିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ସହ ବାଇକ୍ ଓ ଆସବାବପତ୍ର ଭଙ୍ଗାରୁଜା କରି ଫେରାର ହେବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ପଣ୍ଡରା ଇଟାମାଟି ଅଞ୍ଚଳରେ କୃଷ୍ଣ ଦାସ ପରିବାର ସହ ରୁହନ୍ତି। ବୁଧବାର ରାତି ୮ଟା ବେଳେ ୩ ଜଣ ଯୁବକ ତାଙ୍କ ଘରେ ପଶି କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ କୃଷ୍ଣ ତଳେ ପଡିଥିବା ବେଳେ ସେମାନେ ଘରର ଆସବାବପତ୍ର ଏବଂ ବାଇକ ଭାଙ୍ଗି ଚୂରମାର କରି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ପରିବାର ଲୋକଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ପରିବାର ଲୋକ କୃଷ୍ଣଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସା କରାଇବା ସହ ଥାନାରେ ଅଭିଯୋଗ କରିଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର, ୨୮।୩ (ଡି.ଏନ.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ୬୨ ନଂ. ୱାର୍ଡରେ ଗୁରୁବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନର ସ୍ଲୋଗାନ ସହ ଦଳୀୟ କର୍ମୀମାନେ ଭୋଟ ଭିକ୍ଷା କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ଲୋକ ସଭା ପ୍ରାର୍ଥୀ ଅରୁପ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ବାଦାମ ବ୍ୟବସାୟୀଙ୍କଠାରୁ ସାଢେ ୩ ଲକ୍ଷ ଲୁଟ୍ ଘଟଣା

# ଥାନା ଆଗରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି

■ ଥାନାରୁ କମିଶନରେଟ ଅଫିସ ଦୌଡ଼ୁଛନ୍ତି ହରିହର
■ ସିସିଟିଭିରେ ଲୁଟେରାଙ୍କ ବାଇକ ନମ୍ବର
■ ଯାଞ୍ଚ କରୁନି କି ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ନୟାପଲ୍ଲୀସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ନିକଟରୁ ଦୁର୍ବୃତ୍ତମାନେ ବାଦାମ ବ୍ୟବସାୟୀ ହରିହର ସାହୁଙ୍କ ବାଇକ ଡିକି ଭାଙ୍ଗି ସାଢ଼େ ୩ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ଟଙ୍କା ପାଇବା ଆଶାରେ ହରିହର ଅଢ଼େଇ ମାସ ହେବ ଥାନା ଓ କମିଶନରେଟ ପୋଲିସ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ ପୋଲିସର ସହଯୋଗ ମିଳୁ ନ ଥିବାରୁ ସେ ମାନସିକ ଭାରସାମ୍ୟ ହରାଇଛନ୍ତି। ଟଙ୍କା ନ ମିଳିଲେ ନୟାପଲ୍ଲୀ ଥାନା ଆଗରେ ଆତ୍ମାହୁତି ଦେବାକୁ ବାଧ୍ୟହେବେ ବୋଲି ହରିହର କହିଛନ୍ତି।

ସୂଚନା ମୁତାବକ, ହରିହର ଏହି ଥାନା ଅନ୍ତର୍ଗତ ବାଜପେୟୀ ନଗର ବସ୍ତିରେ ପରିବାର ସହ ରହୁଛନ୍ତି। ବାଦାମ ହୋଲ୍‌ସେଲିଂ ବ୍ୟବସାୟ କରି ପରିବାର ଚଳାଉଛନ୍ତି। ଗତ ଜାନୁୟାରୀ ୩ରେ ସେ ନୟାପଲ୍ଲୀ ଷ୍ଟେଟ୍ ବ୍ୟାଙ୍କ୍‌କୁ ଚେକ୍ ଜମା କରି ୩ଲକ୍ଷ ୫୦ ହଜାର ଟଙ୍କା ଉଠାଇଥିଲେ। ବ୍ୟାଙ୍କ୍ ବାହାରକୁ ଆସିବା ପରେ ଉକ୍ତ ଟଙ୍କାକୁ ନିଜ ବାଇକ ଡିକିରେ ରଖି ତାଲା ପକାଇଥିଲେ। ପାସବୁକ ଅପ୍‌ଡେଟ କରିବାକୁ ବାଇକ୍ ସମ୍ମାରେ ଥିବା ଏଟିଏମ ଭିତରକୁ ଯାଇଥିଲେ। ଏହି ସୁଯୋଗରେ



ନୟାପଲ୍ଲୀ ଥାନାକୁ ଆସିଥିବା ହରିହର ସାହୁ।

ଦୁଇଜଣ ଦୁର୍ବୃତ୍ତ ଡିକି ଭାଙ୍ଗି ସବୁଟଙ୍କା ନେଇ ଏକ ପଲସରରେ ଫେରାର ହୋଇଯାଇଥିଲେ। ହରିହର ଏଟିଏମ୍‌ରୁ ବାହାରି ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଲୁଟ୍ ସମୟର ଦୃଶ୍ୟ ବ୍ୟାଙ୍କ ଓ ନିକଟସ୍ଥ ଏକ ଦୋକାନର ସିସିଟିଭିରେ ରେକର୍ଡ ହୋଇଥିଲା। ଦୁଇ ସିସିଟିଭିର ଫୁଟେଜରେ ଲୁଟେରା ଓ ସେମାନେ ବ୍ୟବହାର କରୁଥିବା ବାଇକର ନମ୍ବର ମଧ୍ୟ ରହିଥିଲା। ଲୁଟେରାଙ୍କୁ ତୁରନ୍ତ ଗିରଫ କରାଯିବ ଓ ଟଙ୍କା ଜବତ ପରେ ଡାକି ଦିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲା। ହେଲେ ପୋଲିସ ଏଯାଏ ସିସିଟିଭି ଫୁଟେଜ ଆଣିଲେ ନାହିଁକି ଅଭିଯୁକ୍ତଙ୍କୁ ଧରି ଟଙ୍କା ଉଦ୍ଧାର କଲେନି।

ଅନ୍ୟପକ୍ଷରେ ସ୍ୱଳ୍ପ ଆୟ ଭିତରେ ଲୁଟ୍ ଟଙ୍କାକୁ ନେଇ ହରିହରଙ୍କ ନିଦ ହଜିଯାଇଛି। ତାଙ୍କୁ ବାଦାମ ଦେଇଥିବା ଲୋକେ ଟଙ୍କା ମାଗୁଛନ୍ତି। ଏପରିସ୍ଥିତିରେ ତାଙ୍କ ପରିବାର ଏବେ ଆର୍ଥିକ ଅନାଟନରେ ଗତି କରୁଛି। ଲୁଟ୍ ଟଙ୍କା ପାଇଁ ପ୍ରତିଦିନ ଥାନାକୁ ଯାଉଥିଲେ ମଧ୍ୟ ପୋଲିସ ଆଜି କାଲି ଆସ କହି ଦିନ ଗଡାଉଛି। ଫେବୃଆରୀ ୧୮ରେ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଦେଖାକରି ଏନେଇ ଜଣାଇଥିଲେ। କମିଶନର ଥାନା ଅଧିକାରୀଙ୍କୁ ଫୋନ କରି ଅଭିଯୁକ୍ତଙ୍କୁ ଧରିବା ନେଇ ନିର୍ଦ୍ଦେଶ ଦେଲେ। ମାତ୍ର ଉକ୍ତ ଥାନା ଅଧିକାରୀ ଏବେ ଅନ୍ୟତ୍ର ବଦଳି ହୋଇଯିବା ପରେ ଲୁଟ୍ ମାମଲାରେ କେହି ମୁଣ୍ଡ ଖେଳାଉନାହାନ୍ତି। ବର୍ତ୍ତମାନର ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ସାଢେ ୩ ଲକ୍ଷ ଲୁଟ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି। ବ୍ୟାଙ୍କ ସିସିଟିଭି ଫୁଟେଜରେ ସେମାନଙ୍କ ମୁହଁ ସ୍ପଷ୍ଟ ହେଉ ନ ଥିବା ବେଳେ ସେମାନେ ଏରାଗୋଲା ଗ୍ୟାଙ୍ଗର ବୋଲି ତଦନ୍ତରୁ ଜଣାପଡିଛି। ମାତ୍ର ଅଭିଯୁକ୍ତ ବ୍ୟବହାର କରିଥିବା ଗାଡି ନମ୍ବର ସିସିଟିଭି ଫୁଟେଜ ପୋଲିସ ନିକଟରେ ନାହିଁ। ପୋଲିସ ଏହି ଗ୍ୟାଙ୍ଗ ଉପରେ ନଜର ରଖିଛି, ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସ୍ୱାଇଁ କହିଛନ୍ତି।

■ ଗୋଟିଏ ଦିନରେ ୧୫୭ ଓକିଲ ସଂଘ ନିର୍ବାଚନ

# ସ୍ୱାଗତ କଲା ଭୁବନେଶ୍ୱର ବାର ଆସୋସିଏଶନ

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ଆସନ୍ତା ୩୦ ତାରିଖରେ ଓଡ଼ିଶାର ୧୫୭ ଓକିଲ ସଂଘର ଗୋଟିଏ ଦିନରେ ନିର୍ବାଚନ ହେବ। ପୂର୍ବରୁ ଭିନ୍ନ ଭିନ୍ନ ତାରିଖରେ ଏକାଧିକ ବାରରେ ନିର୍ବାଚନ କରାଯାଉଥିଲା। ଏହାଦ୍ୱାରା ଏକାଧିକ ବାରରେ ସଦସ୍ୟ ଥିବା ଆଇନଜୀବୀ ଭିନ୍ନ ଭିନ୍ନ ବାରରେ ଭୋଟ ଦେଉଥିଲେ। ହାଇକୋର୍ଟଙ୍କ 'ୱାନ୍ ବାର ୱାନ୍ ଭୋଟ' ରାୟ ଅନୁଯାୟୀ ଏଥର ପ୍ରଥମ ଥର ଗୋଟିଏ ଦିନରେ ୧୫୭ଟି ବାରରେ ଭୋଟ ହେବ। ଏଭଳି ନିୟମକୁ ଭୁବନେଶ୍ୱର ବାର ଆସୋସିଏଶନ ସ୍ୱାଗତ କରିଛି। ଏହା ହାଇକୋର୍ଟଙ୍କ ରାୟ ଆଧାରରେ ସମ୍ଭବ ହୋଇ ପାରିଥିବା କହିଛନ୍ତି ଭୁବନେଶ୍ୱର ବାର ଆସୋସିଏଶନ୍‌ର ସଭାପତି ଦୁର୍ଗାମାଧବ ମିଶ୍ର। ଜଣେ ଆଇନଜୀବୀ ଦଶଟି ଓକିଲ ସଂଘର ସଦସ୍ୟ ଥିଲେ ମଧ୍ୟ ନିର୍ବାଚନରେ ଏଥର କେବଳ ଗୋଟିଏ ସ୍ଥାନରେ ଭୋଟ ଦେଇପାରିବେ। ଏହାଦ୍ୱାରା ଠିକ୍ ପ୍ରାର୍ଥୀ ଚୟନ ସହ ନିର୍ବାଚନ ଶୃଙ୍ଖଳିତ ହେବ। ଓଡ଼ିଶାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଆଇନଜୀବୀ ଅଛନ୍ତି। ଏହିକ୍ରମରେ ଭୁବନେଶ୍ୱର ଓକିଲ ସଂଘର ୬ ହଜାର ଆଇନଜୀବୀଙ୍କ ମଧ୍ୟରୁ ମାତ୍ର ୨୩୧୫ ଆଇନଜୀବୀ ଏଠାରେ ଭୋଟ ଦେଇପାରିବେ। ଆଇନଜୀବୀ ପରିଷଦର ନିୟମ ଅନୁଯାୟୀ, ଏଥର ନିର୍ବାଚନ କେନ୍ଦ୍ରକୁ ମୋବାଇଲ କିମ୍ବା କ୍ୟାମେରା ନେଇ ପାରିବେ ନାହିଁ। ଏହାସହ ସଂଘର ପରିଚୟ ପତ୍ର ନେବା ବାଧ୍ୟତାମୂଳକ। ଏପରି ନିର୍ବାଚନ ନିରପେକ୍ଷ, ଶୃଙ୍ଖଳିତ ଏବଂ ଠିକ୍ ଦକ୍ଷତାସମ୍ପନ୍ନ ପ୍ରାର୍ଥୀ ଅସୁବିଧାର ଆଉ ସମ୍ମୁଖୀନ ହେବେ ନାହିଁ। ଏଥିଯୋଗୁ ଆଇନଜୀବୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ସଭାପତି ମିଶ୍ର କହିଛନ୍ତି।

■ ଦୁର୍ଘଟଣାରେ ଶିଶୁ ଗୁରୁତର

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବାଲିପାଟଣା,୨୮।୩(ଡି.ଏନ୍.ଏ.)

ବାଲିପାଟଣା-ବନମାଳୀପୁର ରାସ୍ତାର ଧାନହରା ବଜାର ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଶିଶୁ ଗୁରୁତର ହୋଇଛି। ତାକୁ ଚିକିତ୍ସା ପାଇଁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ପ୍ରାୟ ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, କଟକ ଜିଲା ପୋଦନା ଗ୍ରାମର ବାସୁଦେବ ଭୋଇ ତାଙ୍କ ୨ବର୍ଷର ପୁଅକୁ ନେଇ ମଝହର ଗ୍ରାମସ୍ଥିତ ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଯିବା ପାଇଁ ଉକ୍ତ ବଜାରରେ ଛିଡା ହୋଇଥିଲେ। ଏହି ସମୟରେ ବନମାଳୀପୁର ପଟୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଏଥିରେ ତାଙ୍କର ୨ବର୍ଷର ପୁଅ ଗୁରୁତର ହୋଇଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଶିଶୁପୁତ୍ରକୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ଧାନହରା ବଜାର ନିକଟରେ ପ୍ରାୟ ୪ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବରପାଇ ବାଲିପାଟଣା ଥାନା ଆଇଆଇସି ବଳରାମ ନାୟକ, ତହସିଲଦାର ପ୍ରାଚୀ ମହାପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

■ ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ୍ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିର

# 'କାମ କରିବାକୁ କେବଳ ମନ ଦରକାର'

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ଶାଖାର ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର ରେଡକ୍ରସ ଭବନଠାରେ ୩ ଦିନିଆ ରାଜ୍ୟସ୍ତରୀୟ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମାନବିକ ମୂଲ୍ୟବୋଧ ଉପରେ ପ୍ରସ୍ତୁତ ଶିବିରରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଅଧିକ ମହିଳା ଯୁବ ରେଡ଼କ୍ରସ ସାମାଜିକ କର୍ମୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରମାଦେବୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଡ. ବିଜୟା ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସେବା ଭାବ ଜାଗ୍ରତ କରିବା କ୍ଷେତ୍ରରେ ରେଡକ୍ରସ୍‌ର ଭୂମିକା ଅନନ୍ୟ। କାମ କରିବା ପାଇଁ କେବଳ ମନ ଦରକାର। ଏଥିପାଇଁ ଅର୍ଥ କୌଣସି ପରିସ୍ଥିତିରେ ବାଧକ ହୁଏ ନାହିଁ। ପ୍ରତ୍ୟେକ ଜଟିଳ ପରିସ୍ଥିତିରେ ଯେ ସେବା କରିପାରେ ସେ ହିଁ ପ୍ରକୃତ ସାମାଜିକ କର୍ମୀ ବୋଲି





ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

କହିଥିଲେ। ଉଚ୍ଚଶିକ୍ଷା ବିଭାଗର ଉପସଚିବ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ, ଦେଶ ଗଠନରେ ଶିକ୍ଷା ଭଳି ରେଡକ୍ରସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତ୍ୟେକ ସାମାଜିକ କର୍ମୀ ଏହାର ବିନିଯୋଗ କରିବା ଉଚିତ। ଓଡ଼ିଶା ରେଡକ୍ରସ୍ ସଚିବ ମେଜର ଡ. କଳ୍ପନା ଦାସ କହିଥିଲେ, ଅନ୍ୟମାନଙ୍କ ପାଇଁ ସେବା କଲେ ଯେଉଁ ଆନନ୍ଦ ମିଳେ ତାହା ସ୍ୱର୍ଗୀୟ। ତାହାର ତୁଳନା ନାହିଁ। ପ୍ରଶିକ୍ଷଣ ଶିବିରରୁ ଗ୍ରହଣ କରିଥିବା ଶିକ୍ଷାକୁ ସମାଜର ଦୁଃସ୍ଥ ଓ ଅବହେଳିତମାନଙ୍କ ସେବାରେ ଲଗାଇ ନିଜର ଭିନ୍ନ ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଶିବିରରେ ରେଡକ୍ରସ୍‌ର ଇତିହାସ, ମୌଳିକ ନୀତି ଓ ରେଡକ୍ରସ୍‌ର ଚିହ୍ନ, ସ୍ୱେଚ୍ଛାସେବା, ଯୋଗ, ଏଡ୍‌ସ୍ ସଚେତନତା, ସ୍ୱାସ୍ଥ୍ୟ ଓ ପରିମଳ, ସଡ଼କ ସୁରକ୍ଷା, ଟ୍ରାଫିକ ନିୟମ, ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଯୁବ ରେଡ଼କ୍ରସ୍ ପରାମର୍ଶଦାତା ଡ. ସୁଶୀଲ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ଅମିତାବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଦେହଜୀବୀଙ୍କ ମୃତ ଦେହ ଉଦ୍ଧାର

■ହତ୍ୟା ସନ୍ଦେହ

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ଏକ ଘରୁ ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଜଣେ ଦେହଜୀବୀଙ୍କ ମୃତ ଦେହକୁ ପୋଲିସ ଜବତ କରିଛି। ଦେହଜୀବୀଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତ ଦେହଜୀବୀଙ୍କ ଘର ପଶ୍ଚିମବଙ୍ଗ ବୋଲି ଜଣାପଡିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ରିପୋର୍ଟ ମିଳିବ ପରେ ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କୁ ପଚାରିବାରେ କୁହନ୍ତି, ଦେହଜୀବୀଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା ବେଳେ ଦେହ ଦଲାଲ ତାଙ୍କୁ ଏଠାକୁ ଆଣି ଦେହ ବ୍ୟବସାୟରେ ଲଗାଉଥିଲେ। ହେଲେ ଗୁରୁବାର ରାତି ୮ଟାରେ ତାଙ୍କର ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଘରୁ ମିଳିଛି। ଆମେ ସେଠାରେ ପହଞ୍ଚିବା ପୂର୍ବରୁ ଅନ୍ୟ ଦେହଜୀବୀମାନେ ତାଙ୍କୁ ଝୁଲନ୍ତା ଅବସ୍ଥାରୁ ଖୋଲି ଦେଇଥିଲେ। ଘରର ଚଟାଉ ଉପରୁ ଦେହଜୀବୀଙ୍କ ମୃତଦେହ ପଡିଥିବା ଅବସ୍ଥାରେ ଜବତ କରିଥିଲୁ। ମୃତ ଦେହଜୀବୀ ଫ୍ୟାନରେ ଆତ୍ମହତ୍ୟା କରିଥିବା ଅନ୍ୟ ଦେହଜୀବୀମାନେ କହିଛନ୍ତି।

# ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଗିରଫ

ପୁରୁଣା ଭୁବନେଶ୍ୱର, ୨୮।୩(ଡି.ଏନ୍.ଏ.)

ହରିରାଜପୁର ମେଳଣ ଦେଖି ମଙ୍ଗଳବାର ରାତିରେ ଘରକୁ ଫେରୁଥିବା ବେଳେ ବେତଣ୍ଡା ଛକରେ ଏକ ହାଇୱା ଧକ୍କାରେ ବୋଲଗଡ଼ ଗର୍ଭିଣୀପଡ଼ାର ପ୍ରଦୀପ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିବା ଡ୍ରାଇଭର୍ ନୟାଗଡ଼ ଜିଲାର ମହେଶ୍ୱର ସାହୁ(୩୪)ଙ୍କୁ ଗୁରୁବାର ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିଛି।

# ଗ୍ୟାସ୍ ସିଲିଣ୍ଡରରେ ପାଣି: ଗ୍ରାହକ ଅସନ୍ତୁଷ୍ଟ

ପୁରୁଣା ଭୁବନେଶ୍ୱର, ୨୮।୩ (ଡି.ଏନ.ଏ.)

ଗ୍ୟାସ ସିଲିଣ୍ଡରରେ ପାଣି ଭର୍ତ୍ତି ହୋଇଥିବା ଦେଖି ଗ୍ରାହକମାନେ ଅସନ୍ତୁଷ୍ଟ ହେବା ସହ ଚକିତ ମଧ୍ୟ ହୋଇଛନ୍ତି। ଘଟଣା ଘଟିଛି ଉତ୍ତରା ଫାଣ୍ଡି ଅଧୀନ ଜେନାସାହି ଗାଁରେ। ଗାଁର ପ୍ରଭାତ ଜେନା ଗୁରୁବାର ଗ୍ୟାସ ସିଲିଣ୍ଡର ଖୋଲି ଚୁଲାରେ ଲଗାଇଥିଲେ। ତେବେ ଗ୍ୟାସ ଜଳିବା ପରିବର୍ତ୍ତେ ଭୁରୁ ଭୁରୁ ହୋଇ ପାଣି ବାହାରି ଥିଲା। ଭୟରେ ସେ ଜଣେ ଗ୍ୟାସ ମରାମତି କରୁଥିବା ମେକାନିକ୍‌ଙ୍କୁ ଡକାଇଥିଲେ। ସେ ଗ୍ୟାସ ସିଲିଣ୍ଡର ଦେଖି ସେଥିରୁ ପାଣିଥିବା କହିଥିଲେ। ପରେ ପ୍ରଭାତ ପିପିଲିସ୍ଥିତ ଗ୍ୟାସ ଗୋଦାମକୁ ସିଲିଣ୍ଡର ନେଇ ଫେରାଇ ଥିଲେ। କିଭଳି ଏବଂ କ'ଣ ପାଇଁ ଏଥିରେ ପାଣି ରହିଲା ପଚାରିବାରୁ ଡିଲର ସିଲିଣ୍ଡରଟି ରଖି ଅନ୍ୟ ଏକ ଦେଇ ତାଙ୍କୁ ବିଦା କରି ଦେଇଥିଲେ।

# ମହିଳା ଗ୍ୟାଙ୍ଗର ୪ ଲୁଟେରା ଗିରଫ

ଖୋର୍ଦ୍ଧା ଅଫିସ,୨୮।୩:

ବାଣପୁର ପଲଟନ ପଡିଆରେ ଚାଲୁଥିବା ପଞ୍ଚୁଦୋଳ ଯାତ୍ରାରେ ଲୁଟ୍ କରିଥିବା ଅଭିଯୋଗରେ ବାଣପୁର ଥାନା ପୋଲିସ ମହିଳା ଗ୍ୟାଙ୍ଗର ୪ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜଟଣୀ ରେଲଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳର ମିତା ଦାସ(୨୭), ଝୁମୁରି ଦାସ(୨୩), ଡେଲାଙ୍ଗ ରେଳ ଷ୍ଟେଶନ ନିକଟସ୍ଥ ଗୀତା ଦାସ (୩୦) ଓ ସଞ୍ଜୁ ଦାସ (୩୫)ଙ୍କୁ ଜେଲ ଯିବାକୁ ପଡିଛି।

ମିଳିଥିବା ସୂଚନା ଅନୁସାରେ, ବାଣପୁର ପଞ୍ଚୁଦୋଳ ଯାତ୍ରାରେ ଦୁଇଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ପଡିଛି। ଠାକୁରଙ୍କ ଦର୍ଶନ ଓ ଯାତ୍ରାର ମଜା ନେବାକୁ ବାଣପୁର, ବାଲୁଗାଁ ସମେତ ନିକଟସ୍ଥ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ଲୋକଙ୍କ ଏଠାରେ ଭିଡ ଜମେ। ଏଭଳିସ୍ଥଳେ ବୁଧବାର ସନ୍ଧ୍ୟାରେ ମେଳଣ ଚାଲୁ ରହିଥିବା ସମୟରେ ଖଲ୍ଲିକୋଟ ଥାନା ଭାକୁଟିଡିହ ଗ୍ରାମର ବସନ୍ତ ପରିଡା ଓ ପତ୍ନୀ ମିତା ଝିଅ ସହ ମେଳଣ ଦେଖୁଥିଲେ। ପତି ପତ୍ନୀଙ୍କର ଅନ୍ୟମନସ୍କତାର ସୁଯୋଗ ନେଇ ଦୁଇ ଜଣ ଅଜଣା ଯୁବତୀ ମିତା ପନ୍ଧିଥିବା ସୁନାଚେନ ସହ କାନ ଫୁଲ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଲୁଟ୍ ପରେ ଲୁଟେରାଙ୍କ ଟେର ପାଇ ନ ଥିଲେ ବସନ୍ତଙ୍କ ପରିବାର। ତେବେ ନିରାଶ ନ ହୋଇ ବସନ୍ତଙ୍କ ପରିବାର ଗୁରୁବାର ପୁନଶ୍ଚ ଯାତ୍ରା ପଡିଆକୁ ଆସି ଲୁଟେରା ମହିଳାଙ୍କୁ ଖୋଜାଖୋଜି କରିଥିଲେ। ତେବେ ଭାଗ୍ୟ ବଶତଃ ଅପରାହ୍ଣରେ ଲୁଟେରାଙ୍କ ସମେତ ୪ ଜଣ ମହିଳା ନିକଟସ୍ଥ ଏକ ବରଗଛ ମୂଳେ ବସିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ୪ ମହିଳାଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିବା ପରେ ବିଭିନ୍ନ ଯାତ୍ରା ଗହଳି ସମୟରେ ଲୁଟ୍ କରୁଥିବା ସ୍ୱୀକାର କରିଥିଲେ। ତେବେ ମିତାଙ୍କ ସୁନା ଚେନକୁ ଲୁଟେରାମାନେ ବିକ୍ରି କରି ଦେଇଥିବାବେଳେ କାନ ଫୁଲ ଜବତ ହୋଇଛି। ପୋଲିସ ନଂ. ୮୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ କଳ୍ପନା ପାର୍କ

■ ଉଦ୍‌ଘାଟନ ପରେ ବିବେକାନନ୍ଦ ପାର୍କରେ ତାଲା
■ ଚିନ୍ତାରେ ବରିଷ୍ଠ ନାଗରିକ

କଟକ ରୋଡ,୨୮।୩(ଡି.ଏନ୍.ଏ.)

ବରିଷ୍ଠ ନାଗରିକଙ୍କ ସୁସ୍ଥ ଶରୀର ଗଠନ ଓ ଶିଶୁଙ୍କ ଆମୋଦପ୍ରମୋଦ ପାଇଁ ରାଜଧାନୀର ବିଭିନ୍ନ ୱାର୍ଡ ଅଞ୍ଚଳରେ ଏକାଧିକ ପାର୍କ ଖୋଲାଯାଇଛି। ଏହାର ଉଦ୍‌ଘାଟନ ପୂର୍ବରୁ ରାଜ୍ୟ ସରକାର ଅର୍ଥ ବ୍ୟୟ କରୁଛନ୍ତି। ଏଭଳିକି ରକ୍ଷଣାବେକ୍ଷଣ ପାଇଁ ନିୟମିତଭାବେ ସରକାରୀ ତହସିଲରୁ ମଧ୍ୟ ଅର୍ଥ ବ୍ୟୟ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏଭଳି ସୁବିଧା ପାଇବା ନେଇ ବରିଷ୍ଠ ନାଗରିକଙ୍କ ଚିନ୍ତା ବଢ଼ାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ୪୫ନଂ. ୱାର୍ଡରେ ଥିବା କଳ୍ପନା ପାର୍କ କ୍ଷେତ୍ରରେ। ମିଳିଥିବା ସୂଚନା ଅନୁଯାୟୀ, କଳ୍ପନା ଫ୍ଲାଟ, ବିଜେବି ନଗର ଅଞ୍ଚଳରେ ରହୁଥିବା ନାଗରିକଙ୍କ ପାଇଁ ୨୦୦୯ରେ ଉକ୍ତ ପାର୍କ ଉଦ୍‌ଘାଟିତ ହୋଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧୀନରେ ଥିବା ଉକ୍ତ ପାର୍କରେ ଆରମ୍ଭରୁ ସୁବିଧାସୁଯୋଗ ଯୋଗାଇଥିଲା। ଏପରି କି ନିୟମିତ ଭାବେ ଏହାର ସଫେଇ ଓ



ଅଚଳ ହୋଇଥିବା ଷ୍ଟାଣ୍ଡପୋଷ୍ଟ।



ପରିତ୍ୟକ୍ତ ଅବସ୍ଥାରେ ଥିବା ଫାଉଣ୍ଟେନ।

ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଚଳାଇବା ପାଇଁ ବିଡିଏ କର୍ତ୍ତୃପକ୍ଷ ଜଣେ ଠିକାଦାରଙ୍କୁ ଏଠାରେ ନିୟୋଜିତ କରିଛନ୍ତି। ଗତ ୩ବର୍ଷ ଧରି ଉକ୍ତ ପାର୍କରେ ନାଗରିକଙ୍କ ପାଇଁ ମର୍ନିଂୱାକରେ ଚାଲିବା ନେଇ ଟ୍ରାକ ଭାଙ୍ଗିରୁଜି ଯାଇଛି। ଏଥିସହ ସେଠାରେ ଥିବା ଗୋଟିଏ ଷ୍ଟାଣ୍ଡପୋଷ୍ଟ ଅଚଳ ରହିଥିବା ବେଳେ ଏହାର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ଥିବା ଫାଉଣ୍ଟେନ ପରିଷ୍କାର ହୋଇ ନ ପାରି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପାଚେରି ଉପରେ ଲଗାଯାଇଥିବା ଅଧିକାଂଶ ଲୁହା ଗ୍ରୀଲ ଭଙ୍ଗାଯିବା ସହ ସନ୍ଧ୍ୟା ପରେ ଏଠାରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ସହ ନିଶାସେବନ କରୁଥିବା ଲୋକେ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ପାର୍କ ଉପଭୋକ୍ତା ସଂଘ ପକ୍ଷରୁ ବିଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ଗତ ୨୦୧୬ରୁ ବାରମ୍ବାର ଅଭିଯୋଗ ହେଉଛି। ନିକଟରେ ଥିବା ବିବେକାନନ୍ଦ ପାର୍କ ଗତ ପ୍ରାୟ ୫ବର୍ଷ ପୂର୍ବେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଏହା ସବୁ ସମୟରେ ତାଲା ପଡିଥିବାରୁ ସ୍ଥାନୀୟ ଲୋକେ ବ୍ୟବହାର କରିପାରୁନାହାନ୍ତି। କଳ୍ପନା ପାର୍କରେ ଶୌଚାଳୟ ଅଭାବ ସହ ପାନୀୟ ଜଳ ପାଇଁ ବିଭିନ୍ନ ସମୟରେ ବରିଷ୍ଠ ନାଗରିକ ଅସୁବିଧା ଭୋଗୁଥିବା ମଧ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ଗତ ପ୍ରାୟ ୨ବର୍ଷ ଧରି ଏଭଳି ଅଭିଯୋଗ ପାଇଁ ମଧ୍ୟ ବିଡିଏ ଅଧିକାରୀ ସବୁ ଜାଣି ଅଜଣା ସାଜିବା ପରିସ୍ଥିତିକୁ ଜଟିଳ କରିଛି ବୋଲି ପାର୍କ ଉପଭୋକ୍ତା ସଂଘ ସଭାପତି ପ୍ରଫେସର ପୂର୍ଣ୍ଣେନ୍ଦୁ ଦାସ କହିଛନ୍ତି। ଅନ୍ୟପକ୍ଷରେ ସଂଘ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପାଲ କୁହନ୍ତି, ପାର୍କ ନିର୍ମାଣ କ୍ଷେତ୍ରରେ ବହୁ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ନ ହେବା ଦୁର୍ଭାଗ୍ୟଜନକ। ଏ ସମ୍ପର୍କରେ ଭୁବନେଶ୍ୱର ବିଡିଏ ପାର୍କ ଦାୟିତ୍ୱ ସମ୍ଭାଳୁଥିବା ଚିଫ ହର୍ଟିକଲଚରିଷ୍ଟ ଅଶୋକାନନ୍ଦ ଧର କୁହନ୍ତି, ଏହା ଗତ ୩୦ବର୍ଷର ପାର୍କ। ଲୋକଙ୍କ ସଂଖ୍ୟା ସେଠାରେ ବଢ଼ିବା ପରେ ଅନେକ ଘଟଣା ନେଇ ଲୋକେ ଅଭିଯୋଗ କରିବେ। ଛୋଟ ପାର୍କରେ ଶୌଚାଳୟ ବ୍ୟବସ୍ଥା ରଖାଯିବାର କୌଣସି ନିୟମ ନାହିଁ। ଏଥିସହ ପାନୀୟଜଳ ବ୍ୟବସ୍ଥା କରିବି ବୋଲି କହିଛନ୍ତି। କଳ୍ପନା ପାର୍କ ଦାୟିତ୍ୱରେ ଥିବା ଠିକାଦାର ରଞ୍ଜନ ସ୍ୱାଇଁ କୁହନ୍ତି, ଆମର କେବଳ ସଫେଇ ଦାୟିତ୍ୱ, ଏଠାରେ ଶୌଚାଳୟ, ପାନୀୟଜଳ ଓ ଡଷ୍ଟବିନ ସହ ଟ୍ରାକ ଓ ଫାଉଣ୍ଟେନ ମରାମତି ପାଇଁ ସ୍ଥାନୀୟ ଲୋକେ ମୋତେ ଜଣାଇଛନ୍ତି। ଏ ସମ୍ପର୍କରେ ପାର୍କ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଛି। ଏନେଇ ମୋତେ ଜଣାଇବା ଅପେକ୍ଷା ବିଡିଏ ଉଚ୍ଚ ଅଧିକାରୀଙ୍କୁ ଜଣାନ୍ତୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଉପଭୋକ୍ତା ସଂଘର କେତେଜଣ କର୍ମକର୍ତ୍ତା ବିଡିଏ ସଚିବଙ୍କୁ ଭେଟି ଘଟଣା ବାବଦରେ ଅବଗତ କରାଇଥିବା ଜଣାପଡିଛି।

ଓଡ଼ିଶା ଚେସ୍‌ର ତରୁଣ ତାରକା(ଭାଗ–୩)

# ପ୍ରତିଶ୍ରୁତିବଦ୍ଧ ପ୍ରତିଭା

ଓଡ଼ିଶା ଚେସ୍‌ର ବିକାଶ ଧାରାକୁ ଯେଉଁ କେତେଜଣ ତରୁଣ ତାରକା ନିଜ ପ୍ରତିଭା ଦ୍ୱାରା ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ ସେମାନଙ୍କ ମଧ୍ୟରେ ରହିଛନ୍ତି ଅନ୍ୱେଷା ମିଶ୍ର, ସ୍ମାରକୀ ମହାନ୍ତି, ଅପରାଜିତା ଗୋଚ୍ଛିକାର, ରାକେଶ ନାୟକ, ଆଦ୍ୟାଶା ମହାପାତ୍ର, ରୁଦ୍ରାକ୍ଷ ପରିଡ଼ା, ଶୂନ୍ୟସକ୍ତା ଶତପଥୀ, ମହମ୍ମଦ ଅଶରଫଙ୍କ ପରି ଅନେକ ଖେଳାଳି...

–ସତ୍ୟ ରଞ୍ଜନ ପଟ୍ଟନାୟକ


ଅନ୍ୱେଷା


ଆଦ୍ୟାଶା


ସ୍ମାରକୀ


ଅପରାଜିତା


ରାକେଶ

## ଅନ୍ୱେଷାଙ୍କ ଅନ୍ୱେଷଣ

ମହିଳା ଫିଡେ ମାଷ୍ଟର ଅନ୍ୱେଷା ମିଶ୍ର। ତାଙ୍କର ପ୍ରଥମ ଜାତୀୟ ସଫଳତା ଥିଲା ୨୦୧୧ ଜାତୀୟ ୯ ବର୍ଷରୁ କମ୍ ବାଳିକା ଚେସ୍‌ରେ। ଏଥିରେ ରୌପ୍ୟପଦକ ଜିଣିଥିବା ଅନ୍ୱେଷା ପରେ ଶ୍ରୀଲଙ୍କାରେ ଏସୀୟ ଯୁବ ଚେସ୍ ଓ ସ୍ଲୋଭାନିଆଠାରେ ବିଶ୍ୱ ଯୁବଚେସ୍‌ରେ ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ଏହି ପ୍ରତିଭାମୟୀ ତରୁଣୀ ୨୦୧୩ରେ ଜାତୀୟ ୧୧ ବର୍ଷରୁ କମ୍ ବାଳିକା ଚେସ୍‌ରେ ୩ୟ ସ୍ଥାନ ହାସଲ କରି ନିଜର ଚେସ୍ କ୍ୟାରିୟରକୁ ଉଜ୍ଜୀବିତ ରଖିଛନ୍ତି । ଏସୀୟ ଯୁବ ଚେସ୍‌ରେ ୧୪ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ (ମାଙ୍ଗୋଲିଆ ୨୦୧୬) ଏବଂ ୧୩ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ୨୦୧୫ ରୌପ୍ୟପଦକ ଜିଣିବା ଅନ୍ୱେଷାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।

## ଗ୍ଲାମର ଗର୍ଲ ସ୍ମାରକୀ

ଓଡ଼ିଆ ଚେସ୍‌ର ଗ୍ଲାମର ଗର୍ଲ ସ୍ମାରକୀ ମହାନ୍ତି। ମହିଳା ବିଭାଗର ବିଭିନ୍ନ ବୟସ ବର୍ଗରେ ସର୍ବାଧିକ ୨୫ଥର ରାଜ୍ୟ ଚେସ୍ ଚାମ୍ପିୟନ ହେବାର ଗୌରବ ରେକର୍ଡ ସମ୍ଭବତଃ ତାଙ୍କ ପାଖରେ । ୨୦୧୦ ଓ ୨୦୧୧ରେ ଏସୀୟ ସ୍କୁଲ ଚେସ୍‌ରେ ୧୩ ବର୍ଷରୁ କମ୍ ବିଭାଗରେ ଶ୍ରୀଲଙ୍କା ଓ ନୂଆଦିଲ୍ଲୀଠାରେ ୨ ଥର ସ୍ୱର୍ଣ୍ଣ ଓ ୨୦୧୨ରେ ୧୫ ବର୍ଷରୁ କମ୍ ବିଭାଗରେ ରୌପ୍ୟ ପଦକ ସହ ଜାତୀୟ ଚେସ୍‌ରେ ଏକ ଚର୍ଚ୍ଚିତ ଖେଳାଳିଭାବେ ନିଜକୁ ସାମିଲ କରିଥିଲେ । ୨୦୧୨ରେ ରୋମାନିଆରେ ଅନୁଷ୍ଠିତ ବିଶ୍ୱ ସ୍କୁଲ ଚେସ୍‌ରେ ଏକମାତ୍ର ଓଡ଼ିଆ ଭାବେ ଯୋଗଦେଇ ଓଡ଼ିଶାର ଗୌରବ ବଢ଼ାଇଥିଲେ । ୨୦୧୩ରେ ୟୁଏଇଠାରେ ଅନୁଷ୍ଠିତ ବିଶ୍ୱ ଯୁବଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ରାଜ୍ୟଗୋଷ୍ଠୀ ଚେସ୍‌ର ୧୮ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ ପଦକ ଜିଣିବା ସହ ଜାତୀୟ ଆମେଚର ଚେସ୍‌ରେ ୨୩୦୦ ଏଲୋରେଟିଂରୁ କମ୍ ବିଭାଗରେ ସ୍ୱର୍ଣ୍ଣପଦକ ଜିଣି ନିଜର ଦବ୍‌ଦବା ଜାହିର କରିଥିଲେ । କିଟ୍ ଦଳର କ୍ୟାପ୍‌ଟେନ ଭାବେ ବହୁବାର ବିଶ୍ୱବିଦ୍ୟାଳୟ ଚେସ୍‌ରେ ପ୍ରତିନିଧିତ୍ୱ କରି ଚାମ୍ପିୟନ କରାଇଛନ୍ତି। ସେ ୭ ଥର ରାଜ୍ୟ ମହିଳା ଚାମ୍ପିୟନ।

## ଗୋଲ୍ଡେନ ଗର୍ଲ ଅପରାଜିତା

ଯାତ୍ରା ତାଙ୍କର ପୁରୀ ହରଚଣ୍ଡୀ ସାହିରୁ ଜୋହାନ୍ସବର୍ଗ । ଗୋଲଡେନ ଗର୍ଲ ଅପରାଜିତା ଗୋଚ୍ଛିକାର ହେଉଛନ୍ତି ପଦ୍ମିନୀ ଓ କିରଣଙ୍କ ପରେ ଓଡ଼ିଶା ଚେସ୍‌ର ଅପ୍ରତିଦ୍ୱନ୍ଦ୍ୱୀ ମହିଳା ଖେଳାଳି। ରାଜ୍ୟସ୍ତରରେ ବହୁବାର ଚାମ୍ପିୟନ ହୋଇ ଜାତୀୟ ସିନିୟର ମହିଳା (ଏ)ରେ ଓଡ଼ିଶାର ପ୍ରତିନିଧିତ୍ୱ କରି ସେ ବେଶ୍ ସଫଳତା ପାଇଛନ୍ତି । ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ଆମେଚର ଚେସ୍‌ରେ ଭାରତ ସିନିୟର ମହିଳା ଦଳରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ଚେନ୍ନାଇଠାରେ ୨୦୧୨ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ପଦକ, ୨୦୧୧ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣପଦକ ଏବଂ ଗ୍ରୀସ୍‌ରେ ଅନୁଷ୍ଠିତ ବିଶ୍ୱ ଆମେଚର ଚେସ୍‌ରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଅପରାଜିତା ଜାତୀୟ ମହିଳା ଦଳର କୋଚ୍ ହେବା ସହ କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ଟାଇଟଲ୍ ହାସଲ କରି ଓଡ଼ିଶା ଚେସ୍ ମହିଳାମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି । ୨୦୧୭ରେ ସେ ଏସିଆନ ୟୁଥ୍‌ରେ ସର୍ବକନିଷ୍ଠ କୋଚ୍ ଭାବେ ଭାରତୀୟ ଦଳ ସହିତ ଉଜ୍‌ବେକିସ୍ତାନ ଯାତ୍ରା କରିଥିଲେ। ସେ ଏକାଧାରରେ ଜଣେ ଅନ୍ତର୍ଜାତୀୟ ଖେଳାଳି, ଫିଡେ ଇନ୍‌ଷ୍ଟ୍ରକ୍ଟର ଓ ଫିଡେ ଆର୍ବିଟର। ବ୍ରାଜିଲରେ ଅନୁଷ୍ଠିତ ବିଶ୍ୱ ଯୁବ ଚେସ୍‌ରେ ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮, ୧୦ ଓ ୧୨ରେ ସେ ରାଜ୍ୟ ସିନିୟର ମହିଳା ଚାମ୍ପିୟନ। ଏସିଆନ ଆମେଚର ଚେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଅପରାଜିତା ତିରୁପତିରେ ସ୍କୁଲ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ମହିଳା ଦଳଗତ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୮ରେ ସେ ରାଜ୍ୟଗୋଷ୍ଠୀ ଚେସ୍(୧୮ ବର୍ଷରୁ କମ୍)ରେ ସ୍ୱର୍ଣ୍ଣ ଓ ରାଜ୍ୟଗୋଷ୍ଠୀ(୨୦ ବର୍ଷରୁ କମ୍)ରେ ରୌପ୍ୟ ପଦକ ପାଇଥିଲେ। ବିଶ୍ୱ କ୍ୟାଡେଟ ଚେସ୍‌ରେ ସେ ପ୍ରତିନିଧିତ୍ୱ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଅଫିସର ଭାବରେ ମଧ୍ୟ କାର୍ଯ୍ୟରତ ।

## ରାକେଶ ନାୟକ

୨୦୦୬ରୁ ୨୦୧୨ ମଧ୍ୟରେ ରାଜ୍ୟସ୍ତରୀୟ ଏବଂ ସର୍ବଭାରତୀୟ ଚେସ୍‌ରେ ବହୁବାର ଚାମ୍ପିୟନ ରାକେଶ ନାୟକ ୨୦୧୦ରେ ପଣ୍ଡିଚେରୀଠାରେ ଅନୁଷ୍ଠିତ ଜାତୀୟ ୧୩ ବର୍ଷରୁ କମ୍ ଚେସ୍‌ରେ ବ୍ରୋଞ୍ଜ ପଦକ ଜିଣି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହା ବ୍ୟତୀତ ସେ ୨୦୧୧ରେ ୧୪ ବର୍ଷରୁ କମ୍ ଏସୀୟ ଯୁବଚେସ୍, ୨୦୧୪ରେ ବିଶ୍ୱ ଜୁନିୟର ଚେସ୍, ୨୦୧୫ରେ ରାଜ୍ୟଗୋଷ୍ଠୀ ଚେସ୍, ୨୦୧୬ରେ ଏସିଆନ ଜୁନିୟର ଚେସ୍, ୨୦୧୭ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। କ୍ୟାରିୟରରେ ସେ ଗ୍ରାଣ୍ଡମାଷ୍ଟର ଜିଆଡଡିନୋଭ ରାସେଟ, ଅନ୍ତର୍ଜାତୀୟ ମାଷ୍ଟର କୋଶି ଭର୍ଗିସେ, ପଦ୍ମିନୀ ରାଉତ ଓ କ୍ରିଷ୍ଣା ସିଆରଜି ପ୍ରମୁଖ ଖେଳାଳିଙ୍କୁ ହରାଇ ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

## ନୟାପଲ୍ଲୀରୁ ନୂଆଦିଲ୍ଲୀ

ରାଜ୍ୟ ସ୍ତରରେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ଆଦ୍ୟାଶା ମହାପାତ୍ର। ଓଡ଼ିଶା ଚେସ୍‌ର ଏହି ଚର୍ଚ୍ଚିତ ଖେଳାଳିଙ୍କ ସଫଳତା ନୟାପଲ୍ଲୀରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିଲା ।୨୦୧୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ମର୍ଯ୍ୟାଦାଜନକ ରାଜଗୋଷ୍ଠୀ ଚେସ୍‌ର ୮ ବର୍ଷରୁ କମ୍ ବାଳିକା ବିଭାଗରେ ରୌପ୍ୟପଦକ ଓ ସେଠାରେ ଏସୀୟ ସ୍କୁଲ ଚେସ୍‌ରେ ବ୍ରୋଞ୍ଜ ପଦକ ଜିଣି ପଦ୍ମିନୀଙ୍କ ପରେ ନିଜର ସ୍ଥାନକୁ ରାଜ୍ୟ ଓ ଜାତୀୟ ଚେସ୍‌ରେ ଦୃଢ଼ କରିଥିଲେ। ୨୦୦୯ରେ ଆଦ୍ୟାଶା ଅହମ୍ମଦାବାଦଠାରେ ଅନୁଷ୍ଠିତ ଜାତୀୟ ଶିଶୁ ଚେସ୍‌ରେ ୧୧ ରାଉଣ୍ଡରୁ ୧୦.୫ ପଏଣ୍ଟ ହାସଲ କରି ପ୍ରଥମ ଓଡ଼ିଆ ବାଳିକା ଭାବରେ ଚାମ୍ପିୟନ୍ ହୋଇଥିଲେ। ବାଳକରେ ରୁଦ୍ରାକ୍ଷ ପରିଡ଼ା ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଚେସ୍‌କୁ ଏକ ବିରଳ ସଫଳତା ମିଳିଥିଲା। ୨୦୧୦ରେ ବିଶ୍ୱ ଯୁବ ଚେସ୍ (ଗ୍ରୀସ୍) ଓ ଏସୀୟ ଯୁବ ଚେସ (ଚୀନ)ରେ ଭାରତରୁ ପ୍ରତିନିଧିତ୍ୱ କରି ଅନେକ ସଫଳତା ପାଇବା ସହ ରାଜ୍ୟ ସ୍ତରରେ ଚାମ୍ପିୟନ ଗ୍ଲାମର ଖେଳାଳିର ମାନ୍ୟତା ଅର୍ଜନ କରିଥିଲେ । ସେ ଏସୀୟ ଚେସ୍‌ରେ ଦଳଗତ ରୌପ୍ୟ ପଦକ ମଧ୍ୟ ପାଇଥିଲେ। ୨୦୧୩ରେ ରାଜ୍ୟ ୧୧ ବର୍ଷରୁ କମ୍ ବାଳିକା ଚାମ୍ପିୟନ୍ ଆଦ୍ୟାଶା ବର୍ତ୍ତମାନ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ଅଧ୍ୟୟନରତ ।

*(ଓଡ଼ିଶା ଚେସ୍‌ର ତରୁଣ ତାରକାର ୪ର୍ଥ ଭାଗରେ ସମ୍ବିତ ପଣ୍ଡା, ଦୃଷ୍ଟିହୀନ ଚେସ୍ ତାରକା ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନଙ୍କ ସମ୍ପର୍କରେ ପ୍ରକାଶ ପାଇବ)*

## ମହମ୍ମଦ ଅଶରଫ୍



ପଢ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଟପ୍ପର୍ ଥିବା ଅଶରଫ୍ ଏକ ଅଗ୍ରୀଣୀ ନାମ । ୨୦୧୧ରେ ହେଷ୍ଟିଙ୍ଗ୍ସରେ ଆୟୋଜିତ ଲଣ୍ଡନ କ୍ଲାସିକ ଚେସ୍‌ର ଜୁନିୟର ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶାର ଗର୍ବ ବଢ଼ାଇଥିଲେ । ୨୦୧୦ ରାଜ୍ୟ ସିନିୟର ଚେସ୍‌ରେ ରନର୍ସଅପ୍ ଅଶରଫ୍ ଅନେକ ଅନ୍ତର୍ଜାତୀୟ ମାଷ୍ଟରଙ୍କୁ ପରାସ୍ତ କରି ଆଗାମୀ ଓଡ଼ିଶାର ଜଣେ ତରୁଣ ଚେସ ତାରକା ଭାବେ ଉଭା ହୋଇଛନ୍ତି। ୨୦୧୨ରେ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା ୨୨୩୩। ସେ ବିଶ୍ୱ ଜୁନିୟର ଚେସ୍ ଖେଳିଥିଲେ।

## ପରିଶ୍ରମୀ ଶୂନ୍ୟସକ୍ତା



୨୦୧୦ରେ ନାଗପୁରଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ଶୂନ୍ୟସକ୍ତା ଶତପଥୀ ବ୍ରୋଞ୍ଜ ପଦକ ଜିତିଥିଲେ । ପରିଶ୍ରମୀ ଶୂନ୍ୟସକ୍ତା ରାଜ୍ୟସ୍ତରରେ ବହୁବାର ଚମ୍ପିୟନ ହେବା ସହ ଓଡ଼ିଶାର ପ୍ରଥମ ମହିଳା ଭାବେ କଲମ୍ବୋରେ ୨୦୦୮ ଓ ୨୦୦୯ରେ ଏସୀୟ ସ୍କୁଲ ଚେସ ଚାମ୍ପିୟନ ହେବାପରେ ୧୨ ବର୍ଷରୁ କମ୍ ବିଭାଗରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ତାଙ୍କୁ ଆଣି ଦେଇଥିଲା ଅନେକ ସମ୍ମାନ । ୨୦୧୨ରେ ମୁମ୍ବାଇଠାରେ ଜାତୀୟ ସବ୍‌ଜୁନିୟରରେ ବ୍ରୋଞ୍ଜ ପଦକ ଜିତି ଭାରତ ତରଫରୁ ବିଶ୍ୱ ଓ ଏସୀୟ ଯୁବଚେସ୍ ପାଇଁ ମନୋନୀତ ହୋଇଥିଲେ । ୨୦୦୮ରେ ଭିଏତନାମ୍‌ଠାରେ ଅନୁଷ୍ଠିତ ବିଶ୍ୱ ଯୁବଚେସ୍‌ର ୧୦ ବର୍ଷରୁ କମ୍ ଚେସ ବିଭାଗରେ ଦଳଗତ ସ୍ୱର୍ଣ୍ଣ ଶୂନ୍ୟସକ୍ତାଙ୍କୁ ମିଳିଥିଲା। ମେଧାବୀ ଛାତ୍ରୀ ଶୂନ୍ୟସକ୍ତା ସମ୍ପ୍ରତି ୟୁକ୍ରେନ୍‌ରେ ଡାକ୍ତରୀ ପଢ଼ାରେ ମଗ୍ନ ଅଛନ୍ତି ।

## ରାଜକୁମାର ରୁଦ୍ରାକ୍ଷ



୨୦୦୯ରେ ରାଜ୍ୟ ଗଣମାଧ୍ୟମ ଗୁଡ଼ିକର ପୃଷ୍ଠା ମଣ୍ଡନ କରିଥିଲା ରୁଦ୍ରାକ୍ଷ ପରିଡାଙ୍କ ନାମ। ଏହି କୁନି ଚେସ୍ ପ୍ରତିଭା ଅହମ୍ମଦାବାଦଠାରେ ଅନୁଷ୍ଠିତ ୭ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ପ୍ରଥମ ସ୍ଥାନ ଲାଭ କରି ସ୍ୱର୍ଣ୍ଣ ପଦକ ଧରି ଓଡ଼ିଶା ଫେରିଥିଲେ । ଏତେ କମ୍ ବୟସରୁ ଅନାଲୋଚିତ ରୁଦ୍ରାକ୍ଷଙ୍କ ପ୍ରତିଭା ଏବଂ ବଡ ପ୍ରତିଯୋଗିତାର ନାମୀ ଦାମୀ ଖେଳାଳିଙ୍କୁ ଧୂଳି ଚଟାଇ ପୂରା ୧୧ ରାଉଣ୍ଡର ସାଢ଼େ ୧୦ ପଏଣ୍ଟ ହାସଲ କରିବାରେ ଦକ୍ଷତା ସମସ୍ତଙ୍କର ଦୃଷ୍ଟିଗୋଚର ହୋଇଥିଲା । ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ୨୦୧୦ ଅକ୍ଟୋବର ଶେଷ ସପ୍ତାହରେ ଗ୍ରୀସ୍‌ରେ ଅନୁଷ୍ଠିତ ବିଶ୍ୱ ଚେସ୍‌ରେ ପ୍ରଥମ ଓଡ଼ିଆ ଭାବେ ୮ ବର୍ଷରୁ କମ୍ ବିଭାଗରେ ରୁଷ ଓ ଚାଇନାର ବହୁ ଟାଣୁଆ ଖେଳାଳିଙ୍କୁ ଚକ୍‌ମା ଦେବା ସହ ୧୧ ରାଉଣ୍ଡରୁ ୯ ପଏଣ୍ଟ ହାସଲ୍ କରି ରୌପ୍ୟ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ । ଏକ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଅନେକ ଖେଳାଳିଙ୍କ ପାଇଁ ସ୍ୱପ୍ନ ହୋଇଥିବାବେଳେ ଓଡ଼ିଶାର ଏହି ମଗଧ ରାଇଜର ରାଜକୁମାର ତାହା କରି ଦେଖାଇଛନ୍ତି, ଏଥି ପୂର୍ବରୁ ଓଡ଼ିଶାରେ କୌଣସି ବାଳକ ଖେଳାଳି ରୌପ୍ୟ ପଦକ କିଣିବାରେ ସଫଳ ହୋଇ ନ ଥିଲେ । ୨୦୧୦ ବେଜିଂରେ ଆୟୋଜିତ ଏସୀୟ ଯୁବଚେସ୍‌ରେ ରୌପ୍ୟ ପଦକ ଜିଣି ରାଜ୍ୟର ଚେସ୍ ବିଶେଷଜ୍ଞଙ୍କୁ ଚକିତ କରିଥିଲେ । ୨୦୧୦ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ସଫଳତା ଓ ଜାତୀୟ ୯ ବର୍ଷରୁ କମ୍ ବିଭାଗରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଜିଣି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁ ଭାଗ ନେଇପାରିନାହାନ୍ତି । ୨ ଥର ରାଜ୍ୟ ୯ ବର୍ଷରୁ କମ ଓ ଥରେ ୧୧ ବର୍ଷରୁ କମ ବାଳକ ବିଭଗରେ ରାଜ୍ୟ ଚମ୍ପିୟନ ହୋଇଥିବା ରୁଦ୍ରାକ୍ଷ ଜଣେ ମେଧାବୀ ଛାତ୍ର ଭାବେ ଗତ ବୋର୍ଡ଼ ପରୀକ୍ଷାରେ ୯୭.୦୬% ନମ୍ବର ରଖି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି ।

# ଖେଲୋ ଇଣ୍ଡିଆ

ଭାରତ ସରକାରଙ୍କ ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରୁ ତୃଣମୂଳସ୍ତରରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସର ଶୁଭାରମ୍ଭ କରାଯାଇଛି। ୨୦୧୮ରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଦ୍ୱିତୀୟ ସଂସ୍କରଣର ପରିସମାପ୍ତି ଘଟିଛି। ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ପାରଦର୍ଶିତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ସଫଳ କ୍ରୀଡାବିତ୍ ରୂପେ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଏତେ ବଡ଼ ଦେଶରେ ମାତ୍ର କେତେଜଣ ହାତଗଣତି ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ଏହି କ୍ରୀଡ଼ାବିତ୍‌ମାନଙ୍କ ଉତ୍ତରାଧିକାରୀ ସୃଷ୍ଟିକରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଏଥି ସହିତ ଭବିଷ୍ୟତରେ ଏହି କ୍ରୀଡ଼ାବିତ୍‌ମାନେ ଏସିଆନ୍ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଦୌଡ଼କୁଦ ଏବଂ ଅଲିମ୍ପିକ୍ସ ପରି ଶ୍ରେଷ୍ଠ ପ୍ରତିଯୋଗିତାରେ କିପରି ପଦକ ହାସଲ କରି ଦେଶ ପାଇଁ ସୁନାମ ଆଣିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି।

ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହୋଇଥିବା ବେଳେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଡାଇରେକ୍ଟର ଜେନେରାଲ ରୂପେ ନିଲମ କପୁର କାର୍ଯ୍ୟରତ। ୨୦୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତିବର୍ଷ ଜାନୁୟାରୀ କିମ୍ବା ଫେବୃୟାରୀରେ ଅନୁଷ୍ଠିତ ହୋଇଆସୁଛି। ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ୧୭ବର୍ଷରୁ କମ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଏବଂ ୨୧ବର୍ଷରୁ କମ୍ କଲେଜ ଶିକ୍ଷାର୍ଥୀମାନଙ୍କ ଚୟନ କରାଯାଉଛି। ସମଗ୍ର ଦେଶରୁ ଏଭଳି ୧୦୦୦ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଚୟନ କରାଯାଇ ପ୍ରତିବର୍ଷ ସେମାନଙ୍କୁ ୫ଲକ୍ଷ ଟଙ୍କା ଦେବା ସହ ୮ ବର୍ଷ ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହାର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନେ ସେମାନଙ୍କର କ୍ରୀଡ଼ା ବଜେଟ ବୃଦ୍ଧି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ କ୍ରୀଡ଼ା ବଜେଟକୁ ୨୦୦ କୋଟି ଟଙ୍କା ବୃଦ୍ଧିକରି ୨୩୦୦କୋଟି ଟଙ୍କା ରଖିଛନ୍ତି।

ମାତ୍ର ବିଶ୍ୱର ଅନ୍ୟ ଅଗ୍ରଣୀ ତଥା ଶ୍ରେଷ୍ଠ କ୍ରୀଡ଼ା ରାଷ୍ଟ୍ରରୂପେ ପରିଚିତ ଅଷ୍ଟ୍ରେଲିଆ, ଜାପାନ, ଇଂଲଣ୍ଡ, ଆମେରିକା, ଚାଇନା, କୋରିଆ ପରି ଦେଶଙ୍କ ତୁଳନାରେ ଏହା ଯଥେଷ୍ଟ କମ୍ ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବାର ସମୟ ଆସିଛି।

ଖେଲୋ ଇଣ୍ଡିଆ ମାଧ୍ୟମରେ ବ୍ୟକ୍ତିଗତ ଏବଂ ଦଳଗତ ଇଭେଣ୍ଟଗୁଡ଼ିକ ମଧ୍ୟରେ ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ୍, ବକ୍ସିଂ, ଜିମ୍ନାଷ୍ଟିକ, ଜୁଡୋ, କବାଡ଼ି, ଭଲିବଲ, ସୁଇମିଂ, ଶୁଟିଂ, ଆର୍ଚେରି, ଫୁଟବଲ, ହକି, ଖୋଖୋ ପରି ଖେଳରୁ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଭା ଚୟନ କରାଯାଇଥାଏ। ବ୍ୟକ୍ତିଗତ ଇଭେଣ୍ଟ ସ୍କୁଲ ଗେମ୍ସ ଫେଡେରେଶନରୁ ୪, ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନରୁ ଜଣେ, ଆୟୋଜକ ରାଜ୍ୟରୁ ୧ଜଣ ଏବଂ ୨ଜଣ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ମନୋନୀତ କରାଯାଇଥାଏ। ସେହିପରି ଦଳଗତ ଇଭେଣ୍ଟରୁ ଏହି ପ୍ରକ୍ରିୟା ମାଧ୍ୟମରେ ୮ଜଣଙ୍କୁ ମନୋନୀତ କରାଯାଇଥାଏ। ଏଥିପାଇଁ ସମଗ୍ର ଦେଶରୁ ବିଭିନ୍ନ କ୍ରୀଡ଼ାର ଶ୍ରେଷ୍ଠ ୧୬୦ ଟ୍ରେନରଙ୍କୁ ୪ଟି ପର୍ଯ୍ୟାୟରେ ଟ୍ରେନିଂ ଦିଆଯିବା କାର୍ଯ୍ୟକ୍ରମ ରହିଛି।

୨୦୧୮ ପ୍ରଥମ ସଂସ୍କରଣ ଦିଲ୍ଲୀଠାରେ ଜାନୁୟାରୀ ୩୧ତାରିଖରୁ ୮ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶରୁ ୧୬ଟି ସ୍ପୋର୍ଟ୍ସ ଇଭେଣ୍ଟରେ ପାଖାପାଖି ୬୦୦୦ କ୍ରୀଡ଼ାବିତ୍ ଏବଂ ଅଫିସିଆଲ ଯୋଗଦେଇଥିବା ବେଳେ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ଜବାହରଲାଲ ନେହେରୁ ଷ୍ଟାଡିୟମରେ ୨୦୯ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ସ୍ପୋର୍ଟ୍ସ ପାୱାର ହାଉସ୍ ରୂପେ ହରିୟାଣା ୩୮ ସ୍ୱର୍ଣ୍ଣ, ୨୬ ରୌପ୍ୟ ଏବଂ ୩୮ ବ୍ରୋଞ୍ଜ ପଦକ ସହ ୧୦୨ଟି ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ମହାରାଷ୍ଟ୍ର ମୋଟ ୧୧୧ ପଦକ (୩୬ ସ୍ୱର୍ଣ୍ଣ, ୩୨ ରୌପ୍ୟ, ୪୩ ବ୍ରୋଞ୍ଜ) ସହ ଦ୍ୱିତୀୟ ଏବଂ ଦିଲ୍ଲୀ ମୋଟ ୯୪ଟି ପଦକ (୨୫ ସ୍ୱର୍ଣ୍ଣ, ୨୯ ରୌପ୍ୟ, ୪୦ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପଦକ ତାଲିକାରେ ଓଡ଼ିଶା ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୫ ବ୍ରୋଞ୍ଜ ସହ ମୋଟ ୯ଟି ପଦକ ହାସଲ କରିବା ସହ ମେଡାଲ ତାଲିକାରେ ୧୫ତମ ସ୍ଥାନ ଅଧିକାର କରିଥିଲା।

ଇତିମଧ୍ୟରେ ୨୦୧୯ର ଦ୍ୱିତୀୟ ସଂସ୍କରଣ ମହାରାଷ୍ଟ୍ରର ପୁଣେଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୯ରୁ ଆରମ୍ଭ ହୋଇ ୨୦ରେ ସମାପ୍ତ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ମୋଟ ୧୮ଟି ସ୍ପୋର୍ଟ୍ସ ଇଭେଣ୍ଟରେ ୪୦୩ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ହରିୟାଣାକୁ ପଛରେ ପକାଇ ମହାରାଷ୍ଟ୍ର ଦଳଗତ ଚାମ୍ପିୟନ ହୋଇଛି।

ପଦକ ତାଲିକାରେ ଓଡ଼ିଶା ଯଦିଓ ୧୮ତମ ସ୍ଥାନରେ ରହିଥିଲା ତଥାପି ପଦକ ସଂଖ୍ୟା ୧୫କୁ ବୃଦ୍ଧି କରିବା ସହିତ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୬ ବ୍ରୋଞ୍ଜ ପଦକ ହାସଲ କରିଛି। ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଆ ଝିଅମାନଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଥିଲା ଓ ଏହା ବେଶ୍ ପ୍ରଶଂସନୀୟ। ଭାରୋତ୍ତୋଳନ, ସନ୍ତରଣ, ଦୌଡ଼, ବାଳିକା ଫୁଟବଲ, ହକିରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଦେବକୀ ଖିଲାର, ପ୍ରଜ୍ଞାନ ସାହୁ, ପ୍ରତ୍ୟାଶା ରାୟ, ପୁଙ୍ଗା ରୋସେନ୍, ଭକ୍ତିରାମ ଦେସ୍ତି ସଫଳ ପ୍ରଦର୍ଶନକରି ରାଜ୍ୟ ପାଇଁ ସୁନାମ ଆଣିଥିଲେ।

ମାତ୍ର ଏପରି ଏକ ମେଗା ପ୍ରତିଯୋଗିତା ପ୍ରତିବର୍ଷ ଆୟୋଜିତ ହେବା ଏବଂ ସମଗ୍ର ଦେଶରୁ ତୃଣମୂଳ ସ୍ତରରୁ ଠିକ୍ ପ୍ରତିଭା ଚୟନକରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀ ରୂପେ ଗଢ଼ି ତୋଳିବା ଏକ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ତରଫରୁ ସୁଚିନ୍ତିତ ଯୋଜନା ମାଧ୍ୟମରେ ଭାରତବର୍ଷକୁ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାରାଷ୍ଟ୍ରର ମାନ୍ୟତା ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ବିଭିନ୍ନ ଫେଡେରେଶନ ତରଫରୁ ପ୍ରତିନିଧିତ୍ୱ କରି ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ନିଜକୁ ପ୍ରତିଷ୍ଠିତ କରି ସାରିଥିବା ପ୍ରତିଯୋଗୀମାନଙ୍କୁ ମନୋନୀତ କରିବାର ଆବଶ୍ୟକତା କେତେଦୂର ଗ୍ରହଣୀୟ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ମଧ୍ୟ ସବୁକ୍ଷେତ୍ରରୁ ସମାଲୋଚନା କରାଯାଇଛି। ଆମ ରାଜ୍ୟ ବିଭିନ୍ନ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାରେ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏବେ ସ୍କୁଲ ସ୍ପୋର୍ଟ୍ସ ପ୍ରତି ଗୁରୁତ୍ୱଦେବାର ସମୟ ଉପନୀତ ହୋଇଛି। ଏଥିପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ତରଫରୁ ବ୍ୟାପକ ପ୍ରସ୍ତୁତି ହେବା ଆବଶ୍ୟକ। କେବଳ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ କରିଦେଲେ ଚଳିବ ନାହିଁ, ଆଗକୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀ ସୃଷ୍ଟି କରିପାରିଲେ ଆମ ରାଜ୍ୟର ସୁନାମ ଦ୍ୱିଗୁଣିତ ହେବ। ଖେଲୋ ଇଣ୍ଡିଆ ପାଇଁ ସ୍କୁଲ ଏବଂ କଲେଜସ୍ତରରୁ ପ୍ରତିଭା ଚୟନ କ୍ଷେତ୍ରରେ ସ୍ୱଚ୍ଛତା ରହିଲେ ଏହାର ପ୍ରକୃତ ଲକ୍ଷ୍ୟ ସାଧିତ ହେବ।

– ନିର୍ମଳ କୁମାର ମିଶ୍ର

## ଆଇପିଏଲ୍

ବିଶ୍ୱର ସବୁଠୁ ବିତ୍ତଶାଳୀ ଲିଗ୍
ଆରମ୍ଭ ହେଲାଣି ଘନ
ଆଇପିଏଲର ବାର ସଂସ୍କରଣ
କମ୍ପେ କ୍ରୀଡ଼ା ମଇଦାନ
ଫୋର ଥାଉଜାଣ୍ଡ ରନ୍
ଦ୍ରୁତତମ ବ୍ୟାଟ୍ସମ୍ୟାନ ହୋଇ ଗେଲ୍
ଟପିଲା ମାଇଲ ଷ୍ଟୋନ।
ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର
ଇଣ୍ଡିଆ ଦମ୍ଭିଲା ପାର୍ଟି
ବଲ୍ ପିଛା ପଚିଶ ଲକ୍ଷ ଖର୍ଚ୍ଚ କରେ
ଓଭରକୁ ଦେଢ଼ କୋଟି
ଟଙ୍କା ଏଠି ଗୋଡ଼ି ମାଟି
ଏ ଜୁଆ ଖେଳରେ ମତଲବ ନ ଥିବା
ଖଟିଖିଆ ମରେ ଖଟି।
ଆଇପିଏଲରେ ମଙ୍କଡିଙ୍କ୍ ଆଉଟ
ବ୍ୟାଟ୍ସମ୍ୟାନ ବଟଲର



ବୁଢ଼ା ହୋଇବାରୁ ନିଲାମ ହେଲାନି
ଜିରୋ ଯୁବରାଜ ଦର
ଆଇପିଏଲର ଜ୍ୱର
ଆଣ୍ଡ୍ରୋଏଡ୍ ସେଟ୍‌ରେ
ଖେଳ ଦେଖି ସରେ
ଅମୂଲ୍ୟ ସମୟ କା'ର।

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 69.30 (42) | 38,545.72 (412.84) | 11,750.00 (124.95) | 33,095.00 (₹35) | 38,850.00 (₹270) |

ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣ କରିବା ଲାଗି ବିଧିବଦ୍ଧ ଭାବେ ଏକ ବ୍ୟବସ୍ଥା ଆସିବାର ଆବଶ୍ୟକତା ରହିଛି।
–ଏନ୍.କେ.ସିଂ, ଅର୍ଥ ଆୟୋଗ ଅଧ୍ୟକ୍ଷ



ଗ୍ରାହକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଆପାଚି ଆର୍‌ଟିଆର ବାଇକର ସବୁ ରେଞ୍ଜକୁ ଏବିଏସ୍ ଟେକ୍ନୋଲୋଜି ସହ ଯୋଡାଯାଇଛି।
– କେ.ଏନ୍.ରାଧାକ୍ରିଷ୍ଣନ, ସିଇଓ, ଟିଭିଏସ୍ ମୋଟର୍ସ



## ସଂକ୍ଷେପରେ

### ଏପ୍ରିଲ ପହିଲାରୁ ବଦଳିଯିବ ନ୍ୟାଶନାଲ ପେନ୍‌ସନ ସ୍କିମ୍

ନୂଆଦିଲ୍ଲୀ,୨୮-୩: ନୂଆ ଆର୍ଥିକ ବର୍ଷ ଅର୍ଥାତ୍ ଏପ୍ରିଲ ପହିଲାରୁ ନ୍ୟାଶନାଲ ପେନ୍‌ସନ ସ୍କିମ୍(ଏନ୍‌ପିଏସ୍)ରେ ବଡ଼ଧରଣର ପରିବର୍ତ୍ତନ ହେବାକୁ ଯାଉଛି। ଏହି ସ୍କିମ୍‌ର ଆକାଉଣ୍ଟଧାରୀଙ୍କୁ ଏଣିକି ଟିକସ ଛାଡ଼ ସୁବିଧା ମିଳିବ। ଏହାଛଡ଼ା ଏଥିରେ ଅଧିକ ନିବେଶ ସୁବିଧା ମିଳିବ। କେନ୍ଦ୍ର ସରକାର ଏନ୍‌ପିଏସ୍‌କୁ ପିପିଏଫ ଭଳି 'ଇଇଇ' ଅର୍ଥାତ୍ ଏକଜେମ୍ପଟ-ଏକଜେମ୍ପଟ-ଏକଜେମ୍ପଟ ମାନ୍ୟତା ପ୍ରଦାନ କରିଛନ୍ତି। ଏଥିସହିତ ଏନ୍‌ପିଏସ୍‌ରେ ସରକାରଙ୍କ ଯୋଗଦାନକୁ ୧୪%କୁ ବୃଦ୍ଧି କରାଯାଇଥିବା ବେଳେ କର୍ମଚାରୀଙ୍କ ପାଇଁ ପୂର୍ବଭଳି ୧୦% ଯୋଗଦାନ ବ୍ୟବସ୍ଥା ରହିବ। ସୂଚନାଥାଉ କି, ସରକାରୀ କର୍ମଚାରୀଙ୍କ ସମେତ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ମଧ ନିଜ ଇଚ୍ଛାରେ ଏହି ଯୋଜନାରେ ସାମିଲ ହୋଇପାରିବେ। ଅବସର ପରେ କର୍ମଚାରୀ ଏନ୍‌ପିଏସ୍‌ର ଏକ ଅଂଶବିଶେଷ ଉଠାଇପାରିବେ ଏବଂ ଅବଶିଷ୍ଟ ପାଣ୍ଠିରୁ ନିୟମିତ ଆୟ ଲାଗି ଆନୁଯିଟି ନେଇପାରିବେ।

### ପିଏନ୍‌ବି ମାମଲା ନେଇ ଚୋକ୍‌ସିଙ୍କ ସଫେଇ
## ମହାଠକେଇରେ ସାମିଲ କମ୍ପାନୀ ସହ ସମ୍ପର୍କ ନାହିଁ



ନୂଆଦିଲ୍ଲୀ,୨୮-୩: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକ୍‌ସିଙ୍କୁ ଜେଲ୍ ଯିବା ଭୟ ଘାରିଛି। ମହାଠକେଇରେ ଲିପ୍ତ ଥିବା କୌଣସି ଗୋଟିଏ କମ୍ପାନୀ ସହ ତାଙ୍କର ସମ୍ପର୍କ ନାହିଁ। ସେ ୨୦୦୦ରେ ଏହି ସମସ୍ତ କମ୍ପାନୀଠାରୁ ଦୂରେଇ ଯାଇଥିଲେ ବୋଲି କହିଛନ୍ତି। ନିଜ ଓକିଲଙ୍କ ମାଧ୍ୟମରେ ଏକ ବିବୃତି ଜାରି କରି ଚୋକ୍‌ସି କହିଛନ୍ତି ଯେ, ଏକ ପୁରୁଣା ଦସ୍ତାବିଜ 'ନିଜ ଗ୍ରାହକଙ୍କୁ ଜାଣନ୍ତୁ(କେୱାଇସି)' ଆଧାରରେ ତାଙ୍କ ଘର, ଅଫିସ ଆଦିରେ ଚଢ଼ାଉ କରାଯାଇଛି। ସେ ଏହି କେୱାଇସିକୁ ୧୯୯୫ରେ ପିଏନ୍‌ବିକୁ ଦେଇଥିଲେ। ସେ ବହୁବାର କେୱାଇସିରେ ସଂଶୋଧନ କରିବାକୁ ପିଏନ୍‌ବିକୁ ଅନୁରୋଧ କରିଥିଲେ ସୁଦ୍ଧା ଏହା ଶୁଣାଯାଇନ ଥିଲା। ସମ୍ପତ୍ତି ଜବତ ହେବା କାରଣରୁ ସେ ଋଣ ଫେରାଇବା ସ୍ଥିତିରେ ନାହାନ୍ତି ବୋଲି ଏହି ହୀରା ବ୍ୟବସାୟୀ ସ୍ପଷ୍ଟ କରିଛନ୍ତି।

### ନୀତି ଆୟୋଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଲେ ୱାଇ. ଭି. ରେଡ୍ଡୀ



ନୂଆଦିଲ୍ଲୀ,୨୮-୩: ନୀତି ଆୟୋଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ୱାଇ.ଭି.ରେଡ୍ଡୀ। ସେ କହିଛନ୍ତି ଯେ,ନୀତି ଆୟୋଗ ବିସ୍ତାରିତ ଅଧିକାର ପାଇବା ଯୋଗୁ ଏହା ନିଜର ଲକ୍ଷ୍ୟ ହରାଇଛି। ନୀତି ଆୟୋଗରେ ଉନ୍ନତି ଆଣିବାକୁ ହେବ ଏବଂ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଲାଗି ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେ କହିଛନ୍ତି। ତାଙ୍କ କହିବାନୁଯାୟୀ, ବ୍ୟୟ ଦୃଷ୍ଟିରୁ ଦେଖିଲେ ଏଥିରେ ଏବେ ସଂସ୍ଥାଗତ ଶୂନ୍ୟତା ସୃଷ୍ଟି ହୋଇଛି। ପ୍ରତ୍ୟେକ ମନ୍ତ୍ରଣାଳୟର ନିଜସ୍ୱ କେନ୍ଦ୍ର ପ୍ରାୟୋଜିତ ଯୋଜନା ରହିଛି। ଏହି କାରଣରୁ ଏବେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ବିକାଶକୁ ଗତିଶୀଳ କରିବା ନେଇ ନୀତି ଆୟୋଗ ସମନ୍ୱୟ ରଖି ପାରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

### ୨ ଲକ୍ଷ କୋଟି ଟିକସ ଆଦାୟ କମିଲା
# ଦେଶବ୍ୟାପୀ ହେବ ଜୋର୍‌ଦାର ଚଢ଼ାଉ

ନୂଆଦିଲ୍ଲୀ,୨୮-୩



- ଆଦାୟ ହୋଇଛି ୧୦,୨୧,୨୫୧ କୋଟି
- ଧାର୍ଯ୍ୟ ଲକ୍ଷ୍ୟ ଥିଲା ୧୨ ଲକ୍ଷ କୋଟି
- ୧୫% ଆଦାୟ କମିଛି

ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା କମିଥିବାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଟିକସ ଫାଙ୍କୁ ଥିବା ବ୍ୟକ୍ତିବିଶେଷ ଓ କର୍ପୋରେଟ ବିରୋଧରେ ସାରା ଦେଶରେ ଜୋର୍‌ଦାର ଚଢ଼ାଉ ଆରମ୍ଭ କରିବା ଲାଗି ଆୟକର ବିଭାଗକୁ ଏହା ନିର୍ଦ୍ଦେଶ ଦେଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ କେଇଟା ଦିନ ଥିବାରୁ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ପୂରଣରୁ ୧୫% ଦୂରରେ ରହିଥିବାରୁ ଏନେଇ ସିବିଡିଟି ପ୍ରତିକ୍ରିୟାଶୀଳ ହୋଇଛି।

ସିବିଡିଟି ସଦସ୍ୟ(ରାଜସ୍ୱ) ନୀନା କୁମାର ଗତ ୨୬ରେ ଆୟକର ବିଭାଗର ଆଞ୍ଚଳିକ ମୁଖ୍ୟମାନଙ୍କ ନିକଟକୁ ଲେଖିଥିବା ପତ୍ରରେ ଟିକସ ସଂଗ୍ରହ ତଥ୍ୟର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଲେଖାଯାଇଛି ଯେ, ବଜେଟରେ ଟିକସ ସଂଗ୍ରହ ଲକ୍ଷ୍ୟ ୧୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୩ ସୁଦ୍ଧା ୧୦,୨୧,୨୫୧ କୋଟି ଟଙ୍କା ସଂଗ୍ରହ ହୋଇଛି। ଯାହା ବଜେଟ ଲକ୍ଷ୍ୟର ୮୫.୧ ପ୍ରତିଶତ। ସାରା ଦେଶର ଆୟକର ବିଭାଗ ଦ୍ୱାରା ସଂଗ୍ରହ କରାଯାଉଥିବା ଟିକସ ଉପରେ ନଜର ରଖୁଥିବା ଅଧିକାରୀ କୁମାର ବ୍ୟକ୍ତିଗତ, କର୍ପୋରେଟ ଓ ଅଗ୍ରିମ ଟିକସ ଶ୍ରେଣୀରୁ ମିଳୁଥିବା ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ହ୍ରାସ ପାଇବା ବିଷୟକୁ ଉଲ୍ଲେଖ କରିଛନ୍ତି। କୁମାର ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ଶ୍ରେଣୀରେ ଟିକସ ସଂଗ୍ରହ ହ୍ରାସ ପାଇଛି। ଗତ ସପ୍ତାହରେ ଏହା ୫.୨% ଥିବା ବେଳେ ଏବେ ବଢ଼ି ବଢ଼ି ୬.୯% ହେଲାଣି। ଏହା ଏକ ଚିନ୍ତାଜନକ ସ୍ଥିତି ହୋଇଥିବାରୁ ତୁରନ୍ତ ଏ ଦିଗରେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଏହାକୁ ନେଇ ସିବିଡିଟି ନୈରାଶ୍ୟ ପ୍ରକଟ କରିଥିବା ବେଳେ ଟିକସ ସଂଗ୍ରହ ବଢ଼ାଇବା ଲାଗି ଆୟକର ଅଧିକାରୀମାନେ ଅଣ୍ଟାଭିଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଲାଗି ସେମାନେ କୌଣସି ତ୍ରୁଟି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, ଆୟକର ବିଭାଗ ପାଇଁ ନୀତି ନିର୍ଦ୍ଧାରଣ କରୁଥିବା ସିବିଡିଟି ପକ୍ଷରୁ କୁମାର ପତ୍ରରେ ଲେଖିଛନ୍ତି ଯେ, ନିୟମିତ ଟିକସ ଆକଳନ ଲାଗି ପ୍ରଦର୍ଶନ ମାନଦଣ୍ଡ(ବେଞ୍ଚମାର୍କ) ରହିଛି। ଏହା ଟିକସ ଚାହିଦାର ଗୁଣବତ୍ତା ଉପରେ ଆଧାରିତ, ଯାହାକୁ ବାସ୍ତବିକ ସଂଗ୍ରହରେ ପରିବର୍ତ୍ତିତ କରାଯାଇଥାଏ। ଆୟକର ଅଧିକାରୀମାନଙ୍କ ସହ ବୋର୍ଡ ଏ ବିଷୟରେ ପୂର୍ବରୁ ଆଲୋଚନା କରିସାରିଛି। ଆଶାକରାଯାଉଥିଲା ଯେ, ଟିକସ ସଂଗ୍ରହରେ ସୁଧାର ଆସିବ। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଦେଖାଯାଉନାହିଁ। ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଲାଗି ଆୟକର ବିଭାଗ ଯଥାସମ୍ଭବ ପଦକ୍ଷେପ ନେବାକୁ ଏବଂ ଚଢ଼ାଉକୁ ଜୋର୍‌ଦାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ବିଓବି ସହ ବିଜୟା ବ୍ୟାଙ୍କ, ଦେନା ବ୍ୟାଙ୍କ ମିଶ୍ରଣ
# ରହିତାଦେଶ ଦେଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮-୩




ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସହ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଗୁରୁବାର ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଏହି ମିଶ୍ରଣ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଏକାଧିକ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ପକ୍ଷରୁ ଆଗତ ମାମଲାକୁ ଜଷ୍ଟିସ ଆର.ଏଫ୍. ନରିମାନ ଓ ଜଷ୍ଟିସ ବିନୀତ ଶରଣଙ୍କୁ ନେଇ ଗଠିତ ଶୀର୍ଷ ଅଦାଲତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ବିଓବି ସହ ଉକ୍ତ ଦୁଇଟି ବ୍ୟାଙ୍କର ମିଶ୍ରଣ ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ପଛରେ ପକାଇ ଏହା ଦ୍ୱିତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହେବାକୁ ଯାଉଛି। ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ପକ୍ଷରୁ ବରିଷ୍ଠ ଓକିଲ ଶ୍ୟାମ ଦିୱାନ ଯୁକ୍ତି ଦର୍ଶାଇ କହିଥିଲେ ଯେ, ଉକ୍ତ ମିଶ୍ରଣରେ ବହୁ ତ୍ରୁଟି ରହିଛି ଏବଂ ଏ ସଂକ୍ରାନ୍ତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ଯଥାଯଥ ଆଲୋଚନା କରାଯାଇ ନାହିଁ। ଏପରିକି ମିଶ୍ରଣ ନେଇ ସମ୍ପୃକ୍ତ ବ୍ୟାଙ୍କ ବୋର୍ଡର ମତାମତ ନିଆଯାଇନାହିଁ। କିନ୍ତୁ ଜାନୁୟାରୀ ୨ରେ ସମସ୍ତ ନିଷ୍ପତ୍ତି ନିଆଗଲା। ସେ ଯୁକ୍ତି ଦର୍ଶାଇଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ ଏହି ତାରିଖରେ ଉକ୍ତ ନିଷ୍ପତ୍ତି ନେଇଥିବା ବେଳେ ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକମାନେ ମଧ ସେହିଦିନ ନିଷ୍ପତ୍ତି ନେଲେ ଓ ଉକ୍ତ ଦିନ ଗେଜେଟ ନୋଟିଫିକେଶନ ବାହାରିଲା।

### ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୨୧,୪୨୮ କୋଟି ସହାୟତା

ନୂଆଦିଲ୍ଲୀ,୨୮-୩: କେନ୍ଦ୍ର ସରକାର ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୨୧,୪୨୮ କୋଟି ଟଙ୍କା ସହାୟତା ଦେବେ। ଇକ୍ୱିଟି ମାଧ୍ୟମରେ ଏହି ସହାୟତା ପ୍ରଦାନ କରାଯିବ। ମାର୍ଚ୍ଚ ୩୧କୁ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଉକ୍ତ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ପ୍ରତ୍ୟେକ ବ୍ୟାଙ୍କ ବୋର୍ଡ ଉପଯୁକ୍ତ ଶେୟାର ସରକାରଙ୍କୁ ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୫୯୦୮ କୋଟି, ବ୍ୟାଙ୍କ ଅଫ୍ ବରୋଦା ୫୦୪୨ କୋଟି, ୟୁନିୟନ ବ୍ୟାଙ୍କ ୪,୧୧୧.୯୯ କୋଟି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୩,୮୦୬ କୋଟି ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨,୫୬୦ କୋଟି ଟଙ୍କା ପାଇବାକୁ ଯାଉଛି।

### ବେକାରି ସଂଖ୍ୟା ନେଇ ଅଫିସିଆଲ ଡାଟା
# ୧୦୮ ଅର୍ଥନୀତିଜ୍ଞଙ୍କୁ ଅକ୍ସଫାମ୍‌ର ସମର୍ଥନ

ନୂଆଦିଲ୍ଲୀ,୨୮-୩: ବେକାରି ସଂଖ୍ୟାର ଅଫିସିଆଲ ଡାଟାକୁ ନେଇ ୧୦୮ ଅର୍ଥନୀତିଜ୍ଞ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବିରୋଧ କରିଥିବା ବେଳେ ୧୩୧ ସିଏ ସମର୍ଥନ କରିଛନ୍ତି। ତେବେ ଦେଶରେ ଅସମାନତା ଓ ଦାରିଦ୍ର୍ୟ ଦୂରୀକରଣ ନେଇ କାର୍ଯ୍ୟ କରୁଥିବା ସଂସ୍ଥା ଅକ୍ସଫାମ୍ ଇଣ୍ଡିଆ ଅର୍ଥନୀତିଜ୍ଞଙ୍କୁ ସମର୍ଥନ କରିଛି। ସରକାରୀ ତଥ୍ୟକୁ ନେଇ ଅର୍ଥନୀତିଜ୍ଞ ପ୍ରଶ୍ନ ଉଠାଇଥିବା ବେଳେ ଏହାକୁ ଖଣ୍ଡନ କରାଯାଇପାରିବ ନାହିଁ ବୋଲି ଅକ୍ସଫାମ୍ ଇଣ୍ଡିଆ ରିସର୍ଚ୍ଚ ମ୍ୟାନେଜର ଦୀୟା ଦତ୍ତା କହିଛନ୍ତି। ଏହି ୧୦୮ ଅର୍ଥନୀତିଜ୍ଞ ଦେଶ ବିଦେଶରେ ଲବ୍‌ଧପ୍ରତିଷ୍ଠିତ ହୋଇଥିବାରୁ ସେମାନଙ୍କ ବକ୍ତବ୍ୟକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ସେମାନେ କ'ଣ କହୁଛନ୍ତି ସରକାର ତାହାକୁ ଶୁଣନ୍ତୁ ଏବଂ ତଦନୁଯାୟୀ ନିଜକୁ ସୁଧାରି ନିଅନ୍ତୁ। ଠିକ୍ ଡାଟା ନ ଥିଲେ ସରକାର ସମାଜରେ ଥିବା ଅସମାନତାକୁ କେବେହେଲେ ଦୂର କରିପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଦେଶରେ ବେକାରି ସଂଖ୍ୟା ବଢୁଥିବା ବେଳେ ଏହା ଦିନେ ଭୌଗୋଳିକ ବିପର୍ଯ୍ୟୟ ଭାବେ ଦେଖାଦେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଏନ୍‌ଜିଓର ଡାଇରେକ୍ଟର ଅଫ୍ ପଲିସି ରିସର୍ଚ୍ଚ ଆଣ୍ଡ କ୍ୟାମ୍ପେନ ରାନୁ ଭୋଗଲ ୧୩୧ ସିଏଙ୍କ ଯୁକ୍ତିକୁ ଖଣ୍ଡନ କରି କହିଛନ୍ତି ଯେ, ସେମାନେ ଭାରତର କର୍ମଶକ୍ତିର ପ୍ରକୃତ ପ୍ରତିନିଧି ନୁହନ୍ତି। କମ୍ପାନୀଙ୍କ ପାଇଁ ଆୟକର ରିଟର୍ନ ଦାଖଲ କରୁଥିବା ସିଏମାନେ ୯୩% କର୍ମଶକ୍ତିର ପ୍ରତିନିଧିତ୍ୱ କରୁ ନ ଥିବାରୁ ସେମାନଙ୍କ ଯୁକ୍ତି ତର୍କସଙ୍ଗତ ନୁହେଁ।

# ଗ୍ରୀଷ୍ମ ଋତୁ ପାଇଁ ପୂର୍ବତଟ ରେଳପଥର ନିରାପତ୍ତା ବ୍ୟବସ୍ଥା

ଭୁବନେଶ୍ୱର,୨୮-୩

ଗ୍ରୀଷ୍ମ ସମୟର ମାତ୍ରାଧିକ ଗରମରେ ଟ୍ରେନଗୁଡିକର ନିରାପତ୍ତା ସହ ରେଳଧାରଣାର ରକ୍ଷଣାବେକ୍ଷଣ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ରେନଗୁଡିକର ଚଳାଚଳରେ ଯେପରି କୌଣସି ବାଧା ନ ଆସେ ସେଥିପ୍ରତି ରେଳବାଇ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଛି। ରେଲୱେ ପକ୍ଷରୁ ପାନୀୟ ଜଳ ବିତରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ରେଳ ଚଳାଚଳରେ ଯେଭଳି ଭାବେ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜେ ସେଥିପ୍ରତି ସଜାଗ ରହିବକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ କର୍ମଚାରୀ ତଥା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଟ୍ରାକ ରକ୍ଷଣାବେକ୍ଷଣ, ଲାଷ୍ଟ ବ୍ୟବସ୍ଥା ଓ ରେଳଧାରଣା ବଙ୍କେଇଯିବା କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଟ୍ରେନ ଗୁଡିକର ଲଗେଜ ଭ୍ୟାନ, ପ୍ୟାଣ୍ଟ୍ରି କାର ଓ କୋଚ ମଧ୍ୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଗ୍ରୀଷ୍ମକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ କୁହାଯାଇଛି। ରେଳ ଷ୍ଟେଶନ, ଟ୍ରେନରେ ଅଗ୍ନିପ୍ରତିରୋଧକ ଦ୍ରବ୍ୟ ଓ ନିର୍ବାପକ ବ୍ୟାପକ ଭାବେ ଉପଲବ୍ଧ କରାଇବା, ଅଗ୍ନିଶମ ବିଭାଗ ସହିତ ସମନ୍ୱୟ ରକ୍ଷା ଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ଏ.କେ. ପୁରୱାର ହୋଇପାରନ୍ତି ଜେଟ୍‌ର ଅନ୍ତରୀଣ ବୋର୍ଡ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୮-୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପୂର୍ବତନ ଅଧ୍ୟକ୍ଷ ଅରୁଣ କୁମାର ପୁରୱାର ଜେଟ୍ ଏୟାରୱେଜର ଅନ୍ତରୀଣ ବୋର୍ଡର ମୁଖ୍ୟ ହୋଇପାରନ୍ତି। ତାଙ୍କ ନାମ ସମ୍ଭାବ୍ୟ ମୁଖ୍ୟଙ୍କ ତାଲିକାରେ ସର୍ବାଗ୍ରେ ରହିଛି। ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଜାନକୀ ବଲ୍ଲଭ ଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ନାମ ମଧ୍ୟ ସାମିଲ ରହିଛି। ଏମାନେ ଏସ୍‌ବିଆଇର ପୂର୍ବତନ ମୁଖ୍ୟ ରହିସାରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ପୁରୱାର ଅନ୍ତରୀଣ ବୋର୍ଡର ଅଧ୍ୟକ୍ଷ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଜେଟ୍ ଏୟାରୱେଜ ବୋର୍ଡରେ ମନୋନୀତ ସଦସ୍ୟମାନଙ୍କ ମଧ୍ୟରେ ରହିପାରନ୍ତି।

# ବଜାଜ ଆଣିଲା ଦେଶର ପ୍ରଥମ କ୍ୱାଡ୍ରି ସାଇକେଲ 'କ୍ୟୁଟ୍'



ଭୁବନେଶ୍ୱର,୨୮-୩(ବ୍ୟୁରୋ)

ପ୍ରମୁଖ ଦୁଇଚକିଆ ଏବଂ ତିନି ଚକିଆ ଯାନ ନିର୍ମାତା ବଜାଜ ଅଟୋ ପକ୍ଷରୁ ଦେଶର ପ୍ରଥମ କ୍ୱାଡ୍ରି ସାଇକେଲ 'କ୍ୟୁଟ୍' ବଜାରକୁ ଆସିଛି। କମ୍ପାନୀର ବିଜନେସ ପ୍ଲାନିଂ ଡିଜିଏମ୍ ପ୍ରଶାନ୍ତ ଅହିର ଏବଂ ଇଣ୍ଟ୍ରାସିଟି ବିଜନେସ ୟୁନିଟ ଡିଜିଏମ୍ ମୁକେଶ କୁମାର ତିୱାରୀ ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନୂଆ ମଡେଲଟିକୁ ଓଡିଶା ବଜାରରେ ପ୍ରବେଶ କରାଇଛନ୍ତି। କ୍ୱାଡ୍ରି ସାଇକେଲ ଏକ କମ୍ ପାୱାର ବିଶିଷ୍ଟ ଏବଂ ପାରମ୍ପରିକ ଛୋଟ କାର୍‌ଠାରୁ କମ୍ ସର୍ବାଧିକ ସ୍ପିଡ୍ ଥିବା ଏକ ୪ ଚକିଆ ଯାନ। ଏହା ଗତ ୩ ଦଶନ୍ଧି ଧରି ୟୁରୋପରେ ପ୍ରଚଳିତ। ତେବେ ଭାରତରେ ନୂଆ କରି ଆସିଥିବା ଏହି ଯାନ ଆନ୍ତଃ ସହର ପରିବହନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ବଜାଜ ପକ୍ଷରୁ ସୂଚନା ରହିଛି। ଏହାର ଘଣ୍ଟା ପ୍ରତି ବେଗ ୭୦ କିମି ରହିଛି। ଏଥିରେ ଫୁଏଲ ଏଫିସିଏନ୍ସି, ସ୍ୱଳ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚ, ସବୁ ଋତୁରେ ସୁରକ୍ଷା ଏବଂ ସହଜ ଭାବେ ଚଳାଇବା ଭଳି ପ୍ରମୁଖ ସ୍ୱତନ୍ତ୍ରତା ଗ୍ରାହକମାନେ ଏଥିରେ ପାଇପାରିବେ। ଏହାର ସିଏନ୍‌ଜି ଭର୍ସନ ବଜାର ଦର ୨.୮୭ ଲକ୍ଷ ଟଙ୍କା ଏବଂ ପେଟ୍ରୋଲ ଭର୍ସନର ଦର ୨.୫୭ ଲକ୍ଷ ଟଙ୍କା ରହିଛି।

**ଯାନର ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ...**

- ୨୧୬ ସିସି ୪ ଭଲଭ କ୍ୱାର୍ଟର କୁଲ୍‌ଡ ଡିଟିଏସ୍‌ଆଇ ଇଞ୍ଜିନ
- ସିଏନ୍‌ଜି କିଲୋ ପ୍ରତି ୪୩ କିମି ମାଇଲେଜ, ପେଟ୍ରୋଲରେ ଲିଟର ପ୍ରତି ୩୫ କିମି
- କ୍ରମିକ୍ ସିଫ୍ଟ ଗିୟର
- ୧୨ ଇଞ୍ଚ ଆଲଏ ହ୍ୱିଲ, ସହଜ ପାର୍କିଂ ସୁବିଧା
- ଉନ୍ନତ ଷ୍ଟୋରେଜ ସୁବିଧା
- ୬ ଟି ରଙ୍ଗରେ ଉପଲବ୍ଧ

### ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ: ପ୍ରଶାନ୍ତ ଅହିର

ଏକ ନୂଆ ବର୍ଗ ଭାବେ କ୍ୟୁଟକୁ ବଜାରକୁ ଆଣି ଅତ୍ୟନ୍ତ ଖୁସି ବୋଲି କାର୍ଯ୍ୟକ୍ରମ ଅବସରରେ ଡିଜିଏମ୍ ପ୍ରଶାନ୍ତ ଆର୍. ଅହିର କହିଛନ୍ତି। ବିଦେଶରେ ଏହି ପ୍ରଡକ୍ଟ ପ୍ରାୟ ୩୦ ଦେଶରେ ଉପଲବ୍ଧ କରାଯାଉଛି। ଦେଶର କେରଳ, ଜୟପୁର, ଅହମ୍ମଦାବାଦ ଏବଂ ଭୁବନେଶ୍ୱର ଭଳି ସହରରେ ଏହା ଉବଲବ୍ଧ ରହିଛି। ଏପ୍ରିଲ ମାସ ସୁଦ୍ଧା ଦେଶର ପ୍ରାୟ ୨୧ ବଡ ସହରରେ ଏହାର ଉନ୍ମୋଚନ କରାଯିବ। ପ୍ରଡକ୍ଟର ବିକାଶ ଲାଗି ୭୦୦ କୋଟି ଟଙ୍କା ନିବେଶ ହୋଇଥିବା ଅହିର ସୂଚନା ଦେଇଛନ୍ତି। ଔରଙ୍ଗାବାଦ ପ୍ଲାଣ୍ଟରେ ଏହି ମଡେଲ ମାନୁଫାକଚରିଂ ହେଉଛି। ବାର୍ଷିକ ୬୦,୦୦୦ ୟୁନିଟ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାହିଦାକୁ ଦେଖି ଉତ୍ପାଦନ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ବଡ ସହର ପରେ ଟାୟାର ୨ ସହର ଏବଂ ପରିଶେଷରେ ଗ୍ରାମାଞ୍ଚଳରେ ଏହା ଉପଲବ୍ଧ ହେବ ବୋଲି ଅହିର କହିଛନ୍ତି। ଯାନ କ୍ରୟ ଲାଗି ସହଜ ଇଏମ୍‌ଆଇ ଉପରେ ମଧ ପଦକ୍ଷେପ ନିଆଯାଉଛି। ଏହି ପ୍ରଡକ୍ଟ ଦ୍ୱାରା ବ୍ୟବସାୟ ସମ୍ପ୍ରସାରଣ ଲକ୍ଷ୍ୟ ରହିଛି। ୩ ଚକିଆ ଯାନରୁ ୪ ଚକିଆ ଯାନକୁ ଅପଗ୍ରେଡ ହେଉଥିବା ଗ୍ରାହକଙ୍କୁ ଲକ୍ଷ୍ୟ ରଖି ଏହି ପ୍ରଡକ୍ଟ ପ୍ରସ୍ତୁତ ହୋଇଛି। ଏହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ବ୍ୟବହାରରେ ଆସି ପାରିବ ବୋଲି ସେ କହିଛନ୍ତି।


## ନୋଟିସ

No. 113-T:-

**ସ୍ଥାୟୀ ଠିକଣା:**
ନାମ– ଶ୍ରୀ ଜଗନ୍ନାଥ ହାଁସଦା, ଦପ୍ତରୀ,
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଖଜଣା) ବିଭାଗ, ଭୁବନେଶ୍ୱର
ପିତା– ଶ୍ରୀ ବଗି ହାଁସଦା
ଗ୍ରାମ– କଳାଯମୁନା, ପୋଷ୍ଟ– ଟାଙ୍ଗଣା, ଥାନା– ଖୁଣ୍ଟା
ଜିଲ୍ଲା– ମୟୂରଭଞ୍ଜ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ତା୨୭।୧୦।୨୦୧୬ରିଖଠାରୁ ତା୦୪।୧୨।୨୦୧୬ରିଖ ଏବଂ ତା୦୯।୦୧।୨୦୧୭ରିଖଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଆପଣ ସରକାରୀ ପତ୍ର ମାଧ୍ୟମରେ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣଙ୍କୁ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ରଖୁନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହେଉନାହିଁ। ସୁତରାଂ ଉକ୍ତ କାର୍ଯ୍ୟାଳୟ ବାଧହୋଇ ଆପଣଙ୍କ ବିରୁଦ୍ଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟବିଧି (Departmental Proceeding) କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୦୦, ତା୧୧।୦୧।୨୦୧୯ରିଖରେ ଗ୍ରହଣ କରାଯାଇ ସେଥିରେ ଆପଣଙ୍କୁ ୩୦ଦିନ ମଧ୍ୟରେ କୈଫିୟତ ତଲବ କରାଯାଇଥିଲା। ମାତ୍ର ଆପଣଙ୍କ ପାଖକୁ ପ୍ରେରିତ ଉକ୍ତ ସରକାରୀ ନିର୍ଦ୍ଦେଶନାମା ଆପଣଙ୍କ ସ୍ଥାୟୀ ଠିକଣାରେ ଡାକ ଯୋଗେ ପ୍ରେରିତ ହୋଇଥିଲେ ହେଁ ତାହା ଆପଣଙ୍କ ଅନୁପସ୍ଥିତି ହେତୁ ସମ୍ପ୍ରତି ଫେରସ୍ତ ଆସିଯାଇଅଛି।

ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି କି, ଏଇ ନୋଟିସ ଖବରକାଗଜରେ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଆପଣ ନିଜ ଅଫିସରେ ଉପସ୍ଥିତ ହୋଇ ଶୃଙ୍ଖଳାଗତ କାର୍ଯ୍ୟବିଧିର ନକଲ ଗ୍ରହଣ କରି ତତ୍‌ପଶ୍ଚାତ ୩୦ ଦିନ ମଧ୍ୟରେ ତୁମର କୈଫିୟତ ଦାଖଲ କରିବେ, ନଚେତ ଧରାଯିବ ଯେ, ଆପଣଙ୍କର କିଛି କହିବାର ନାହିଁ ଓ ନିୟମ ଅନୁସାରେ ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଖଜଣା ଅଧିକାରୀ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ
(ଖଜଣା) ବିଭାଗ

09001/11/0028/1819



**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**
**ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା**
Notice No. 1241, Dated 27.03.2019

**Final Notice for Affiliation of Diploma Courses run by Polytechnics for the Academic Year 2019-20**

**No. KK-121:-** It is boserved that, in response to Notice No. 393, dt.18.01.2019 and subsequent notices on extension of dates, many Polytechnics affiliated to this council for the year 2018-19 have not applied for Affiliation for 2019-20 within due date.

All such institutions are hereby informed through this public notice, that the portal for online Affiliation shall be once again opened for submission of application for affiliation for 2019-20 from 29.03.2019 to 04.04.2019 as the last and final chance to apply, failing which their cases for affiliation shall not be considered for the year 2019-20. SCTE&VT, Odisha shall not be held responsible, if any defaulter institution becomes ineligible to participate in the admission process for the session 2019-20, due to want of affiliation.

44002/11/0021/1819 *Sd./- Vice Chairman*



## ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ନୂଆପଡ଼ା

**ସର୍ବସାଧାରଣ ବିଜ୍ଞପ୍ତି**
୭୯୭/୨୮।୦୩।୨୦୧୯

ଏତଦ୍ୱାରା ନୂଆପଡ଼ା ଜିଲ୍ଲାର ଜନସାଧାରଣଙ୍କୁ ନିର୍ବାଚନ ପରିପ୍ରେକ୍ଷୀରେ ଏହି ସୂଚନା ଦିଆଯାଉଛି ଯେ, ଆସନ୍ତା ଲୋକସଭା/ବିଧାନସଭା ନିର୍ବାଚନ ସମୟରେ ଯେଉଁ ବ୍ୟକ୍ତିମାନେ ମଦ, ଅସ୍ତ୍ରଶସ୍ତ୍ର, ବହୁ ପରିମାଣର ଅର୍ଥରାଶି ଜରିଆରେ ଭୋଟରମାନଙ୍କୁ ପ୍ରଲୋଭନ ଦେଖାଇବାର ଦୃଷ୍ଟାନ୍ତ ଯଦି ଆପଣଙ୍କ ନଜରକୁ ଆସେ, ତାହା ହେଲେ ଆପଣ ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ନିୟୋଜିତ ହୋଇଥିବା ବିଭିନ୍ନ ପଦାଧିକାରୀମାନଙ୍କୁ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବର ମାଧ୍ୟମରେ ଜଣାଇପାରିବେ। ସୂଚନା ଦେଇଥିବା ବ୍ୟକ୍ତିବିଶେଷଙ୍କ ନାମ ଗୋପନ ରଖାଯିବ ଓ ସେହି ବ୍ୟକ୍ତିଙ୍କୁ ମଧ ପୁରସ୍କାର ଦିଆଯିବାର ଘୋଷଣା କରାଯାଉଛି।

| | | |
|---|---|---|
| ୧. | ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ନୂଆପଡ଼ା | ୮୮୯୫୯୮୫୮୭୨ |
| ୨. | ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ, ନୂଆପଡ଼ା | ୮୭୬୩୦୦୪୧୦୬ |
| ୩. | ଅତିରିକ୍ତ ଜିଲ୍ଲାପାଳ, ନୂଆପଡ଼ା | ୮୮୯୫୪୪୪୮୨୪ |
| ୪. | ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ., ନୂଆପଡ଼ା | ୯୯୩୮୩୫୦୩୯୫ |
| ୫. | ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର | ୯୪୩୮୨୪୦୪୨୭ |
| ୬. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡିଆଳ | ୯୩୯୮୫୦୨୪୭୭ |
| ୭. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା | ୯୯୩୮୬୦୭୨୩୫ |
| ୮. | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ | ୭୩୨୮୮୮୨୧୨୧ |
| ୯. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା | ୯୯୩୭୨୨୩୧୮୧ |
| ୧୦. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା | ୮୩୨୮୯୦୯୮୫୯ |
| ୧୧. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଡିଆଳ | ୮୬୫୮୪୯୩୪୯୭ |
| ୧୨. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ | ୯୯୩୮୯୭୮୭୯୯ |
| ୧୩. | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିନାପାଲୀ | ୯୪୩୭୫୬୨୪୪୫ |
| କଣ୍ଟ୍ରୋଲ ରୁମ ୦୬୬୭୮–୨୨୫୪୬୨ | | |

ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ
ନୂଆପଡା

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମୁଁ ଶେଷ ପର୍ଯ୍ୟନ୍ତ ଫର୍ମ ବଜାୟ ରଖିବାକୁ ଚାହେଁ । ଏଥିପାଇଁ ମାନସିକ ଦୃଢ଼ତା ଆବଶ୍ୟକ ।
– ନୀତୀଶ ରାଣା, କୋଲକାତା ନାଇଟ୍ ରାଇଡର୍ସ ବ୍ୟାଟ୍ସମ୍ୟାନ



ଚଳିତ ଆଜଲାନ ଶାହ କପ୍ ହକିରେ ପ୍ରତିପକ୍ଷ ସର୍କଲରେ ବାରମ୍ବାର ପ୍ରବେଶ ସହ ଗୋଲ୍ ପୋଷ୍ଟକୁ ଟାର୍ଗେଟ୍ କରିବା ଉପରେ ଗୁରୁତ୍ୱ ଦେଉଛୁ ।
– ମନଦୀପ ସିଂ, ଭାରତୀୟ ହକି ଷ୍ଟ୍ରାଇକର



# ମୁମ୍ବାଇର ପ୍ରଥମ ବିଜୟ

ବେଙ୍ଗାଲୁରୁ, ୨୮।୩(ପି.ଟି.)

ଶେଷ ଓଭରରେ ବିଜୟ ପାଇଁ ୧୭ରନ ଆବଶ୍ୟକ ହେଉଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୧୦ ରନ ସଂଗ୍ରହ କରିଥିଲା। ଫଳରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୬ ରନରେ ବିଜୟୀ ହୋଇଥିଲା। ଏଥିସହ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ସପ୍ତମ ମ୍ୟାଚ୍‌ରେ ଟସ୍ ଜିତି ବାଙ୍ଗାଲୋର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୮ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍ଗାଲୋର ୨୦ ଓଭରରେ ୫ ଉଇକେଟ ହରାଇ ୧୮୧ ରନ କରି ମ୍ୟାଚ୍ ହାତଛଡ଼ା କରିଛି। ୨୦ ରନ ଦେଇ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଙ୍ଗାଲୋର ପ୍ରଥମେ ମୋଇନ ଅଲିଙ୍କୁ ହରାଇଥିଲା। ମୋଇନ ୭ଟି ବଲ୍ ଖେଳି ୧ ଚୌକା, ୧ ଛକା ସହ ୧୩ ରନ କରିଥିବା ବେଳେ ରୋହିତ୍ ଶର୍ମାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଏହାପରେ ଓପନର ପାର୍ଥିବ ପଟେଲ ୨୨ ବଲରୁ ୪ ଚୌକା ୧ ଛକା ସହ ୩୧ ରନ କରି ଯୁବ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ପାର୍ଥିବଙ୍କ ସହ ୪୦ ରନ ସଂଗ୍ରହ କରିଥିଲେ। ୩୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ କ୍ରିଜ୍‌ରେ ଜମିଆସୁଥିବା ବେଳେ କୋହଲି ବୁମ୍‌ରାଙ୍କ ଶର୍ଟ ବଲକୁ ମାରିବାକୁ ଯାଇଥିଲେ। ବଲ୍ ଓ ବ୍ୟାଟ୍‌ର ସଂଯୋଗ ନ ହେବାରୁ କୋହଲି ମିଡ୍‌ଉଇକେଟରେ ପାଣ୍ଡ୍ୟାଙ୍କ ହାତରେ ଧରାପଡିଥିଲେ। ଜୀବନଦାନ ପାଇଥବା ଏବି ଡିଭିଲର୍ସ ଏହାର ସୁଯୋଗ ନେଇ ଧୂଆଁଧାର ବ୍ୟାଟିଂ କରିଥିଲେ। ତୃତୀୟ ଉଇକେଟ ଯୋଡିରେ କୋହଲି ଓ ଡିଭିଲର୍ସ ୪୯ ରନ ସଂଗ୍ରହ କରିଥିଲେ। ୫ ରନ କରିଥିବା ବେଳେ ସିମରନ ହେଟମେୟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ ୭ଟି ବଲ ଖେଳି ମାତ୍ର ୨ ରନ କରି ବୁମ୍‌ରାଙ୍କ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଡିଭିଲର୍ସ ୪୧ଟି ବଲ ଖେଳି ୪ ଚୌକା ଓ ୬ ଛକା ସହ ୭୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶିବମ୍ ଦୁବେ ୫ ବଲରୁ ୧ ଛକା ସହ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ବୁମ୍‌ରା ୩, ମୟଙ୍କ ମାର୍କଣ୍ଡେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ବିରାଟ କୋହଲିଙ୍କୁ ଆଉଟ କରିବା ପରେ ଯଶପ୍ରୀତ ବୁମ୍‌ରାଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୮ (ରୋହିତ- ୪୮, ସୂର୍ଯ୍ୟକୁମାର- ୩୮, ହାର୍ଦ୍ଦିକ- ୩୨*, ଯୁବରାଜ- ୨୩, ଡି କକ- ୨୩, ଚହଲ- ୪/୩୮, ଉମେଶ- ୨/୨୬, ସିରାଜ- ୨/୩୮ )।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୫ (ଡିଭିଲର୍ସ- ୭୦*, କୋହଲି- ୪୬, ପାର୍ଥିବ- ୩୧, ବୁମ୍‌ରା- ୩/୨୦)।

### ଯୁବିଙ୍କ ହ୍ୟାଟ୍ରିକ ଛକା

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇନିଂସରେ ଯୁବରାଜ ସିଂଙ୍କ ହ୍ୟାଟ୍ରିକ ଛକା ମୁଖ୍ୟ ଘଟଣା ଥିଲା। ଦଳ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୩୯ ବଲରୁ ୫୪ ରନ ସଂଗ୍ରହ କରିଥିଲେ। ତେବେ ଡି କକ୍ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୩ ରନ କରି ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ରୋହିତ ୩୩ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୪୮ ରନ କରିଥିବା ବେଳେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗଅନ୍‌ରେ ମହମ୍ମଦ ସିରାଜଙ୍କ ହାତରେ ଧରାପଡିଥିଲେ। ଅଭିଜ୍ଞ ଯୁବରାଜ ସିଂ ମାତ୍ର ୧୨ ବଲରୁ କ୍ରମାଗତ ୩ଟି ଛକା ସହ ୨୩ ରନ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ୧୪ତମ ଓଭରରେ ଚହଲଙ୍କ ପ୍ରଥମ ୩ଟି ବଲ୍‌ରେ ଯୁବରାଜ କ୍ରମାଗତ ୩ଟି ଛକା ମାରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ହ୍ୟାଟ୍ରିକ ଛକା ଉପଭୋଗ କରିବା ସହ ଦର୍ଶକ ପୁରୁଣା ଯୁବିଙ୍କୁ ଦେଖିବାକୁ ପାଇଥିଲେ। ତେବେ ଚତୁର୍ଥ ବଲ୍‌ରେ ଚହଲଙ୍କ ଗୁଗ୍‌ଲିରେ ଯୁବି ପୁଣି ଛକା ମାରିବାକୁ ଯାଇ ଚକ୍‌ମା ଖାଇଥିଲେ ଓ ଲଙ୍ଗ୍ ଅଫ୍‌ରେ ସିରାଜ୍ ତାଙ୍କ କ୍ୟାଚ୍ ନେଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ୨୪ ବଲରୁ ୪ ଚୌକା ଓ ୧ ଛକା ସହ ୩୮ ରନ କରି ଚହଲଙ୍କ ବଲ୍‌ରେ ମୋଇନ ଅଲିଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୁରୁଣା ଶୈଳୀରେ ବ୍ୟାଟିଂ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ। ସେ ୧୪ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ୩୨ ରନ କରି ଅପରାଜିତ ରହିବା ସହ ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତେବେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ କିରଣ ପୋଲାର୍ଡ ୫, କ୍ରୁନାଲ ପାଣ୍ଡ୍ୟା ୧, ମିଚେଲ ମ୍ୟାକ୍‌କ୍ଲିନ୍‌ଘନ ୧, ମୟଙ୍କ ମାର୍କଣ୍ଡେ ୬ ରନ କରି ଆଉଟ ହୋଇଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩୮ ରନ ବ୍ୟୟ କରି ସର୍ବାଧିକ ୪ଟି ଉଇକେଟ ହାସଲ କରିଥିଲେ। ସେହିପରି ମହମ୍ମଦ ସିରାଜ ଓ ଉମେଶ ଯାଦବ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାକ୍‌କ୍ଲିନ୍‌ଘନ ଓ ମାର୍କଣ୍ଡେ ସିରାଜଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ପୋଲାର୍ଡ ଚହଲଙ୍କ ଚତୁର୍ଥ ଶିକାର ହୋଇଥିଲେ। କ୍ରୁନାଲ ଉମେଶଙ୍କ ଦ୍ୱାରା ପ୍ୟାଭିଲିୟନ ଫେରିଥିଲେ।

## କୋହଲିଙ୍କ ୫ ହଜାର ରନ

ବେଙ୍ଗାଲୁରୁ, ୨୮।୩(ପିଟି)

ଭାରତୀୟ ଅଧିନାୟକ ବିରାଟ କୋହଲି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ୍ ଭାବେ ୫ ହଜାର ରନ୍ ପୂରଣ କରିଛନ୍ତି। ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ କୋହଲି ୪୬ ରନ୍ ଇନିଂସ୍ ଖେଳିବା ଅବସରରେ ଏହି ସଫଳତା ପାଇଛନ୍ତି। ତାଙ୍କ ବ୍ୟତୀତ କେବଳ ସୁରେଶ ରାଇନା ହିଁ ଏହି ତାଲିକାରେ ରହିଛନ୍ତି। ତେବେ ରାଇନାଙ୍କଠାରୁ କୋହଲି ଆଇପିଏଲରେ ଦ୍ରୁତତମ ୫ ହଜାର ରନ୍ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ରାଇନାଙ୍କୁ ୧୭୭ତମ ମ୍ୟାଚ୍ ଓ ୧୭୩ଟି ଇନିଂସ୍ ଖେଳିବାକୁ ପଡ଼ିଥିଲା। କିନ୍ତୁ କୋହଲି ୧୬୫ ମ୍ୟାଚ୍ ଓ ୧୫୭ଟି ଇନିଂସ୍‌ରେ ୫ ହଜାର ରନ୍ ପୂରଣ କରିଛନ୍ତି।

### ନୋ ବଲ୍ ବିବାଦ

ଏହି ରୋମାଞ୍ଚକ ମ୍ୟାଚ୍‌ରେ ଅମ୍ପାୟରଙ୍କ ଏକ ବଡ଼ ଭୁଲକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ମ୍ୟାଚ୍‌ର ଶେଷ ବଲ୍‌ରେ ବିଜୟ ପାଇଁ ବାଙ୍ଗାଲୋର ୭ ରନ୍ ଅବଶ୍ୟକ କରୁଥିଲା। ମୁମ୍ବାଇ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ସାମ୍ନାରେ ଥିଲେ ଶିବମ ଦୁବେ। ଲଙ୍ଗଅନ୍‌କୁ ଦୁବେ ଶଟ୍ ଖେଳିଥିଲେ କିନ୍ତୁ ରନ୍ ନେଇ ନ ଥିଲେ। ତେବେ ଏହି ବଲ୍‌ଟି ନୋ ବଲ୍ ଥିଲା। କାରଣ ମାଲିଙ୍ଗା ଲାଇନ୍ କ୍ରସ୍ କରିଥିଲେ। ତେବେ ଅମ୍ପାୟର ଏହାକୁ ନୋଟିସ କରି ନ ଥିଲେ। ଫଳରେ ବାଙ୍ଗାଲୋର ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅମ୍ପାୟରଙ୍କ ଏହି ତ୍ରୁଟିରେ ଦୁଇ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଅସନ୍ତୋଷ ଜାହିର କରିଛନ୍ତି। କ୍ଲବ୍ ମ୍ୟାଚ୍ ନୁହଁ, ଆମେ ଆଇପିଏଲ ମ୍ୟାଚ୍ ଖେଳୁଛୁ। ତେଣୁ ଏଭଳି ତ୍ରୁଟି ଗ୍ରହଣୀୟ ନୁହଁ ବୋଲି କୋହଲି ମ୍ୟାଚ୍ ପରେ କହିଥିଲେ।

# ପ୍ରଥମ ବିଜୟ ଲକ୍ଷ୍ୟରେ ରାଜସ୍ଥାନ, ହାଇଦ୍ରାବାଦ୍

ହାଇଦ୍ରାବାଦ, ୨୮।୩ (ପି.ଟି.)

ମାଙ୍କଡିଙ୍ଗ୍ ବିବାଦ ମଧ୍ୟରେ ନିଜର ପ୍ରାରମ୍ଭିକ ମୁକାବିଲାରେ ପରାଜୟବରଣ କରିଥିବା ରାଜସ୍ଥାନ ରୟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ବିବାଦ ଓ ପରାଜୟକୁ ପଛରେ ପକାଇ ରାଜସ୍ଥାନ ଏହି ମ୍ୟାଚ୍‌ରେ ହାଇଦ୍ରାବାଦକୁ ହରାଇ ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ୧୮୫ ରନ ଟାର୍ଗେଟର ପିଛା କରି ରାଜସ୍ଥାନ ବେଶ୍ ଭଲ ସ୍ଥିତିରେ ରହିଥିଲା। ଜୋଶ ବଟଲର ୬୯ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ବିବାଦୀୟ ଢଙ୍ଗରେ ରନ୍ ଆଉଟ (ମାଙ୍କଡିଙ୍ଗ୍) କରିଥିଲେ ଓ ଶେଷରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ରାଜସ୍ଥାନ ପରାସ୍ତ ହୋଇଥିଲା। ପୁଣି ବଲ୍ ଟ୍ୟାମ୍ପିରିଂ ବିବାଦରେ ବାସନ୍ଦ ହୋଇ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା ସହ ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ମଧ୍ୟ ଆଇପିଏଲ୍‌କୁ ଫେରିଛନ୍ତି। ବିଶ୍ୱକପ୍ ପୂର୍ବରୁ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରି ସ୍ମିଥ୍ ଲୟକୁ ଫେରିବା ଓ ଅଷ୍ଟ୍ରେଲୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ସେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିବା ପାଇଁ ପ୍ରୟାସ କରିବେ। ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନର ଧବଲ କୁଲକର୍ଣ୍ଣୀ ଓ ସ୍ପିନର କ୍ରିଷ୍ଣାପ୍ପା ଗୋଥାମ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ବେନ୍ ଷ୍ଟୋକ୍ସ ଓ ଜୟଦେବ ଉନାଡକଟ ଅଧିକ ରନ ବ୍ୟୟ କରିଥିଲେ। ଦ୍ରୁତ ବୋଲର ଜୋଫ୍ରା ଆର୍ଚର ୪ ଓଭର ବୋଲିଂ କରି ମାତ୍ର ୧୭ ରନ ବ୍ୟୟ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ।।

ରାଜସ୍ଥାନ ଭଳି ହାଇଦ୍ରାବାଦ ମଧ୍ୟ ତା'ର ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ରାଜସ୍ଥାନ ୬ ଉଇକେଟରେ କୋଲକାତା ନାଇଟ ରାଇଡର୍ସଠାରୁ ହାରି ଏଥର ଆଇପିଏଲ ଅଭିଯାନ ଆରମ୍ଭ କରିଥିଲା। ଡେଭିଡ ୱାର୍ନରଙ୍କ ହାଇଦ୍ରାବାଦର ବ୍ୟାଟିଂ ବେଶ୍ ଦୃଢ ମନେ ହେଉଛି। ତେବେ ଡେଥ୍ ଓଭରରେ କୋଲକାତା ବିପକ୍ଷରେ ବୋଲିଂ ବିଫଳତା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ବଲ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ହୋଇ ସ୍ମିଥ୍‌ଙ୍କ ଭଳି ୱାର୍ନର ମଧ୍ୟ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ କୋଲକାତା ବିପକ୍ଷରେ ୫୩ ବଲରୁ ୮୫ ରନ ସଂଗ୍ରହ କରି ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ୱାର୍ନରଙ୍କ ଉପରେ ହାଇଦ୍ରାବାଦର ବ୍ୟାଟିଂ ନିର୍ଭର କରୁଛି। ଅବଶ୍ୟ ଦଳରେ ଅଧିନାୟକ କେନ୍ ୱିଲିୟମସନ, ଜନି ବେୟାରଷ୍ଟୋ, ବିଜୟ ଶଙ୍କର, ମନୀଷ ପାଣ୍ଡେ, ୟୁସୁଫ ପଠାନ ଓ ସାକିବ ଅଲ ହାସନଙ୍କ ଭଳି ଖେଳାଳି ରହିଛନ୍ତି। ଭୁବନେଶ୍ୱର କୁମାରଙ୍କ ନେତୃତ୍ୱରେ ସନରାଇଜର୍ସଙ୍କ ବୋଲିଂ ବେଶ୍ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଆନ୍ଦ୍ରେ ରସେଲ ଶେଷ ୩ ଓଭରରେ ଧୂଆଁଧାର ବ୍ୟାଟିଂ କରି ମ୍ୟାଚ୍ ଛଡାଇ ନେଇଥିଲେ। ତେଣୁ ଭୁବନେଶ୍ୱରଙ୍କ ସମେତ ତାରକା ସ୍ପିନର ରସିଦ ଖାଁ ଡେଥ୍ ବୋଲିଂରେ ସୁଧାର ଅଣିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଉଭୟ ଦଳ ଆଇପିଏଲ୍ ପ୍ରଥମ ବିଜୟ ପାଇଁ ପ୍ରୟାସ କରିବେ। ଫଳରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ

ସନ୍‌ରାଇଜର୍ସ ହାଇଦ୍ରାବାଦ୍
ବନାମ
ରାଜସ୍ଥାନ ରୟାଲ୍ସ



ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ: ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ: କ୍ୱାର୍ଟରରେ ପ୍ରଣୀଥ, କାଶ୍ୟପ

ନୂଆଦିଲ୍ଲୀ, ୨୮।୩(ପି.ଟି.)

ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ବି. ସାଇ ପ୍ରଣୀଥ, ପାରୁପାଲ୍ଲୀ କଶ୍ୟପ, କିଡ଼ାମ୍ବି ଶ୍ରୀକାନ୍ତ ଓ ପିଭି ସିନ୍ଧୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ୩ ଖେଳାଳି କ୍ୱାର୍ଟରକୁ ଉଠିଛନ୍ତି। ଚଳିତ ମାସରେ ଅନୁଷ୍ଠିତ ସୁଇସ୍ ଓପନ୍ ଫାଇନାଲିଷ୍ଟ ପ୍ରଣୀଥ ପ୍ରଥମ ଗେମ୍‌ରେ ପରାସ୍ତ ହୋଇ ପଛରେ ପଡ଼ିଥିଲେ ମଧ୍ୟ ପରେ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ଗେମ୍ ଜିତି ମ୍ୟାଚ୍ ହାତେଇ ନେଇଥିଲେ। ପ୍ରଣୀଥ ନିଜ ଦେଶର ପଞ୍ଚମ ସିଡ୍ ଖେଳାଳି ସମୀର ବର୍ମାଙ୍କୁ ୧୮-୨୧, ୨୧-୧୬, ୨୧-୧୫ରେ ହରାଇଛନ୍ତି। ସେହିପରି ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନରେ କାଶ୍ୟପ ଥାଇଲାଣ୍ଡର ତାନୋଙ୍ଗସାକ ସାଏନସୋମବୁନ୍‌ସୁକଙ୍କୁ ୨୧-୧୧, ୨୧-୧୩ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ କିଡ଼ାମ୍ବି ଶ୍ରୀକାନ୍ତ ୨୧-୧୧, ୨୧-୧୬ ଗେମ୍‌ରେ ଚାଇନାର ଲୁ ଗୁଆଙ୍ଗଜୁଙ୍କୁ ପରାସ୍ତ କରିଛନ୍ତି। ମହିଳା ବିଭାଗର ୨୦୧୭ ସଂସ୍କରଣ ଚାମ୍ପିୟନ ସିନ୍ଧୁ ୨୧-୧୧, ୨୧-୧୩ ଗେମ୍‌ରେ ହଂକଂର ଡେଙ୍ଗ ଜୋ ଜୁଆନଙ୍କୁ ହରାଇ ଦେଇଛନ୍ତି। ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ହାଇଦ୍ରାବାଦ ଖେଳାଳି ପରବର୍ତ୍ତୀ ମୁକାବିଲାରେ ଡେନ୍‌ମାର୍କର ୮ମ ସିଡ୍ ମିଆ ବ୍ଲିଚଫିଲ୍ଡଙ୍କୁ ଭେଟିବେ। ଅପରପକ୍ଷେ ପୁରୁଷ ବିଭାଗର କ୍ୱାର୍ଟର ଫାଇନାଲରେ ପ୍ରଣୀଥ ଏବେ ଶ୍ରୀକାନ୍ତଙ୍କ ସହ ମୁକାବିଲା କରିବେ। ମହିଳା ଡବଲ୍ସ ଯୋଡି ଅପର୍ଣ୍ଣା ବାଲାନ ଓ ଶ୍ରୁଥି କେ.ପି. ପ୍ରତିପକ୍ଷ ହଂକଂ ଯୋଡି ୱିଙ୍ଗ୍ ୟୁଙ୍ଗ୍ ଓ ୟେୟୁଙ୍ଗ ଏନ୍‌ଗା ଟିଙ୍ଗଙ୍କୁ ୨୧-୧୯, ୭-୨୧, ୨୧-୧୭ରେ ହରାଇ ଅଗ୍ରଗତି କରିଛନ୍ତି।



ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ. ପ୍ରଣୟ ଡେନମାର୍କର ଜାନ୍ ଓ' ଜୋର୍ଜେନସେନ୍‌ଙ୍କ ବିପକ୍ଷରେ ଏକ ଶଟ୍ ଖେଳୁଛନ୍ତି।


## ଓଡ଼ିଶା ସରକାର
# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No-129 dated 19.03.2019

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: **ଠକପାଲି (ଅତିରିକ୍ତ)**, ଥାନା: **ତରଭା**, ନଂ-**୬୫**, ତହସିଲ-**ତରଭା**, ଜିଲ୍ଲା- ସୁବର୍ଣ୍ଣପୁରରେ ନିମ୍ନ ତଫସିଲ ମତେ ପ୍ରାୟ **୧୦.୪୩୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (R.F.C.T.L.A.R & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳବାଇ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂ.୧୮୬୬/R & DM ତା.୧୫।୦୧।୨୦୧୯ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ସୋନପୁର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁବର୍ଣ୍ଣପୁର | ତରଭା | ଠକପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | | ୧୦.୪୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର**

**ଭୂମି ଅନୁସୂଚୀ**

ମୌଜା- ଠକପାଲି (ଅତିରିକ୍ତ), ଥାନା-ତରଭା ନଂ.୬୫, ତହସିଲ-ତରଭା, ଜିଲ୍ଲା-ସୋନପୁର

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରକାର ନାମ ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୨ | ୭୧୯ | ୦.୬୦୦ | ୦.୬୦୦ | ଆଟ | ଶ୍ରୀ ସୁବର୍ଣ୍ଣମେରୁ ମହାପ୍ରଭୁ ବି.କେ.ସୋନପୁର, ମାର୍ଫତ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ସୋନପୁର |
| | ୭୩୩ | ୦.୪୭୦ | ୦.୪୭୦ | ଆଟ | |
| | ୭୩୬ | ୦.୧୬୦ | ୦.୦୫୦ | ଆଟ | |
| | ୭୪୧ | ୦.୪୯୦ | ୦.୩୫୦ | ଆଟ | |
| ୮ | ୭୨୦ | ୦.୨୦୦ | ୦.୦୫୦ | ଆଟ | ଅମରସିଂହ କୁମ୍ଭାର, ଜୟସିଂହ କୁମ୍ଭାର, ରାଜୁ କୁମ୍ଭାର, ପି-ଯଦୁମଣୀ କୁମ୍ଭାର ଜା-ଗଣ୍ଡା ବା-ନିଜଗାଁ |
| | ୭୩୪ | ୦.୦୭୦ | ୦.୦୭୦ | ଆଟ | |
| | ୭୩୫ | ୨.୦୨୦ | ୧.୩୬୦ | ଆଟ | |
| | ୭୭୦ | ୧.୫୮୦ | ୦.୦୨୦ | ବାହାଲ ଅଣଜଳସେଚିତ | |
| ୭୧ | ୭୫୬ | ୦.୧୭୦ | ୦.୧୭୦ | ଆଟ | ପାଣ୍ଡବ କୁମ୍ଭାର, ବା-ନିଜଗାଁ, ଟିକେଟୁକେଲ କୁମ୍ଭାର, ବା-ଘାଟକଇତରା, ପି-ଦନାର ଗଣ୍ଡା, ଜା-ଗଣ୍ଡା |
| ୭୩ | ୬୯୩/୮୬୪ | ୦.୬୨୦ | ୦.୧୭୦ | ଆଟ | ବଂଶୀଧର ଶତପଥୀ, ପି- ଅଭିମନ୍ୟୁ ଶତପଥୀ, ଜା-ବ୍ରାହ୍ମଣ, ବା-ଠେଲକୋମୁଣ୍ଡା |
| | ୭୧୬/୮୭୬ | ୦.୪୮୦ | ୦.୦୫୦ | ଆଟ | |
| ୧୦୬ | ୭୫୪ | ୦.୯୨୦ | ୦.୯୨୦ | ବେର୍ଣ୍ଣା ଅଣଜଳସେଚିତ | ସଉମିତ୍ରୀ ଗଣ୍ଡା, ପି-ଦେବସନ ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| | ୭୫୫ | ୦.୫୨୦ | ୦.୫୨୦ | ମାଳ ଅଣଜଳସେଚିତ | |
| | ୭୫୯ | ୧.୧୨୦ | ୦.୫୦୦ | ଆଟ | |
| ୧୧୬ | ୭୫୩ | ୦.୦୬୦ | ୦.୦୬୦ | ଆଟ | ଶ୍ୟାମ ଗଣ୍ଡା, ପି-ଗିରିଧାରୀ ଗଣ୍ଡା, ଚାପଧାରୀ ଗଣ୍ଡା, ଲାଲବିହାରୀ ଗଣ୍ଡା, ବ୍ରଜ ଗଣ୍ଡା, ଉମେଶ୍ୱର ଗଣ୍ଡା, ରାମେଶ୍ୱର ଗଣ୍ଡା, ପି-ନୁରା ଗଣ୍ଡା, ଶୁକଦେବ ଗଣ୍ଡା, ମେଘନାଦ ଗଣ୍ଡା, ଜଗନ୍ନାଥ ଗଣ୍ଡା, ପ୍ରେମନାଥ ଗଣ୍ଡା, ବୈଦ୍ୟନାଥ ଗଣ୍ଡା, ପି-ଦଶରଥ ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| | ୭୫୭ | ୦.୨୫୦ | ୦.୨୫୦ | ଆଟ | |
| | ୭୫୮ | ୦.୨୦୦ | ୦.୨୦୦ | ମାଳ ଅଣଜଳସେଚିତ | |
| | ୭୬୦ | ୦.୩୩୦ | ୦.୩୩୦ | ଆଟ | |
| | ୭୬୩ | ୦.୪୨୦ | ୦.୧୮୦ | ମାଳ ଅଣଜଳସେଚିତ | |
| | ୭୬୪ | ୦.୪୨୦ | ୦.୧୨୦ | ବାହାଲ ଅଣଜଳସେଚିତ | |
| | ୭୬୬ | ୦.୧୭୦ | ୦.୦୨୦ | ଆଟ | |
| ୧୧୭ | ୪୧୨ | ୧.୯୦୦ | ୦.୪୦୦ | ବେର୍ଣ୍ଣାଅଣଜଳସେଚିତ | ଶ୍ୟାମ ଗଣ୍ଡା, ପି-ଗିରିଧାରୀ ଗଣ୍ଡା, ଚାପଧାରୀ ଗଣ୍ଡା, ଲାଲବିହାରୀ ଗଣ୍ଡା, ବ୍ରଜ ଗଣ୍ଡା, ଉମେଶ୍ୱର ଗଣ୍ଡା, ରାମେଶ୍ୱର ଗଣ୍ଡା, ପି-ନୁରା ଗଣ୍ଡା, ଜା-ଗଣ୍ଡା, ବା-ନିଜଗାଁ |
| ୧୨୫ | ୭୪୯ | ୦.୨୪୦ | ୦.୦୨୦ | ମାଳ ଅଣଜଳସେଚିତ | ହିମାଂଶୁ ହାତୀ, ନବୀନ ହାତୀ, ଅଶୋକ ହାତୀ, ସରୋଜ ହାତୀ, ସଞ୍ଜୁ ହାତୀ, ପି-ଚନ୍ଦ୍ରଶେଖର ହାତୀ, ତିଳତମା ହାତୀ, ସ୍ୱା-ଚନ୍ଦ୍ରଶେଖର ହାତୀ, ଗୋବିନ୍ଦ ହାତୀ, ରାଧାକାନ୍ତ ହାତୀ, ସୀତା ଷାଣ୍ଢ, ପି-ମକରଧ୍ୱଜ ହାତୀ, ଜା-ଗଉଡ, ବା-ନିଜଗାଁ |
| | ୭୫୧ | ୧.୪୮୦ | ୦.୫୦୦ | ବାହାଲ ଅଣଜଳସେଚିତ | |
| ୧୨୭ | ୭୪୩ | ୦.୨୧୦ | ୦.୦୨୦ | ଆଟ | ହିମାଂଶୁ ହାତୀ, ନବୀନ ହାତୀ, ଅଶୋକ ହାତୀ, ସରୋଜ ହାତୀ, ସଞ୍ଜୁ ହାତୀ, ପି-ଚନ୍ଦ୍ରଶେଖର ହାତୀ, ତିଳତମା ହାତୀ, ସ୍ୱା-ଚନ୍ଦ୍ରଶେଖର ହାତୀ, ଗୋବିନ୍ଦ ହାତୀ, ରାଧାକାନ୍ତ ହାତୀ, ସୀତା ଷାଣ୍ଢ, ପି-ମକରଧ୍ୱଜ ହାତୀ, ରୁକୁଣୀ ହାତୀ, ସ୍ୱା-ମକରଧ୍ୱଜ ହାତୀ, କୁଶଧ୍ୱଜ ହାତୀ, ପି-ସପ୍ତେଶ୍ୱର ହାତୀ, ଗଣେଶ୍ୱର ହାତୀ, ତିରଞ୍ଜୀ ହାତୀ, ପି-ଦଶରଥ ହାତୀ, ସୁରୁ ହାତୀ, ପି-ଲୋକନାଥ ହାତୀ, ଜା-ଗଉଡ, ବା-ନିଜଗାଁ |
| | ୭୪୪ | ୦.୧୩୦ | ୦.୦୨୦ | ଆଟ | |
| | ୭୪୫ | ୧.୮୬୦ | ୧.୦୬୦ | ଆଟ | |
| | ୭୫୨ | ୦.୮୦୦ | ୦.୮୦୦ | ବେର୍ଣ୍ଣାଅଣଜଳସେଚିତ | |
| ୧୨୭/୧ | ୭୩୨ | ୧.୬୫୦ | ୦.୦୫୦ | ବାହାଲ ଅଣଜଳସେଚିତ | କଂସାରୀ କୁମ୍ଭାର, ସୁନାରୀ କୁମ୍ଭାର, ପି-ତୀର୍ଥ କୁମ୍ଭାର, ସୁରେଶ କୁମ୍ଭାର, ନରେନ୍ଦ୍ର କୁମ୍ଭାର, ପି-ହଜାରୁ କୁମ୍ଭାର, ଜା-ଗଣ୍ଡା, ବା-ନିଜଗାଁ (ଦଇତପୁର) |
| ୧୨୭/ | ୭୧୭ | ୧.୦୧୦ | ୦.୭୦୦ | ଆଟ | ଏଭାରେଷ୍ଟପ୍ଲାଏ ଏଣ୍ଡ ଭେରେର୍ସ ପ୍ରା.ଲି. କଲକତା ନଂ.୮ ଖେତ୍ରୁ ପ୍ଲେସ ୪ର୍ଥ ଫ୍ଲୋର କଲକତା ଡାଇରେକଟର, ଅମନଗର୍ଗ, ପି-ରାମପ୍ରସାଦ ଗର୍ଗ, ଜା-ବଣିଆ |
| ୧୨ | ୭୧୫/୮୭୫ | ୦.୫୦୦ | ୦.୧୫୦ | ଆଟ | |
| ମୋଟ | | | ୧୦.୪୩୦ | | |



“ସାଇନା ନେହ୍ୱାଲ ଜଣେ ଦୃଢ଼ମନା ଖେଳାଳି। କୌଣସି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ସାମର୍ଥ୍ୟ ତାଙ୍କ ନିକଟରେ ରହିଛି ।

– ରାଚାନୋକ୍ ଇନ୍ଥାନନ୍, ଥାଇଲାଣ୍ଡ ବ୍ୟାଡ୍‌ମିଣ୍ଟନ ଖେଳାଳି



“ଚଳିତ ଆଇପିଏଲ୍‌ରେ ବ୍ୟାଟିଂକୁ ସୁହାଉଥିବା ଚିନ୍ନାସ୍ୱାମୀ ଭଳି ଛୋଟ ଗ୍ରାଉଣ୍ଡରେ ପ୍ରତ୍ୟେକ ବୋଲର ଚାପରେ ରହିବା ସ୍ୱାଭାବିକ ।

– ଏବି ଡି’ଭିଲର୍ସ, ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର

## ସଂକ୍ଷେପରେ

### ‘ସୁପର କପ୍‌ରେ ଭାଗ ନ ନେଉ ଇଷ୍ଟ ବେଙ୍ଗଲ’

କୋଲକାତା,୨୮।୩(ପିଟି)- ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ସୁପର କପ୍‌ର ମୁଖ୍ୟ ପର୍ଯ୍ୟାୟରେ ଇଷ୍ଟ ବେଙ୍ଗଲ ଅଂଶଗ୍ରହଣ କରିବ ନାହିଁ ବୋଲି କ୍ଲବର ବୋର୍ଡ ସଦସ୍ୟମାନେ ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ଆଇ ଲିଗ୍ କ୍ଲବମାନଙ୍କ ଗୋଷ୍ଠୀରୁ ଓହରିଯିବା ଉଚିତ ହେବ ନାହିଁ। ଏଣୁ ଇଷ୍ଟ ବେଙ୍ଗଲ ଏଆଇଏଫ୍‌ଏଫ୍‌କୁ ବିରୋଧ କରୁଥିବା ଆଇ ଲିଗ୍ କ୍ଲବମାନଙ୍କ ସହ ରହିବ। ତେବେ ଏ ସମ୍ପର୍କରେ କ୍ଲବର କାର୍ଯ୍ୟକାରୀ କମିଟି ଅଧିକ ଆଲୋଚନା କରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ସୁପର କପ୍ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ରବିବାର ଇଷ୍ଟ ବେଙ୍ଗଲ ଓ ଦିଲ୍ଲୀ ଡାଇନାମୋସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଟୁରିନ ଫେରିଲେ ରୋନାଲ୍ଡୋ

ମିଲାନ,୨୮।୩(ଏଏଫପି)- କ୍ରିଷ୍ଟିଆନୋ ରୋନାଲ୍ଡୋ ଆହତ ସମସ୍ୟାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ଲାଗି ଗୁରୁବାର ଟୁରିନରେ ପହଞ୍ଚିଛନ୍ତି। ଏଥିଯୋଗୁ ଆଜାକ୍ସ ବିପକ୍ଷ ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍‌ରେ ସେ ନ ଖେଳି ପାରନ୍ତି। ଏକ ଅନ୍ତର୍ଜାତୀୟ ଅଭ୍ୟାସ ମ୍ୟାଚ୍‌ବେଳେ ପର୍ତ୍ତୁଗାଲ ଷ୍ଟାରଙ୍କ ଜଙ୍ଘରେ ଆଘାତ ଲାଗିଥିଲା। ମ୍ୟାଚ୍‌ର ପ୍ରଥମ ଅଧ ଘଣ୍ଟାର ଖେଳ ଶେଷ ହେବା ପରେ ୩୪ ବର୍ଷୀୟ ଷ୍ଟ୍ରାଇକର ପଡ଼ିଆ ଛାଡ଼ି ଦେଇଥିଲେ। ପ୍ରାଥମିକ ଯାଞ୍ଚରୁ ରୋନାଲ୍ଡୋଙ୍କ ଆହତ ସମସ୍ୟା ଗୁରୁତ୍ୱର ନ ଥିବା ଜଣାପଡ଼ିଛି।

ଏସିଆନ ଏୟାରଗନ ଚାମ୍ପିୟନଶିପ

### ଭାରତୀୟ ଶୁଟରଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

ନୂଆଦିଲ୍ଲୀ,୨୮।୩(ପିଟି)- ତାଇପେର ତାଓୟୁବାନଠାରେ ଚାଲିଥିବା ୧୨ତମ ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଭାରତୀୟ ଶୁଟରମାନେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଏଥିଯୋଗୁ ଇଭେଣ୍ଟର ପଦକ ତାଲିକାରେ ଭାରତ ସର୍ବାଧିକ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ଶୀର୍ଷରେ ରହିଛି। ରବି କୁମାର ଓ ଇଲାଭେନିଲ ଭାଲରିଭାନ ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଛନ୍ତି। ଭାରତୀୟ ଯୋଡ଼ି ଯୋଗ୍ୟତା ପର୍ଯ୍ୟାୟରେ ସର୍ବାଧିକ ୮୩୭.୧ ସ୍କୋର କରିଥିଲେ। ହେଲେ ୫ ଦଳ ବିଶିଷ୍ଟ ଫାଇନାଲରେ କୋରିଆଠାରୁ ରବି ଓ ଇଲାଭେନିଲ ପରାସ୍ତ ହୋଇଥିଲେ। କୋରିଆର ପାର୍କ ସୁନମିନ ଓ ଶିନ ମିନ୍‌କି ୪୯୯.୬ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତୀୟ ଶୁଟର ୪୯୮.୪ ସ୍କୋର କରିପାରିଥିଲେ। ଜୁନିୟର ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଦୁଇ ଭାରତୀୟ ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ଶ୍ରେୟାଶ ଅଗ୍ରୱାଲ ଓ ଯଶ ବର୍ଦ୍ଧନଙ୍କ ଯୋଡ଼ି ୦.୪ ବ୍ୟବଧାନରେ ଅନ୍ୟ ଭାରତୀୟ ଶୁଟର ମେହୁଲ ଘୋଷ ଓ କେବଲ ପ୍ରଜାପତିଙ୍କୁ ହରାଇ ଦେଇଛନ୍ତି।

### ଜୈନଙ୍କୁ ଅତିରିକ୍ତ ଦାୟିତ୍ୱ

ନୂଆଦିଲ୍ଲୀ,୨୮।୩(ପି.ଟି.): ନବନିଯୁକ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲୋକପାଳ ତଥା ଅବସରପ୍ରାପ୍ତ ଡି.କେ. ଜୈନଙ୍କୁ କ୍ରିକେଟ ପ୍ରଶାସକ କମିଟି (ସିଓଏ) ଆଉ ଏକ ଗୁରୁଦାୟିତ୍ୱ ପ୍ରଦାନ କରିଛି। ଲୋକପାଳ ହେବା ସଙ୍ଗେସଙ୍ଗେ ସେ ଅସ୍ଥାୟୀ ଏଥିକ୍ସ ଅଫିସର ବା ଅଚାର ଅଧିକାରୀ ଦାୟିତ୍ୱ ତୁଲାଇବେ। ୨୦୧୮ ଅକ୍ଟୋବର ୨୮ ତାରିଖରେ ସିଓଏ ଦାଖଲ କରିଥିବା ତା’ର ଦଶମ ଷ୍ଟାଟର୍ସ ରିପୋର୍ଟରେ ଜଣେ ଲୋକପାଳଙ୍କ ସଙ୍ଗେ ସଙ୍ଗେ ଜଣେ ଏଥିକ୍ସ ଅଫିସରଙ୍କୁ ନିଯୁକ୍ତି ଦିଆଯିବା ନେଇ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲା। କନ୍‌ଫ୍ଲିକ୍ଟ୍ ଅଫ୍ ଇଣ୍ଟରେଷ୍ଟ ବା ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ ନେଇ ଥିବା ମାମାଲକୁ ତଦାରଖ କରିବା ପାଇଁ ଏଥିକ୍ସ ଅଫିସର ନିଯୁକ୍ତିର ଆବଶ୍ୟକତା ଥିବା ନେଇ ସିଓଏ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲା। ସ୍ଥାୟୀ ଏଥିକ୍ସ ଅଫିସର ନିଯୁକ୍ତି ହେବା ପର୍ଯ୍ୟନ୍ତ ଜୈନ ଦାୟିତ୍ୱରେ ରହିବେ। ଗତ ୧୨ ତାରିଖରେ ୩ ଜଣିଆ ସଦସ୍ୟ ବିଶିଷ୍ଟ ସିଓଏ ଜୈନଙ୍କୁ ଏହି ଅସ୍ଥାୟୀ ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ ଜଣାଇଥିଲା ଓ ଜୈନ ମଧ୍ୟ ଏଥିରେ ସମ୍ମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ଜୈନ ହାର୍ଦ୍ଦିକ ପାଣ୍ଡ୍ୟା- ଲୋକେଶ ରାହୁଲଙ୍କ ମହିଳାଙ୍କୁ ଅସମ୍ମାନ ନେଇ ମାମଲାର ତଦନ୍ତ ଦାୟିତ୍ୱ ହାତକୁ ନେଇଥିଲେ। ଏହି ଦୁଇ କ୍ରିକେଟରଙ୍କୁ ଅସ୍ଥାୟୀ ଭାବେ ବାସନ୍ଦ କରାଯାଇଥିଲା।

## ସୁପର କପ୍ ଫୁଟବଲ ମୁଖ୍ୟ ପର୍ଯ୍ୟାୟ ଆଜିଠାରୁ

# ଚେନ୍ନାଇନ୍ ବନାମ ମୁମ୍ବାଇ ସିଟି

ଭୁବନେଶ୍ୱର, ୨୮।୩(କ୍ରୀଡ଼ା ପ୍ରତିନିଧି)

ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସଂସ୍କରଣର ମୁଖ୍ୟ ପର୍ଯ୍ୟାୟ ଶୁକ୍ରବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ପରସ୍ପରର ସମ୍ମୁଖୀନ ହେବାକୁ ଯାଉଛନ୍ତି ଚେନ୍ନାଇନ୍ ଏଫସି ଓ ମୁମ୍ବାଇ ସିଟି। ନକ୍‌ଆଉଟ ଭିତ୍ତିରେ ଖେଳାଯାଉଥିବାରୁ ପ୍ରତିଯୋଗିତାର ପ୍ରତିଟି ମ୍ୟାଚ ଗୁରୁତ୍ୱ ବଢ଼ିଛି। ୨୦୧୮ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ସିଟିର ଅଭିଯାନ ପ୍ରି-କ୍ୱାର୍ଟର ଫାଇନାଲରୁ ହିଁ ଶେଷ ହୋଇଯାଇଥିଲା। ଦଳ ସେତେବେଳେ ୧-୨ ଗୋଲରେ ଇଷ୍ଟବେଙ୍ଗଲ ନିକଟରୁ ପରାଜିତ ହୋଇଥିଲା। ମାତ୍ର ଦଳ ଏଥର ଆଇ-ଲିଗ୍ ଚାମ୍ପିୟନ ହେବାସହ ଚମତ୍କାର ଫର୍ମରେ ଥିବାରୁ ଚେନ୍ନାଇନ୍‌କୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ। ଚେନ୍ନାଇନ୍ ଏଫସି ମଧ୍ୟ ପ୍ରି-କ୍ୱାର୍ଟରରେ ପେନାଲ୍ଟି ଶୁଟ୍ ଆଉଟ୍ ୩-୫ ଗୋଲରେ ହାରି ବିଦାୟ ନେଇଥିଲା। ତେଣୁ ଏଥର ଦୁଇଦଳ ପାଇଁ ଆଗକୁ ବଢ଼ିବା ସୁଯୋଗ ରହିଛି।
ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସହିତ ମନୋମାଳିନ୍ୟ ଯୋଗୁ ଚଳିତ ସଂସ୍କରଣର ଯୋଗ୍ୟତା ପର୍ଯ୍ୟାୟରେ ଆଇ-ଲିଗ୍‌ର ୩ ଦଳ ମିନର୍ଭା ପଞ୍ଜାବ, ଗୋକୁଲମ୍ କେରଳ ଓ ଆଇଜଲ ଏଫସି ଖେଳି ନ ଥିଲେ। ଫଳରେ ପୁଣେ ସିଟି, ଦିଲ୍ଲୀ ଡାଇନାମସ ଓ ଚେନ୍ନାଇନ୍ ୱାକଓଭର ପାଇ ମୁଖ୍ୟ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଛନ୍ତି।



ଜନ ଗ୍ରେଗୋରି



ଜର୍ଜ କୋଷ୍ଟା

### ଆମେ ପ୍ରସ୍ତୁତ: ଗ୍ରେଗୋରି

‘‘ଚଳିତ ବର୍ଷ ଆମର ଆଇଏସ୍‌ଏଲ୍ ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା। ତେଣୁ ସୁପର କପ୍‌ରେ ଆମେ ଦକ୍ଷତାର ସହ ପ୍ରଦର୍ଶନ କରି ତାହାକୁ ଭୁଲି ଯିବାକୁ ଚାହୁଁଛୁ’’ ବୋଲି କହିଛନ୍ତି ଚେନ୍ନାଇନ୍ ଏଫସି କୋଚ୍ ଜନ୍ ଗ୍ରେଗୋରି। ଗତବର୍ଷ ଆମେ ଆଇଏସଏଲ ଚାମ୍ପିୟନଭାବେ ସୁପର କପ୍ ଖେଳିବାକୁ ଆସିଥିଲୁ। ମାତ୍ର ସତ କହିବାକୁ ଗଲେ ଚଳିତ ସିଜନକୁ ଆମେ ମନଭରି ଉପଭୋଗ କରିପାରିନାହୁଁ। ଆମ ପାଇଁ ଏହା ଅତ୍ୟନ୍ତ କଷ୍ଟସାଧ୍ୟ ସିଜନ ଥିଲା। ପ୍ରଦର୍ଶନ ମାଧ୍ୟମରେ ଆମେ ଏହାକୁ ଭୁଲିଯିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଚଳିତ ଆଇଏସ୍‌ଏଲ୍ ସିଜନରେ ଚେନ୍ନାଇନ୍ ୨ ଥରଯାକ ମୁମ୍ବାଇ ସିଟି ନିକଟରୁ ପରାଜିତ ହୋଇଥିଲା। ମାତ୍ର ଏହି ଇଂଲିଶ୍ କୋଚ୍ ଆଗାମୀ ମ୍ୟାଚରେ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ମୁମ୍ବାଇ ସିଟି ପାଇଁ ଚଳିତ ସିଜନ ବହୁତ ଭଲ ରହିଛି। ତେଣୁ ଏହି ଦଳ ନିଶ୍ଚିତ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ। ତେବେ ଆମେ ଶୁକ୍ରବାର ମ୍ୟାଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଗ୍ରେଗୋରି କହିଛନ୍ତି। ଏଏଫସି (ଏସିଆନ ଫୁଟବଲ କନ୍‌ଫେଡେରେଶନ) କପ୍ ଯୋଗ୍ୟତା ପର୍ଯ୍ୟାୟରେ କଲମ୍ବୋ ଏଫସିକୁ ହରାଇବାପରେ ଖେଳାଳିଙ୍କ ମନୋବଳ ଦୃଢ଼ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

**ସୁପର କପ୍ ଫୁଟବଲ**
**ଶୁକ୍ରବାର ମ୍ୟାଚ**
**ଚେନ୍ନାଇନ୍ ଏଫସି ବନାମ ମୁମ୍ବାଇ ସିଟି**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ,**
**ସମୟ: ରାତି ୮ଟା ୩୦**

### ମ୍ୟାଚ ସହଜ ହେବନି: କୋଷ୍ଟା

‘‘ଆମେ ସୁପର କପ୍ ପ୍ରତିଯୋଗିତାକୁ ସମ୍ମାନ ଜଣାଉଛୁ। ଆଇଏସଏଲ ସିଜନରେ ଆମ ଦଳର ପ୍ରଦର୍ଶନ ଚମତ୍କାର ରହିଥିଲା। ତେଣୁ ଆମେ ସୁପର କପ୍‌କୁ ମଧ୍ୟ ଭଲରେ ଶେଷ କରିବୁ ବୋଲି ଆଶା ରଖିଛୁ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗକୁ ବଢ଼ିବା ଆମର ମୁଖ୍ୟ ଲକ୍ଷ୍ୟ’’ ବୋଲି କୋଚ୍ ଜର୍ଜ କୋଷ୍ଟା ପ୍ରକାଶ କରିଛନ୍ତି। ମୁମ୍ବାଇ ସିଟି ଚଳିତ ସିଜନରେ ଆଇଏସ୍‌ଏଲ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲା। ଏପରି ଖେଳାଳିଙ୍କୁ ଟ୍ରେନିଂ ଦେଇ ମୁଁ ଗର୍ବିତ। ଆଇଏସଏଲ ସିଜନରେ ଆମେ ଚେନ୍ନାଇନ୍ ବିପକ୍ଷରେ ୨ଟି ଯାକ ମ୍ୟାଚ ଜିତିଥିଲୁ। ତେଣୁ ଏଠାରେ ମଧ୍ୟ ତାହା ବଜାୟ ରହିବା ଆଶା ରଖିଛୁ ବୋଲି ସେ କହିଛନ୍ତି। ଚେନ୍ନାଇନ୍ ଏକ ଭଲ ଦଳ। ଦଳରେ ବହୁ କ୍ୱାଲିଟି ଭାରତୀୟ ଓ ବିଦେଶୀ ଖେଳାଳି ରହିଛନ୍ତି। ତେଣୁ ଆସନ୍ତା ମ୍ୟାଚ ଆମପାଇଁ ସହଜ ହେବନାହିଁ ନିଶ୍ଚିତ। ଅତୀତରେ କ’ଣ ହୋଇଥିଲା ତାହା ଭିନ୍ନ କଥା। ନୂଆ ମ୍ୟାଚ ହୋଇଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡ଼ିବ। ମୁମ୍ବାଇ ସିଟି ଦଳରେ କେତେକ ଖେଳାଳି ପରିବର୍ତ୍ତନ କରାଯାଇଛି। ସେମାନେ ଆମକୁ ମ୍ୟାଚ ବିଜେତା କରିବା ଆଶା ରହିଛି। ଭୁବନେଶ୍ୱରର ଉଷ୍ମ ପରିବେଶ ମୁମ୍ବାଇ ଦଳ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ। ଆମେ ମୁମ୍ବାଇରେ ମଧ୍ୟ ୪୦ ଡିଗ୍ରୀ ସେଲସିଅସ୍‌ରେ ଖେଳିବା ଅଭିଜ୍ଞତା ରଖିଛୁ। ତେଣୁ ଆମେ ଏ ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କୋଷ୍ଟା ପ୍ରକାଶ କରିଛନ୍ତି। ମୁମ୍ବାଇ ଦଳରେ ଏକମାତ୍ର ବିଦେଶୀ ଖେଳାଳି ଲୁସିଆନ ଗୋଆଇନ୍ ସାମିଲ ଅଛନ୍ତି। ଆଗାମୀ ସିଜନକୁ ଆଖି ଆଗରେ ରଖି ଆମେ ଖେଳାଳିରେ ପରିବର୍ତ୍ତନ କରିଛୁ ବୋଲି କୋଷ୍ଟା କହିଛନ୍ତି।

## ହାଲେପ୍ ନମ୍ବର ୱାନ ନିକଟତର



ମାୟାମି, ୨୮।୩

ରୋମାନିଆ ଟେନିସ ଖେଳାଳି ସିମୋନା ହାଲେପ୍ ଏଠାରେ ଚାଲିଥିବା ମାୟାମି ଓପନ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ୨୭ ବର୍ଷୀୟା ସିମୋନା ୬-୪, ୭-୫ ସିଧାସଳଖ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱିଆଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସେ ବିଶ୍ୱ ମହିଳା ସିଙ୍ଗଲ୍ସ ମାନ୍ୟତାର ନିକଟତର ହୋଇଛନ୍ତି। ସେମିଫାଇନାଲରେ ଯଦି ହାଲେପ୍ ବିଜୟୀ ହୁଅନ୍ତି ତେବେ ଜାପାନର ନାଓମି ଓସାକାଙ୍କୁ ହଟାଇ ଶୀର୍ଷ ସ୍ଥାନରେ ଥିବା ହାସଲ କରିବା ନିଶ୍ଚିତ ହୋଇଛି। ସେମିଫାଇନାଲରେ ହାଲେପ୍ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବା ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ କାରୋଲିନା ୬-୩, ୬-୪ ସେଟ୍‌ରେ ମାର୍କେଟା ଭୋଣ୍ଡରସୋଭାଙ୍କୁ ପରାସ୍ତ କରିଥିଲେ।

## ସାଥୀ ଖେଳାଳିଙ୍କୁ ଡିନର ଦେଲେ ୟୁସୁଫ୍

ହାଇଦ୍ରାବାଦ, ୨୮।୩

ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିସ୍ଫୋରକ ଭାରତୀୟ ବ୍ୟାଟ୍ସମ୍ୟାନ ୟୁସୁଫ୍ ପଠାନ ବୁଧବାର ନିଜର ୬ଷ୍ଠ ବିବାହ ବାର୍ଷିକୋତ୍ସବ ପାଳନ କରିଛନ୍ତି। ଏହି ଅବସରରେ ୟୁସୁଫ୍ ସନରାଇଜର୍ସ ଟିମ୍ ଓ ଷ୍ଟାଫ୍‌ମାନଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ସ୍ତ୍ରୀ ଆରଫିନ ଖାଁଙ୍କ ସହ ମିଶି ଡିନର ପାର୍ଟିର ଏକ ଫଟୋ ୟୁସୁଫ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେହିଭଳି ହାଇଦ୍ରାବାଦ ଟିମ୍ ପକ୍ଷରୁ ମଧ୍ୟ ସୋସିଆଲ ମିଡିଆରେ ଫଟୋ ଶେୟାର କରାଯାଇ ୟୁସୁଫ୍‌ଙ୍କୁ ଶୁଭେଚ୍ଛା ଜଣାଯାଇଛି। ଆଫଗାନିସ୍ତାନ ଅଲ୍‌ରାଉଣ୍ଡର ରଶିଦ ଖାଁ ଏହି ଡିନର ପାର୍ଟି ପାଇଁ ୟୁସୁଫ୍‌ଙ୍କୁ ଧନ୍ୟବାଦ ଜଣାଇବା ସହ ଇର୍ଫାନ ପଠାନଙ୍କୁ ମିସ୍ କରିଥିବା ଟୁଇଟରରେ ଉଲ୍ଲେଖ କରିଛନ୍ତି। ଚଳିତ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ହାଇଦ୍ରାବାଦ ବର୍ତ୍ତମାନ ସୁଦ୍ଧା ଗୋଟିଏ ମ୍ୟାଚ୍ ଖେଳି କୋଲକାତା ନାଇଟ ରାଇଡର୍ସଠାରୁ ପରାଜୟବରଣ କରିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶୁକ୍ରବାର ରାଜସ୍ଥାନ ରୟାଲ୍ସକୁ ଭେଟିବ।



ୟୁସୁଫ ପଠାନଙ୍କ ଡିନର ପାର୍ଟି।

## କ୍ୱାର୍ଟରରେ ଫେଡରର

ମାୟାମି, ୨୮।୩ (ଏଏଫ୍‌ପି)

ସୁଇଜରଲାଣ୍ଡ ଟେନିସ ଷ୍ଟାର୍ ରୋଜର ଫେଡରର ଏଠାରେ ଚାଲିଥିବା ମାୟାମି ଓପନ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬’ର ଏକ ମୁକାବିଲାରେ ୩୭ ବର୍ଷୀୟ ଫେଡରର ୬-୪, ୬-୨ ସିଧାସଳଖ ସେଟ୍‌ରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ପରାସ୍ତ କରିଛନ୍ତି। ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ଫେଡରର କ୍ୱାର୍ଟର ଫାଇନାଲରେ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନଙ୍କୁ ଭେଟିବେ। ୨୦୧୮ ୱିମ୍ବଲଡନ ପ୍ରତିଯୋଗିତାରେ ଆଣ୍ଡରସନ ୫ ସେଟ୍ ମ୍ୟାଚ୍‌ରେ ଫେଡରରଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ତେଣୁ ଫେଡରର ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ୨୦ ବର୍ଷ ଧରି ଖେଳି ଆସୁଥିବା ଫେଡରର ଏଥିସହ ୪ର୍ଥ ଟାଇଟଲ ଜିତିବାର ନିକଟତର ହୋଇଛନ୍ତି।

## ସହକାରୀ କୋଚ୍‌ରେ ନିଯୁକ୍ତି ପାଇବେ ଶିବେନ୍ଦ୍ର

ନୂଆଦିଲ୍ଲୀ, ୨୮।୩ (ପି.ଟି.)

ଭାରତର ପୂର୍ବତନ ସେଣ୍ଟର ଫରୱାର୍ଡ ଶିବେନ୍ଦ୍ର ସିଂ ଜାତୀୟ ପୁରୁଷ ହକି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇବେ। ଆସନ୍ତା ମାସରେ ସେ ତାଙ୍କ କାର୍ଯ୍ୟରେ ଯୋଗଦାନ କରିବେ। ଅଷ୍ଟ୍ରେଲିଆର ଗ୍ରାହମ ରିଡ୍‌ଙ୍କ ନେତୃତ୍ୱରେ ଗଠନ ହେବାକୁ ଥିବା କୋଚିଂ ଷ୍ଟାଫ୍‌ର ସେ ପ୍ରମୁଖ ସଦସ୍ୟ ରହିବେ। ରିଡ୍‌ଙ୍କ ନିଯୁକ୍ତି କେବଳ ନାମକୁ ମାତ୍ର ଘୋଷଣା ହେବାକୁ ବାକି ରହିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ହକି ଇଣ୍ଡିଆ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ରିଡ୍‌ଙ୍କ ନାମ କ୍ରୀଡ଼ା ମନ୍ତ୍ରଣାଳୟକୁ ସୁପାରିସ କରିଛି। ଶିବେନ୍ଦ୍ରଙ୍କ ବ୍ୟତୀତ ନୂଆ ସେଟ୍‌ଅପ୍‌ରେ ବର୍ତ୍ତମାନ ଆନାଲିଟିକାଲ କୋଚ୍ ଭାବେ କାର୍ଯ୍ୟ କରୁଥିବା ପୂର୍ବତନ ଅଷ୍ଟ୍ରେଲୀୟ ଡ୍ରାଗ୍ ଫ୍ଲିକର କ୍ରିସ୍ ସିରିଲୋ ଅନ୍ୟ ଜଣେ ସହକାରୀ କୋଚ୍ ଭାବେ ସ୍ଥାନ ପାଇବେ। ଶିବେନ୍ଦ୍ର ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଜିତିଥିବା ଭାରତୀୟ ହକି ଦଳର ଜଣେ ଅନ୍ୟତମ ସଦସ୍ୟ ଥିଲେ। ଗୁଆଙ୍ଗଝୋ ଏସିଆନ ଗେମ୍ସ ୨୦୧୦ ବ୍ରୋଞ୍ଜ ବିଜୟୀ ଦଳର ମଧ୍ୟ ସେ ଜଣେ ସଦସ୍ୟ ଥିଲେ। ସେ ଆହୁରି ମଧ୍ୟ ୨୦୦୭ରେ ଏସିଆ କପ୍ ଏବଂ ୨୦୧୦ରେ ସୁଲ୍‌ତାନ ଆଜଲାନ ଶାହ କପ୍ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। କୋଚିଂ ସେଟ୍‌ଅପ୍‌ରେ ସାରଇ କୋଚ୍ ପୀୟୁଷ କୁମାର ଦୁବେ ସ୍ଥାନ ପାଇବେ। ଦୁବେ ବର୍ତ୍ତମାନ ମାଲେସିଆରେ ଆଜଲାନ ଶାହ କପ୍ ହକି ଖେଳୁଥିବା ଭାରତୀୟ ହକି ଦଳ ସହିତ ଅଛନ୍ତି। ସେ ବିଶେଷକରି ଗୋଲକିପରମାନଙ୍କ ଦାୟିତ୍ୱରେ ରହିବେ। ରିଡ୍ ତାଙ୍କ କାର୍ଯ୍ୟକାଳ ସମୟରେ ସପରିବାର ବାଙ୍ଗାଲୋରରେ ଅବସ୍ଥାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ମୁଖ୍ୟ କୋଚ୍‌ଙ୍କ କାର୍ଯ୍ୟକାଳ ୨୦୨୦ ପର୍ଯ୍ୟନ୍ତ ରହିବେ। ଏହି ମିଆଦ ୨୦୨୨ ବିଶ୍ୱକପ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ, ଅବଶ୍ୟ ଏହା ତାଙ୍କ ପ୍ରଦର୍ଶନ ଉପରେ ନିର୍ଭର କରେ।

## ଜଗା ୟୁନାଇଟେଡ୍-ଆରବିଆଇ ଫାଇନାଲ

**ବିଳାସ ରାଉତରାୟ ସ୍ମାରକୀ ଫୁଟ୍‌ବଲ**

ଭୁବନେଶ୍ୱର,୨୮।୩(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଜଗା ୟୁନାଇଟେଡ୍ ସ୍ପୋର୍ଟିଂ ୪-୧ ଗୋଲରେ ଭୁବନେଶ୍ୱର ଏକାଦଶକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ଅନ୍ତର୍ଯ୍ୟାମୀ ମଲ୍ଲିକ ଓ ଅନୁରାଗ ଦାସ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ଏକାଦଶ ତରଫରୁ କାହ୍ନୁ ମାଝି ସ୍କୋର କରିଥିଲେ। ମ୍ୟାଚ୍‌ରେ ସୁଦୀପ ଦାସ, ରାଜୁ ବାରିକ ଏବଂ ସରୋଜ ମହାରଣା ରେଫରି ଦାୟିତ୍ୱରେ ଥିଲେ। କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ନୀଳାଦ୍ରି ସ୍ୱାଇଁ, ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜନରେ ଲିଟୁ ଜେନା, ଚୁଲୁ ଜେନା, ବିଜୟ ସେଠୀ, ତୁଷାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲରେ ଜଗା ୟୁନାଇଟେଡ ସ୍ପୋର୍ଟିଂ ଓ ଆରବିଆଇ ଭୁବନେଶ୍ୱର ପରସ୍ପରକୁ ଭେଟିବେ।

## ବିଦର୍ଭକୁ ହରାଇଲା ଓଡ଼ିଶା

**ଟେନିସ ବଲ୍ କ୍ରିକେଟ**

ଭୁବନେଶ୍ୱର, ୨୮।୩(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶରେ ଆରମ୍ଭ ହୋଇଥିବା ଫେଡେରେଶନ୍ କପ୍ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପୁଲ୍ ‘ବି’ର ଏହି ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ବିଦର୍ଭକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୮ ଓଭରରେ ୭ ଉଇକେଟ ହରାଇ ୪୫ ରନ କରିଥିଲା। ଓଡ଼ିଶା ପକ୍ଷରୁ ରାଜକୁମାର ୩ଟି, ସତୀଶ ୨ଟି ଏବଂ ଚନ୍ଦନ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୬.୫ ଓଭରରେ ୨ ଉଇକେଟରେ ୪୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଏସ୍.କେ. ଘୋଷ ୨୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ନିଜ ପୁଲ୍‌ର ଦ୍ୱିତୀୟ ମ୍ୟାଚରେ କିନ୍ତୁ ଓଡ଼ିଶା ପ୍ରତିପକ୍ଷ ପଣ୍ଡିଚେରୀ ନିକଟରୁ ପରାଜିତ ହୋଇଛି। ଶୁକ୍ରବାର ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚରେ ଦଳ ରାଜସ୍ଥାନକୁ ଭେଟିବ ବୋଲି ଓଡ଼ିଶା ଦଳର କୋଚ୍ ଚକ୍ରଧର ମାଝି ପ୍ରକାଶ କରିଛନ୍ତି।

# ବୃହତ୍ ବିଜୟ ଲକ୍ଷ୍ୟରେ ଭାରତ

ଇପୋ (ମାଲେସିଆ), ୨୮।୩ (ପି.ଟି.)




**ଆଜଲାନ ଶାହ କପ୍ ହକି**

ଚଳିତ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ଭାରତ ଶୁକ୍ରବାର ଏହାର ଅନ୍ତିମ ଲିଗ୍ ମ୍ୟାଚ ପୋଲାଣ୍ଡ ବିପକ୍ଷରେ ଖେଳିବ। ଦଳ ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ବିପକ୍ଷରେ ନିଜର ଆକ୍ରମଣାତ୍ମକ ଖେଳକୁ ପରଖିବା ସହ ବିପୁଳ ବିଜୟ ହାସଲ କରିବା ଲକ୍ଷ୍ୟ ରଖିଛି। ୬ଟି ଦଳକୁ ନେଇ ହେଉଥିବା ଟୁର୍ନାମେଣ୍ଟରେ ଭାରତ ୩ ବିଜୟ ଓ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ଅର୍ଜନ କରିଛି। ଦଳ ଶନିବାର ଦକ୍ଷିଣ କୋରିଆ ସହ ଟାଇଟଲ ମୁକାବିଲା କରିବ। ଦକ୍ଷିଣ କୋରିଆ ମଧ୍ୟ ସମାନ ୧୦ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଦୃଷ୍ଟିରୁ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଦୁଇ ଫାଇନାଲିଷ୍ଟ ଦଳ ପାଇଁ ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚ ଗୁରୁତ୍ୱହୀନ ଥିଲେ ମଧ୍ୟ ଉଭୟେ ସେମାନଙ୍କ ବିଜୟ ଧାରା ବଜାୟ ରଖିବାକୁ ଚାହିଁବେ। ବିଶ୍ୱ ର୍‍ୟାଙ୍କିଂରେ ପୋଲାଣ୍ଡର ସ୍ଥାନ ୨୧ଶ ରହିଥିବାରୁ ୫ ର୍‍ୟାଙ୍କିଂପ୍ରାପ୍ତ ଭାରତ ପାଇଁ ଏହି ମ୍ୟାଚ ସହଜ ଆଶା କରାଯାଉଛି। କେବଳ କୋରିଆ ବିପକ୍ଷ ମ୍ୟାଚକୁ ଛାଡ଼ିଦେଲେ ଭାରତ ଏହି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଛି। ଦଳ ଜାପାନ ବିପକ୍ଷରେ ୨-୦ ଗୋଲରେ ବିଜୟ ହାସଲ କରିଥିବା ବେଳେ ଆୟୋଜକ ମାଲେସିଆକୁ ୪-୨ରେ ଏବଂ କାନାଡାକୁ ୭-୩ରେ ପରାସ୍ତ କରିଛି। କୋରିଆ ସହିତ କିନ୍ତୁ ମ୍ୟାଚକୁ ୧-୧ରେ ଅମୀମାଂସିତ ରଖିଛି। କୋରିଆ ବିପକ୍ଷ ବଡ଼ ଫାଇନାଲ ଖେଳିବା ପୂର୍ବରୁ ଭାରତୀୟ ଦଳ ଶୁକ୍ରବାର ମ୍ୟାଚରେ ଏହାର ଆଟାକିଂ କମ୍ବିନେଶନ ଉପରେ ନଜର ରଖିବ। କାନାଡା ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ମନଦୀପ ସିଂ ଭାରତୀୟ ଆକ୍ରମଣରେ ନେତୃତ୍ୱ ନେବେ। କିନ୍ତୁ ତାଙ୍କୁ ଅନ୍ୟ ଷ୍ଟ୍ରାଇକରମାନଙ୍କ ସହଯୋଗ ଆବଶ୍ୟକ। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଭାରତ ସଫଳତା ହାସଲ କରିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ମନଦୀପଙ୍କ ବ୍ୟତୀତ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା କ୍ଷେତ୍ରରେ ବରୁଣ କୁମାରଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବୀ ରହିଛି। ମନଦୀପ କହିଛନ୍ତି, ଆମଠାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ଆମେ ପୋଲାଣ୍ଡକୁ ହାଲ୍‌କା ଭାବେ ନେଉ ନାହୁଁ। ଏଥିରେ ଆମେ ପୁରା ସାମର୍ଥ୍ୟ ଅନୁସାରେ ଖେଳିବୁ। ଅନ୍ୟପକ୍ଷରେ ପୋଲାଣ୍ଡ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ମ୍ୟାଚରେ ଜିତିପାରିନାହିଁ। ଦଳ ଭାରତ ବିପକ୍ଷରେ ସାନ୍ତ୍ୱନାମୂଳକ ପଏଣ୍ଟ ଲକ୍ଷ୍ୟରେ ରହିବା ସ୍ୱାଭାବିକ, କିନ୍ତୁ ତାହା ସହଜ ନୁହେଁ। ଟୁର୍ନାମେଣ୍ଟରେ ପୋଲାଣ୍ଡ ୧-୫ରେ ମାଲେସିଆଠାରୁ ୦-୪ରେ କାନାଡା ଏବଂ ଜାପାନଠାରୁ ୦-୩ରେ ପରାଜିତ ହୋଇଛି। କିନ୍ତୁ ଦଳ ଏକମାତ୍ର ଟିମ୍ କୋରିଆ ସହିତ ଫାଇଟ୍ କରିଛି। ଏହି ଦଳ ନିକଟରୁ ୩-୨ରେ ହାରିଯାଇଥିଲା। ଆଜଲାନ ଶାହ କପ୍‌ରେ ସବୁଠାରୁ ଅଧିକ ସଫଳତା ହାସଲ କରିଥିବା ଦଳ ହେଉଛି ଅଷ୍ଟ୍ରେଲିଆ (୧୦ ଟାଇଟଲ)। ଏହା ପଛକୁ ଭାରତ ୫ ଟାଇଟଲ ସହ ଦ୍ୱିତୀୟ ସ୍ଥାନରେ ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ Bhubaneswar, Friday, March 29/2019




# ଲାଞ୍ଚ: ଆର୍‌ଆଇ ଗିରଫ

**କଟକ ଅଫିସ,୨୮।୩**

୮ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜସ୍ୱମଣ୍ଡଳର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମାନସୀ ସାହୁ। ସେ ଗୁରୁବାର ଏହି ଲାଞ୍ଚ ରାଜଗାଙ୍ଗପୁର ଥାନା ଅଧୀନ ମାଲିଡିହି ଗ୍ରାମର ସୁଦୀପ ଟପ୍ପୋ ନାମକ ବ୍ୟକ୍ତିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ମ୍ୟୁଟେଶନ କେସ୍‌ର ରିପୋର୍ଟ ଦାଖଲ କରିବା ନିମନ୍ତେ ଆର୍‌ଆଇ ସାହୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ରେ ସାହୁ ନିଜ ଅଫିସରେ ଟପ୍ପୋଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରି ନିଜ ଭ୍ୟାନିଟ୍ ବ୍ୟାଗ୍‌ରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବା ସହିତ ଭ୍ୟାନିଟ୍ ବ୍ୟାଗ୍‌ରୁ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ପରେ ରାଉରକେଲାସ୍ଥିତ ଆର୍‌ଆଇଙ୍କ ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ.୧୦/୧୯) ରୁଜୁ କରାଯାଇ ଆର୍‌ଆଇଙ୍କୁ ଗିରଫ କରାଯାଇଛି।




# ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ଗିରଫ

**କଟକ ଅଫିସ,୨୮।୩**

**ଫୁଲବାଣୀରୁ କୋଲକାତା ଯାଉଥିଲା**

ଫୁଲବାଣୀରୁ କଲିକତାକୁ ଗଞ୍ଜେଇ ଚାଲାଣ ବେଳେ ଗୁରୁବାର ମଙ୍ଗୁଳି ଟୋଲଗେଟ୍ ନିକଟରେ ଧରାପଡ଼ିଛି। ଅବକାରୀ ଗୋଇନ୍ଦା ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ସିଙ୍ଗୁର ଥାନା ଅଞ୍ଚଳର ଖୋକନ ଭଣ୍ଡାରୀ ଓ ହାଓ୍ୱଡ଼ା ଜିଲା ଉଲୁବାଡିଆ ଥାନା ଅଞ୍ଚଳର ରୁକ୍ୟା ଖାତୁନ। ସେମାନଙ୍କ ନିକଟରୁ ୧କୁଇଣ୍ଟାଲ ୨୧କେଜି ଗଞ୍ଜେଇ ଓ ଏକ କାର୍(ଡବ୍ଲ୍ୟୁବି ୨୨ୟୁ ୨୦୭୩) ଜବତ କରିଛି।




# ୩ବର୍ଷ ପରେ ଝାରପଡ଼ା ଜେଲରେ ଚଢ଼ାଉ

**କଟକ ରୋଡ,୨୮।୩(ଡି.ଏନ୍.ଏ.)**

- ମାଦକ ଦ୍ରବ୍ୟ ସହ ସିମ୍‌କାର୍ଡ ଜବତ
- ସ୍କାନର ସାଙ୍ଗକୁ ମନିଟର ଖରାପ
- ସୁରକ୍ଷା ନେଇ ପ୍ରଶ୍ନବାଚୀ



ଭୁବନେଶ୍ୱରର ଝାରପଡ଼ା ସ୍ୱତନ୍ତ୍ର ଜେଲ ଉପରେ ଗୁରୁବାର ଅଚାନକ ଚଢ଼ାଉ କରିଥିଲା କମିଶନରେଟ ପୋଲିସ ଓ ଜିଲା ପ୍ରଶାସନ। ପୂର୍ବାହ୍ନ ୯ଟାରୁ ପ୍ରାୟ ଦେଢ ଘଣ୍ଟା ଧରି ଚାଲିଥିଲା ଏହି ଅପରେଶନ। ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା, ଡିସିପି ଅନୁପ କୁମାର ସାହୁଙ୍କ ସହ ରାଜଧାନୀର ବିଭିନ୍ନ ଥାନା ଅଧିକାରୀ ଏଥିରେ ସାମିଲ ଥିଲେ। ୩ବର୍ଷ ପରେ ପ୍ରାୟ ଦେଢ ଘଣ୍ଟା ଚଢ଼ାଉ ମଧ୍ୟରେ ଜେଲର କେତେକ ସେଲରୁ ବିଡି, ସିଗାରେଟ, ଖଇନି ସହ ଏକ ଦିଆସିଲି ଖୋଳ ମଧ୍ୟରୁ ସିମକାର୍ଡ ଓ ୫୩୦ଟଙ୍କା ଜବତ ହୋଇଥିବା ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଜେଲରେ ମାଓନେତାଙ୍କ ସହ ଚିଟଫଣ୍ଡ ଅଭିଯୁକ୍ତ ରହୁଥିବା ନେଇ ଜେଲ ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଥିବାବେଳେ ଏତେ ପରିମାଣର ମାଦକ ଦ୍ରବ୍ୟ ଓ ସିମ୍‌କାର୍ଡ ଜବତ ହେବା ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଜେଲରେ ଭୋର ସମୟରେ ଚଢ଼ାଉ ହେଉଥିବା ବେଳେ ଗୁରୁବାର ଚଢ଼ାଉ ବିଳମ୍ବ ହେବା ନେଇ ମୁଲାକାତି ପାଇଁ ଆସିଥିବା କଏଦୀଙ୍କ ଅନେକ ସମ୍ପର୍କୀୟଙ୍କୁ ନିରାଶ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିସରରୁ ମିଳିଥିବା ସିମକାର୍ଡ କୌଣସି ସେଲରୁ ମିଳିନାହିଁ। ଯଦି ସିମ୍‌କାର୍ଡ ଟ୍ରାକିଂ ମାଧ୍ୟମରେ କୌଣସି ତଥ୍ୟ ମିଳେ ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭକାନ୍ତ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଜେଲର ଏକ ସିସିଟିଭି କ୍ୟାମେରା ମନିଟର୍ ଓ ସ୍କାନର ଖରାପ ରହିଥିବା ଜଣାପଡିଛି। ଏହି ସୁଯୋଗରେ ଜେଲ ମଧ୍ୟକୁ କୌଣସି ସମୟରେ ମାରଣାସ୍ତ୍ର ମଧ୍ୟ ଯିବା ସମ୍ଭବ ହୋଇପାରେ। ସିମ୍‌କାର୍ଡ ଜବତ ପରେ ଆଗାମୀ ନିର୍ବାଚନ ସମୟରେ ଜେଲ ମଧ୍ୟରୁ ଅପରାଧ ନିୟନ୍ତ୍ରଣ ହେବା ଘଟଣାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ସୂଚନାଥାଉକି, ଗତ ୨୦୧୫ ସେପ୍ଟେମ୍ବର ୯ରେ ଜେଲରେ ଚଢ଼ାଉ ସମୟରେ ବହୁ ପରିମାଣର ମାଦକଦ୍ରବ୍ୟ ଜବତ ହୋଇଥିଲା।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକମାନେ ମହାମାନବ, ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।

- କନ୍‌ଫୁସିଅସ୍



## ସଂକ୍ଷେପରେ

### ଦେବୀରଞ୍ଜନଙ୍କୁ ନେଇ କର୍ମୀ ଉତ୍ସାହିତ

**ବାଙ୍କୀ,୨୮।୩ (ସ୍ୱ.ପ୍ର.):** ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ବିଜେଡି ସଭାପତିଙ୍କୁ ଜଣାଇଥିଲେ । ଏହାପରେ ବାଙ୍କୀ ନିର୍ବାଚନମଣ୍ଡଳୀ ପାଇଁ ଦଳ ପକ୍ଷରୁ ତାଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ଦେବୀଙ୍କ ନାମ ଘୋଷଣା ପରେ କର୍ମୀଙ୍କ ମଧରେ ଉତ୍ସାହ ଖେଳିଯାଇଛି। ଦେବୀ ଏବେ ରାଜ୍ୟ ଛାତ୍ର ବିଜେଡିରେ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ନାମ ଘୋଷଣା ପରେ କର୍ମୀମାନେ ବାଙ୍କୀ ବିଜେଡି କାର୍ଯ୍ୟାଳୟ ସହ ସହରର ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

**ନରସିଂହପୁର,୨୮।୩(ଡି.ଏନ୍.ଏ.):** ଓଡିଶା ମାଧ୍ୟମିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ କଟକ ଜିଲା ପକ୍ଷରୁ ଏକ ବୈଠକ ସ୍ଥାନୀୟ ଅନନ୍ତ ନାରାୟଣ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଜୟ କୁମାର ବାରିକ ଏଥିରେ ଅଧକ୍ଷତା କରିଥିଲେ । ସମସ୍ତ ସରକାରୀ ବିଦ୍ୟାଳୟଗୁଡିକରେ ମାଟ୍ରିକଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ସରକାରୀସ୍ତରରେ ପ୍ରାଧାନ୍ୟ ଦିଆଯାଉନାହିଁ ବୋଲି ଏହି ଅବସରରେ ସେମାନେ ଅଭିଯୋଗ କରିଥିଲେ। ଏନେଇ ଆସନ୍ତା ୩୧ରେ ଜିଲାର ସମସ୍ତ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ନେଇ ଅନନ୍ତ ଦଳାଇ ସ୍ମୃତି ବିଦ୍ୟାପୀଠ କୁଲାଇଲୋଠାରେ ଅନ୍ୟ ଏକ ବୈଠକ କରାଯିବ ବୋଲି ସଂଘର ସମ୍ପାଦକ ଶୁଭ୍ରାଂଶୁ ଶେଖର ପଣ୍ଡା କହିଛନ୍ତି ।

### କିଡ୍‌ନୀ ରୋଗରେ ଦୋକାନୀ ମୃତ

**ନରସିଂହପୁର,୨୮।୩(ଡି.ଏନ୍.ଏ.):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଗଧରିଆ ଗ୍ରାମରେ କିଡ୍‌ନୀ ରୋଗରେ ଗୁରୁବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପାନ ଦୋକାନୀ ଶୁକଦେବ ବେହେରା(୩୫)। ଦୀର୍ଘ ୪ ବର୍ଷ ଧରି ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ବାଗଧରିଆରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି ବୋଲି କମିଟି ସଭାପତି କମଳ ବେହେରା କହିଛନ୍ତି।

### ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ପରଲୋକ

**ନରସିଂହପୁର ୨୮।୩(ଡି.ଏନ୍.ଏ.):** ନରସିଂହପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ସଭାପତି ଶିଶିର ମିଶ୍ର (୬୦)ଙ୍କ ଗୁରୁବାର ପରଲୋକ ଘଟିଛି। ସେ କିଛି ଦିନ ଧରି କିଡ୍‌ନୀ ଓ ମଧୁମେହ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ଦଳ ଜିଲା ଉପସଭାପତି ଶିଶିରକାନ୍ତ ମିଶ୍ର, ସରପଞ୍ଚ ପ୍ରକାର ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ମନୋରଞ୍ଜନ ନାୟକ, ସଞ୍ଜୟ କୁମାର ସାହୁ, ପୂର୍ବତନ ସରପଞ୍ଚ ସରୋଜ କୁମାର ସାହୁ, ମନୋଜ କୁମାର ସାହୁ ଓ ରବି ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚମ୍ପେଶ୍ୱରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ବରିଷ୍ଠ ନାଗରିକ ଫୋରମର ବୈଠକ

**ନରସିଂହପୁର,୨୮।୩(ଡି.ଏନ୍.ଏ.):** ଉତ୍କଳ ଦିବସ ପାଳନ ପାଇଁ ନରସିଂହପୁର ବ୍ଲକ ଅନ୍ତର୍ଗତ ବରିଷ୍ଠ ନାଗରିକ ଫୋରମ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଜିଗଡ ଗ୍ରାମପଞ୍ଚାୟତ ପରିସରରେ ଆୟୋଜିତ ଏହି ବୈଠକରେ ସଭାପତି ଆଇନଜୀବୀ ତ୍ରିଲୋଚନ ମହାପାତ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ସରପଞ୍ଚ ପ୍ରଭାକର ମିଶ୍ର, ସମ୍ପାଦକ ଦେବରାଜ ସ୍ୱାଇଁ, ପ୍ରକ୍ତାନ ଅଧକ୍ଷ କୁଳମଣି ବାରିକି, ଜନାର୍ଦ୍ଦନ ସେନାପତି , ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଓ ଦୁର୍ଗାମାଧବ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅଞ୍ଚଳର ସମସ୍ତ ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଦେବା ପାଇଁ ଅନୁରୋଧ କରାଯାଇଥିଲା।

■ ବିଜେଡି ଟିକେଟ୍‌କୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା

# ନୂଆ ପ୍ରାର୍ଥୀ ସପକ୍ଷରେ କର୍ମୀ

**ରଘୁନାଥପୁର,୨୮।୩(ଡି.ଏନ.ଏ.)**

■ଗୋଷ୍ଠୀ ବିବାଦକୁ ନେଇ କର୍ମୀ ଅତିଷ୍ଠ

■ସମାଧାନ ପାଇଁ ନିର୍ବିବାଦୀୟ ନେତା ଲୋଡ଼ା

ନିର୍ବାଚନ ଯେତିକି ପାଖେଇ ଆସୁଛି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି ସେତିକି ଉଷ୍ମ ହେବାରେ ଲାଗିଛି। ବିଜେଡିର ଗଡ କୁହାଯାଉଥିବା ରଘୁନାଥପୁର ବ୍ଲକରେ ବିଧାୟକ ପ୍ରାର୍ଥୀ ଟିକେଟକୁ ନେଇ ଦୁଇଗୋଷ୍ଠୀ ମଧରେ ବିବାଦ ଉଗ୍ରରୂପ ନେଲାଣି। ବୁଧବାର ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ଏହାର କିଛିକାଂଶରେ ସମାଧାନ ହୋଇଥିଲା। ମାତ୍ର ସମ୍ପୂର୍ଣ୍ଣ ରୂପେ ଏହି ବିବାଦ ସମାଧାନ ହୋଇନାହିଁ। ଅନ୍ୟପକ୍ଷରେ ଦଳରେ ଥିବା ସାଧାରଣ କର୍ମୀମାନେ ଅଳିଆ ଭିତରେ ପଶିବାକୁ ପସନ୍ଦ ନ କରି ଦୁଇ ଆଶାୟୀ ଗୋଷ୍ଠୀଙ୍କୁ ବାଦ୍ ଦେଇ ନୂଆ ପ୍ରାର୍ଥୀ ସପକ୍ଷରେ ମତ ରଖିଛନ୍ତି।

ମଙ୍ଗଳବାର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ପୂରଣ ଓଡପଡାଠାରେ ଶତାଧିକ ଦଳୀୟ କର୍ମୀ ତଥା ମହିଳା, ଯୁବ ଓ ଛାତ୍ର ଜନତାର କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ। ଏଥିରେ ସେମାନେ ଜିଲା ସଭାପତି ବିଷ୍ଣୁ ଦାସ କିମ୍ବା ତାଙ୍କ ପୁଅ ବିଜୟ ଶଙ୍କରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିବେ ବୋଲି ରଣହୁଙ୍କାର ଦେଇଥିଲେ। ବୁଧବାର ଅନୁରୂପ ଭାବେ ବିଷ୍ଣୁଙ୍କ ସମର୍ଥକ ଗୋଷ୍ଠୀ କୁହାଯାଉଥିବା ପୂର୍ବତନ ବ୍ଲକ ଚେୟାରମ୍ୟାନ ରଜତ ପାତ୍ର ନୂଆପଡ଼ାଠାରେ ରାଜଶ୍ରୀ ଗୋଷ୍ଠୀଙ୍କୁ ଚ୍ୟାଲେଞ୍ଜ ଦେବାକୁ ଏକତ୍ରିତ ହୋଇଥିଲେ। ସେମାନଙ୍କ ମୁଖ୍ୟ ଦାବି ଥିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ବିଷ୍ଣୁଙ୍କୁ ପ୍ରାର୍ଥୀ କରାଯାଉ। ଅପରାହ୍ନରେ ତିର୍ତ୍ତୋଲ, ବିରିଡି ଓ ରଘୁନାଥପୁର ବ୍ଲକରେ ବିଷ୍ଣୁଙ୍କ ସପକ୍ଷବାଦୀ ଗୋଷ୍ଠୀର କର୍ମୀମାନେ ଏକତ୍ରିତ ହେଉଥିଲେ। କିନ୍ତୁ ହଠାତ୍ ବିଧାୟିକା ଡା. ମଲ୍ଲିକଙ୍କୁ ଏମ୍‌ପି ଟିକେଟ୍ ଦିଆ ଯାଇଥିବା ପ୍ରଚାର ହେବା ପରେ ବୈଠକ ଏକ ପ୍ରକାର ଫସର ଫାଟି ଯାଇଥିଲା। ଯେଝା ବାଟରେ ଯିଏ ପଳାଇ ଯାଇଥିଲେ। ତେବେ ଦଳରେ ଏପରି ଗୋଷ୍ଠୀ ବିବାଦକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସାଧାରଣ କର୍ମୀ। ଶୃଙ୍ଖଳିତ ଦଳରେ ବିଶୃଙ୍ଖଳିତ ଆଚରଣ କରୁଥିବା ଦୁଇ ଗୋଷ୍ଠୀଙ୍କୁ ରୋକ୍ ଦେବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଚୟନ କରନ୍ତୁ ବୋଲି ସ୍ୱର ଉଠିଲାଣି। ୨୦୧୪ରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଜନୀତି ସହ ଜଡିତ ନ ଥିବା ଡା. ମଲ୍ଲିକ ବିଜେଡି ଟିକେଟ ପାଇ ନିର୍ବାଚିତ ହୋଇଥିଲେ। ଚଳିତଥର ମଧ୍ୟ ବିଜେଡି ସଭାପତି ପଟ୍ଟନାୟକ ସେହି ପନ୍ଥା ଅନୁସରଣ କରି ଗୋଷ୍ଠୀ ବିବାଦରୁ ଦୂରରେ ଥିବା ନୂତନ ପ୍ରାର୍ଥୀଙ୍କୁ ଟିକେଟ୍ ପ୍ରଦାନ ପାଇଁ ଦଳର ଶୁଭଚିନ୍ତକଙ୍କ ପକ୍ଷରୁ ଦାବି ହେଉଛି। ଯଦ୍ୱାରା କି ବାଦବିବାଦ ଅନେକ ମାତ୍ରାରେ ଦୂର ହୋଇପାରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।



ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

## ଭାଜପାର ମିଶ୍ରଣ ପର୍ବ

**ଲଳିତଗିରି,୨୮।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ କୁସୁପୁରଠାରେ ଗୁରୁବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଭାଜପା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ଉପସ୍ଥିତିରେ ଲଳିତଗିରି ପଞ୍ଚାୟତ ହରିଭକ୍ତପୁର ଗ୍ରାମର ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବଳରାମ ପ୍ରଧାନ, ରାଜକିଶୋର ପ୍ରଧାନ, ଡମ୍ବରୁଧର ସେଠୀ ଓ ଅଜୟ ପ୍ରଧାନ ପ୍ରମୁଖ ଦଳରେ ସାମିଲ ହୋଇଥିଲେ। ସେହିପରି କୁସୁପୁର ପଞ୍ଚାୟତର ଶରତ ସେନାପତିଙ୍କ ନେତୃତ୍ୱରେ ଗଗନ ଜେନା,ସରୋଜ ଜେନା,କିରଣ ଜେନା,କୃଷ୍ଣ ଜେନା ଓ ପ୍ରମୋଦ ଜେନା ପ୍ରମୁଖ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ ।

ସେହିପରି ବୁଧବାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡାମରାଇଠାରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଷୁମା ପଞ୍ଚାୟତର ପୂର୍ବତନ ୱାର୍ଡମେମ୍ବର ବନମାଳୀ ଗୋଛାୟତ, ମିଟୁ ମଲିକ, ସତ୍ୟାନନ୍ଦ ଜେନା, ରାଜକିଶୋର ଦାସ, ଅଜୟ ଜେନା ଓ ଗୋବର୍ଦ୍ଧନ ବେହେରା ପ୍ରମୁଖ ଅନ୍ୟଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ ।




ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ ନେତା।

## ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ନରସିଂହପୁର, ୨୮।୩(ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ବିଜେଡି ଓ ଛାତ୍ର ବିଜେଡିର ମିଳିତ ସହଯୋଗରେ ଚମ୍ପେଶ୍ୱର ପଞ୍ଚାୟତ ନିକଟ ପଡିଆରେ 'ହକ୍ ମାଗୁଛି ଓଡିଶା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୯ନଂ ଜୋନର ବିଜେଡି କର୍ମୀମାନେ ବାଲିଝରୀ ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି କୁରାଞ୍ଜି, ବାସେଳିହତା, ଆତଣ୍ଡା, ହରିପୁର ରଷିପଡା, କାନପୁର, ମାନପୁର ଓ ଚମ୍ପାତୋଠ ସାହି ଆଦି ପରିକ୍ରମା କରି ଚମ୍ପେଶ୍ୱର ବଜାର ସଭାସ୍ଥଳରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ବ୍ଲକ ଉପଧକ୍ଷା ସୁନିତା ସ୍ୱାଇଁ , ବ୍ଲକ ବିଜେଡି ସଭାପତି କୃପାସିନ୍ଧୁ ଦାଶ, ଜିଲାପରିଷଦ ସଭ୍ୟ ନିର୍ମଳ ଜେନା ଓ ପୂର୍ବତନ ଉପାଧକ୍ଷ ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଟାଟା ଏସିଇ ଧକ୍କାରେ ସାଇକେଲ ଚାଳକ ଗୁରୁତର

**ନରସିଂହପୁର ୨୮।୩(ଡି.ଏନ୍.ଏ.)**

କାନପୁର ଥାନା ଅଧୀନ କରିଲୋଛକଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ନରସିଂହପୁର ବ୍ଲକ ସାଗର ପଞ୍ଚାୟତ ଅନ୍ତର୍ଗତ ରଙ୍ଗଡାବ ଗ୍ରାମର ଅଭୟ ନାୟକ (୩୫) ଗୁରୁତର ହୋଇଛନ୍ତି। ସେ ସାଇକେଲରେ ଗ୍ରାମରୁ ଚମ୍ପେଶ୍ୱର ଆସୁଥିବା ବେଳେ କରିଲୋଛକଠାରେ ବଡମ୍ବା ଆଡୁ ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଆସୁଥିବା ଏକ ଟାଟା ଏସିଇ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବରପାଇ କାନପୁର ଥାନା ଅଧିକାରୀ ସସ୍ମିତା ରଣା ଘଟଣାସ୍ଥଳରେ ପହଞ୍ଚି ଧକ୍କା ଦେଇଥିବା ଗାଡିକୁ ଜବତ କରିଛନ୍ତି।

## ଯୁବପିଢ଼ି ନୃତ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବା ଆବଶ୍ୟକ

**ବାଙ୍କୀ,୨୮।୩(ସ୍ୱ.ପ୍ର.)**

ବାଙ୍କୀ ମେଡିକାଲ ରୋଡ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। ବାଙ୍କୀ ଅମ୍ଳାନ କୃତିମଣ୍ଡପ ଓ ଗୁରୁ ଗୋପୀ କୃଷ୍ଣ ବେହେରା ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ସଂସଦର ସଭାପତି ସତ୍ୟବ୍ରତ ବେହେରା ଅଧକ୍ଷତା କରିଥିଲେ। ଏହି ଅବସରରେ ଅମ୍ଳାନ କୃତିମଣ୍ଡପର ସଭାପତି ଦୀପକ କୁମାର ସାମନ୍ତରାୟ କହିଥିଲେ, ପ୍ରତି ଗାଁରେ ଯୁବପିଢ଼ି ଓ ଗ୍ରାମବାସୀ ନୃତ୍ୟ ପ୍ରତି ଆଗ୍ରହ ପ୍ରକାଶ କରିବା ଆବଶ୍ୟକ। ଏହାଦ୍ୱାରା ଗାଁର ସଂସ୍କୃତି ଓ ନାଟକକୁ ସୁରକ୍ଷା ଦିଆଯାଇପାରିବ। ସାମାଜିକ କର୍ମୀ ଗୌତମ ମିଶ୍ର ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ କହିଥିଲେ ଆମେ ସମସ୍ତେ ବିଲୁପ୍ତ ନୃତ୍ୟ ଓ କଳାକାରଙ୍କୁ ପ୍ରୋତ୍ସାହନ କରିଲେ ନୃତ୍ୟ,ନାଟ୍ୟର ପୁନରୁଦ୍ଧାର ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବରିଷ୍ଠ ସାମାଜିକ କର୍ମୀ ଉଲ୍ଲାସ ଚନ୍ଦ୍ର ବେହେରା, ବୈକୁଣ୍ଠ ବିହାରୀ ପଣ୍ଡା ଓ ପ୍ରକାଶ ଚନ୍ଦ୍ର ସେଠୀ ପ୍ରଭୃତି ଯୋଗଦେଇଥିଲେ। ପରିଶେଷରେ ଅମିତ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ଯୋଗଦେଇଥିବା ଅତିଥିମାନେ।

## ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଫର୍ମ ବିକ୍ରୟ ଆରମ୍ଭ

**ଆଠଗଡ, ୨୮।୩(ସ୍ୱ.ପ୍ର.)**

ଏପ୍ରିଲ ୨୩ରେ ହେବାକୁ ଥିବା ୩ୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଫର୍ମ ବିକ୍ରୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ମାର୍ଚ୍ଚ ୪ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅମିୟ କୁମାର ସାହୁଙ୍କ କାର୍ଯ୍ୟାଳୟରୁ ପ୍ରଥମ ଦିନରେ ଆଠଗଡ–ତିଗିରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଫର୍ମ କ୍ରୟ କରିଛନ୍ତି। ସେହିପରି ବଡ଼ମ୍ବା– ନରସିଂହପୁର ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ଜେନା ଓ ପ୍ରକାଶ କୁମାର ବେହେରା ଫର୍ମ କ୍ରୟ କରିଛନ୍ତି। ଏଥିପାଇଁ ପ୍ରାର୍ଥୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୦,୦୦୦ ଟଙ୍କାର ଅମାନତ ରାଶି ପୈଠ କରିଛନ୍ତି। ସୂଚନାଯୋଗ୍ୟ, ଆଠଗଡ–ତିଗିରିଆ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ରଣେନ୍ଦ୍ର ଓ କଂଗ୍ରେସରୁ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନାମ ଘୋଷଣା କରାଯାଇଛି। ଏପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀପାଇଁ ଭାଜପା ପକ୍ଷରୁ କୌଣସି ନାମ ଚୂଡାନ୍ତ ହୋଇପାରିନାହିଁ। ସେହିପରି ବଡ଼ମ୍ବା– ନରସିଂହପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ଭାଜପା ପକ୍ଷରୁ ବିଜୟ କୁମାର ଦଳ ବେହେରାଙ୍କ ନାମ ଘୋଷଣା କରାଯାଇଛି। ତେବେ କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ।

### ରଣେନ୍ଦ୍ର ପ୍ରାର୍ଥୀ ହେବା ପରେ କର୍ମୀ ଖୁସ୍

**ଆଠଗଡ,୨୮।୩(ସ୍ୱ.ପ୍ର.)**

ଆଠଗଡ–ତିଗିରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଛି। ଏହାପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସ୍ୱାଇଁଙ୍କ ନାମ ଘୋଷଣା ପରେ ଦଳୀୟ କାର୍ଯ୍ୟାଳୟ ସମେତ ଆଠଗଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ୱାଗତ କରାଯାଇଛି।

## ଚରିତ୍ର ଗଠନ କରେ ରାମଚରିତ ମାନସ

**ନିଶ୍ଚିନ୍ତକୋଇଲି,୨୮।୩(ସ୍ୱ.ପ୍ର.)**



ନିଶ୍ଚିନ୍ତକୋଇଲିର ମାରୁତି ମଣ୍ଡପଠାରେ ରାମଚରିତ ମାନସ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୯ ଦିନ ବ୍ୟାପି ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ମଣ୍ଡପର ସିଦ୍ଧ ହନୁମାନ ଜୀଉଙ୍କ ବିଜେସ୍ଥଳୀଠାରେ ଆୟୋଜନ କରାଯାଉଛି। ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ଏକତ୍ରିଂଶ ସାମ୍ବତ୍ସରିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନୁଷ୍ଠାନର ସଭାପତି ବଂଶୀଧର ପଣ୍ଡାଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରସନ୍ନ କୁମାର ପରିଜା ସହଯୋଗ କରିଥିଲେ। ବ୍ୟାସ ଗୋବିନ୍ଦ ଚନ୍ଦ୍ର ଦାଶ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ ପଠନ କରାଯାଇଥିଲା। ସନ୍ଧ୍ୟାରେ ପଣ୍ଡିତ ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ବେଦଧ୍ୱନି ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହାପାତ୍ର ରାମଚରିତ ମାନସର ନାମ ମାହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ।ଏହା ଚରିତ୍ର ଗଠନ ପାଇଁ ପ୍ରେରଣା ଦିଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପରିଚାଳନା କରିଥିଲେ।

### ପ୍ରଶାନ୍ତଙ୍କୁ କର୍ମୀଙ୍କ ସ୍ୱାଗତ

**ସାଲେପୁର,୨୮।୩ (ଡି.ଏନ୍.ଏ)**

ସାଲେପୁର ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା କରାଯାଇଛି। ଏହାପରେ ବେହେରାଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ଜଣାଇଛନ୍ତି। ସେ ସମର୍ଥକଙ୍କ ସହ ସାଲେପୁର ବଜାରର କଲେଜ ରୋଡକୁ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଠକେଇ ଅଭିଯୋଗରେ ଯୁବକ ଗିରଫ

**କଟକ ସଦର, ୨୮।୩ (ଡି.ଏନ୍.ଏ.)**

୪୨ ମୌଜା ଫାଣ୍ଡି ଅଧୀନ ଦଧିବାମନପୁର ଗ୍ରାମର ସତ୍ୟଭାମା ଦଳେଇଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଠକି ନେବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଓଲଟପୁର ଥାନା ଅଧୀନ ଦେଉଳି ଗ୍ରାମର ରମେଶ ସିଂହ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୪୭/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜଣଙ୍କ ଘରର ରିଷ୍ଟ ଖଣ୍ଡନ ପାଇଁ ପୂଜାପାଠ କରିବା ଲାଗି ୬ ମାସ ତଳେ ସତ୍ୟଭାମାଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ମାତ୍ର ପୂଜାପାଠ ନ କରିବାରୁ ସତ୍ୟଭାମା ପୋଲିସ ନିକଟରେ ଅଭିଯୋଗ କରିଥିଲେ।ବୁଧବାର ରାତିରେ ପୋଲିସ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ୭.୨ ଲିଟର ମଦ ଜବତ :ଜଣେ ଗିରଫ

**ନରସିଂହପୁର ୨୮।୩(ଡି.ଏନ୍.ଏ.)**

**ଚଢ଼ାଉ ସମୟରେ ଧରାପଡିଲେ ୨ ଫେରାର ଅଭିଯୁକ୍ତ**

ନରସିଂହପୁର ଥାନା ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭.୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ସୁବଳୟା ଗ୍ରାମର ପ୍ରକାଶ ରାଉତଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ–୪୧/୧୯) ରୁଜୁ ହୋଇଛି। ଚଢ଼ାଉ ସମୟରେ ଫେରାର ଥିବା ୨ ଜଣ ଅଭିଯୁକ୍ତ ଧରାପଡିଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଭାବଗ୍ରାହୀ ନାୟକ ଓ ଯୁଯୁମୁ ଇନ୍ଦ୍ରା କୋଲନୀରେ ବିଭୂତି ନାୟକ। ଉଭୟଙ୍କ ନାମରେ ନରସିଂହପୁର ଥାନାରେ ପୂର୍ବରୁ (୧୭/୧୫ ଓ ୭୮/୧୮)୨ଟି ପୃଥକ୍ ପୃଥକ୍ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

■ ରକ୍ଷଣାବେକ୍ଷଣ ଅଭାବ

# ଜରାଜୀର୍ଣ୍ଣ ଅବସ୍ଥାରେ ବିଟ୍ ହାଉସ

**ଟାଙ୍ଗୀ(କଟକ),୨୮।୩(ଡି.ଏନ୍.ଏ.)**



■ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି

■ପରିବେଶ ଜଙ୍ଗଲମୟ ହୋଇଛି

■ପ୍ରଶାସନିକ ସ୍ତରରେ ତଦନ୍ତ ହେବା ଦରକାର

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ତଥା ଟାଙ୍ଗୀ–ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ବନ ବିଭାଗ କାର୍ଯ୍ୟାଳୟ(ବିଟ୍ ହାଉସ୍) ଅବସ୍ଥିତ। ଏହି ବିଟ୍‌ରେ ୪ଟି ବାସଗୃହ ସହିତ ଗୋଟିଏ କାର୍ଯ୍ୟାଳୟ ଗୃହ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଘରଗୁଡ଼ିକ ଜରାଜୀର୍ଣ୍ଣ ହେବା ସହ ପରିବେଶ ଜଙ୍ଗଲମୟ ହୋଇଛି। ଘରଗୁଡିକ ବ୍ୟବହାର ନ ହେବା ଦ୍ୱାରା ଭିତରେ ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଛି। ସବୁ ଦେଖି କର୍ତ୍ତୃପକ୍ଷ ନୀରବ ରହିବା ଘଟଣା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ସାମାଜିକ ବନୀକରଣ ଯୋଜନାରେ ଏହି ବିଟ୍ ହାଉସ୍ ନିର୍ମାଣ କରାଯାଇଥିଲା। ସ୍ୱତନ୍ତ୍ର କାର୍ଯ୍ୟାଳୟ ସହ ନିର୍ମିତ ୪ଟି ବାସଗୃହରେ କ୍ଷେତ୍ର କର୍ମଚାରୀ ପରିବାର ସହ ରହୁଥିଲେ। ବନୀକରଣ ଯୋଜନାରେ ଚାରା ସହିତ ବିଭିନ୍ନ ପରାମର୍ଶ ଏଠାରୁ ମିଳୁଥିଲା। କିନ୍ତୁ ଏବେ ବଦଳିଯାଇଛି। ସଫା ଗ୍ରାମରେ ନୂତନ ବିଟ୍ ହାଉସ ନିର୍ମାଣ ପରେ ଏହି ବିଟ୍ ହାଉସ ସମ୍ପୂର୍ଣ୍ଣ ଅଲୋଡା ହୋଇ ପଡିଛି। ପୁରୁଣା ଆଜବେଷ୍ଟସ୍ ଘରଗୁଡ଼ିକ ଜରାଜୀର୍ଣ୍ଣ ହେବାସହ ପରିବେଶ ଜଙ୍ଗଲମୟ ହୋଇଛି । ଅନେକ ସମୟରେ ବନପାଳ, ରେଞ୍ଜର ଓ ଡିଏଫଓଙ୍କ ସହିତ ଅନ୍ୟ ବିଭାଗୀୟ ଉଚ୍ଚାଧିକାରୀ ଏଠାକୁ ଆସୁଥିଲେ ମଧ୍ୟ ପରିସ୍ଥିତିକୁ ଦେଖି ନ ଦେଖିବା ପରି ଫେରୁଛନ୍ତି। ଏ ସମ୍ପର୍କରେ ରେଞ୍ଜର ମନୋରଞ୍ଜନ ସ୍ୱାଇଁ କୁହନ୍ତି, ମୁଁ ବର୍ଷେ ହେବ ଏଠାକୁ ଆସିଛି। ମରାମତି ପାଇଁ ପୂର୍ବ ଅଧିକାରୀମାନେ କି ପଦକ୍ଷେପ ନେଇଛନ୍ତି ଜାଣିନାହିଁ। ଅନ୍ୟପକ୍ଷରେ ଡିଏଫ୍‌ଓଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଗ୍ରାମବାସୀ ବିଶ୍ୱନାଥ ସ୍ୱାଇଁ କୁହନ୍ତି, ଥିବା ଘରକୁ ସଜାଡିବା ପରିବର୍ତ୍ତେ ନୂଆ କଲେ ଅଧିକାରୀମାନଙ୍କ କିଛି ସ୍ୱାର୍ଥ ରହୁଥିବ। ସରକାରୀ ଟଙ୍କାକୁ ପାଣିରେ ପକାଉଛନ୍ତି। ପ୍ରଶାସନିକ ସ୍ତରରେ ଏହାର ତଦନ୍ତ କରାଯିବା ଦରକାର ବୋଲି କହିଛନ୍ତି।



ଯେଉଁ ଲୋକମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।

- କନ୍‌ଫୁସିଅସ୍



## ସଂକ୍ଷେପରେ

### ଠକେଇ ଅଭିଯୋଗରେ ଯୁବକ ଗିରଫ

**କଟକ ସଦର, ୨୮।୩ (ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଧୀନ ଦଧିବାମନପୁର ଗ୍ରାମର ସତ୍ୟଭାମା ଦଳେଇଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଠକି ନେବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଓଲଟପୁର ଥାନା ଅଧୀନ ଦେଉଳି ଗ୍ରାମର ରମେଶ ସିଂହ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୪୭/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜଣଙ୍କ ଘରର ରିଷ୍ଟ ଖଣ୍ଡନ ପାଇଁ ପୂଜାପାଠ କରିବା ଲାଗି ୬ ମାସ ତଳେ ସତ୍ୟଭାମାଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ମାତ୍ର ପୂଜାପାଠ ନ କରିବାରୁ ସତ୍ୟଭାମା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ରାତିରେ ପୋଲିସ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ୨ଶହରୁ ଉର୍ଦ୍ଧ୍ୱ ଶାଳ ବହ୍ଲା ଜବତ

**ଖୁଣ୍ଟୁଣୀ,୨୮।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଖଣ୍ଡୁଆଳି ଆଦିବାସୀ ସାହି ପଛପଟ ପଡ଼ିଆରୁ ଗୁରୁବାର ଅପରାହ୍ନରେ ୨ଶହରୁ ଉର୍ଦ୍ଧ୍ୱ ଶାଳ ବହ୍ଲା ଜବତ ହୋଇଛି। ଜବତ ଶାଳ ବହ୍ଲାର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡୁଆଳି ବନ ସୁରକ୍ଷା ସମିତି ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଦିନ ଦ୍ୱିପହରରେ ଏହି ଶାଳ କାଠ କଟାଯାଉଥିଲା। ଏହାକୁ ୨ଟି ଟ୍ରାକ୍ଟରରେ ନେବାକୁ ଲୋଡ କରୁଥିବା ଖବରପାଇ ବନାଞ୍ଚଳ ଅଧିକାରୀ ବେହେରା, ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଏକ ଟିମ ଖଣ୍ଡୁଆଳି ଆଦିବାସୀ ସାହି ପଛପଟ ପଡିଆରେ ପହଞ୍ଚି ଜବତ କରିଥିଲେ। ଏତେ ପରିମାଣର କାଠ ଜଙ୍ଗଲ ବିଭାଗ ଓ ଜଙ୍ଗଲ ଜଗୁଥିବା ବନ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ନ ଜଣାଇ କିଏ କାଟିଲା ଓ ଏହା କେଉଁଠାକୁ ଯିବାକୁ ଥିଲା, ତା'ର ଖୋଳତାଡ ଜଙ୍ଗଲ ବିଭାଗ କରୁଥିବା ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି।

### ଜଳବାହିତ ରୋଗ ଓ ସ୍ୱଚ୍ଛତା ସମ୍ବନ୍ଧୀୟ କର୍ମଶାଳା

**କଟକ ଅଫିସ,୨୮।୩:** ଖାନ୍‌ନଗର ସ୍ଥିତ ମଞ୍ଜୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଥୋରିଆସାହି ସ୍ଥିତ ମୋହନ ମଣ୍ଡପରେ ଆଶା ଏବଂ ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ପରିଷ୍କାର ପରିଚ୍ଛନ୍ନତା ଅଭାବରୁ କିପରି ଭାବେ ଜଳବାହିତ ଓ ଜୀବାଣୁବାହିତ ରୋଗ ହୋଇଥାଏ ସେ ଦିଗରେ ଆଲୋଚନା କରାଯାଇଥିଲା। ଡ. ଆର୍.କେ. ମହାପାତ୍ର, ଜନ୍ମେଜୟ ବିଶ୍ୱାଳ ଓ ଜ୍ୟୋତିପ୍ରକାଶ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମଳ କିଶୋର ଦାସ, ଡ. ଏସ୍.ଆର୍. ରଥ, ଉତ୍କଳ ସେବକ ସମାଜର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଉପସ୍ଥିତ ରହି ସହରର ସ୍ୱଚ୍ଛତା ଓ ପରିଷ୍କାର ପାଇଁ ରାଜ୍ୟ ଜଳ ଯୋଗାଣ ଓ ପରିମଳ ପରିଷଦ ପକ୍ଷରୁ ସହରରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରୁଥିବା ସ୍ୱେରେଜ୍ ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମୋଦ କୁମାର ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲୋପାମୁଦ୍ରା ସିଂ, ସୋନମ୍ ଦାସ, ଈପ୍‌ସିତା ପ୍ରିୟଦର୍ଶିନୀ, ରତିକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଳୟ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

■ ରକ୍ଷଣାବେକ୍ଷଣ ଅଭାବ

# ଜରାଜୀର୍ଣ୍ଣ ଅବସ୍ଥାରେ ବିଟ୍ ହାଉସ

**ଟାଙ୍ଗୀ(କଟକ),୨୮।୩(ଡି.ଏନ୍.ଏ.)**



- ■ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ■ପରିବେଶ ଜଙ୍ଗଲମୟ ହୋଇଛି
- ■ପ୍ରଶାସନିକ ସ୍ତରରେ ତଦନ୍ତ ହେବା ଦରକାର

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ବନ ବିଭାଗ କାର୍ଯ୍ୟାଳୟ(ବିଟ୍ ହାଉସ୍) ଅବସ୍ଥିତ। ଏହି ବିଟ୍‌ରେ ୪ଟି ବାସଗୃହ ସହିତ ଗୋଟିଏ କାର୍ଯ୍ୟାଳୟ ଗୃହ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଘରଗୁଡ଼ିକ ଜରାଜୀର୍ଣ୍ଣ ହେବା ସହ ପରିବେଶ ଜଙ୍ଗଲମୟ ହୋଇଛି। ଘରଗୁଡିକ ବ୍ୟବହାର ନ ହେବା ଦ୍ୱାରା ଭିତରେ ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଛି। ସବୁ ଦେଖି କର୍ତ୍ତୃପକ୍ଷ ନୀରବ ରହିବା ଘଟଣା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ ସାମାଜିକ ବନୀକରଣ ଯୋଜନାରେ ଏହି ବିଟ୍ ହାଉସ୍ ନିର୍ମାଣ କରାଯାଇଥିଲା। ସ୍ୱତନ୍ତ୍ର କାର୍ଯ୍ୟାଳୟ ସହ ନିର୍ମିତ ୪ଟି ବାସଗୃହରେ କ୍ଷେତ୍ର କର୍ମଚାରୀ ପରିବାର ସହ ରହୁଥିଲେ। ବନୀକରଣ ଯୋଜନାରେ ଚାରା ସହିତ ବିଭିନ୍ନ ପରାମର୍ଶ ଏଠାରୁ ମିଳୁଥିଲା। କିନ୍ତୁ ଏବେ ବଦଳିଯାଇଛି। ସଫା ଗ୍ରାମରେ ନୂତନ ବିଟ୍ ହାଉସ ନିର୍ମାଣ ପରେ ଏହି ବିଟ୍ ହାଉସ ସମ୍ପୂର୍ଣ୍ଣ ଅଲୋଡା ହୋଇ ପଡିଛି। ପୁରୁଣା ଆଜବେଷ୍ଟସ୍ ଘରଗୁଡ଼ିକ ଜରାଜୀର୍ଣ୍ଣ ହେବାସହ ପରିବେଶ ଜଙ୍ଗଲମୟ ହୋଇଛି। ଅନେକ ସମୟରେ ବନପାଳ, ରେଞ୍ଜର ଓ ଡିଏଫଓଙ୍କ ସହିତ ଅନ୍ୟ ବିଭାଗୀୟ ଉଚ୍ଚାଧିକାରୀ ଏଠାକୁ ଆସୁଥିଲେ ମଧ ପରିସ୍ଥିତିକୁ ଦେଖି ନ ଦେଖିବା ପରି ଫେରୁଛନ୍ତି। ଏ ସମ୍ପର୍କରେ ରେଞ୍ଜର ମନୋରଞ୍ଜନ ସ୍ୱାଇଁ କୁହନ୍ତି, ମୁଁ ବର୍ଷେ ହେବ ଏଠାକୁ ଆସିଛି। ମରାମତି ପାଇଁ ପୂର୍ବ ଅଧିକାରୀମାନେ କି ପଦକ୍ଷେପ ନେଇଛନ୍ତି ଜାଣିନାହିଁ। ଅନ୍ୟପକ୍ଷରେ ଡିଏଫ୍‌ଓଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା। ଗ୍ରାମବାସୀ ବିଶ୍ୱନାଥ ସ୍ୱାଇଁ କୁହନ୍ତି, ଥିବା ଘରକୁ ସଜାଡିବା ପରିବର୍ତ୍ତେ ନୂଆ କଲେ ଅଧିକାରୀମାନଙ୍କ କିଛି ସ୍ୱାର୍ଥ ରହୁଥିବ। ସରକାରୀ ଟଙ୍କାକୁ ପାଣିରେ ପକାଉଛନ୍ତି। ପ୍ରଶାସନିକ ସ୍ତରରେ ଏହାର ତଦନ୍ତ କରାଯିବା ଦରକାର ବୋଲି କହିଛନ୍ତି।



ନିର୍ବାଚନ ପାଇଁ ଗୁରୁବାର କଟକ ଡଗରପଡା ଅଞ୍ଚଳରେ ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ ନିଜ ସପକ୍ଷରେ ପ୍ରଚାର କରୁଛନ୍ତି।

## କଂଗ୍ରେସର ପଦଯାତ୍ରା

**କଟକ ଅଫିସ, ୨୮।୩**

କଟକ ମହାନଗର ନିଗମ ଅଧୀନ ୧୩ ନମ୍ବର ୱାର୍ଡରେ ଗୁରୁବାର କଂଗ୍ରେସ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଙ୍ଗାମନ୍ଦିର, ଦର୍ଜିସାହି, ଆଲମଚାନ୍ଦ ବଜାର, ବୁଢୀଠାକୁରାଣୀ, ଚାନ୍ଦିନୀଚୌକ, କଚେରିରୋଡ, ନିମଚଉଡି, ବାଲୁବଜାର ଆଦି ଅଞ୍ଚଳରେ ଅନୁଷ୍ଠିତ ପଦଯାତ୍ରାରେ ଦଳର ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦଯାତ୍ରା ଗଙ୍ଗାମନ୍ଦିରରୁ ବାହାରି ୱାର୍ଡ ଅଞ୍ଚଳ ପରିକ୍ରମା କରିବା ପରେ ସ୍ଥାନୀୟ ମଠସାହି କାଳିଗଳି ପଡିଆଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଯୁବନେତା ବିକି ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟୀ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ସହିତ ସ୍ଥାନୀୟ ଲୋକଙ୍କ ମୌଳିକ ସମସ୍ୟା ଓ ତା'ର ନିରାକରଣ ଦିଗରେ ପଦକ୍ଷେପ ନିମନ୍ତେ ଆଲୋଚନା ହୋଇଥିଲା।

## କ୍ୟାମ୍ପସରେ ସଫଳ ଛାତ୍ରୀଛାତ୍ରଙ୍କୁ ଡ୍ରିମ୍‌ସର ସମ୍ବର୍ଦ୍ଧନା




**କଟକ ୨୮-୩**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ଅନୁଷ୍ଠିତ କ୍ୟାମ୍ପସ ଚୟନରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ବି.ଟେକ୍ ୨୦୧୯ ବ୍ୟାଚ ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଏକାଡେମିକ୍ ଭବନରେ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ ଆମ୍ବାସାଡର' ଭାବରେ ଅବିହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ । ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସହକାରୀ ନିର୍ଦ୍ଦେଶକ ରମାକାନ୍ତ କାସ୍ତା, କ୍ୟାରିୟର ଡେଭଲପମେଣ୍ଟ ସେଲ୍ (ସିଡିସି)ର ସହକାରୀ ନିର୍ଦ୍ଦେଶକ ପ୍ରାଧ୍ୟାପକ ଜିତେନ୍ଦୁ ଶତପଥୀ, ରବିନାରାୟଣ ରାଉତ, ଅକ୍ଷୟ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଫୁଲନଖରା, ୨୮।୩ (ଡି.ଏନ୍.ଏ.)**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୮ନଂ. ୱାର୍ଡ ପ୍ରତାପନଗରୀ ଗ୍ରାମରେ ଗୁରୁବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର କୌଶିକ ଜେନାଙ୍କ ନେତୃତ୍ୱରେ ୱାର୍ଡ ସଭାପତି ସୁଶାନ୍ତ କୁମାର ମହାନ୍ତି, ବିକ୍ରମ ଶତପଥୀ, ଅରୁଣ ରାଉତ, ମହେଶ୍ୱର ଭଞ୍ଜ, କବିତା ଦାସ, ପୁଷ୍ପଲତା ସ୍ୱାଇଁ, ଜୟନ୍ତୀ ବେହେରା ଓ ଡଲି ନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଶୋଭାଯାତ୍ରାରେ ପ୍ରତାପ ନଗରୀ ଗ୍ରାମକୁ ଯାଇଥିଲେ। ସେମାନେ ଘର ଘର ବୁଲି ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

## ପ୍ରଥମ ଦିନ : କେହି ନାମାଙ୍କନପତ୍ର ଦାଖଲ କଲେନି

**କଟକ ଅଫିସ, ୨୮।୩**

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଗୁରୁବାର ଥିଲା ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ। କିନ୍ତୁ ପ୍ରଥମ ଦିନରେ ଜିଲାରେ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ଜିଲାର କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ, ବଡମ୍ବା, ଆଠଗଡ, ବାଙ୍କୀ, ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ବୋଲି ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।

## ସମ୍ବାଦପତ୍ର ବିକ୍ରେତା ସଂଘର ତୀର୍ଥସ୍ଥାନ ପରିଭ୍ରମଣ



**କଟକ ଅଫିସ,୨୮।୩**

ସମ୍ବାଦପତ୍ର ବିକ୍ରେତା ସଂଘର ୪୦ଜଣ ସଭ୍ୟ ତୀର୍ଥସ୍ଥାନ ପରିଭ୍ରମଣ କରି ଫେରିଛନ୍ତି। ସେମାନେ ଆସାମର କାମାକ୍ଷ୍ୟା ମନ୍ଦିର, ବାଲାଜୀ ମନ୍ଦିର, ଶିବାନନ୍ଦ ମନ୍ଦିର, ଆସାମ ମ୍ୟୁଜିୟମ, କାଜିରଙ୍ଗା ଜାତୀୟ ପ୍ରାଣୀ ଉଦ୍ୟାନ, ଚା ଉଦ୍ୟାନ, ମେଘାଳୟର ଶ୍ରୀଲନ, କଲିକତାର ବେଲୁର ମଠ, ଦକ୍ଷିଣେଶ୍ୱର କାଳୀ, କାଳିଘାଟର କାଳୀ ମନ୍ଦିର ଆଦି ବୁଲିଥିଲେ। ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ସିନୁ ରେଙ୍ଗୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସଂଘର ସମସ୍ତ ସଭ୍ୟଙ୍କୁ ପରିଭ୍ରମଣ କରାଇବାର ଦାୟିତ୍ୱ ନେଇଥିଲେ।

### ଲଉଡି ଉତ୍ସବ ଉଦ୍‌ଯାପିତ

**ଫୁଲନଖରା, ୨୮।୩ (ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଗୋପାଳପୁରଠାରେ ୨ ଦିନ ଧରି ଆୟୋଜିତ ଲଉଡି ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋପାଳପୁର ଓ ବାଗଧରାପୁର ଗ୍ରାମର ଯାଦବ ପିଲାମାନେ ଲଉଡି ଖେଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପ୍ରଦୀପ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଶୀର୍ବାଦ ବେହେରା ଓ ସମ୍ମାନିତ ଅତିଥି ଭାବେ ସୁବାସ ବେହେରା ଯୋଗଦେଇଥିଲେ।

## କ୍ଷେତ୍ରବାସୀ ଇଂରାଜି ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ

**କଟକ ସଦର, ୨୮।୩ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଦୀଘିସ୍ଥିତ କ୍ଷେତ୍ରବାସୀ ଇଂରାଜି ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରହରାଜପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶ୍ରୀକାନ୍ତ ଚନ୍ଦ୍ର ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଚୈତନ୍ୟ ରାଉତ ଯୋଗଦେଇଥିଲେ। ସ୍କୁଲ ଅଧକ୍ଷ ବିଷ୍ଣୁଚରଣ ଗିରି ବିବରଣୀ ପାଠ ଓ ପରିଚାଳନା କମିଟି ସଭାପତି ପଣ୍ଡିତ ରାମଚନ୍ଦ୍ର ପ୍ରଧାନ ଦେବବର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ହକ୍ ମାଗୁଛି ଓଡ଼ିଶା ଅଭିଯାନ

**କଟକ ସଦର, ୨୮।୩ (ଡି.ଏନ୍.ଏ.)**

କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ୪୨ ମୌଜା କଳପଡାରେ ବିଜୁ ଯୁବ ଛାତ୍ର ଜନତା ଦଳ ଓ ବିଜୁ ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ହକ୍ ମାଗୁଛି ଓଡ଼ିଶା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରବର ଲେଙ୍କା, ସମର ବେହେରା, ତ୍ରିଲୋଚନ ଦଳାଇ, ପ୍ରମୋଦ ମହାପାତ୍ର, ରଶ୍ମିତା ଭୋଳ, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଯୁବନେତା ମନୋରଞ୍ଜନ ମହାପାତ୍ର କହିଥିଲେ, ଆମ ରାଜ୍ୟରୁ ରେଲୱେ, ଖଣି, ରୟାଲ୍‌ଟି ଆଦାୟ ଅର୍ଥର ୫୦ ପ୍ରତିଶତ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ ସବୁସ୍ତରରେ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ଚିନ୍ମୟ ଭୋଳ, ସୁବାସିନୀ ସେଠୀ, ଶରତ ରାୟ, ଇନ୍ଦୁଭୂଷଣ ବେହେରା, ରବୀନ୍ଦ୍ର ମହାନ୍ତି ପ୍ରମୁଖ ଆଗାମୀ ନିର୍ବାଚନରେ ବିଜେଡିକୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଚନ୍ଦ୍ରମଣି ଦେବତା ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନର ବୈପ୍ଳବିକ ପରିବର୍ତ୍ତନ ସମୟ ଆସିଛି

**କଟକ ଅଫିସ,୨୮।୩**

ମଣିଷର ଜିନ୍‌କୁ ପରୀକ୍ଷା କରାଯାଇ ରୋଗର ଚିକିତ୍ସା କିପରି ଫଳପ୍ରଦ ହୋଇପାରିବ ସେ ଦିଗରେ ବିଜ୍ଞାନ ଏବେ ଅଗ୍ରସର ହେଉଛି। ସମୟ ଆସିବ ବିଜ୍ଞାନ ବଳରେ ମଣିଷର ସମସ୍ତ ପ୍ରକାର ରୋଗର ସଫଳ ଚିକିତ୍ସା ସମ୍ଭବପର ହୋଇପାରିବ। ଅଙ୍ଗ ପ୍ରତିରୋପଣ ନ କରାଯାଇ ଔଷଧ ବଳରେ ଅକାମୀ ଅଙ୍ଗକୁ କିପରି ପୁନଃ କାର୍ଯ୍ୟକ୍ଷମ କରାଯିବ ସେ ଦିଗରେ ଏବେ ଚେଷ୍ଟା ଚାଲିଛି। ବିଜ୍ଞାନର ବୈପ୍ଳବିକ ପରିବର୍ତ୍ତନ ସମୟ ପହଞ୍ଚିଛି ବୋଲି କହିଛନ୍ତି ପ୍ରଫେସର ନରିନ୍ଦର କୁମାର ମେହରା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ୍ ସ୍ଥିତ ଆନେକ୍ସ-୧ ଠାରେ ଗୁରୁବାର ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଭାରତରେ ଅଙ୍ଗ ପ୍ରତିରୋପଣର ଜନକ କୁହାଯାଉଥିବା ପ୍ରଫେସର ମେହରା ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଏହି ସ୍ୱତନ୍ତ୍ର ଆଲୋଚନାଚକ୍ର ହୋଇଥିଲା। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଡ. ନେତାଜୀ ଅଭିନନ୍ଦନ ସ୍ୱାଗତ ଭାଷଣ ଓ ପ୍ରଫେସର ଅସୀମା ସାହୁ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ନାଟ୍ୟ ଦିବସ ପାଳନ ପରିପ୍ରେକ୍ଷୀରେ ଗୁରୁବାର କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଶ୍ରଦ୍ଧାଞ୍ଜଳି ଓ କଳାବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମଞ୍ଚସ୍ଥ ନାଟକ'ଅର୍ଜ୍ଜୁନୀ'ର ଏକ ଦୃଶ୍ୟ।



ଗୁରୁବାର କଟକ ଚଣ୍ଡୀ ଛକସ୍ଥିତ ଏକ ଷ୍ଟଲରେ ସର୍ବତ ପ୍ରସ୍ତୁତି ପାଇଁ ଥିବା ଜିନିଷଗୁଡିକର ସୁଦ୍ଧତାକୁ ସିଏମ୍‌ସି ହେଲ୍‌ଥ ଷ୍ଟାର୍ଡ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

## ସାଇକେଲ ଚାଳକଙ୍କୁ ଗାଡ଼ି ଧକ୍କା ମାମଲା: ଅଭିଯୁକ୍ତଙ୍କୁ ଜରିମାନା

**କଟକ ଅଫିସ, ୨୮।୩**

ଜଣେ ସାଇକେଲ ଚାଳକଙ୍କୁ ଏକ ୪ ଚକିଆ ଗାଡି ଚାଳକ ଧକ୍କା ଦେଇଥିଲେ। ଏହାକୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣି ଜେଏମ୍‌ଏଫ୍‌ସିଙ୍କ ଅଦାଲତରେ ହୋଇଥିଲା। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଅଦାଲତ ଅଭିଯୁକ୍ତ ୪ ଚକିଆ ଗାଡ଼ିର ଚାଳକ ସୁରେଶ କୁମାର ନାୟକଙ୍କୁ ୮୦୦ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୧ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଆଦେଶ ହୋଇଛି। ସୂଚନା ଅନୁଯାୟୀ, ୨୦୧୫ ଏପ୍ରିଲ ୨୩ ତାରିଖରେ ବିଡ଼ାନାସୀ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଜିଷୟ ରଇତା ନାମକ ଜଣେ ବ୍ୟକ୍ତି ସାଇକେଲରେ ଘରକୁ ଆସୁଥିବାବେଳେ ଅପରପାର୍ଶ୍ୱରୁ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ଏହାକୁ ନେଇ ଜିଷୟଙ୍କ ସ୍ତ୍ରୀ ମେସାବତୀ ବିଡ଼ାନାସୀ ଥାନାରେ ଏତଲା ଦେବା ପରେ ଏକ ମାମଲା ରୁଜୁ ହୋଇଥିଲା।



ଯେଉଁ ଲୋକମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।

- କନ୍‌ଫୁସିଅସ୍



## ସଂକ୍ଷେପରେ

### ଘରେ ପଶି ଆକ୍ରମଣ, ଜଣେ ଆହତ
### ଭାଙ୍ଗିଲେ ବାଇକ୍, ଆସବାବପତ୍ର

ଭୁବନେଶ୍ୱର,୨୮।୩(ବ୍ୟୁରୋ)- ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୩ ଯୁବକ ଜଣେ ବ୍ୟକ୍ତିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ସହ ବାଇକ୍ ଓ ଆସବାବପତ୍ର ଭଙ୍ଗାରୁଜା କରି ଫେରାର ହେବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ପଣ୍ଡରା ଇଟାମାଟି ଅଞ୍ଚଳରେ କୃଷ୍ଣ ଦାସ ପରିବାର ସହ ରୁହନ୍ତି। ବୁଧବାର ରାତି ୮ଟା ବେଳେ ୩ ଜଣ ଯୁବକ ତାଙ୍କ ଘରେ ପଶି କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ କୃଷ୍ଣ ତଳେ ପଡିଥିବା ବେଳେ ସେମାନେ ଘରର ଆସବାବପତ୍ର ଏବଂ ବାଇକ ଭାଙ୍ଗି ଚୂରମାର କରି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ପରିବାର ଲୋକଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ପରିବାର ଲୋକ କୃଷ୍ଣଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସା କରାଇବା ସହ ଥାନାରେ ଅଭିଯୋଗ କରିଥିଲେ।

### ନାମଯଜ୍ଞ ଓ ସାଧୁମେଳା ଉଦ୍‌ଯାପିତ

ବୋଲଗଡ଼,୨୮।୩(ଡି.ଏନ.ଏ.)-ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ପାନନଗରସ୍ଥିତ ଶୂନ୍ୟ ଆଶ୍ରମଠାରେ ଚାଲିଥିବା ଷୋଡଶ ପ୍ରହର ଭାଗବତ ନାମଯଜ୍ଞ ଓ ସାଧୁମେଳା ଗୁରୁବାର ଉଦଯାପିତ ହୋଇଛି । ଭାଗବତ ବାଣୀର ପ୍ରଚାର, ପ୍ରସାର ସହ ଆଧାତ୍ମିକ ଭାବନା ନେଇ ଏଠାରେ ବିଶ୍ୱଗୁରୁ ଶ୍ରୀଅଚିହ୍ନା ପରମହଂସଦେବଙ୍କ ଶିଷ୍ୟମାନଙ୍କ ପକ୍ଷରୁ ଏଠାରେ ବର୍ଷ ସାରା ଶ୍ରୀମଦ୍ ଭାଗବତ ପାଠ କରାଯାଇଥାଏ। ବିଭିନ୍ନ ଜିଲାରୁ ୪୦ଟି ଭାଗବତ ଦଳ ଓ ୧୮୦ ଜଣ ସାଧୁସନ୍ଥ ନାମଯଜ୍ଞରେ ସାମିଲ ହୋଇଥିଲେ । ଆୟୋଜକଙ୍କ ପକ୍ଷରୁ ଆନନ୍ଦ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ନାୟକ, ଦାଶରଥି ଚମ୍ପତି ଓ ରୂପ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଗିରଫ

ପୁରୁଣା ଭୁବନେଶ୍ୱର, ୨୮।୩(ଡି.ଏନ୍.ଏ.): ହରିରାଜପୁର ମେଳଣ ଦେଖି ମଙ୍ଗଳବାର ରାତିରେ ଘରକୁ ଫେରୁଥିବା ବେଳେ ବେତଣ୍ଡା ଛକରେ ଏକ ହାଇଓ୍ୱା ଧକ୍କାରେ ବୋଲଗଡ଼ ଗର୍ଭିଣୀପଡ଼ାର ପ୍ରଦୀପ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିବା ଡ୍ରାଇଭର୍ ନୟାଗଡ଼ ଜିଲାର ମହେଶ୍ୱର ସାହୁ(୩୪)ଙ୍କୁ ଗୁରୁବାର ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିଛି।

### ଗୋଟିଏ ଦିନରେ ୧୫୭ ଓକିଲ ସଂଘର ନିର୍ବାଚନ
### ସ୍ୱାଗତ କଲା ଭୁବନେଶ୍ୱର ବାର ଆସୋସିଏଶନ

ଭୁବନେଶ୍ୱର,୨୮।୩ (ବ୍ୟୁରୋ) ଆସନ୍ତା ୩୦ ତାରିଖରେ ଓଡ଼ିଶାର ୧୫୭ ଓକିଲ ସଂଘର ଗୋଟିଏ ଦିନରେ ନିର୍ବାଚନ ହେବ। ପୂର୍ବରୁ ଭିନ୍ନ ଭିନ୍ନ ତାରିଖରେ ଏକାଧିକ ବାରରେ ନିର୍ବାଚନ କରାଯାଉଥିଲା। ଏହାଦ୍ୱାରା ଏକାଧିକ ବାରରେ ସଦସ୍ୟ ଥିବା ଆଇନଜୀବୀ ଭିନ୍ନ ଭିନ୍ନ ବାରରେ ଭୋଟ ଦେଉଥିଲେ। ହାଇକୋର୍ଟଙ୍କ 'ୱାନ୍ ବାର ୱାନ୍ ଭୋଟ' ରାୟ ଅନୁଯାୟୀ ଏଥର ପ୍ରଥମ ଥର ଗୋଟିଏ ଦିନରେ ୧୫୭ଟି ବାରରେ ଭୋଟ ହେବ। ଏଭଳି ନିୟମକୁ ଭୁବନେଶ୍ୱର ବାର ଆସୋସିଏଶନ ସ୍ୱାଗତ କରିଛି। ଏହା ହାଇକୋର୍ଟଙ୍କ ରାୟ ଆଧାରରେ ସମ୍ଭବ ହୋଇ ପାରିଥିବା କହିଛନ୍ତି ଭୁବନେଶ୍ୱର ବାର ଆସୋସିଏଶନ୍‌ର ସଭାପତି ଦୁର୍ଗାମାଧବ ମିଶ୍ର। ଜଣେ ଆଇନଜୀବୀ ଦଶଟି ଓକିଲ ସଂଘର ସଦସ୍ୟ ଥିଲେ ମଧ ନିର୍ବାଚନରେ ଏଥର କେବଳ ଗୋଟିଏ ସ୍ଥାନରେ ଭୋଟ ଦେଇପାରିବେ। ଏହାଦ୍ୱାରା ଠିକ୍ ପ୍ରାର୍ଥୀ ଚୟନ ସହ ନିର୍ବାଚନ ଶୃଙ୍ଖଳିତ ହେବ। ଓଡ଼ିଶାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଆଇନଜୀବୀ ଅଛନ୍ତି। ଏହିକ୍ରମରେ ଭୁବନେଶ୍ୱର ଓକିଲ ସଂଘର ୬ ହଜାର ଆଇନଜୀବୀଙ୍କ ମଧରୁ ମାତ୍ର ୨୩୧୫ ଆଇନଜୀବୀ ଏଠାରେ ଭୋଟ ଦେଇପାରିବେ। ଆଇନଜୀବୀ ପରିଷଦର ନିୟମ ଅନୁଯାୟୀ, ଏଥର ନିର୍ବାଚନ କେନ୍ଦ୍ରକୁ ମୋବାଇଲ କିମ୍ବା କ୍ୟାମେରା ନେଇ ପାରିବେ ନାହିଁ। ଏହାସହ ସଂଘର ପରିଚୟ ପତ୍ର ନେବା ବାଧତାମୂଳକ। ଏପରି ନିର୍ବାଚନ ନିରପେକ୍ଷ, ଶୃଙ୍ଖଳିତ ଏବଂ ଠିକ୍ ଦକ୍ଷତାସମ୍ପନ୍ନ ପ୍ରାର୍ଥୀ ଅସୁବିଧାର ଆଉ ସମ୍ମୁଖୀନ ହେବେ ନାହିଁ। ଏଥିଯୋଗୁ ଆଇନଜୀବୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ସଭାପତି ମିଶ୍ର କହିଛନ୍ତି।



ହରିରାଜପୁର ମେଳଣରେ ପଡିଥିବା ଚୁଡି ଦୋକାନ ।




ଲୁହାରେ ପ୍ରସ୍ତୁତ ଘରକରଣା ସାମଗ୍ରୀ ।

## ■ ତୃତୀୟ ଦିନରେ ହରିରାଜପୁର ମେଳଣ
# ଠାକୁରଙ୍କୁ ଲାଗି ହୁଏ ମାଟିହାଣ୍ଡିରେ ଭୋଗ

ଜଟଣୀ,୨୮।୩(ଡି.ଏନ.ଏ):

ଜଟଣୀ ନିକଟବର୍ତ୍ତୀ ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣର ଗୁରୁବାର ତୃତୀୟ ଦିନରେ ବହୁ ଜନସମାଗମ ହୋଇଥିଲା। ମେଳଣରେ ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହ ବିଭିନ୍ନ ଗ୍ରାମରୁ ୮୦ଟି ହରିହର ବିଗ୍ରହ ଦୋଳ ବିମାନରେ ଆସି ଏଠାରେ ଉପବିଷ୍ଟ ହୋଇଛନ୍ତି। ଏଠାରେ ସମସ୍ତ ଠାକୁରଙ୍କ ନିକଟରେ ମାଟିହାଣ୍ଡିରେ ଭୋଗ ଲାଗି ହେବାର ପରମ୍ପରା ଏବେବି ବଞ୍ଚି ରହିଛି। ୮୦ ଏକର ବିଶିଷ୍ଟ ମେଳଣ ପଡ଼ିଆରେ ପାଖାପାଖି ୧୫୦୦ ଅସ୍ଥାୟୀ ଦୋକାନ ଗଢି ଉଠିଛି। ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିବା ସହ ବିଭିନ୍ନ ସାମଗ୍ରୀ କ୍ରୟ କରୁଛନ୍ତି। ୪ ଦିନ ଧରି ଅନୁଷ୍ଠିତ ଏହି ମେଳଣରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ହୋଇଥାଏ। ବର୍ତ୍ତମାନ ଆଧୁନିକ ଯୁଗରେ ଯନ୍ତ୍ରଚାଳିତ ମେଶିନ ଓ ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ବଜାରରେ ବହୁଳ ଭାବେ ଉପଲବ୍ଧ ହେଉଛି। ହେଲେ ମେଳଣରେ ବିକ୍ରି ହେଉଥିବା ପାରମ୍ପରିକ ସାମଗ୍ରୀ ଉପରେ ସେପରି ଏହାର ପ୍ରଭାବ ପଡିନାହିଁ ବୋଲି ଦୋକାନ ଦେଇଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ବଜାରରେ ପାରମ୍ପରିକ ସାମଗ୍ରୀ ବିକ୍ରୟ ଧୀରେ ଧୀରେ ହ୍ରାସ ପାଉଥିଲେ ମଧ ଘରେ ବ୍ୟବହୃତ ହେଉଥିବା ବାଉଁଶ ନିର୍ମିତ ଡାଲା, ଟୋକେଇ, କୁଲା, ବାଉଁଶିଆ, ଚିଡ଼େଇ, ତାଟ, ଶାଗଧୁଆ, ଲିଆଛଡ଼ା, ବିଞ୍ଚଣା, ବିଭିନ୍ନ ପଥରରେ ନିର୍ମିତ ଶିଳ, ଚକି, ଘୋରଣା ଭଳି ପାରମ୍ପରିକ ସାମଗ୍ରୀ ମେଳଣରେ ଉପଲବ୍ଧ ହେଉଛି। ଏହାକୁ କ୍ରୟ କରିବାକୁ ଲୋକେ ମେଳଣରେ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଝିଅ ବା ପୁଅ ବାହାଘରରେ ବ୍ୟବହୃତ ହେଉଥିବା ଆବଶ୍ୟକ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଥିବାରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ ଏହି ଦିନକୁ ଅପେକ୍ଷା କରିଥାନ୍ତି। ସେହିପରି ଜମାଣ ରାତ୍ରରୁ ଠାକୁର ମେଳଣ ପର୍ଯ୍ୟନ୍ତ ରହିଥିବା ବିଧି ଅନୁଯାୟୀ ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ବିମାନରେ ଉପବିଷ୍ଟ ହୋଇଥିବା ହରିହରଙ୍କ ପୂଜାର୍ଚ୍ଚନା ହେଉଛନ୍ତି। ଉଖୁଡ଼ା, କୋରା, ଶାକର, ବୁଟ, ଫେଣି, ଡାଳିଗଜା, ନଡ଼ିଆ ଓ ବିଭିନ୍ନ ଫଳ ପ୍ରଭୃତି ମାଟିହାଣ୍ଡିରେ ରଖାଯାଇଥିବା ଭୋଗ ପ୍ରତି ବିମାନରେ ଥିବା ଠାକୁରଙ୍କୁ ପ୍ରଥମେ ଲାଗି ହୋଇଥାଏ। ପରେ ଥାନପତିଙ୍କ ନିକଟରେ ଭୋଗ ହୋଇଥାଏ ବୋଲି ମେଳଣ କମିଟିର ସଂଯୋଜକ ପ୍ରସନ୍ନ ମହାରଥୀ କହିଛନ୍ତି। ଏହାକୁ ହାଣ୍ଡିଭୋଗ ମଧ କୁହାଯାଇଥାଏ। ସେହିପରି ଚାରିଦିନ ଯାକ ମେଳଣ ପଡ଼ିଆ ମଣ୍ଡପରେ ମାନସିକ ପାଲା, ଦାସକାଠିଆ, କୀର୍ତ୍ତନ ଆଦି ଅନୁଷ୍ଠିତ ହେଉଛି। ଦୂରଦୂରାନ୍ତରୁ ଆସୁଥିବା ବହୁ ଶ୍ରଦ୍ଧାଳୁ ମେଳଣ ପଡ଼ିଆରେ ନିଜେ ଖାଦ୍ୟ ପ୍ରସ୍ତୁତ କରି ଖାଇବା ସହ ଠାକୁରଙ୍କୁ ଦର୍ଶନ କରୁଛନ୍ତି।

ଭୁବନେଶ୍ୱର ଧଉଳିର ଅଲେଖ ଓଝା ଏଠାରେ ଖୋଲିଥିବା ଦୋକାନରେ ପନିକି, କୋରଣା, ଡଙ୍ଗି, ଡାବ, କଟୁରି, ଲୁହାଖଡ଼ିଆ, ଗୁଆକାତି, କାଙ୍କ ଆଦି ବିଭିନ୍ନ ଲୁହା ସାମଗ୍ରୀ ବିକ୍ରୟ କରୁଛନ୍ତି। ୧୦ ବର୍ଷ ହେବ ଏହି ମେଳଣରେ ସେ ଦୋକାନ ଦେଇ ଆସୁଛନ୍ତି। ଠାକୁରଙ୍କ କୃପାରୁ କୌଣସି ବର୍ଷ କ୍ଷତି ହୋଇ ନ ଥିବା ସେ କହିଛନ୍ତି। ବିଭିନ୍ନ ଭେରାଇଟିର ଚୁଡ଼ି ଓ ଡୋରସ୍କ୍ରିନ୍ ଦୋକାନ ଦେଇଥିବା ଭାରତୀ ସାହୁ କୁହନ୍ତି, ୩୦ ବର୍ଷ ହେବ ହରିରାଜପୁର ମେଳଣରେ ଦୋକାନ ଦେଇଆସଛି। ଏଥର ଦେଢ଼ ଲକ୍ଷ ଟଙ୍କାର ବିଭିନ୍ନ ଭେରାଇଟିର ଚୁଡ଼ି ଓ ଡୋର୍ ସ୍କ୍ରିନ୍ ଆଣିଛି। ଠାକୁରମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ବି ଅଧିକ ୭ରୁ ୮ଦିନ ମେଳଣ ପଡ଼ିଆରେ ସେ ବ୍ୟବସାୟ କରିଥାନ୍ତି। ଏହାଛଡ଼ା ମେଳଣ ପଡ଼ିଆର ୫୦ରୁ ଅଧିକ ସ୍ଥାନରେ ଅବିର ବିକାଳିଙ୍କ ମଧ୍ୟରୁ ପିପିଲି ଜୟପୁର ଶାସନର ସୁରେନ୍ଦ୍ର ପୃଷ୍ଟି କୁହନ୍ତି, ତାଙ୍କ ଅଜାଙ୍କ ଅମଳରୁ ପ୍ରାୟ ୪୦ ବର୍ଷ ହେବ ଏଠାରେ ସେ ଫଗୁ ବିକ୍ରୟ କରି ଆସୁଥିବା କହିଛନ୍ତି। ଛୋଟପିଲାଙ୍କ ଖେଳଣା ଓ ବେଲୁନ୍ ଦୋକାନ ଦେଇଛନ୍ତି ଜଟଣୀର ଜୟନ୍ତୀ ସାହୁ। ଚଳିତବର୍ଷ ୧ ଲକ୍ଷ ଟଙ୍କାର ସାମଗ୍ରୀ ଆଣିଥିବା ସେ କହିଛନ୍ତି। ପୂର୍ବରୁ ଶାଶୁଶ୍ୱଶୁର ଏଠାରେ ଦୋକାନ ଦେଉଥିଲେ। ବର୍ତ୍ତମାନ ସେ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପ୍ରଚାରରେ ଭାଜପା ପ୍ରାର୍ଥୀ ଆଗୁଆ

■ ୪ ନିର୍ବାଚନମଣ୍ଡଳୀରେ ଝୁଲିଲା ବିଜେଡି ପ୍ରାର୍ଥୀ ତାଲିକା

■ ଜଟଣୀକୁ ବାଦ୍ ଦେଲେ କଂଗ୍ରେସର ୩ଟିରେ ଘୋଷଣା ହୋଇନି

ଖୋର୍ଦ୍ଧା ଅଫିସ,୨୮।୩:

ଗୁରୁବାର ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ତେବେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଲୋକ ସଭା ଅଧୀନରେ ଥିବା ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଓ ପୁରୀ ଲୋକ ସଭା ଅଧୀନରେ ଥିବା ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ତାଲିକା ପ୍ରକାଶ କରିନାହିଁ। ସେହିପରି ଜଟଣୀକୁ ବାଦ୍ ଦେଲେ ବେଗୁନିଆ, ଖୋର୍ଦ୍ଧା ଓ ଚିଲିକାରେ ଅନୁରୂପ ଭାବେ କଂଗ୍ରେସ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ ବିଳମ୍ବ କରି ଚାଲିଛି। ଜଟଣୀରେ ସୁରେଶ ରାଉତରାୟ କଂଗ୍ରେସ ଟିକେଟ ପାଇ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ଅନ୍ୟପକ୍ଷେ ଭାଜପାର ଜଟଣୀ ପାଇଁ ବିଶ୍ୱରଞ୍ଜନ ବଡଜେନା, ଖୋର୍ଦ୍ଧା ପାଇଁ କାଳୁ ଖଣ୍ଡାୟତରାୟ, ବେଗୁନିଆ ପାଇଁ ରିଷଭ ନନ୍ଦ, ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ପୃଥ୍ୱୀରାଜ ହରିଚନ୍ଦନଙ୍କ ନାମ ଘେଷଣା ହୋଇଛି। ଭାଜପା ପ୍ରାର୍ଥୀମାନେ ସମସ୍ତଙ୍କଠାରୁ ଆଗରେ ପ୍ରଚାରରେ ଲାଗି ପଡିଛନ୍ତି। ୨୦୧୪ ନିର୍ବାଚନରେ ବିଜେଡିରୁ ଜଟଣୀରେ ଭାଗୀରଥି ବଡଜେନା, ଖୋର୍ଦ୍ଧାରେ ରାଜେନ୍ଦ୍ର ସାହୁ ଓ ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରଶାନ୍ତ ଜଗଦେବ ବିଧାୟକ ହୋଇଥିଲେ। ଚିଲିକାରେ ଭାଜପାର ବିଭୂତି ଭୂଷଣ ହରିଚନ୍ଦନ ବିଧାୟକ ଭାବେ ବିଜୟୀ ହୋଇଥିଲେ। ବିଜେଡି କବ୍‌ଜାରେ ୩ ନିର୍ବାଚନମଣ୍ଡଳୀ ଥିବାବେଳେ ଟିକେଟ ବଣ୍ଟନରେ ସମୟ ଗଡି ଚାଲିଛି।

ନିର୍ବାଚନ ସମୟରେ ନେତାଙ୍କ ଘରବାହୁଡା ଓ ଦଳଡିଆଁ ପର୍ବ ଚାଲେ। ଦଳ ଭିତରେ ଥିବାବେଳେ ଦଳକୁ ଓ ନେତାଙ୍କୁ ପ୍ରଶଂସାରେ ପୋତି ପକାନ୍ତି। ଦଳ ଛାଡିବା ପରେ ଦଳ ଓ ଦଳୀୟ ନେତାଙ୍କ ଉପରେ ବର୍ଷିବା ସାଧାରଣ ଘଟଣା। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଭାଜପା ନେତା ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବିଜେଡିରେ ଯୋଗ ଦେବା, ବେଗୁନିଆରେ ବିଜେଡିରୁ ଟିକେଟ ପାଇବା ଆଶା କ୍ଷୀଣ ହେବା ପରେ ରିଷଭ ନନ୍ଦ ଭାଜପାରେ ଯୋଗ ଦେବା ପରେ ରାଜନୈତିକ ଦୃଶ୍ୟପଟ ବଦଳି ଯାଇଛି। ଆଗକୁ କେତେଜଣ ନେତା ଅନ୍ୟ ଦଳକୁ ଯିବେ ଅଥବା ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି। ଏଭଳିସ୍ଥଳେ ଜଟଣୀ, ବେଗୁନିଆ, ଖୋର୍ଦ୍ଧାରେ ଯଦି ବିଧାୟକମାନଙ୍କୁ ଟିକେଟ ନ ଦିଆଯାଏ, ସେମାନେ ସ୍ୱାଧୀନ ଅଥବା ଅନ୍ୟ ଦଳକୁ ଯିବାର ଭୟ ରହିଛି। ସେଥିପାଇଁ ବୋଧହୁଏ ବିଜେଡି ଟିକେଟ ଦେବାରେ ବିଳମ୍ବ କରୁଥିବା ଚର୍ଚ୍ଚା ହେଉଛି। ଏହିସବୁ ନିର୍ବାଚନମଣ୍ଡଳୀରେ ଶାସକ ଦଳର ଅନ୍ୟ କେତେଜଣ ଆଶାୟୀ ମଧ ରହିଛନ୍ତି। ଦେଖାଯାଉ ବିଜେଡି ଓ କଂଗ୍ରେସ କେବେ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରୁଛନ୍ତି।

## ମହିଳା ଗ୍ୟାଙ୍ଗର ୪ ଲୁଟେରା ଗିରଫ

ଖୋର୍ଦ୍ଧା ଅଫିସ,୨୮।୩:

ବାଣପୁର ପଲଟନ ପଡିଆରେ ଚାଲୁଥିବା ପଞ୍ଚୁଦୋଳ ଯାତ୍ରାରେ ଲୁଟ୍ କରିଥିବା ଅଭିଯୋଗରେ ବାଣପୁର ଥାନା ପୋଲିସ ମହିଳା ଗ୍ୟାଙ୍ଗର ୪ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜଟଣୀ ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳର ମିତା ଦାସ(୨୭), ଝୁମୁରି ଦାସ(୨୩), ଡେଲାଙ୍ଗ ରେଳ ଷ୍ଟେଶନ ନିକଟସ୍ଥ ଗୀତା ଦାସ (୩୦) ଓ ସଞ୍ଜୁ ଦାସ (୩୫)ଙ୍କୁ ଜେଲ ଯିବାକୁ ପଡିଛି।

ମିଳିଥିବା ସୂଚନା ଅନୁସାରେ, ବାଣପୁର ପଞ୍ଚୁଦୋଳ ଯାତ୍ରାରେ ଦୁଇଶହରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ପଡିଛି। ଠାକୁରଙ୍କ ଦର୍ଶନ ଓ ଯାତ୍ରାର ମଜା ନେବାକୁ ବାଣପୁର, ବାଲୁଗାଁ ସମେତ ନିକଟସ୍ଥ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ଲୋକଙ୍କ ଏଠାରେ ଭିଡ ଜମେ। ଏଭଳିସ୍ଥଳେ ବୁଧବାର ସନ୍ଧ୍ୟାରେ ମେଳଣ ଚାଲୁ ରହିଥିବା ସମୟରେ ଖଲ୍ଲିକୋଟ ଥାନା ଭାକୁଟିଡିହ ଗ୍ରାମର ବସନ୍ତ ପରିଡା ଓ ପତ୍ନୀ ମିତା ଝିଅ ସହ ମେଳଣ ଦେଖୁଥିଲେ। ପତି ପତ୍ନୀଙ୍କର ଅନ୍ୟମନସ୍କତାର ସୁଯୋଗ ନେଇ ଦୁଇ ଜଣ ଅଜଣା ଯୁବତୀ ମିତା ପନ୍ଧିଥିବା ସୁନାଚେନ ସହ କାନ ଫୁଲ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଲୁଟ୍ ପରେ ଲୁଟେରାଙ୍କ ଟେର ପାଇ ନ ଥିଲେ ବସନ୍ତଙ୍କ ପରିବାର। ତେବେ ନିରାଶ ନ ହୋଇ ବସନ୍ତଙ୍କ ପରିବାର ଗୁରୁବାର ପୁନଶ୍ଚ ଯାତ୍ରା ପଡିଆକୁ ଆସି ଲୁଟେରା ମହିଳାଙ୍କୁ ଖୋଜାଖୋଜି କରିଥିଲେ। ତେବେ ଭାଗ୍ୟ ବଶତଃ ଅପରାହ୍ନରେ ଲୁଟେରାଙ୍କ ସମେତ ୪ ଜଣ ମହିଳା ନିକଟସ୍ଥ ଏକ ବରଗଛ ମୂଳେ ବସିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ୪ ମହିଳାଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିବା ପରେ ବିଭିନ୍ନ ଯାତ୍ରା ଗହଳି ସମୟରେ ଲୁଟ୍ କରୁଥିବା ସ୍ୱୀକାର କରିଥିଲେ। ତେବେ ମିତାଙ୍କ ସୁନା ଚେନକୁ ଲୁଟେରାମାନେ ବିକ୍ରି କରି ଦେଇଥିବାବେଳେ କାନ ଫୁଲ ଜବତ ହୋଇଛି। ପୋଲିସ ନଂ. ୮୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ଚଢ଼ାଉ

ବୋଲଗଡ଼,୨୮।୩(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଉପରେ ଡ୍ରଗ୍‌ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଗୁରୁବାର ଅଚାନକ ଚଢ଼ାଉ କରାଯାଇଛି। ବୋଲଗଡ଼ ଥାନା ପୋଲିସ ସହାୟତାରେ ଖୋର୍ଦ୍ଧା, ନୟାଗଡ ଏବଂ ଭୁବନେଶ୍ୱର ଡ୍ରଗ୍ସ ଇନ୍ସପେକ୍ଟରମାନେ ମିଳିତ ଭାବେ ଏହି ଚଢାଉ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ତେବେ ଚଢ଼ାଉ ସମୟରେ କୌଣସି ଔଷଧ ଜବତ ହୋଇ ନ ଥିବା ଜଣାପଡ଼ିଛି।

## ଗ୍ୟାସ ସିଲିଣ୍ଡରରେ ପାଣି: ଗ୍ରାହକ ଅସନ୍ତୁଷ୍ଟ

ପୁରୁଣା ଭୁବନେଶ୍ୱର, ୨୮।୩(ଡି.ଏନ.ଏ.)

ଗ୍ୟାସ ସିଲିଣ୍ଡରରେ ପାଣି ଭର୍ତ୍ତି ହୋଇଥିବା ଦେଖି ଗ୍ରାହକମାନେ ଅସନ୍ତୁଷ୍ଟ ହେବା ସହ ଚକିତ ମଧ ହୋଇଛନ୍ତି। ଘଟଣା ଘଟିଛି ଉତ୍ତରା ଫାଣ୍ଡି ଅଧୀନ ଜେନାସାହି ଗାଁରେ। ଗାଁର ପ୍ରଭାତ ଜେନା ଗୁରୁବାର ଗ୍ୟାସ ସିଲିଣ୍ଡର ଖୋଲି ଚୁଲାରେ ଲଗାଇଥିଲେ। ତେବେ ଗ୍ୟାସ ଜଳିବା ପରିବର୍ତ୍ତେ ଭୁରୁ ଭୁରୁ ହୋଇ ପାଣି ବାହାରି ଥିଲା। ଭୟରେ ସେ ଜଣେ ଗ୍ୟାସ ମରାମତିକରୁଥିବା ମେକାନିକ୍‌ଙ୍କୁ ଡକାଇଥିଲେ। ସେ ଗ୍ୟାସ ସିଲିଣ୍ଡର ଦେଖି ସେଥିରୁ ପାଣିଥିବା କହିଥିଲେ। ପରେ ପ୍ରଭାତ ପିପିଲିସ୍ଥିତ ଗ୍ୟାସ ଗୋଦାମକୁ ସିଲିଣ୍ଡର ନେଇ ଫେରାଇ ଥିଲେ। କିଭଳି ଏବଂ କ'ଣ ପାଇଁ ଏଥିରେ ପାଣି ରହିଲା ପଚାରିବାରୁ ଡିଲର ସିଲିଣ୍ଡରଟି ରଖି ଅନ୍ୟ ଏକ ଦେଇ ତାଙ୍କୁ ବିଦା କରି ଦେଇଥିଲେ।

## ■ ରାଜ୍ୟସ୍ତରୀୟ ଯୁବ ରେଡ଼କ୍ରସ୍ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିର
# 'କାମ କରିବାକୁ କେବଳ ମନ ଦରକାର'




ରେଡକ୍ରସ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିରରେ ଉପସ୍ଥିତ ଅତିଥି ।

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ଶାଖାର ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର ରେଡକ୍ରସ ଭବନଠାରେ ୩ ଦିନିଆ ରାଜ୍ୟସ୍ତରୀୟ ମହିଳା ସ୍ୱେଚ୍ଛାସେବୀ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମାନବିକ ମୂଲ୍ୟବୋଧ ଉପରେ ପ୍ରସ୍ତୁତ ଶିବିରରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଅଧିକ ମହିଳା ଯୁବ ରେଡ଼କ୍ରସ ସାମାଜିକ କର୍ମୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରମାଦେବୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ପ୍ରଫେସର ଡ. ବିଜୟା ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସେବା ଭାବ ଜାଗ୍ରତ କରିବା କ୍ଷେତ୍ରରେ ରେଡକ୍ରସ୍‌ର ଭୂମିକା ଅନନ୍ୟ। କାମ କରିବା ପାଇଁ କେବଳ ମନ ଦରକାର। ଏଥିପାଇଁ ଅର୍ଥ କୌଣସି ପରିସ୍ଥିତିରେ ବାଧକ ହୁଏ ନାହିଁ। ପ୍ରତ୍ୟେକ ଜଟିଳ ପରିସ୍ଥିତିରେ ଯେ ସେବା କରିପାରେ ସେ ହିଁ ପ୍ରକୃତ ସାମାଜିକ କର୍ମୀ ବୋଲି କହିଥିଲେ। ଉଚ୍ଚଶିକ୍ଷା ବିଭାଗର ଉପସଚିବ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ, ଦେଶ ଗଠନରେ ଶିକ୍ଷା ଭଳି ରେଡକ୍ରସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତ୍ୟେକ ସାମାଜିକ କର୍ମୀ ଏହାର ବିନିଯୋଗ କରିବା ଉଚିତ। ଓଡ଼ିଶା ରେଡକ୍ରସ୍ ସଚିବ ମେଜର ଡ. କଳ୍ପନା ଦାସ କହିଥିଲେ, ଅନ୍ୟମାନଙ୍କ ପାଇଁ ସେବା କଲେ ଯେଉଁ ଆନନ୍ଦ ମିଳେ ତାହା ସ୍ୱର୍ଗୀୟ। ତାହାର ତୁଳନା ନାହିଁ। ପ୍ରଶିକ୍ଷଣ ଶିବିରରୁ ଗ୍ରହଣ କରିଥିବା ଶିକ୍ଷାକୁ ସମାଜର ଦୁଃସ୍ଥ ଓ ଅବହେଳିତମାନଙ୍କ ସେବାରେ ଲଗାଇ ନିଜର ଭିନ୍ନ ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଶିବିରରେ ରେଡକ୍ରସ୍‌ର ଇତିହାସ, ମୌଳିକ ନୀତି ଓ ରେଡକ୍ରସ୍‌ର ଚିହ୍ନ, ସ୍ୱେଚ୍ଛାସେବା, ଯୋଗ, ଏଡ଼ସ୍ ସଚେତନତା, ସ୍ୱାସ୍ଥ୍ୟ ଓ ପରିମଳ, ସଡ଼କ ସୁରକ୍ଷା, ଟ୍ରାଫିକ ନିୟମ, ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଯୁବ ରେଡ଼କ୍ରସ୍ ପରାମର୍ଶଦାତା ଡ. ସୁଶୀଲ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷା ଅମିତାବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୩ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଖୋର୍ଦ୍ଧା ଅଫିସ,୨୮।୩:

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ପୁରୁଣା ଭୁବନେଶ୍ୱରର ଜୟନ୍ତ କୁମାର ଦାସ, କଟକ ଜିଲା ବୈଦେଶ୍ୱର କେନ୍ଦୁପଲ୍ଲୀର ସଞ୍ଜୟ କୁମାର ସାହୁ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରର ସୁଶୀଲ କୁମାର ଜେନା ପ୍ରମୁଖ ୩ ପ୍ରାର୍ଥୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ୯ଟି ଫର୍ମ ପ୍ରାର୍ଥୀ ନେଇଛନ୍ତି। ଏଥିରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ୫ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ୪ଟି ଫର୍ମ ରହିଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିରାକାରପୁରର ମୋହିତ ରଞ୍ଜନ ବେହେରା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଆସିଥିଲେ। ତେବେ ପ୍ରାର୍ଥିପତ୍ର ଦାଖଲ ନକରି ଫେରି ଯାଇଥିଲେ।



ନାମାଙ୍କନ ପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଆସିଥିବା ପ୍ରାର୍ଥୀ ନ କରି ଫେରିଯାଉଛନ୍ତି।

## ■ ନିର୍ବାଚନ ସମୟରେ ଅପରାଧୀ ସକ୍ରିୟ
# ବଢ଼ି ଚାଲିଛି ବେଆଇନ ବନ୍ଧୁକ ବ୍ୟବହାର

ଖୋର୍ଦ୍ଧା ଅଫିସ,୨୮।୩

ଖୋର୍ଦ୍ଧା ପୋଲିସ ଜିଲାରେ ବଢି ଚାଲିଛି ବେଆଇନ ବନ୍ଧୁକ ବ୍ୟବହାର। ଜଙ୍କିଆ ଥାନା ତେନ୍ତୁଳିମୂଳ(ମଶାଣିଆ ନୂଆସାହି) ଗାଁରେ ଗୁଳିମାଡ ଘଟଣାରେ ଜିଲା ପୋଲିସର ନିଦ ଭାଙ୍ଗୁ ନାହିଁ। ନିର୍ବାଚନ ସମୟ କାରଣରୁ ଅଧିକାଂଶ ଗାଁ ଅଶାନ୍ତ ହେବାକୁ ଆରମ୍ଭ କଲାଣି। ଟିକିଏ ଟିକିଏ କଥାରେ ଗୁଳି ଫୁଟୁଛି। ୨୦୧୪ ନିର୍ବାଚନ ପୂର୍ବରୁ ଓ ପରେ ବୋମା ଫୁଟିଥିଲା। ଏହି କାରଣରୁ ପୋଲିସର ତତ୍ପରତା ତ୍ୱରାନ୍ୱିତ ହେବା ଦରକାର। ଏଭଳି ଅବସ୍ଥା ଲାଗି ରହିଲେ ହିଂସା ରୋକିବାରେ ପୋଲିସ ପାଇଁ କାଠିକର ପାଠ ହେବ ବୋଲି କୁହାଯାଇଛି। ଖୋର୍ଦ୍ଧା ପୋଲିସ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବ, ଯାହାକି ନିର୍ବାଚନ ଉପରେ ପ୍ରଭାବ ପକାଇବ।

୨୨ ତାରିଖ ତେନ୍ତୁଳିମୂଳ ଗାଁ ଗୁଳିମାଡ ଘଟଣାରେ କୁରୁମପଡାର ଧୀରେନ ଛୋଟରାୟ ଓରଫ ଲିଟୁ (୨୩) ଗିରଫ ହେବା ଏବଂ ତାଙ୍କଠାରୁ ଗୁଳି, ମାଉଜର ଜବତ ହୋଇଥିଲା। ସେହିପରି ବୁଧବାର ରାତିରେ ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଛକର ଏକ ପରିତ୍ୟକ୍ତ ଗୃହ ଉପରେ ଟାଉନ ପରିସରରେ ଡକାୟତି ପାଇଁ ବ୍ଲୁ ପ୍ରିଣ୍ଟ ଚାଲିବା ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, ଗୁଳି ଓ ମାରଣାସ୍ତ୍ର ଜବତ କରିବା ଅନୁରୂପ ଚିନ୍ତାର କାରଣ ପାଲଟିଛି। ଖୋର୍ଦ୍ଧାରେ ମାଙ୍କଡା ପଥର ଓ ମୋରମ ଖଣି ଖନନ, କଳାମୁଗୁନି ପଥର ବିସ୍ଫୋରଣ, ଗୋଚାଲାଣ, ବ୍ରାଉନସୁଗାର କାରବାର ପରି ବେଆଇନ କାର୍ଯ୍ୟରେ ବନ୍ଧୁକ ଓ ବୋମା ବ୍ୟବହାର ସାଧାରଣ ଘଟଣା ହୋଇଯାଇଉଛି। ଟିକେ ଟିକେ କଥାରେ ବନ୍ଧୁକ ଦେଖାଯାଉଛି। ଏହି ବେଆଇନ କାର୍ଯ୍ୟକୁ ସହଯୋଗ କରୁଥିବା ଯୁବକମାନଙ୍କୁ ମାସିକ ମୋଟା ଅଙ୍କର ଦରମା ଦିଆଯାଇ ବେଆଇନ ବନ୍ଧୁକ ଓ ବୋମା ଯୋଗାଇ ଦିଆଯାଉଛି। ସେମାନେ କାରବାରକୁ ଚଳାଇବା ଲାଗି ପଇଁତରା ମାରନ୍ତି ଓ ପାଇଲଟ ଭାବେ କାର୍ଯ୍ୟ କରନ୍ତି। ତେବେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଦେଶୀ ବନ୍ଧୁକ ଆସୁଛି କେଉଁ ଆଡୁ। ପୋଲିସ ବନ୍ଧୁକ ତିଆରି ସ୍ଥାନକୁ ମଧ ଖୋଜୁନି। ଜିଲା ଭିତରେ ଏ କାର୍ଯ୍ୟ ଚାଲୁଥିବା କୁହାଯାଉଛି। ଯଦ୍ୱାରା ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇବାକୁ ସୁବିଧା ପାଉଛନ୍ତି। ଏ ନେଇ ଏସ୍‌ପି ଅମୂଲ୍ୟ କୁମାର ଦାସ କୁହନ୍ତି, ୩୦୦ ଲାଇସେନ୍ସ ବନ୍ଧୁକ ମଧରୁ ୨୫୦ ବନ୍ଧୁକ ଜମା ହୋଇ ସାରିଲାଣି। ଅବଶିଷ୍ଟ ଖୁବ୍‌ଶୀଘ୍ର ଜମା ହେବ। ପୋଲିସ ଅପରାଧୀଙ୍କୁ ଧରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରି ସାରିଛି।

## ସଂକ୍ଷେପରେ

### ବିଜେଡି ସାଧାରଣ ସମ୍ପାଦକ ହେଲେ ସୁବାସ ଚୌହାନ

କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ସହପର୍ଯ୍ୟବେକ୍ଷକ ନିଯୁକ୍ତ



**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ବିଜେଡିରେ ଯୋଗଦେବାର ଗୋଟିଏ ଦିନ ପରେ ସୁବାସ ଚୌହାନଙ୍କୁ ଦଳୀୟ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁବାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ କରାଯିବା ସହ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ଜିଲାର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ନିଷ୍ପତ୍ତିକୁ ଗୁରୁବାର ଅନୁମୋଦନ କରିଛନ୍ତି। ସୁବାସ ୨୦୧୪ରେ ବରଗଡ଼ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହେବା ସହ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତାଙ୍କୁ ଭାଜପା ଚଳିତଥର ପ୍ରାର୍ଥୀ ନ କରି ସୁରେଶ ପୂଜାରୀଙ୍କୁ ବରଗଡ଼ରେ ପ୍ରାର୍ଥୀ କରିଛି। ଦଳର ଏହି ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ସୁବାସ ଭାଜପା ଛାଡ଼ିଥିଲେ। ଦଳ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିବା ସହ ବୁଧବାର ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ତାଙ୍କୁ ଉପଯୁକ୍ତ ପଦପଦବୀ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମିଶ୍ରଣ ପର୍ବ ପରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍) ସଦସ୍ୟ ଥିବା ସୁବାସ ଜଣେ ଉତ୍ତମ ସଙ୍ଗଠକ। ତେଣୁ ନିର୍ବାଚନ ସମୟରେ ତାଙ୍କ ସାଙ୍ଗଠନିକ ଦକ୍ଷତା ବିଜେଡିକୁ ସହାୟକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ରଞ୍ଜୀବ ଏଆଇସିସି ମୁଖପାତ୍ର

**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କୁ ଏଆଇସିସି ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ ପରେ ଏ ସମ୍ପର୍କିତ



ଏକ ବିଜ୍ଞପ୍ତି ଦଳ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି। ରଞ୍ଜୀବ ପୂର୍ବରୁ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୯୯୬ ଏବଂ ୧୯୯୮ରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ୨୦୧୪ରୁ ରାଜ୍ୟ ସଭା ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୦ ଏପ୍ରିଲରେ ସମାପ୍ତ ହେବାକୁ ଯାଉଛି।

### ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ

### ୭ ଲକ୍ଷ ୧୧ ହଜାର ପୋଷ୍ଟର, ହୋର୍ଡିଂ ହଟାଇଲେ ନିର୍ବାଚନ କମିଶନ

**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ରାଜ୍ୟରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେବେ ରାଜନୈତିକ ଦଳଗୁଡ଼ିକ ପ୍ରଚାର ପାଇଁ ଖୋଲାଖୋଲି ଆଚରଣ ବିଧି ଉଲ୍ଲଂଘନ କରିବାକୁ ପଛାଉନାହାନ୍ତି। ଏବେ ସୁଦ୍ଧା ସର୍ବସାଧାରଣ ସ୍ଥାନରେ ଲାଗିଥିବା ୭ ଲକ୍ଷ ୧୧ ହଜାର ୭୩୮ ହୋର୍ଡିଂ ଏବଂ ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ବେଆଇନ ଭାବେ ଲାଗିଥିବା ୭୦ ହଜାର ୩୯୩ ହୋର୍ଡିଂ, ପୋଷ୍ଟର ଆଦିକୁ ମଧ୍ୟ ବାହାର କରି ଦିଆଯାଇଛି।




# ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ବିଜ୍ଞପ୍ତି ଜାରି

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

- ଏପ୍ରିଲ ୪ ନାମାଙ୍କନ ପତ୍ର ଦାଖଲ ଶେଷ
- ୨୩ରେ ଭୋଟ୍

ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ୪୨ଟି ବିଧାନସଭା ଓ ୬ଟି ଲୋକ ସଭା ଆସନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଗୁରୁବାର ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ୪ ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ୫ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ସେହିଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଏପ୍ରିଲ ୨୩ରେ ସମ୍ବଲପୁର(ସାଧାରଣ) ଲୋକ ସଭା ଅଧୀନରେ ଥିବା ସମ୍ବଲପୁର, କୁଚିଣ୍ଡା, ଆଠମଲ୍ଲିକ, ରେଙ୍ଗାଲି, ରେଢ଼ାଖୋଲ, ଦେବଗଡ଼ ଏବଂ ଛେଣ୍ଡିପଦା ବିଧାନସଭା, କେନ୍ଦୁଝର(ଏସ୍‌ଟି) ଲୋକ ସଭା ଅଧୀନରେ ଥିବା ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ ଏବଂ କରଞ୍ଜିଆ ବିଧାନସଭା, ଢେଙ୍କାନାଳ(ସାଧାରଣ) ଲୋକ ସଭା ଅଧୀନରେ ଥିବା ପରଜଙ୍ଗ, ଢେଙ୍କାନାଳ, ପାଲଲହଡ଼ା, ହିନ୍ଦୋଳ, କାମାକ୍ଷାନଗର, ତାଳଚେର ଏବଂ ଅନୁଗୋଳ ବିଧାନସଭା, କଟକ(ସାଧାରଣ) ଲୋକ ସଭା ଅଧୀନରେ ଥିବା କଟକ-ଚୌଦ୍ୱାର, କଟକ-ବାରବାଟୀ, କଟକ ସଦର, ବାଙ୍କୀ, ଆଠଗଡ଼, ବଡ଼ମ୍ବା ଏବଂ ଖଣ୍ଡପଡ଼ା ବିଧାନସଭା, ପୁରୀ (ସାଧାରଣ) ଲୋକ ସଭା ଅଧୀନରେ ଥିବା ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ପୁରୀ, ଚିଲିକା, ରଣପୁର ଏବଂ ନୟାଗଡ଼, ବିଧାନସଭା ଏବଂ ଭୁବନେଶ୍ୱର(ସାଧାରଣ) ଲୋକ ସଭା ଅଧୀନରେ ଥିବା ବେଗୁନିଆ, ଖୋର୍ଦ୍ଧା, ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟମ, ଭୁବନେଶ୍ୱର ଉତ୍ତର, ଜୟଦେବ ଏବଂ ଜଟଣୀ ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ଦିବସରେ ଲୋକ ସଭା ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ବେଳେ ଆଠମଲ୍ଲିକ, ପିପିଲି ଏବଂ ଭୁବନେଶ୍ୱର(ଉତ୍ତର) ବିଧାନସଭା ପାଇଁ ଜଣେ ଲେଖାଏ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ପୁରୁଣା କଥା ଭୁଲି ଭାଜପାକୁ ଫେରିଲେ ବିଜୟ

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ପୁରୁଣା କଥାକୁ ଭୁଲି ନୂଆ ଅଭିଯାନ ଆରମ୍ଭ କରିବେ ବୋଲି କହି ବରିଷ୍ଠ ନେତା ବିଜୟ ମହାପାତ୍ର ଗୁରୁବାର ଭାଜପାକୁ ଫେରିଛନ୍ତି। ଗତ ନଭେମ୍ବର ୩୦ରେ ସେ ଦଳରୁ ଇସ୍ତଫା ଦେବା ସହ ଭାଜପାର ମନ୍ଦିର ବଡ, ମୁଖଶାଳା ଛୋଟ ବୋଲି କହି ଅଭିଯୋଗ ଆଣିଥିଲେ। ଏହା ବ୍ୟତୀତ ଦଳର କେନ୍ଦ୍ରୀୟ ନେତାମାନଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ମଧ୍ୟ ଉଠାଇଥିଲେ। ଇସ୍ତଫା ଦେବା ପରଠାରୁ ସେ ତାଙ୍କ ପରବର୍ତ୍ତୀ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବେ ବୋଲି କହି କିଛି ସ୍ପଷ୍ଟ କରୁ ନ ଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ବିଜୟ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ମଧ୍ୟ ଲାଗି ରହିଥିଲା। କିନ୍ତୁ ଶେଷରେ ବିଜୟଙ୍କୁ ନେଇ ଲାଗି ରହିଥିବା ସବୁ ଚର୍ଚ୍ଚାର ଅନ୍ତ ଘଟିଛି। ତାଙ୍କୁ ମନାଇବାରେ ଭାଜପା ନେତୃବୃନ୍ଦ ସଫଳ ହୋଇଛନ୍ତି। ପୂର୍ବରୁ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ବିଜୟଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ସେହିଦିନ ହିଁ ସେମାନଙ୍କ ଭିତରେ ସବୁକିଛି ସ୍ଥିର ହୋଇଯାଇଥିଲା। ଗୁରୁବାର ଭାଜପାର ନିର୍ବାଚନୀ ପୋଷ୍ଟର ଏବଂ ଗୀତ ଉନ୍ମୋଚନ ହେବା ପୂର୍ବରୁ ବୈଜୟନ୍ତ ଏବଂ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜୟଙ୍କୁ ମନାଇ ସାଙ୍ଗରେ ନେଇଥିଲେ। ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟଙ୍କୁ ସାମିଲ କରି ସବୁ ସମସ୍ୟାର ଅନ୍ତ ଘଟାଇଛନ୍ତି। ମାତ୍ର ଏତେସବୁ ପରେ ବିଜୟଙ୍କ ସହ ଭାଜପାରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ଦିଲୀପ ରାୟଙ୍କ ଭାଜପା ଫେରିବା ନେଇ କିଛି ଜଣାପଡି ନାହିଁ। କିଛିଦିନ ତଳେ ଅରୁଣ ସିଂ ଓଡିଶା ଗସ୍ତରେ ଆସି ଦିଲୀପ ଓ ବିଜୟଙ୍କ କଥାରେ ଉତ୍ତର ଦେଇ କହିଥିଲେ, ଆମକୁ କେହି ଛାଡିକି ଯାଇନାହାନ୍ତି। ଆଗକୁ ବହୁ ଭଲ ଖବର ଆସିବ। ସେବେଠାରୁ ହିଁ ଦୁଇ ନେତାଙ୍କ ଘର ବାହୁଡା ନେଇ ସାମାନ୍ୟ ସୂଚନା ମିଳିଥିଲା।



ଭାଜପା ନେତୃବୃନ୍ଦଙ୍କ ସହ ବିଜୟ ମହାପାତ୍ର।

ଏହି ଅବସରରେ ବିଜୟ କହିଛନ୍ତି, ଦଳର ବହୁ ବରିଷ୍ଠ କେନ୍ଦ୍ରୀୟ ନେତା ମୋ ସହ ଆଲୋଚନା କରିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ଟେଲିଫୋନ୍ କରି କଥା ହୋଇଛନ୍ତି। ଯେହେତୁ ନିର୍ବାଚନ ପାଖେଇ ଆସିଲାଣି ଓଡିଶାରେ ଏକ ପରିବର୍ତ୍ତନ ଆଣିବା ପାଇଁ ଆମେ ଏକାଠି ହୋଇ ନୂଆ ଅଭିଯାନ ଆରମ୍ଭ କରିବୁ। ନିର୍ବାଚନ କେଉଁଠାରୁ ଲଢିବି ସେକଥା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଅରୁଣ ସିଂ କହିଛନ୍ତି, ଦଳର ବରିଷ୍ଠ ନେତା ବିଜୟ ମହାପାତ୍ର ବର୍ତ୍ତମାନଠାରୁ ଆମ ସହ ଦଳୀୟ କାର୍ଯ୍ୟାଳୟ ଯାଉଛନ୍ତି। କେନ୍ଦ୍ରୀୟ ନେତାଙ୍କ ସହ ତାଙ୍କର ସବୁ ପ୍ରକାର ଆଲୋଚନା ହୋଇଛି। ଆମ ସମସ୍ତଙ୍କର ଲକ୍ଷ୍ୟ କେନ୍ଦ୍ରରେ ପୁଣି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ସେଥିଲାଗି ଆମେ ସବୁ ମିଳିତ ଭାବେ କାର୍ଯ୍ୟ କରିବୁ। କେନ୍ଦ୍ରାପଡାରେ ଦଳ ବହୁତ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ବୈଜୟନ୍ତ ପଣ୍ଡା କହିଛନ୍ତି ଯେ, ବିଜୟ ବାବୁ ଦଳର ଜଣେ ବରିଷ୍ଠ ନେତା। ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ କରିବାକୁ ପ୍ରଚାର କରିବେ। ଓଡିଶାରେ ଯେଉଁ ପରିବର୍ତ୍ତନର ନାରା ଆରମ୍ଭ ହୋଇଛି ତାହାକୁ ସଫଳ କରିବୁ। ଆମେ ସବୁ ମିଶିକି କାମ ଆରମ୍ଭ କରିବୁ। ସେ କେଉଁଠାରୁ ନିର୍ବାଚନ ଲଢିବେ ସେ କଥା କେନ୍ଦ୍ରୀୟ ନିର୍ବାଚନ କମିଟି ନିଷ୍ପତ୍ତି ନେବ। ତାଙ୍କର ଯେଉଁ ଅସୁବିଧା ଥିଲା ସେ ନେଇ ପୂରା ଆଲୋଚନା ହୋଇଛି, ଆମ ଅନୁରୋଧ ରକ୍ଷା କରି ସେ ଫେରିଛନ୍ତି। ସେ ଯେଉଁ ଇସ୍ତଫା ଦେଇଥିଲେ ତାହା ଗ୍ରହଣ କରାଯାଇ ନ ଥିଲା। ଦଳ ଛାଡିଥିବା ସବୁ ବରିଷ୍ଠ ନେତାଙ୍କ ସହ ଆମେ ଆଲୋଚନା କରୁଛୁ ବୋଲି ବୈଜୟନ୍ତ କହିଛନ୍ତି।

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

# ବିନା ଅନୁମତିରେ ବୁଲୁଛି କାଳିଆ ପ୍ରଚାର ଗାଡ଼ି

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହିତ ବିଜୁ ଜନତା ଦଳର ଭିତିରି ସମ୍ପର୍କ ରହିଛି। ନିର୍ବାଚନର ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମଧ୍ୟ ପୁରୀରେ ବିନା ଅନୁମତିରେ ବେଆଇନ ଭାବେ କାଳିଆ ପ୍ରଚାର ଗାଡ଼ି ବୁଲୁଛି ବୋଲି ଭାଜପା ଅଭିଯୋଗ କରିଛି। ସେହିପରି କାଠଯୋଡ଼ି ପୋଲ ପାଖରେ ୧୦୦ ଫୁଟର ହୋର୍ଡିଂ ଲାଗିଛି। ବାରମ୍ବାର ଅଭିଯୋଗ ପରେ ବି ନିର୍ବାଚନ ଅଧିକାରୀ ଶାସକ ବିଜେଡି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କାଳିଆ ଯୋଜନା ପ୍ରଚାର ଗାଡି ଏବଂ ଶାସକ ବିଜେଡି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଏଥିସହ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାବି କରିଛି । କାଳିଆ ଯୋଜନାର ବଡ଼ ବଡ଼ ହୋର୍ଡିଂ ଲଗାଯାଇଛି । କାଠଯୋଡି ପୋଲ ନିକଟରେ ମଧ୍ୟ ୧୦୦ ଫୁଟର କାଳିଆ ହୋର୍ଡିଂ ଲାଗିଛି । ପୁରୀରେ କାଳିଆ ଭ୍ୟାନ୍ (ନଂ.ଏଚ୍‌ଆର ୬୭ ସି – ୪୨୭୧) ବୁଲୁଛି। ଉକ୍ତ ଗାଡିକୁ ତୁରନ୍ତ ଜବତ କରିବା ସହ ବିନା ଅନୁମତିରେ ଏଭଳି ଗାଡି ବୁଲି ଶାସକ ବିଜେଡିର ପ୍ରଚାର କରୁଥିବାରୁ ତୁରନ୍ତ ଏହା ଉପରେ କଟକଣା ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଓ ଜୀବନ ସାହୁ, ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଆଇନଜୀବୀ ରବିଶଙ୍କର ପଟ୍ଟନାୟକ ଓ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

**ଝାଁଙ୍କଳା,୨୮।୩(ଡି.ଏନ.ଏ.):** ଝାଁଙ୍କଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବାଟଭୁଆସୁଣୀ ମନ୍ଦିର ଛକରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଓରକଳ ଗାଁର ଗୋବିନ୍ଦ ସେନାପତି। ବାଇକ୍‌ରେ ବସିଥିବା ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୧୨ଟାରେ ଏହି ଦୁର୍ଘଟଣା ଘଟିଥିଲା। ଗୋବିନ୍ଦଙ୍କ ସମେତ ଅନ୍ୟ ଦୁଇଜଣ ଏକ ବାଇକ୍‌ରେ ଜଟଣୀରୁ ଝାଁଙ୍କଳା ଆଡକୁ ଯାଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଟ୍ରେଲର ବାଇକକୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ୩ ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୋଲିସ ୩ ଜଣଙ୍କୁ ଏମ୍‌ସରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଦୁଇଜଣଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟ୍ରେଲରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି।

### ସମ୍ବଲପୁରରେ ଡିଜିପିଙ୍କ ନିର୍ବାଚନୀ ସମୀକ୍ଷା

# ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ଅଧିକ ଫୋର୍ସ ମୁତୟନ ହେବ

ସମ୍ବଲପୁର,୨୮।୩(ବ୍ୟୁରୋ)

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ପୋଲିସ ଡିଆଇଜିଙ୍କ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସ ଓ ସିଆର୍‌ପିଏଫ୍ ଅଧିକାରୀମାନେ ସାମିଲ ହୋଇଥିଲେ। ଅବାଧ, ମୁକ୍ତ ତଥା ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଡିଜିପି ଶର୍ମା ଗୁରୁତ୍ୱାରୋପ କରିଥିଲେ। ନିଶାଦ୍ରବ୍ୟ, ବନ୍ଧୁକ ଓ ଟଙ୍କା କାରବାର ଉପରେ କଡ଼ା ନଜର ରଖାଯାଇଛି। ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀର ଜିଲାରେ କେତୋଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି। ସେହି ମତଦାନ କେନ୍ଦ୍ରଗୁଡ଼ିକରେ ଅଧିକ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ନିର୍ବାଚନ ପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ପ୍ରତ୍ୟେକ ବୁଥ୍‌ରେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଆବଶ୍ୟକ ପଡ଼ିଲେ ଅତିରିକ୍ତ ଫୋର୍ସ ମଧ୍ୟ ନିୟୋଜିତ ହେବେ। ସିଆର୍‌ପିଏଫ୍, ଆଇଆର୍‌ବିକୁ ମଧ୍ୟ ନିର୍ବାଚନରେ ନିୟୋଜନ କରାଯିବ। ଉତ୍ତରାଞ୍ଚଳ ପୋଲିସ ରେଞ୍ଜ୍ ଅଧୀନ ୫ ଜିଲାରେ ୨ ପର୍ଯ୍ୟାୟରେ ମତଦାନ ହେଉଛି। ଏଥିରେ ୧୮ ବିଧାନସଭା କ୍ଷେତ୍ର ରହିଛି। ଜିଲା ୱାରି ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଡିଜିପି ଶର୍ମା କହିଥିଲେ। ବୈଠକରେ ଏସ୍‌ଡିଜି ସୁନୀଲ କୁମାର ରାୟ, ଏଡିଜି ଆର୍.ପି. କୋଚେ, ଏଡିଜି ସଞ୍ଜୀବ ପଣ୍ଡା, ଏଡିଜି ଘନଶ୍ୟାମ ଉପାଧ୍ୟାୟ, ଏସ୍‌ଆଇ/ଜିଡି ଆର୍ ଶିଆଲ, ସିଆର୍‌ପିଏଫ୍ ଆଇଜି ଭିଠୁଲ କୁମାର, ସିଆର୍‌ପିଏଫ୍ ଅଧିକାରୀ ମୌଳିମୋହନ କୁମାର, ଉପେନ୍ଦ୍ର ପ୍ରଧାନ, ଡି.ପି. ମହାନ୍ତି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରାଙ୍କ ସମେତ ୫ ଜିଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।



ସମ୍ବଲପୁରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା।

# ପୁରୀ ଜିଲାରେ ୧୫୯୧ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ମତଦାତା

ପୁରୀ ଅଫିସ,୨୮।୩

## କାକଟପୁରରେ ସର୍ବାଧିକ, ପୁରୀରେ ସର୍ବନିମ୍ନ

ଏଥର ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗ ଭୋଟରମାନେ ଯେପରି ନିଜ ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ପୁରୀ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ବିଭିନ୍ନ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ କରାଯାଇଛି। ଜିଲାର ୧୨,୭୦୯ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରୁ ୧,୫୯୧ ଜଣ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ। କାକଟପୁର ନିର୍ବାଚନମଣ୍ଡଳୀରେ ସର୍ବାଧିକ ଓ ପୁରୀରେ ସର୍ବନିମ୍ନ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଭୋଟର ରହିଛନ୍ତି। ଭୋଟର ତାଲିକା ଅନୁଯାୟୀ, ଜିଲାରେ ୧୨,୭୦୯ ଦିବ୍ୟାଙ୍ଗ ମତଦାତା ଅଛନ୍ତି । ଏମାନଙ୍କ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଭୋଟରଙ୍କ ସଂଖ୍ୟା ୫,୬୦୬। ୧,୫୯୧ ଜଣ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ, ବାକ୍ ଶକ୍ତିହୀନ ଓ ଶ୍ରବଣ ଶକ୍ତିହୀନ ଭୋଟର ୧,୬୭୨ ଏବଂ ଅନ୍ୟ ଦିବ୍ୟାଙ୍ଗଙ୍କ ତାଲିକାରେ ୩,୮୪୦ ଜଣଙ୍କ ନାମ ରହିଛି। ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଭୋଟରଙ୍କ କଥା ବିଚାର କଲେ କାକଟପୁର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୪୨୯ ଏବଂ ପୁରୀରେ ସର୍ବନିମ୍ନ ୧୨୪ ଜଣ ଏହି ତାଲିକାରେ ଅଛନ୍ତି। ସେହିପରି ନିମାପଡ଼ାରେ ୨୨୯, ବ୍ରହ୍ମଗିରିରେ ୨୦୭, ସତ୍ୟବାଦୀରେ ୨୦୬ ଏବଂ ପିପିଲି ନିର୍ବାଚନମଣ୍ଡଳୀରେ ୩୯୬ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଭୋଟର ଅଛନ୍ତି। ବାକ୍ ଶକ୍ତିହୀନ ଓ ଶ୍ରବଣ ଶକ୍ତିହୀନ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ କାକଟପୁରରେ ୩୭୬, ନିମାପଡ଼ାରେ ୨୪୧, ପୁରୀରେ ୧୭୩, ବ୍ରହ୍ମଗିରିରେ ୨୯୧, ସତ୍ୟବାଦୀରେ ୨୮୩ ଏବଂ ପିପିଲି ନିର୍ବାଚନମଣ୍ଡଳୀରେ ୩୦୮ ଜଣ ରହିଛନ୍ତି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବାରେ ଅସୁବିଧା ଭୋଗୁଥିବା ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ କାକଟପୁର ନିର୍ବାଚନମଣ୍ଡଳୀରେ ୧,୨୦୭, ନିମାପଡ଼ାରେ ୮୧୦, ପୁରୀରେ ୬୫୪, ବ୍ରହ୍ମଗିରିରେ ୫୭୯, ସତ୍ୟବାଦୀରେ ୧,୧୭୧ ଏବଂ ପିପିଲିରେ ୧,୧୮୫ ଜଣ ରହିଛନ୍ତି। ଅନ୍ୟ ଦିବ୍ୟାଙ୍ଗ ତାଲିକା ଅନୁଯାୟୀ କାକଟପୁରରେ ସର୍ବାଧିକ ୯୮୨ ଜଣ ରହିଥିବାବେଳେ ନିମାପଡ଼ାରେ ୭୮୮, ପୁରୀରେ ୨୭୮, ବ୍ରହ୍ମଗିରିରେ ୬୧୭, ସତ୍ୟବାଦୀରେ ୫୭୧ ଏବଂ ପିପିଲିରେ ୬୦୪ ଜଣ ରହିଛନ୍ତି। ମୋଟ ୧୨,୭୦୯ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରୁ ସର୍ବାଧିକ ୨,୯୯୪ ଜଣ କାକଟପୁର ଓ ସର୍ବନିମ୍ନ ଦିବ୍ୟାଙ୍ଗ ଭୋଟର ୧,୨୨୯ ଜଣ ପୁରୀ ନିର୍ବାଚନମଣ୍ଡଳୀରେ ରହିଛନ୍ତି। ସେହିପରି ନିମାପଡ଼ାରେ ୨,୦୬୮, ବ୍ରହ୍ମଗିରିରେ ୧,୬୯୪, ସତ୍ୟବାଦୀରେ ୨,୨୩୧ ଏବଂ ପିପିଲି ନିର୍ବାଚନମଣ୍ଡଳରରେ ୨,୪୯୩ ଜଣ ଦିବ୍ୟାଙ୍ଗ ଭୋଟର ରହିଥିବା ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୯ ମାର୍ଚ୍ଚ, ୨୦୧୯



ଯେଉଁ ଲୋକମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ୩୦ରେ ପୁରୀ ବାର୍ ନିର୍ବାଚନ

**ପୁରୀ ଅଫିସ,୨୮।୩:** ଆସନ୍ତା ୩୦ତାରିଖରେ ପୁରୀ ବାର୍ ଆସୋସିଏଶନ ପକ୍ଷରୁ ୨୦୧୯-୨୦ ବର୍ଷ ଲାଗି ନିର୍ବାଚନ ହେବ। ବାର୍ କାର୍ଯ୍ୟାଳୟରେ ସକାଳ ସାଢେ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ଅପରାହ୍ନ ସାଢେ ୫ଟାରେ ଭୋଟ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ବାର୍ ପକ୍ଷରୁ ମନୋନୀତ ନିର୍ବାଚନ ଅଧିକାରୀ ରଚିତା ଦାଶ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### କାର୍ ପୋଡ଼ିଦେଲେ ଦୁର୍ବୃତ୍ତ



**ପିପିଲି, ୨୮।୩(ଡି.ଏନ୍.ଏ.):** ପିପିଲି ବାଇପାସ୍ ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍‌କୁ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି। ପିପିଲି ପୋଲିସ ଏ ନେଇ କାହାକୁ ଗିରଫ କରି ନ ଥିବାବେଳେ ତଦନ୍ତ ଆରମ୍ଭ କରିଛି। ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନର କେତେଜଣ ଲୋକ ବିଜ୍ଞାପନ ସମ୍ପର୍କିତ ପୋଷ୍ଟର ଲଗାଉଥିବାବେଳେ କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ପରେ ଯୁବକମାନେ କାର୍‌ରେ ନିଆଁ ଲଗାଇ ଫେରାର୍ ହୋଇଯାଇଥିଲେ। କାର୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ପିପିଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପିପିଲି ପୋଲିସ କାରଟିକୁ ଜବତ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପିପିଲି ଆଇଆଇସି ଶରତ କୁମାର ସାହୁଙ୍କୁ ପଚାରିବାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ନେଇ କେହି ଅଭିଯୋଗ କରିନାହାନ୍ତି। ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ବୋଲି କହିଥିଲେ।

### ଜ୍ୟୋତିଷ ଶାସ୍ତ୍ର ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ ଅଫିସ,୨୮।୩:** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀବିହାର ଜ୍ୟୋତିଷ ବିଭାଗ ପକ୍ଷରୁ ଜ୍ୟୋତିର୍ବିଜ୍ଞାନ ସଂକ୍ରାନ୍ତ ଦୁଇଦିନିଆ ଜାତୀୟ ଆଲୋଚନା ଚକ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଧାମାଧବ ଦାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ହରିହର ହୋତା ସଭାପତିତ୍ୱ କରିଥିଲେ। ମହର୍ଷି ପାଣିନୀ ବିଶ୍ୱବିଦ୍ୟାଳୟର ଡ. ଉପେନ୍ଦ୍ର ଭାର୍ଗବ ଜ୍ୟୋତିଷ ଶାସ୍ତ୍ର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. କରୁଣା କର, ପ୍ରଫେସର ଗଙ୍ଗାଧର ପଣ୍ଡା, ଅରୁଣ ଉପାଧ୍ୟାୟ ଯୋଗଦେଇଥିଲେ। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଗବେଷକ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମକୁ ଡ. ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ।

### ମଦ ଜବତ, ଜଣେ ଗିରଫ

**କଣାସ, ୨୮।୩(ଡି.ଏନ୍.ଏ.):** ନିର୍ବାଚନ ପାଖେଇ ଆସୁଥିବାରୁ ଡେଲାଙ୍ଗ ପୋଲିସ ତରଫରୁ ବିଭିନ୍ନ ଜାଗାରେ ଚୋରା ମଦ କରବାର ଓ ୱାରେଣ୍ଟିମାନଙ୍କୁ ଧରିବା ପାଇଁ ପାଟ୍ରୋଲିଂ ଜାରି ରହିଛି। ବୁଧବାର ବିଳମ୍ବିତ ରାତିରେ ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ଗୁଆଳିପଡା ସ୍ଥିତ ଆଭା ସେଣ୍ଟର ନିକଟରେ ଥେଣ୍ଟଣା ଗ୍ରାମର ରବୀନ୍ଦ୍ର ବେହେରା(୪୨) ମଦ ବିକୁଥିବା ଜଣାପଡ଼ିଥିଲା। ଏସ୍‌ଆଇ ଟୁନା ଶବରଙ୍କ ସହିତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରବୀନ୍ଦ୍ରଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ ୧୫ ବୋତଲ ଦେଶୀମଦ ଜବତ ହୋଇଥିଲା। ଗୁରୁବାର ପୋଲିସ ୬୮/୧୯ ରେ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କୁ କୋର୍ଟ ଚାଲଣ କରିଛି।

### ଶାଳ ବହ୍ଲା ଜବତ

**ଖୁଣ୍ଟୁଣୀ,୨୮।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଖଣ୍ଡୁଆଳି ଆଦିବାସୀ ସାହି ପଛପଟ ପଡ଼ିଆରୁ ଗୁରୁବାର ୨ଶହରୁ ଉର୍ଦ୍ଧ୍ୱ ଶାଳ ବହ୍ଲା ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି। ଖଣ୍ଡୁଆଳି ବନ ସୁରକ୍ଷା ସମିତି ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରୁ ଏହି ଶାଳ କାଠ କଟାଯାଉଥିଲା। ଏହାକୁ ୨ଟି ଟ୍ରାକ୍ଟରରେ ନେବାକୁ ଲୋଡ କରୁଥିବା ଖବରପାଇ ବନାଞ୍ଚଳ ଅଧିକାରୀ ବେହେରାଙ୍କ ସହ ଏକ ଟିମ୍ ପହଞ୍ଚି ଜବତ କରିଥିଲେ।





ପିପିଲି ବିଧାୟକ ପ୍ରାର୍ଥୀ ଭାବେ ସିପିଆଇ(ଏମ୍‌ଏଲ୍) ନେତା ଅଶୋକ ପ୍ରଧାନ ଏବଂ ପୁରୀ ଲୋକ ସଭା ପ୍ରାର୍ଥିନୀ ଭାବେ ମନ୍ଦାକିନୀ ସେଠୀ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

■ ପୁରୀ: ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଆରମ୍ଭ

# ପ୍ରଥମ ଦିନରେ ୨ ପ୍ରାର୍ଥିପତ୍ର ଦାଖଲ

**ପୁରୀ ଅଫିସ,୨୮।୩**

ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ପୁରୀ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ବିଧାନସଭା ଆସନ ନିର୍ବାଚନ ପାଇଁ ଗୁରୁବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ଜଣ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ପ୍ରାର୍ଥୀ ଭାବେ ସିପିଆଇ (ଏମ୍‌ଏଲ୍)ର ମନ୍ଦାକିନୀ ସେଠୀ ଏବଂ ପିପିଲି ବିଧାନସଭା ଆସନ ଲାଗି ଏହି ଦଳର ଅଶୋକ କୁମାର ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ଆସିଥିଲେ ମନ୍ଦାକିନୀ ଏବଂ ଅଶୋକ। ରିର୍ଟର୍ନିଂ ଅଫିସର ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ ମନ୍ଦାକିନୀ ନିଜ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ତଥା ରିର୍ଟର୍ନିଂ ଅଫିସର ବିନୟ କୁମାର ଦାଶଙ୍କ ପାଖରେ ଅଶୋକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଉଭୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସାଥିରେ ୪ ଜଣଙ୍କ ସମର୍ଥକଙ୍କ ସହ ରିର୍ଟର୍ନିଂ ଅଫିସରଙ୍କ ଚାମ୍ବରକୁ ଯାଇଥିଲେ।

ଡେଲାଙ୍ଗ ବ୍ଲକ ଡେଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁର ଅଶୋକ ପ୍ରଧାନଙ୍କ ଶିକ୍ଷାଗତ ଯୋଗ୍ୟତା ବି.ଏ, ଏଲ୍‌ଏଲ୍‌ବି। ସେହିପରି ତାଙ୍କ ନାଁରେ ଗୋଟିଏ କେସ୍ ରହିଛି। ସରକାରୀ କର୍ମଚାରୀଙ୍କ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିଥିବା ଅଭିଯୋଗ ଥିବା ସେ ତାଙ୍କ ନାମାଙ୍କନପତ୍ରରେ ଦର୍ଶାଇଛନ୍ତି। ଛାତ୍ର ଜୀବନରୁ ରାଜନୀତି କରୁଥିବା ଅଶୋକ ୨ଥର ଜିଲା ପରିଷଦ ସଭ୍ୟ ଏବଂ ଥରେ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଗତବର୍ଷ ପୁରୀ ଲୋକ ସଭା ଆସନରୁ ମଧ୍ୟ ସେ ପ୍ରାର୍ଥୀ ହୋଇଥିଲେ। ସେହିପରି ପିପିଲି ବ୍ଲକ ବିନାୟକପୁର ପଞ୍ଚାୟତ ବିଲିପଡ଼ା ଗ୍ରାମର ମନ୍ଦାକିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ ହୋଇଥିବାବେଳେ ପୂର୍ବରୁ ସେ ସରପଞ୍ଚ ଏବଂ ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚନ ଲଢିଥିଲେ।

ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ ୪ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଥିବା ବେଳେ ଏପ୍ରିଲ ୫ରେ ଯାଞ୍ଚ ହେବ। ଏପ୍ରିଲ ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏପ୍ରିଲ ୨୩ରେ ନିର୍ବାଚନ ଅନୁଷ୍ଠିତ ହେବ।

■ ୩ରେ ମହାବାରୁଣୀ ବୁଡ଼

## ବାଲୁଙ୍କେଶ୍ୱରଙ୍କ ସାଗରସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ସାକ୍ଷୀଗୋପାଳ, ୨୮।୩(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ବଳପୁର ଭାର୍ଗବୀ ନଦୀର ଭୃଗୁଘାଟରେ ଆଗାମୀ ୩ ତାରିଖରେ ମହାବାରୁଣୀ ବୁଡ ଅନୁଷ୍ଠିତ ହେବ। ବଳପୁର ଓ ବରାଳ ଗ୍ରାମର ଠାକୁର ଦୁଇ ଭାଇ ସାଗର ସ୍ନାନ ଯାତ୍ରା ପାଇଁ ନଦୀ କୂଳକୁ ବିଜେ କରିବେ। ଏହି ଅବସରରେ ଭାର୍ଗବୀରେ ହଜାର ହଜାର ସଂଖ୍ୟାରେ ମାନସିକଧାରୀ ବୁଡପକାଇ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସେଠାକୁ ଆସିବେ। ଠିକ୍ ସମୟରେ ଦେବନୀତି ସମ୍ପାଦନ, ଶାନ୍ତିଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ସ୍ନାନ ସମୟରେ ନଦୀ ମଧ୍ୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ବାରିକେଡ୍ ନିର୍ମାଣ, ଘାଟ ଓ ରାସ୍ତା ମରାମତି, ମେଳା ପଡିଆରେ ଦୋକାନ ବଜାର, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ଆଦି ସୁବ୍ୟବସ୍ଥା ନିମନ୍ତେ ଗୁରୁବାର ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ପ୍ରସ୍ତୁତି ବୈଠକ ବସିଥିଲା। ଏହି ବୈଠକରେ ସତ୍ୟବାଦୀ ତହସିଲଦାର କାଜଲ ପ୍ରଧାନ, ବିଡିଓ ଶିବାନନ୍ଦ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ଦେବୋତ୍ତର ନିରୀକ୍ଷକ ବସନ୍ତ କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର, ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ଜଳସେଚନ ଯନ୍ତ୍ରୀ କାଳୁ ଚରଣ ପଲେଇ ଓ ଶଙ୍କର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ପ୍ରେମିକ ସହ ନବବିବାହିତା ଚମ୍ପଟ

**ବ୍ରହ୍ମଗିରି, ୨୮।୩(ଡି.ଏନ୍.ଏ.)**

ବିବାହର ୨୧ଦିନ ପରେ ଜଣେ ନବବିବାହିତା ତାଙ୍କର ପ୍ରେମିକ ସହ ଚମ୍ପଟ ମାରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ଯୁବକ ୨୧ ଦିନ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ନୂଆ ବୋହୂଙ୍କୁ ପାଇ ଘରେ ଆନନ୍ଦ ଉଲ୍ଲାସ ଲାଗିରହିଥିଲା। କିନ୍ତୁ ବେଦିରେ ବସି ବିବାହ ହୋଇଥିବା ଏହି ନବବଧୂ ଜଣକ ଭୁଲି ପାରି ନ ଥିଲେ ତାଙ୍କ ପୂର୍ବ ସମ୍ପର୍କକୁ। ଯୋଜନା ମୁତାବକ ବୁଧବାର ରାତିରେ ସୁଯୋଗ ଦେଖି ତାଙ୍କ ପୂର୍ବ ପ୍ରେମିକଙ୍କ ସହ ଚମ୍ପଟ ମାରିଛନ୍ତି। ଶ୍ୱଶୁର ଘର ଲୋକେ ନବବଧୂଙ୍କୁ ବହୁତ ଖୋଜାଖୋଜି କରିବା ପରେ ଗୁରୁବାର ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚାରିବାରେ ଅଭିଯୋଗ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି।



ଅତିଥିମାନେ କବିତା ପୁସ୍ତକ 'ଶ୍ୱେତପଦ୍ମା'କୁ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

**କଣାସ, ୨୮।୩(ଡି.ଏନ୍.ଏ.)**

କାଦୁଆ ପଞ୍ଚାୟତ ଭାଟପଡା ନିକଟସ୍ଥ ତାରିଣୀ ମନ୍ଦିର ନିକଟରେ ଉଦୟ ଭାନୁ ସାହିତ୍ୟ ସଂଗଠନ ତରଫରୁ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ରାଉତରାୟ ସଭାପତିତ୍ୱ କରିଥିଲେ। ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲା। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ମ୍ୟୁଜିକ୍ ବିଭାଗ ମୁଖ୍ୟ ଶୁଶୀଲ୍ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଂଗଠନର ଉପସଭାପତି ଗୀତା ଦାସ, କବି ପ୍ରଶାନ୍ତ ବାହିନୀପତି, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ବାବାଜୀ ଭୋଇ, ବିଜୟଲକ୍ଷ୍ମୀ ମହାପାତ୍ର, ବସନ୍ତମଞ୍ଜରୀ ଦାସ, ମାଧବାନନ୍ଦ ଭୋଇ ଓ ଆଲୋକଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କବିତାପାଠୋତ୍ସବ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଯୁବ ପିଢି ଓ ଛାତ୍ର ଆଗ୍ରହ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଅରୁଣା କର, ଶିବପ୍ରସାଦ ବାହିନୀପତି, ଅନିତା ରାୟ, ସୁଧାଳି ମିଶ୍ର, କାଦମ୍ବିନୀ ଖୁଣ୍ଟିଆ ପ୍ରମୁଖ କବିତା ପାଠ କରିଥିଲେ। ୧୮ଜଣ କବିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଉଦିତ୍ ଦାଶଙ୍କ କବିତା ପୁସ୍ତକ 'ଶ୍ୱେତପଦ୍ମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଶିବ ପ୍ରସାଦ ବାହିନୀପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଶିକ୍ଷକ ଅଜୟ କୁମାର ବଳିୟାରସିଂହ ମଞ୍ଚ ପରିଚାଳନା କରିଥିଲେ।

## ବଳଙ୍ଗାରେ ପଞ୍ଚୁଦୋଳ ମେଳଣ

**ବଳଙ୍ଗା, ୨୮।୩(ଡି.ଏନ୍.ଏ.)**

ପୁରୀ ଜିଲା ବଳଙ୍ଗା ବକ୍ରେଶ୍ୱର ଦେବଙ୍କ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମଧ୍ୟରାତ୍ରରେ ଯାତ୍ରାର ଥାନପତି ପଶ୍ଚିମାଶମ୍ଭୁ ବକ୍ରେଶ୍ୱରଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଏବଂ ଗୋପାଳଜୀଉ ପ୍ରଭୃତି ସୁସଜ୍ଜିତ ପଞ୍ଚମୁଣ୍ଡି ବିମାନରେ ଭାର୍ଗବୀନଦୀ କୂଳସ୍ଥ ୨୨ ଗୁଣ୍ଠ ନାମରେ ନାମିତ ମେଳଣ ପଡିଆକୁ ବିଭିନ୍ନ ପ୍ରକାର ବାଦ୍ୟ, ଘଣ୍ଟ, କଳ ଓ ଚଇତିଘୋଡା, ସିଂହ, ସଖୀ, ବିଭିନ୍ନ ପ୍ରକାର ବେଶପୋଷାକ ପରିହିତ ସାଜସଜ୍ଜା ସହିତ ଆକର୍ଷଣୀୟ ପଟୁଆରରେ ଅଗମନ କରିଥିଲେ। ତାଙ୍କ ପଛେପଛେ ପିପିଲି, ନିମାପଡା, ସତ୍ୟବାଦୀର ବିଭିନ୍ନ ଗ୍ରାମରୁ ହରି ଓ ହରଙ୍କର ଚଳନ୍ତି ପ୍ରତିମା ୯୦ରୁ ଉର୍ଦ୍ଧ୍ୱ ବିମାନ ଆକର୍ଷଣୀୟ ପଟୁଆରରେ ମେଳଣ ପଡିଆକୁ ଆସି ନିର୍ଦ୍ଦିଷ୍ଟ ଆସନ ଗ୍ରହଣ କରିଥିଲେ। ରାତ୍ରରେ ୨୨ଗୁଣ୍ଠ ମେଳଣ ପଡ଼ିଆରେ ଠାକୁରମାନଙ୍କ ଆଗରେ ଆରମ୍ଭ ହୋଇଥିଲା ଆତସବାଜି ପ୍ରଦର୍ଶନ। ଶହଶହ ସଂଖ୍ୟାରେ ଭକ୍ତ ସକାଳୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଠାକୁରମାନଙ୍କ ଉପରକୁ ଫଗୁ ପକାଇଥିଲେ। ଗୁରୁବାର ମଧ୍ୟାହ୍ନରେ ମେଳଣ ପଡ଼ିଆରେ ବକ୍ରେଶ୍ୱର ଦେବଙ୍କ ସହିତ ଚନ୍ଦ୍ରାଦେଇପୁରର ବାଲୁଙ୍କେଶ୍ୱର, ଗୋପୀନାଥ, ଗୋକର୍ଣ୍ଣେଶ୍ୱର, ମୌଜିବେଗ୍‌ର ସାନ ଓ ବଡ ମଠ ସହିତ ରାଧା କୃଷ୍ଣ, ବଡ ଭାଇ ବେରବୋଇସ୍ଥ ସିଦ୍ଧେଶ୍ୱର ତରବୋଇ, ନୀଳକଣ୍ଠେଶ୍ୱରଙ୍କ ସହିତ ହରିହର ଭେଟ ପରେ ଯାତ୍ରାର ପରିସମାପ୍ତ ଘଟିଥିଲା।



ପୁସ୍ତକ ମେଳା ମଞ୍ଚରେ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## 'ପୁରୁଷୋତ୍ତମ ହେଉଛି ସର୍ବଶ୍ରେଷ୍ଠ କ୍ଷେତ୍ର'

**ପୁରୀ ଅଫିସ,୨୮।୩**

ପ୍ରୟାସ ଓ ପୁରୀ ପୁସ୍ତକ ମେଳା କମିଟି ମିଳିତ ଆନୁକୂଲ୍ୟରେ ଚାଲିଥିବା ପୁସ୍ତକ ମେଳା ଗୁରୁବାର ୮ମ ଦିନରେ ପହଞ୍ଚିଛି। ପୁସ୍ତକ ମେଳାର ଅତିବଡୀ ଜଗନ୍ନାଥ ଦାସ ମଞ୍ଚରେ ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଶ୍ରୀ ପୁରୁଷୋତ୍ତମ ତତ୍ତ୍ୱରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫୁଲ୍ଲ ମିଶ୍ର, ପ୍ରଫେସର ଗଙ୍ଗାଧର ପଣ୍ଡା ଗବେଷକ ଉମେଶ ଚନ୍ଦ୍ର ଚିହ୍ନରା, ଡ.ପରମ୍ବା ଯୋଗମାୟ ପ୍ରମୁଖ ଯୋଗଦେଇଥିଲେ। ପୁସ୍ତକ ମେଳା କମିଟି ସଭାପତି ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

ଶ୍ରୀକ୍ଷେତ୍ରରେ ଶ୍ରୀପୁରୁଷୋତ୍ତମ, ଶ୍ରୀଜଗନ୍ନାଥ ଉପାସନା ଓ ବୈଦିକ ପରମ୍ପରା ଅନନ୍ୟ। ପୁରୁଷୋତ୍ତମ କ୍ଷେତ୍ର ହେଉଛି ସର୍ବଶ୍ରେଷ୍ଠ କ୍ଷେତ୍ର। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ଯୋଗୁ ଅତୀତରେ ବହୁ ମୁନିଋଷି, ମହାନ୍ ପୁରୁଷ, ସାଧୁସନ୍ଥ ଏଠାରେ ସାଧନା କରୁଥିଲେ। ଏହି ଧାମ ଓମ୍‌କାର ପ୍ରତୀକ ଧାମ ଅଟେ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ଡ. ଭାସ୍କର ମିଶ୍ର, ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ହରିହର ହୋତା, ଶ୍ରୀଜଗନ୍ନାଥ ଗବେଷକ ଡ. ନରେଶ ଚନ୍ଦ୍ର ଦାସ, ଡ. କଲ୍ୟାଣୀ ନନ୍ଦୀ, ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ, ରଘୁନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨ପଞ୍ଚାୟତରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଗୋପ, ୨୮।୩(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବେଦପୁର ଓ ଏରବଙ୍ଗ ପଞ୍ଚାୟତକୁ ନେଇ ବେଗୁନିଆ ଛକଠାରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସୂଚନା ଦେଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା ପ୍ରଦର୍ଶନ କରୁଛି। ଓଡ଼ିଶାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ଏନ୍‌ଏସି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଦାଦାବଟି ଆଦାୟ କରି ଜଣେ ଗିରଫ

**କଣାସ, ୨୮।୩(ଡି.ଏନ୍.ଏ.)**

ଗତ ୨୬ତାରିଖରେ ହରିରାଜପୁର ମେଳଣ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମେଳଣଙ୍କୁ ଆସିଥିବା ବ୍ୟବସାୟୀମାନଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଟାଙ୍ଗୀ ଭଂସର ଗ୍ରାମର ନୀଳକଣ୍ଠ ସ୍ୱାଇଁ (୪୫) ମେଳଣକୁ ଆସିଥିବା ଉଠା ଦୋକାନୀଙ୍କ ଠାରୁ ବଟି ଆଦାୟ କରୁଥିବାର ହରିରାଜପୁର ଫାଣ୍ଡିରେ ଖବର ପହଞ୍ଚିଥିଲା। ପାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ନୀଳକଣ୍ଠଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ନଂ. ୬୭/୧୯ ରେ ମାମଲା ରୁଜୁ କରି ଗୁରୁବାର ତାଙ୍କୁ କୋର୍ଟ ଚାଲଣ କରାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ନିମାପଡ଼ା,୨୮।୩(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ, ଭୋଗଶାଳଦା, ମିଟେଇପୁର ଆଦି ୩ଟି ପଞ୍ଚାୟତରେ ଗୁରୁବାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ସ୍ଥାନୀୟ ଗୋଲେଇ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସୁଧୀର ରଞ୍ଜନ ଦାଶ, ବାଳକୃଷ୍ଣ ଓଝା, ସମିତି ସଭ୍ୟ କୈଳାସ ମହାପାତ୍ର, ରାକେଶ ବେହେରା, ଶରତ ବେହେରା, କୁନଚନ୍ଦ୍ର ବେହେରା, ଅନନ୍ତ ସାହୁ, ବୈକୁଣ୍ଠ ସ୍ୱାଇଁ, ବିଶ୍ୱନାଥ ସେନାପତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ କେନ୍ଦ୍ର ସରକାରଙ୍କ ଚାଷୀ ଓ ଜନମାରଣ ନୀତି, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ବିଫଳତାକୁ ସମାଲୋଚନା କରିଥିଲେ। ଏହି ସମାବେଶରେ ଏକ ହଜାରରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

■ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ 'କୁଳ ବେଉସା' ମଞ୍ଚସ୍ଥ

# ଜାତି ନୁହଁ, କର୍ମ ହିଁ ପରିଚୟ ଦିଏ

**ପୁରୀ ଅଫିସ,୨୮।୩**

ସମାଜରେ ପ୍ରତ୍ୟେକ ଜାତିର ନିଜସ୍ୱ କର୍ମ ରହିଛି। କେହି ଛୋଟ ଅଥବା ବଡ ଜାତିରେ ଜନ୍ମ ନେଇଗଲେ ସେ ବଡ଼ ଲୋକ ହୋଇଯାଏ ନାହିଁ ବରଂ ତା'ର କର୍ମ ହିଁ ତାଙ୍କୁ ମହାନ୍ କରିଥାଏ। ମଣିଷ ନିଜ କର୍ମକୁ ନେଇ ସମାଜରେ ପ୍ରତିଷ୍ଠା ଅର୍ଜନ କରେ। ଏଭଳି କଥାବସ୍ତୁ ଉପରେ ଆଧାରିତ ହୋଇଛି ନାଟକ 'କୁଳ ବେଉସା'। ଜଣେ ବ୍ରାହ୍ମଣ ଯୁବକ ପରିସ୍ଥିତିରେ ପଡ଼ି ଚମାର କାମ କରିବାକୁ ଆରମ୍ଭ କରେ। ଅନ୍ୟପଟେ ଜଣେ ଚମାର ଯୁବକ ନିଷ୍ଠା ଓ ଏକାଗ୍ରତା ବଳରେ ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୁଏ। ଜାତି ନୁହଁ, ମନୁଷ୍ୟର କର୍ମ ତାଙ୍କୁ ସମାଜରେ ପରିଚୟ ଦେଇଥାଏ। ସମାଜରେ ପ୍ରତିଫଳିତ କେତେକ ଜୀବନ କାହାଣୀର ବାସ୍ତବତାକୁ ନେଇ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ପରିବେଷିତ ହୋଇଥିଲା ନାଟକ 'କୁଳ ବେଉସା'।



ନାଟକ 'କୁଳ ବେଉସା'ର ଏକ ଦୃଶ୍ୟ।

ବିଶ୍ୱ ନାଟ୍ୟ ଦିବସ ଅବସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଚାଲିଥିବା ନାଟକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପରିବେଷିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ରବି ତ୍ରିପାଠୀ। ଅଞ୍ଜନ କୁମାର ସଙ୍ଗୀତ ସଂଯୋଜନା ଓ ପତିତ ପରିଡା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ ତ୍ରିଲୋଚନ ଦାଶ, ସମୀର ଆଚାର୍ଯ୍ୟ, ଶକ୍ତି ପ୍ରସାଦ ମହାପାତ୍ର, ବିଦ୍ୟାଧର ମହାରଣା, ଗୋପୀନାଥ ପୂଜାପଣ୍ଡା, ରଶ୍ମି ମିଶ୍ର, ମାୟାସ୍ମୃତି ଆପଟ ପ୍ରମୁଖ ଅଭିନୟ କରିଥିଲେ। ଆସୋସିଏଶନର ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ର, ଯୁବ ସଙ୍ଗଠକ ପ୍ରଦ୍ୟୁମ୍ନ ମିଶ୍ର, ଭଗବାନ ପଡିଆରୀ, ପୁରୀ ବାର୍ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ରାଜନେତା ଶୁଭାଶିଷ ଖୁଣ୍ଟିଆ, ଯୁବ ଆଇନଜୀବୀ କାମାକ୍ଷା ପ୍ରସାଦ ମହାପାତ୍ର, ସେବାୟତ ଈପ୍‌ସିତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।